ଧରିତ୍ରୀ 50 Years
# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୩୧/୨୦୨୪ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, August 31/2024 Page 20 ₹ 7.00

୫୦ଶ ଭାଗ ୨୭୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 277 ମୂଲ୍ୟ₹୭/-

DSPL - 91

ଓଡ଼ିଶା ଶାସନ

## ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ସମାରୋହ

**୩୧ ଅଗଷ୍ଟ ୨୦୨୪**



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ମୋହନ ଚରଣ ମାଝୀ**ଙ୍କ
କରକମଳରେ
**୩୦**ଟି ଜିଲ୍ଲାରେ **୧୧୫୧** କୋଟି ଟଙ୍କାର
**୪୮୧**ଟି ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର
ଶିଳାନ୍ୟାସ ଓ ଲୋକାର୍ପଣ



- **୩୪୫**ଟି ଉନ୍ନତିମୂଳକ ପ୍ରକଳ୍ପର ଲୋକାର୍ପଣ
- **୧୩୬**ଟି ଲୋକାଭିମୁଖୀ ପ୍ରକଳ୍ପର ଶିଳାନ୍ୟାସ
- ପ୍ରମୁଖ ପରିମଳ କର୍ମଚାରୀଙ୍କୁ ଉତ୍ସର୍ଗୀକୃତ ସେବା ପାଇଁ ସମ୍ମାନ
- **୨୭** ଜଣ ଓଡିଶା ପୌର ପ୍ରଶାସନିକ ସେବା ଅଧିକାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ
- ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା କାର୍ଯ୍ୟାନ୍ୱୟନ ଦିଗରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଶଂସିତ ସହଯୋଗୀମାନଙ୍କୁ ସମ୍ବର୍ଦ୍ଧନା





OIPR-13001/13/0001/2425

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୩୧/୨୦୨୪ Bhubaneswar, Saturday, August 31/2024


# ଛାତ୍ରୀଙ୍କ ହଷ୍ଟେଲ ୱାଶ୍‌ରୁମ୍‌ରେ ଗୁପ୍ତ କ୍ୟାମେରା

- ଛାତ୍ରଙ୍କ ମୋବାଇଲରେ ବୁଲୁଛି ୩୦୦ରୁ ଊର୍ଦ୍ଧ୍ୱ ଭିଡିଓ
- ତଦନ୍ତ ନିର୍ଦ୍ଦେଶ ଦେଲେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ

କ୍ରିଷ୍ଣା,୩୦।୮

ଆନ୍ଧ୍ର ପ୍ରଦେଶ କ୍ରିଷ୍ଣା ଜିଲାସ୍ଥିତ ଗୁଡ୍‌ଲାଭଲ୍ଲେରୁ କଲେଜ୍ ଅଫ୍ ଇଞ୍ଜିନିୟରିଂର ଛାତ୍ରୀମାନଙ୍କ ହଷ୍ଟେଲ ୱାଶ୍‌ରୁମ୍‌ରେ ଗୁପ୍ତ ସିସିଟିଭି କ୍ୟାମେରା ଠାବହେବା ପରେ ବଡ଼ ବିକ୍ଷୋଭ ଆରମ୍ଭ ହୋଇଛି। ଉକ୍ତ କ୍ୟାମେରାରେ ୩୦୦ରୁ ଊର୍ଦ୍ଧ୍ୱ ଭିଡିଓ ଶୁଟ୍ କରାଯାଇଥିବା ଅଭିଯୋଗ ଆଣି ଛାତ୍ରୀମାନେ ନ୍ୟାୟ ଦାବିରେ ରାସ୍ତାକୁ ଓହ୍ଲାଇଛନ୍ତି। ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଏହାର ତଦନ୍ତ ନିର୍ଦ୍ଦେଶ ଦେବା ପରେ ପୋଲିସ ମାମଲା ରୁଜୁକରି ଜଣେ ଫାଇନାଲ ଇୟର ଛାତ୍ରଙ୍କୁ ଅଟକ ରଖିଛି।

ଏସ୍.ଆର୍. ଗୁଡ୍‌ଲାଭଲ୍ଲେରୁ ଇଞ୍ଜିନିୟରିଂ କଲେଜ ବଏଜ୍ ହଷ୍ଟେଲରେ ରହୁଥିବା ଛାତ୍ରମାନଙ୍କ ମୋବାଇଲରୁ ମୋବାଇଲକୁ ଘୂରି ବୁଲୁଛି ୩୦୦ରୁ ଅଧିକ ଅଶ୍ଳୀଳ ଭିଡିଓ। ବହୁଳ ପ୍ରସାରିତ ଏହି ଆପତ୍ତିଜନକ ଭିଡିଓଗୁଡ଼ିକ ଏକ ସିସିଟିଭି କ୍ୟାମେରାରେ ଶୁଟ୍ କରାଯାଇଛି, ଯାହାକି ଉକ୍ତ କଲେଜର ଛାତ୍ରୀମାନଙ୍କ ହଷ୍ଟେଲ ୱାଶ୍‌ରୁମ୍‌ରେ ସଂଲଗ୍ନ କରାଯାଇଥିଲା। ଗୁରୁବାର ମଧ୍ୟରାତିରେ ଗୁପ୍ତ କ୍ୟାମେରା ଠାବ ହେବା ପରେ ଛାତ୍ରୀମାନେ କ୍ୟାମ୍ପସ୍‌ରେ ନିଜ ସୁରକ୍ଷା ଓ ପ୍ରିଭେସିକୁ ନେଇ ଚିନ୍ତିତ ହୋଇପଡ଼ିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ଛାତ୍ରୀମାନେ କଲେଜରେ ଏକତ୍ରିତ ହୋଇ ସ୍ଲୋଗାନ ଦେଇଛନ୍ତି 'ୱି ୱାଣ୍ଟ୍ ଜଷ୍ଟିସ୍'। ୱାଶ୍‌ରୁମ୍‌କୁ ଗୁପ୍ତ କ୍ୟାମେରା କିପରି ଗଲା, ତାକୁ କିଏ ଲଗାଇଲା ଏବଂ ସେଥିରେ ଶୁଟ୍ ହୋଇଥିବା ଭିଡିଓ କ୍ଲିପ୍ସକୁ କିଏ ସର୍କୁଲେଟ୍ କଲା ; ଏହାର ବିଧିବଦ୍ଧ ତଦନ୍ତ କରାଯାଉ। ଦୋଷୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେମାନେ ଦାବି କରିଛନ୍ତି। ବିବାଦ ବଢ଼ିବାରେ ଲାଗିଥିବାବେଳେ ମୁଖ୍ୟମନ୍ତ୍ରୀ ନାଇଡୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ଉକ୍ତ କଲେଜକୁ ଯାଇ ତଦନ୍ତ ଆରମ୍ଭ କରିଛି। କଲେଜ ଷ୍ଟାଫ୍‌ଙ୍କ ଉପସ୍ଥିତିରେ ଛାତ୍ରମାନଙ୍କ ଲାପ୍‌ଟପ୍, ମୋବାଇଲ ଫୋନ୍ ଓ ଅନ୍ୟ ଇଲେକ୍ଟ୍ରୋନିକ୍ ଗ୍ୟାଜେଟଗୁଡ଼ିକୁ ଯାଞ୍ଚ କରିବା ପରେ କୌଣସି ଆପତ୍ତିଜନକ ପ୍ରମାଣ ମିଳି ନ ଥିବା ପୋଲିସ କହିଛି। ତେବେ ପୋଲିସ ଜଣେ ଶେଷ ବର୍ଷ ଇଞ୍ଜିନିୟରିଂ ଛାତ୍ରଙ୍କୁ ଅଟକ ରଖି ପଚରାଉଚରା କରୁଛି। ସମ୍ପୃକ୍ତ ଛାତ୍ରଙ୍କ ପରିଚୟ ପ୍ରଘଟ ☞ପୃଷ୍ଠା-୪

# ସରକାରୀ, ଘରୋଇ କାର୍ଯ୍ୟାଳୟରେ ରହିବ ସ୍ତନ୍ୟପାନ କକ୍ଷ

ଭୁବନେଶ୍ୱର,୩୦।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟ ସରକାର ମହିଳାଙ୍କ ପାଇଁ ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ କାର୍ଯ୍ୟାଳୟରେ ସ୍ତନ୍ୟପାନ କକ୍ଷ ରହିବ। ଏହାସହ ସର୍ବସାଧାରଣ ସ୍ଥାନରେ ମଧ୍ୟ ଏହି କକ୍ଷ ନିର୍ମାଣ ହେବ। ଏନେଇ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖାଯାଇଛି। ସବୁ କାର୍ଯ୍ୟାଳୟ ଓ ସର୍ବସାଧାରଣ ସ୍ଥାନରେ ସ୍ତନ୍ୟପାନ କରାଇବା ଲାଗି ଏକ ଆରାମଦାୟକ, ଏକାନ୍ତ ଏବଂ ସ୍ୱଚ୍ଛ ସ୍ଥାନ ଚୟନ କରାଯିବା ଲାଗି ଚିଠିରେ ଅନୁରୋଧ କରାଯାଇଛି। ଏହାଦ୍ୱାରା ମା' ଓ ଶିଶୁଙ୍କୁ ସମର୍ଥନ ସହ ସେମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ପ୍ରାଧାନ୍ୟ ମିଳିବ। ବିଶେଷକରି ସରକାରୀ ଓ ଘରୋଇ କାର୍ଯ୍ୟାଳୟରେ କାର୍ଯ୍ୟରତ ମହିଳାମାନେ ଅଧିକ ଉପକୃତ ହେବେ।

# ଅଭନି ଲେଖରାଙ୍କୁ ସ୍ୱର୍ଣ୍ଣ ପଦକ

**ପ୍ୟାରିସ୍ ପାରାଲିମ୍ପିକ୍ସ** ମନୀଷଙ୍କୁ ରୌପ୍ୟ, ମୋନା ଓ ପ୍ରୀତିଙ୍କୁ ବ୍ରୋଞ୍ଜ


ଅଭନି ଲେଖରା


ମନୀଷ ନରୱାଲ


ମୋନା ଅଗ୍ରୱାଲ



ପ୍ରୀତି ପାଲ

ଚାଟେରକ୍ସ, ୩୦।୮ (ପି.ଟି.)

ପ୍ୟାରିସ୍‌ରେ ଚାଲିଥିବା ପାରାଲିମ୍ପିକ୍ସର ଦ୍ୱିତୀୟ ଦିନ ଶୁକ୍ରବାର ଭାରତକୁ ୪ଟି ପଦକ ମିଳିଛି। ମହିଳା ଶୁଟିଂ ତାରକା ଅଭନି ଲେଖରା ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତି ଥିବାବେଳେ ରୌପ୍ୟ ପଦକ ହାସଲ କରିଛନ୍ତି ଅନ୍ୟତମ ପୁରୁଷ ଶୁଟର ମନୀଷ ନରୱାଲ। ସେହିପରି ମହିଳା ଶୁଟର ମୋନା ଅଗ୍ରୱାଲ ଓ ଆଥଲେଟ୍ ପ୍ରୀତି ପାଲ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଅଭନି ମହିଳା ୧୦ ମିଟର ଏୟାର ରାଇଫଲ (ଏସଏଚ୧) ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଏହାକୁ ମିଶାଇ କ୍ରମାଗତ ୨ ପାରାଲିମ୍ପିକ୍ସରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୨୦୨୦ ଟୋକିଓ ଗେମ୍ସରେ ମଧ୍ୟ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅନ୍ୟତମ ଭାରତୀୟ ପ୍ରତିଯୋଗୀ ମୋନା ଅଗ୍ରୱାଲ ଏଠାରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଗୋଟିଏ ଇଭେଣ୍ଟରେ ୨ ଜଣ ଭାରତୀୟ ପୋଡିୟମ ମଣ୍ଡନ କରି ଇତିହାସ ରଚିଛନ୍ତି। ୨୨ ବର୍ଷୀୟ ରାଜସ୍ଥାନ ଜୟପୁରର ଅଭନି ଏଠାରେ ୨୪୯.୭ ପଏଣ୍ଟ ହାସଲ କରି ନିଜ ପାରାଲିମ୍ପିକ୍ସ ରେକର୍ଡରେ ଉନ୍ନତି ଆଣିଛନ୍ତି। ୩ ବର୍ଷ ତଳେ ଜାପାନ ରାଜଧାନୀରେ ସେ ୨୪୯.୬ ପଏଣ୍ଟ ହାସଲ କରି ସ୍ୱର୍ଣ୍ଣ ଜିତିଥିଲେ। ସେହିପରି ୩୭ ବର୍ଷୀୟା ମୋନା ୨୨୮.୭ ପଏଣ୍ଟ ସହିତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପୂର୍ବରୁ ଶଟ୍‌ପୁଟ, ପାୱାରଲିଫ୍ଟିଙ୍ଗ ଓ ହୁଇଲଚେୟାର ଭଲିବଲ ଖେଳୁଥିବା ମୋନା ଏବେ ଶୁଟିଂକୁ କ୍ୟାରିୟର କରିଛନ୍ତି। ଭାରତର ପାରାଲିମ୍ପିକ୍ସ ଇତିହାସରେ ପ୍ରଥମଥର ପାଇଁ ୨ ଜଣ ପ୍ରତିଯୋଗୀ ଗୋଟିଏ ଇଭେଣ୍ଟରେ ପଦକ ହାସଲ କରିଛନ୍ତି। ଦକ୍ଷିଣ କୋରିଆର ଲୀ ୟୁନରି ୨୪୬.୮ ପଏଣ୍ଟ ପାଇ ରୌପ୍ୟ ପଦକ ଜିତିଛନ୍ତି। ଟୋକିଓ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ଶୁଟର ମନୀଷ ନରୱାଲ ପ୍ୟାରିସ୍ ପାରାଲିମ୍ପିକ୍ସରେ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ସେହିପରି ଆଥ୍‌ଲେଟିକ୍ସ ଟି୩୫ ବର୍ଗ ୧୦୦ ମିଟର ଇଭେଣ୍ଟରେ ପ୍ରୀତି ପାଲ ବ୍ରୋଞ୍ଜ ପଦକ ପାଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ପୁରୁଷ ୧୦ ମିଟର ଏୟାର ପିସ୍ତଲ (ଏସ୍‌ଏଚ୍୧) ଇଭେଣ୍ଟରେ ମନୀଷ ଏହି ସଫଳତା ପାଇଛନ୍ତି। ଟୋକିଓରେ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**
ନିଯୁକ୍ତି ଅପେକ୍ଷାରେ



DSPL - 92



ବିଶ୍ୱ ଦକ୍ଷତା କେନ୍ଦ୍ର

WSC WORLD SKILL CENTER

Skilled in ODISHA



## ବିଶ୍ୱ ମଞ୍ଚରେ ଆପଣଙ୍କ ଭବିଷ୍ୟତକୁ ଆଗକୁ ନେବା ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ରରେ ଯୋଗ ଦିଅନ୍ତୁ ।

ବିଶ୍ୱ ଦକ୍ଷତା କେନ୍ଦ୍ରରେ ୨୦୨୪-୨୫ ଶିକ୍ଷାବର୍ଷର ସେପ୍ଟେମ୍ବର ସେସନରେ ନାମଲେଖା ଲାଗି ଅନଲାଇନ ଆବେଦନ ପ୍ରକ୍ରିୟା ଜାରି ରହିଛି। ଉଭୟ 'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ଓ 'ସ୍କୁଲ ଅଫ୍ ସର୍ଭିସେସ୍' ବିଭାଗ ଅଧୀନରେ ଥିବା ମୋଟ ୭ଟି ଅତ୍ୟାଧୁନିକ ପାଠ୍ୟକ୍ରମ ପାଇଁ ଓଡ଼ିଶାର ଆଗ୍ରହୀ ଯୁବପିଢ଼ି ଆବେଦନ କରିପାରିବେ।

**ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ପାଠ୍ୟକ୍ରମ**

- ମେକାଟ୍ରୋନିକ୍ସ
- ମେକାନିକାଲ୍ ଓ ଇଲେକ୍ଟ୍ରିକାଲ୍ ସର୍ଭିସେସ୍
- ଏୟାର କଣ୍ଡିସନିଂ ଓ ରେଫ୍ରିଜରେଶନ୍
- ଇଲେକ୍ଟ୍ରିକାଲ୍ ଟେକ୍ନୋଲୋଜି
- ଭର୍ଟିକାଲ୍ ଟ୍ରାନ୍ସପୋର୍ଟେସନ୍ (ଲିଫ୍ଟ, ଟ୍ରାଭେଲେଟର ଏବଂ ଏସ୍କାଲେଟର ସର୍ଭିସେସ୍)
- ପ୍ରିଶିସନ୍ ଇଞ୍ଜିନିୟରିଂ (କ୍ୟାଡ୍, କ୍ୟାମ୍ ଏବଂ ସି ଏନ୍ ସି)

**ଯୋଗ୍ୟତା :** ସରକାରୀ ବା ବେସରକାରୀ ଶିକ୍ଷାନୁଷ୍ଠାନରୁ ୨ ବର୍ଷିଆ ଆଟିଆଇ / ୩ ବର୍ଷିଆ ଡିପ୍ଲୋମା

**ଅବଧି :** ୧ ବର୍ଷ

ଆବେଦନ ଗ୍ରହଣର ଶେଷ ତାରିଖ
**୫ ସେପ୍ଟେମ୍ବର, ୨୦୨୪**

**ସ୍କୁଲ୍ ଅଫ୍ ସର୍ଭିସେସ୍ ପାଠ୍ୟକ୍ରମ**

- ବିୟୁଟୀ ଏବଂ ୱେଲ୍‌ନେସ୍

**ଯୋଗ୍ୟତା :** +୨ କିମ୍ବା ଯେକୌଣସି କ୍ଷେତ୍ରରେ ଡିପ୍ଲୋମା

**ଅବଧି :** ୧ ବର୍ଷ

ଆବେଦନ ଗ୍ରହଣର ଶେଷ ତାରିଖ
**୧୦ ସେପ୍ଟେମ୍ବର, ୨୦୨୪**

**ବିଶ୍ୱ ଦକ୍ଷତା କେନ୍ଦ୍ରର ବିଶେଷତା**

- ଆନ୍ତର୍ଜାତିକ ମାନର ଉପକରଣ
- ଅତ୍ୟାଧୁନିକ ସୁବିଧା
- ବିସ୍ତୃତ ପାଠ୍ୟକ୍ରମ
- ଆନ୍ତର୍ଜାତିକ ପ୍ଲେସମେଣ୍ଟ

ଆବେଦନ ପାଇଁ ଏହାକୁ ସ୍କାନ୍ କରନ୍ତୁ









OIPR-44009/13/0005/2425

**ବିଶ୍ୱ ଦକ୍ଷତା କେନ୍ଦ୍ର**
ଟାୱାର ୨୦୧୦, ବ୍ଲକ -ବି, ସେକ୍ଟର - ଏ,
ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର, ଓଡ଼ିଶା ୭୫୧୦୦୭

www.worldskillcenter.org

ନାମଲେଖା ସମ୍ବନ୍ଧିତ କୌଣସି ପ୍ରଶ୍ନ ଥିଲେ, ସମ୍ପର୍କ କରନ୍ତୁ
୧୮୦୦ ୨୬୬ ୬୦୦୨
(ସକାଳ ୯:୦୦-୬:୦୦, ସୋମବାର ରୁ ଶନିବାର)

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଓଡ଼ିଶା ସରକାର

# ନୂଆ ବନ୍ଦେ ଭାରତ ଟ୍ରେନ୍ ସହିତ ସଶକ୍ତ କରୁଛୁ ବିକଶିତ ଭାରତର ସଂକଳ୍ପ




## ୩ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର

ପତାକା ଦେଖାଇ ଶୁଭାରମ୍ଭ

ମିରଟ - ଲକ୍ଷ୍ନୌ | ମଦୁରାଇ - ବେଙ୍ଗାଲୁରୁ | ଚେନ୍ନାଇ - ନାଗରକୋଏଲ

ପ୍ରଧାନମନ୍ତ୍ରୀ

## ନରେନ୍ଦ୍ର ମୋଦୀଙ୍କ

ଦ୍ୱାରା

ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ

୩୧ ଅଗଷ୍ଟ ୨୦୨୪ | ପୂର୍ବାହ୍ନ ୧୧.୦୦ ଘଟିକା

### ଗରିମାମୟ ଉପସ୍ଥିତି

**ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ
ଓ ଇଲେକ୍ଟ୍ରୋନିକ୍ସ ତଥା ସୂଚନା ପ୍ରଯୁକ୍ତି ମନ୍ତ୍ରୀ

**ଭି. ସୋମାନ୍ନା**
କେନ୍ଦ୍ର ରେଳ ଏବଂ
ଜଳଶକ୍ତି ମନ୍ତ୍ରୀ

**ରଭନୀତ ସିଂହ**
କେନ୍ଦ୍ର ରେଳ ଏବଂ ଖାଦ୍ୟ ପ୍ରକ୍ରିୟାକରଣ
ଶିଳ୍ପ ରାଷ୍ଟ୍ରମନ୍ତ୍ରୀ

### ବୈଶିଷ୍ଟ୍ୟାବଳୀ

- ବନ୍ଦେ ଭାରତ ଏକ୍ସପ୍ରେସ୍‌ର ନୂଆ ଏବଂ ଉନ୍ନୀତ ସଂସ୍କରଣ
- ଘଣ୍ଟା ପ୍ରତି ସର୍ବାଧିକ ୧୮୦ କିମି ବେଗ ସହିତ ସେମି ହାଇ ସ୍ପିଡ୍ ଟ୍ରେନ୍
- ଧକ୍କା–ନିରୋଧୀ 'କବଚ' ପ୍ରଣାଳୀ ଦ୍ୱାରା ସୁସଜ୍ଜିତ
- ଅତ୍ୟାଧୁନିକ ସୁବିଧା ସହିତ ବିମାନ ଭଳି ଯାତ୍ରାର ଅନୁଭୂତି
- ଦିବ୍ୟାଙ୍ଗଜନ ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ
- ସମାନ ପବନ ବିତରଣ ପାଇଁ ସ୍ୱତନ୍ତ୍ର ଏୟାର୍ କଣ୍ଡିସନିଂ ଡକ୍ଟ
- ସ୍ପର୍ଶମୁକ୍ତ ବୈଶିଷ୍ଟ୍ୟାବଳୀ ସହିତ ବାୟୋ ଭାକ୍ୟୁମ୍ ଶୌଚାଳୟ
- ୩୬୦ ଡିଗ୍ରୀ ଘୂରିପାରୁଥିବା ଏବଂ ଆରାମଦାୟକ ରିକ୍ଲାଇନର୍ ସିଟ୍
- ସ୍ଲାଇଡିଂ ପାହାଚ ସହିତ ଅଟୋମେଟିକ୍ ଦ୍ୱାର
- ସବୁ କୋଚ୍‌ରେ ଜରୁରିକାଳୀନ ଆଲାର୍ମ ପୁଶ୍ ବଟନ୍ ଓ ଟକ୍ ବ୍ୟାକ୍ ୟୁନିଟ୍
- ପ୍ରତ୍ୟେକ କୋଚ୍‌ରେ ୩୨ ଇଞ୍ଚ ଯାତ୍ରୀ ସୂଚନା ଓ ଇନ୍‌ଫୋଟେନମେଣ୍ଟ ସିଷ୍ଟମ୍

DD NEWS ଡିଡି ନ୍ୟୁଜ୍‌ରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ

**ଭାରତୀୟ ରେଳ**
www.indianrailways.gov.in

ଆମକୁ ଫଲୋ କରନ୍ତୁ /RailMinIndia

**ଆଜିର ମନ୍ତବ୍ୟ**

ପ୍ରତିଦିନ ଖବରକାଗଜରେ ସବୁ ବୟସର ମହିଳା ବିରୋଧୀ ଅପରାଧ ଦେଖିବାକୁ ମିଳୁଛି। ଆମେ ଏହି ସମସ୍ୟାର ସମାଧାନ କରି ନ ପାରିଲେ ପୁରୁଷଙ୍କଠାରେ କିଛି ଭୁଲ ରହିଛି ବୋଲି ଧରିନେବାକୁ ପଡ଼ିବ।

–ଶଶୀ ଥରୁର, କଂଗ୍ରେସ ଏମ୍‌ପି

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସଂଗ୍ରାମୀ ଯୁବ ଛାତ୍ର ସଙ୍ଗଠନର ଦ୍ୱିତୀୟ ବାର୍ଷିକ ସମାରୋହ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ସଂଗ୍ରାମୀ ଗଙ୍ଗାଧର ପାଇକରାୟଙ୍କ ସ୍ମୃତି ସମାରୋହ, ସ୍ଥାନ: ୟୁନିଟ୍-୩, ଗଙ୍ଗାଧର ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଶ୍ରୀ ଆଖଣ୍ଡଳମଣି ସେବା ସଂସଦ ପକ୍ଷରୁ ଗଣେଶପୂଜା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରୀଶ୍ରୀ ଆଖଣ୍ଡଳମଣି ସେବା ସଂସଦ ପ୍ରାଙ୍ଗଣ, ନୂଆସାହି, ନୟାପଲ୍ଲୀ, ସମୟ: ମଧ୍ୟାହ୍ନ ୧୨ଟା।
- ଶତାବ୍ଦୀର ଓଡ଼ିଶା ପକ୍ଷରୁ ଜାତୀୟ କର୍ମଶାଳା 'ଓଡ଼ିଶାର ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ବିକାଶ: ସମସ୍ୟା ଓ ତାହାର ସମାଧାନ' ସ୍ଥାନ: ଷ୍ଟଲୱାର୍ଟ ଯଯାତି ସମ୍ମିଳନୀ କକ୍ଷ, ଖାରବେଳ ନଗର, ସମୟ: ଅପରାହ୍ନ ୧୨ଟା ୪୫।
- ଭାରତୀୟ ଶିଶୁ ଚିକିତ୍ସକ ସଂଘର ୧୫ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: କିଟ୍ ଅଡିଟୋରିୟମ(କ୍ୟାମ୍ପସ-୬), ସମୟ: ଅପରାହ୍ନ ୪ଟା ୩୦।

## କଟକ

- ବକ୍ସିବଜାର ବ୍ୟବସାୟୀ ସଂଘ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ବକ୍ସିବଜାର ଛକ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାୟତ୍ତ ଶାସନ ଦିବସ ଅବସରରେ ସିଏମ୍‌ସି ପକ୍ଷରୁ ଖାନ୍‌ନଗରଠାରେ ଗ୍ୟାସ୍ କ୍ରିମେଶନ ସେଣ୍ଟର ଉଦ୍‌ଘାଟନ, ସ୍ଥାନ:ଖାନ୍‌ନଗର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସ୍ୱାୟତ୍ତ ଶାସନ ଦିବସ ଅବସରରେ ସିଏମ୍‌ସି ପକ୍ଷରୁ ବକ୍ସିବଜାରଠାରେ ବକ୍ସିଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ଉଦ୍‌ଘାଟନ, ସ୍ଥାନ:ବକ୍ସିବଜାର, ସମୟ: ମଧ୍ୟାହ୍ନ ୧୨ଟା।
- ସିଏମ୍‌ସି ପକ୍ଷରୁ ନେତାଜୀ ସ୍ମାରକୀ ପ୍ରତିଷ୍ଠାନ ଉଦ୍‌ଘାଟନ, ସ୍ଥାନ: ଓଡ଼ିଆବଜାର, ସମୟ: ଅପରାହ୍ନ ୧୨ଟା ୩୦।
- ସିଏମ୍‌ସି ପକ୍ଷରୁ ଆର୍ଟ ଗ୍ୟାଲେରୀ ଉଦ୍‌ଘାଟନ, ସ୍ଥାନ: କଟକ ଟାଉନ୍ ହଲ୍, ସମୟ: ମଧ୍ୟାହ୍ନ ୧ଟା ୪୦।
- ସ୍ୱାୟତ୍ତ ଶାସନ ଦିବସ ଅବସରରେ ସିଏମ୍‌ସି ପକ୍ଷରୁ ସାଧାରଣ ସଭା, ସ୍ଥାନ: ସିଡ଼ିଏ, ସେକ୍ଟର-୬ସ୍ଥିତ ୱିଣ୍ଡ୍‌ସର ପ୍ୟାଲେସ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ନିମାପଡ଼ା ଏନ୍‌ଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ସମାରୋହ, ସ୍ଥାନ: ଏନ୍‌ଏସି କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ଭାଜପା ପକ୍ଷରୁ ନିର୍ବାଚନମଣ୍ଡଳୀସ୍ତରୀୟ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ନିମାପଡ଼ା ଗ୍ରୀନ୍‌ଲ୍ୟାଣ୍ଡ ମଣ୍ଡପ, ସମୟ: ଅପରାହ୍ନ ୩ଟା।

## ଖୋର୍ଦ୍ଧା

- ଜଟଣୀ ପୌର ପରିଷଦର ୫୨ତମ ପ୍ରତିଷ୍ଠା ଦିବସ ଓ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ, ସ୍ଥାନ: ପୌର କାର୍ଯ୍ୟାଳୟ, ଜଟଣୀ, ସମୟ: ପ୍ରାତଃ ୫ଟା ୩୦ରୁ ସନ୍ଧ୍ୟା ୬ଟା ୩୦।
- ସ୍ୱାୟତ୍ତ ଶାସନ ଦିବସ ଅବସରରେ ପତାକା ଉତ୍ତୋଳନ, ସ୍ଥାନ: ପୌର ପରିଷଦ କାର୍ଯ୍ୟାଳୟ, ଖୋର୍ଦ୍ଧା, ସମୟ: ସକାଳ ୮ଟା।
- ଗୋପ୍ରେମୀଙ୍କ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା, ସମୟ: ସକାଳ ୯ଟା।
- ସ୍ୱାୟତ୍ତ ଶାସନ ଦିବସ ଅବସରରେ ସାଧାରଣ ସଭା, ସ୍ଥାନ: ଟାଉନ ହଲ୍, ଖୋର୍ଦ୍ଧା, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର

- ୧୪୮ତମ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସମୟ: ସକାଳ ୭ଟା।
- ଜାତୀୟ ପତାକା ଉତ୍ତୋଳନ, ସମୟ: ସକାଳ ୮ଟା ୩୦।
- ନୂତନ ପ୍ରକଳ୍ପ ଉଦ୍‌ଘାଟନ, ସମୟ: ସକାଳ ୮ଟା ୪୦।
- ବିଭିନ୍ନ ଖେଳ ପ୍ରତିଯୋଗିତା, ସ୍ଥାନ: ପୌର ପରିଷଦ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱାୟତ୍ତ ଶାସନ ଦିବସ-୨୦୨୪, ସ୍ଥାନ: ଏନ୍‌ଏସି କାର୍ଯ୍ୟାଳୟ, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ପୌର ପରିଷଦ କାର୍ଯ୍ୟାଳୟ, ଜଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରେମୁଣା ବିଜେଡି ପକ୍ଷରୁ ଗଣବିକ୍ଷୋଭ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ସର୍ବମଙ୍ଗଳା ବିଦ୍ୟାଳୟ, କୁଆଁରପୁର, ସମୟ: ପୂର୍ବାହ୍ନ ୧୦ଟା।
- ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ଖଇରା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସଂସ୍କୃତ ଦିବସ ପାଳନ, ସ୍ଥାନ: ଶ୍ୟାମରାଇ ସଂସ୍କୃତ ମହାବିଦ୍ୟାଳୟ, ଅଲିପୁର, ସାରତାଙ୍ଗ, ସମୟ: ପୂର୍ବାହ୍ନ ୧୧ଟା।
- ସାହିତ୍ୟ ପରିଷଦର କବିତା ପାଠ ଉତ୍ସବ, ସ୍ଥାନ: ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ବସ୍ତା, ସମୟ: ଅପରାହ୍ନ ୪ଟା।
- ସ୍ୱାୟତ୍ତ ଶାସନ ଦିବସ ଅବସରରେ ସାଧାରଣ ସଭା, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ, ସ୍ଥାନ: ବାସୁଦେବପୁର ପୌରପାଳିକା କାର୍ଯ୍ୟାଳୟ ଓ ନୀଳମଣି ଟାଉନ ହଲ୍ ପରିସର, ସମୟ: ସକାଳ ୬ଟା।
- ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ବାଗୁରାଇ ହାଇସ୍କୁଲ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଭୂମିକନ୍ୟା ମହିଳା ସଙ୍ଗଠନ ପକ୍ଷରୁ ପୂଜ୍ୟପୂଜା ସମ୍ମାନ ଓ କବିତା ପାଠୋତ୍ସବ, ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ସ୍ୱାୟତ୍ତ ଶାସନ ଦିବସ ଅବସରରେ ପ୍ରଭାତ ଫେରି, ସାଧାରଣ ସଭା, ସ୍ଥାନ: ପୌର ପାଳିକା ପ୍ରାଙ୍ଗଣ, ଯୋଡ଼ା, ସମୟ: ସକାଳ ୬ଟା, ସନ୍ଧ୍ୟା ୭ଟା।
- ଶନିଗ୍ରହଙ୍କ ମନ୍ଦିରରେ ମେଳା, ପୂଜା ଏବଂ ଭଜନ କୀର୍ତ୍ତନ, ସ୍ଥାନ: ସମୋଟରାଗଡିଆ, ଛେନାପଦୀ, ହାଟଡିହୀ, ସମୟ: ସକାଳ ୬ ଟା ଏବଂ ସନ୍ଧ୍ୟା ୭ ଟା।
- ବ୍ଲକ୍‌ସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା, ସ୍ଥାନ: ଦ୍ରୌପଦୀ ଦେବୀ କଲ୍‌ଚରାଲ ଇନଷ୍ଟିଚ୍ୟୁଟ, ବଡ଼ବିଲ, କେନ୍ଦୁଝର, ସମୟ: ପୂର୍ବାହ୍ନ ୯ ଟା।
- କ୍ଷିତି ଜ୍ୟୋତି ଆଶ୍ରମ ପକ୍ଷରୁ ଫଳ ବଣ୍ଟନ, ସ୍ଥାନ : ଜିଲା ମୁଖ୍ୟ ଡାକ୍ତରଖାନା, କେନ୍ଦୁଝର ସମୟ: ପୂର୍ବାହ୍ନ ୧୧ ଟା।
- ଶ୍ରୀ ହନୁମାନଙ୍କ ମନ୍ଦିରରେ ବେଦ ଏବଂ ରାମଚରିତ ପାଠ, ଭଜନ, ସ୍ଥାନ: ହାବଲେଶ୍ୱର, ହାଟଡ଼ିହୀ, ସମୟ: ସକାଳ ଏବଂ ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ନିଖିଳ ଭାରତ ସ୍ୱାୟତ୍ତଶାସନ ଦିବସ ପାଳନ ଅବସରରେ ରାମଧୂନ, ସ୍ଥାନ: ବାରିପଦା ମ୍ୟୁନିସିପାଲିଟି ଅଞ୍ଚଳ, ସମୟ: ଭୋର ୫ଟା।
- ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା ୩୦।
- ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ:ଅଁଳା ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବିଭିନ୍ନ ମହିଳା ସମିତି ଦ୍ୱାରା ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନୀର ଉଦ୍‌ଘାଟନ, ସ୍ଥାନ: ମ୍ୟୁନିସିପାଲିଟି ପରିସର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସ୍ୱାୟତ୍ତଶାସନ ଦିବସ ପାଳନ ନିମନ୍ତେ ସଭା, ସ୍ଥାନ: ମ୍ୟୁନିସିପାଲିଟି ସମ୍ମିଳନୀ କକ୍ଷ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା ୪୦।
- ସନ୍ତରଣ ପ୍ରତିଯୋଗିତା,ସ୍ଥାନ: ବିଜୁ ପଟ୍ଟନାୟକ ସନ୍ତରଣ କେନ୍ଦ୍ର, ଲକ୍ଷ୍ମୀପୋଷି ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ନିୟୁ ରାଜସ୍ଥାନୀ କଟନ ଫାବ୍ ପ୍ରଦର୍ଶନୀ, ସ୍ଥାନ: ଛଉ ପଡ଼ିଆ ବାରିପଦା, ସମୟ:ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସର,ବାରିପଦା, ସମୟ: ସନ୍ଧ୍ୟା ୬ଟା ୩୦।

## ବ୍ରହ୍ମପୁର

- ବ୍ରହ୍ମନଗର ଓ ଜ୍ୟୋତିନଗର ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ,ସ୍ଥାନ: ଜ୍ୟୋତି ନଗର ୨ୟ ଲେନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗଙ୍ଗାଧର ମେହେର ଜୟନ୍ତୀରେ ସ୍ୱତନ୍ତ୍ର ବକ୍ତୃତା,ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ପଦାର୍ଥ ବିଜ୍ଞାନ ବିଭାଗର ବକ୍ତୃତା,ସ୍ଥାନ: ଏସଏନ ବୋଷ ଗ୍ୟାଲେରି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଗୃହ ବିଜ୍ଞାନ ବିଭାଗ ପକ୍ଷରୁ ନାରୀ ଓ ଆଇନ ଉପରେ ବକ୍ତୃତା, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,ସମୟ: ଅପରାହ୍ନ ୩ଟା।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡିଆ,ସମୟ-ଅପରାହ୍ନ ୪ଟା।

## ଗଞ୍ଜାମ

- ସ୍ୱାୟତ୍ତ ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ହିଞ୍ଜିଳିକାଟୁ ପୌର ପରିଷଦ କାର୍ଯ୍ୟାଳୟ,ସମୟ: ସକାଳ ୭ଟା ୩୦। ସ୍ଥାନ:ଗୋପାଳପୁର ଏନଏସି ପରିସର, ବୁଗୁଡ଼ା ଏନ୍‌ଏସି ପରିସର,ସମୟ: ସକାଳ ୮ଟା।
- ସ୍ୱଚ୍ଛତା ରାଲି, ସ୍ଥାନ: ପୂର୍ତ୍ତ ଡାକ ବଙ୍ଗଳାଠାରୁ ପୌର କାର୍ଯ୍ୟାଳୟ, ହିଞ୍ଜିଳିକାଟୁ ,ସମୟ: ସକାଳ ୮ଟା ୩୦।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ପ୍ରକଳ୍ପ ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ବୁଗୁଡ଼ା ବଡଦାଣ୍ଡ,ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଗଞ୍ଜାମ ଏନଏସି ପରିସର, ସମୟ: ଅପରାହ୍ନ ୪ଟା।
- ସ୍ୱାୟତ୍ତ ଶାସନ ସପ୍ତାହ ଉଦଯାପନୀ ଉତ୍ସବ, ସ୍ଥାନ: ଦିଗପହଣ୍ଡି ବଜାର ଛକ, ସମୟ: ଅପରାହ୍ନ ୫ଟା।
- ସ୍ୱାୟତ୍ତ ଶାସନ ଦିବସ, ସ୍ଥାନ: ଆସିକା ଏନ୍‌ଏସି କାର୍ଯାଳୟ ପରିସର, ସମୟ: ଅପରାହ୍ନ ୫ଟା।
- ସ୍ୱାୟତ୍ତ ଶାସନ ଦିବସ ସାଧାରଣ ସଭା ଓ ସାଂସ୍କୃତିକ ଉତ୍ସବ, ସ୍ଥାନ: ହିଞ୍ଜିଳିକାଟୁ ନେତାଜୀ କଲ୍ୟାଣ ମଣ୍ଡପ,ସମୟ: ଅପରାହ୍ନ ୫ଟା୩୦।

## କନ୍ଧମାଳ

- ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଇନଡୋର ହଲ, ଫୁଲବାଣୀ, ସମୟ: ସକାଳ ୯ଟା।
- ଜାତୀୟ ଖେଳ ଦିବସ ଉପଲକ୍ଷେ ଭଲିବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଏମକେଏସ୍‌ପି ପରିସର ଫୁଲବାଣୀ, ସମୟ: ପୂର୍ବାହ୍ନ୧୦ଟା।
- ପିଏମ୍ କିଶାନ, ସୁଭଦ୍ରା ଯୋଜନା ସମ୍ପର୍କିତ କର୍ମଶାଳା, ସ୍ଥାନ: ଦାରିଙ୍ଗବାଡି ବ୍ଲକ ସଭାଗୃହ,ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ସ୍ୱାୟତ ଶାସନ ଦିବସ ପାଳନ ଓ ସାଧାରଣ ସଭା, ସ୍ଥାନ: ପୌର କାର୍ଯ୍ୟାଳୟ ଓ ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସକାଳ ୭ଟା ୩୦ ଓ ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ପାରାଦୀପ ପୌରପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ସମାରୋହ, ସ୍ଥାନ: ଜୟଦେବ ଭବନ, ବଡ଼ପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ପୌର ପରିଷଦ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ, ପଟ୍ଟାମୁଣ୍ଡାଇ, ସମୟ: ସକାଳ: ୭ଟା, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୫ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ନାଗପୁରା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ସ୍ୱାୟତ୍ତ ଶାସନ ଦିବସ, ସ୍ଥାନ: ଯାଜପୁର ପୌର ପରିଷଦ କାର୍ଯ୍ୟାଳୟ ପରିସର, ସମୟ : ସକାଳ ୮ଟା, ସାଧାରଣ ସଭା: ସ୍ଥାନ: ଗୌତମ ବୁଦ୍ଧ ସଂସ୍କୃତି ଭବନ: ସମୟ: ଅପରାହ୍ନ ୫ଟା।
- ସ୍ୱାୟତ୍ତ ଶାସନ ଦିବସ, ସ୍ଥାନ: ବ୍ୟାସନଗର ପୌର ପରିଷଦ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୮ଟା।

## ନୟାଗଡ଼

- ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ, ସ୍ଥାନ: ଖଣ୍ଡପଡ଼ା ଏନ୍‌ଏସି କାର୍ଯ୍ୟାଳୟ, ସମୟ:ସକାଳ ସାଢ଼େ ୮ଟା, ସ୍ଥାନ: ଓଡ଼ଗାଁ ବ୍ଲକ୍ ରୋଡ ସରକାରୀ କଲ୍ୟାଣ ମଣ୍ଡପ, ସମୟ: ସକାଳ ୯ଟା, ସ୍ଥାନ: ଦଶପଲ୍ଲା ଏନ୍‌ଏସି କାର୍ଯ୍ୟାଳୟ, ସମୟ:ସକାଳ ୯ଟା, ସ୍ଥାନ: ନୟାଗଡ଼ ପଠାଣି ସାମନ୍ତ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ ଟା।
- ଅପପୁଷ୍ଟି ମହିଳା ଓ ଶିଶୁଙ୍କୁ କୁକୁଡ଼ା ଚିଆଁ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ଗାଁ ପ୍ରାଣୀ ଚିକିତ୍ସା କେନ୍ଦ୍ର, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲା ପ୍ରଶାସନ ପକ୍ଷରୁ ଜାତୀୟ ଖେଳ ଦିବସରେ ଶରୀର ନିର୍ମାଣ ଓ ମହିଳାପୁରୁଷ ଠିକ୍ ହୁଅନ୍ତୁ, ସ୍ଥାନ: ନୟାଗଡ଼ ଇଣ୍ଡୋର ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା୩୦।

## ରାୟଗଡ଼ା

- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଗୁଣପୁର ପୌର ପରିଷଦ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ସ୍ୱାୟତ୍ତ ଶାସନ ଦିବସ -୨୦୨୪ ଉପଲକ୍ଷେ ପତାକା ଉତ୍ତୋଳନ: ସ୍ଥାନ: ପୌର ପରିଷଦ କାର୍ଯ୍ୟାଳୟ, ସମୟ: ସକାଳ ୮ଟା ୩୦।
- ମୁଖ୍ୟମନ୍ତ୍ରୀଙ୍କ ଭର୍ଚୁଆଲ ମିଟିଂ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍ ଜନମନ ସଚେତନତା ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ଖଜୁରୀ ଗ୍ରାମ, ବିଷମକଟକ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ନବରଙ୍ଗପୁର

- ସ୍ୱାୟତ ଶାସନ ଦିବସରେ ପତାକା ଉତ୍ତୋଳନ, ସ୍ଥାନ: ନବରଙ୍ଗପୁର ପୌର କାର୍ଯ୍ୟାଳୟ, ସମୟ: ୯ ଟା।
- ଏମ୍‌ପିଙ୍କ ସମୀକ୍ଷା ବୈଠକ, ସ୍ଥାନ: ପାପଡ଼ାହାଣ୍ଡି, ସମୟ:ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ନେଇ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ, ଶିକ୍ଷା ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଜିଲା ପଞ୍ଚାୟତ ସାଧନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଏକ ବିଂଶ ପ୍ରାଣୀଧନ ଗଣନା ତାଲିମ, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ସାଇ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କୋରାପୁଟ

- ସ୍ୱାୟତ ଶାସନ ଦିବସ, ସ୍ଥାନ: ସୁନାବେଡ଼ା ପୌର କାର୍ଯ୍ୟାଳୟ ପରିସର, ସମୟ: ସକାଳ ୫ ଟା।
- ସ୍ୱାୟତ୍ତ ଶାସନ ଦିବସରେ ପତାକା ଉତ୍ତୋଳନ, ସ୍ଥାନ: ପୌରପରିଷଦ କାର୍ଯ୍ୟାଳୟ ଜୟପୁର, ସମୟ: ସକାଳ ୮ଟା।
- ଜୈବିକ କୃଷି ସମ୍ବନ୍ଧୀୟ ତାଲିମ ଶିବିର, ସ୍ଥାନ: ହଞ୍ଜାରାଗୁଡ଼ା,ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱାୟତ୍ତ ଶାସନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜୟପୁର ସଙ୍ଗମ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ପ୍ରଶିକ୍ଷଣ ଶିବିର, ସ୍ଥାନ: ହାୱା ମଇଦାନ ପରିସର, ସମୟ: ସକାଳ ୭ଟା।
- ସ୍ୱାୟତ୍ତ ଶାସନ ଦିବସରେ ବିବିଧ କାର୍ଯ୍ୟକ୍ରମ, ସ୍ଥାନ: ଦୁର୍ଗାପାଲିସ୍ଥିତ ମହାନଗର ନିଗମ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଭୁବନେଶ୍ୱର ସମ୍ଭାଗର ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ପାଞ୍ଚ ଦିନିଆ ରାଜ୍ୟ ପୁରସ୍କାର ଟେଷ୍ଟିଙ୍ଗ କ୍ୟାମ୍ପ, ସ୍ଥାନ: ସମ୍ବଲପୁରସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୧, ସମୟ : ସକାଳ ୯ଟା ୩୦।
- ବୁଣାକାରଙ୍କ ସକାଶେ ଆୟୋଜିତ ସ୍ୱତନ୍ତ୍ର ବ୍ୟବସାୟିକ ପରିଚାଳନା ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସମ୍ବଲପୁର ଆଇଆଇଏମ୍‌ସ୍ଥିତ କୋଣାର୍କ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ଅପରାଧିକ ଆଇନ ଆଲୋଚନାଚକ୍ର, ସ୍ଥାନ: ଜିଲା ଓକିଲ ସଂଘ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ଗଣ୍ଡା ସମାଜ କଲ୍ୟାଣ ପରିଷଦର ପଞ୍ଜିକୃତ ଦିବସ, ସ୍ଥାନ: ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।

## ବଲାଙ୍ଗୀର

- ବଲାଙ୍ଗୀର ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ପୌର ପରିଷଦ କାର୍ଯ୍ୟାଳୟ, ବଲାଙ୍ଗୀର, ସମୟ: ସକାଳ ୭ଟା ୪୫ ମିନିଟ।
- ସ୍କୁଲ ସଫେଇ ଅଭିଯାନ, ସ୍ଥାନ: ନିଧିସାଗର ବିଦ୍ୟାପୀଠ, ବୁଢେଲ, ବଲାଙ୍ଗୀର,ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।

## ସୁବର୍ଣ୍ଣପୁର

- ସ୍ୱାୟତ୍ତ ଶାସନ ଦିବସ ଅବସରରେ ସୁବର୍ଣ୍ଣପୁର ପୌରାଧ୍ୟକ୍ଷାଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟାଳୟ, ସମୟ: ସକାଳ ୮ଟା ୩୦।
- ନବାଗତ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମାରୋହ, ସ୍ଥାନ:ବୀରମହାରାଜପୁର କଲେଜ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡଗାଡ଼ ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣପୁରରେ ସ୍ୱାୟତ୍ତ ଶାସନ ଦିବସ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ସଂସ୍କୃତ ଦିବସ ପାଳନ, ସ୍ଥାନ: କମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭଟଲି, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ଧର୍ମଶାଳା ଛକ ଶନି ମନ୍ଦିର, ସମୟ: ସକାଳ ୭ଟା।
- ସ୍ୱାୟତ୍ତ ଶାସନ ଦିବସ ପାଳିତ, ସ୍ଥାନ: ସହରସ୍ଥିତ ପୌର ପରିଷର କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ସାମାଜିକ ବୈଠକ, ସ୍ଥାନ: ସହର ସ୍ଥାତ ସିରୀୟାପାଲି ଗ୍ରାମ, ସମୟ: ଅପରାହ୍ନ ୪ଟା।
- ଏକ ଦିବସୀୟ ଗ୍ରାମାଞ୍ଚଳ କୀର୍ତ୍ତନ, ସ୍ଥାନ: ସହରସ୍ଥିତ ବଞ୍ଜାରି ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା

- ଆର୍‌ଏମ୍‌ସି ଆୟୁକ୍ତଙ୍କୁ ଘେରାଉ ହେବେ ଗୋପାଳଟୋଲି ବସ୍ତିବାସୀ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ଆର୍‌ଏମ୍‌ସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ମାସିକ ସାହିତ୍ୟ ଆସର, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୬ଟା।
- ମାଗଣା ହାଟ ପ୍ରଦର୍ଶନୀ, ସ୍ଥାନ: ଆମ୍ବେଡ଼କର ବସ୍ତି, ସମୟ: ଅପରାହ୍ନ ୫ଟା ୩୦।
- ଆର୍‌ଏସ୍‌ପି ପକ୍ଷରୁ ବିବିଧ କାର୍ଯ୍ୟକ୍ରମ, ସ୍ଥାନ: ରାଉରକେଲା ଶିଳ୍ପାଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଦେବଗଡ ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ, ରାମଧୁନ, ସ୍ଥାନ: ଦେବଗଡ ସହର, ସମୟ: ପ୍ରାତଃ ୪ଟା ୩୦।
- ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ, ସମୟ: ସକାଳ ୬ଟା ୩୦।
- ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ପୌର ପରିଷଦ, ଦେବଗଡ, ସମୟ: ସକାଳ ୭ଟା ୩୦।
- ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ମିଷ୍ଟାନ ବଣ୍ଟନ, ସ୍ଥାନ: ପୌର ପରିଷଦ ଦେବଗଡ, ସମୟ: ସକାଳ ୮ଟା।
- ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ, ଫଳ ବଣ୍ଟନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ଦେବଗଡ, ସମୟ: ସକାଳ ୮ଟା ୩୦।
- କୃଷି ବିଜ୍ଞାନ ପକ୍ଷରୁ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: ଖଣ୍ଡଧୂଆଁ, କୁରେଇବାହାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କୁକୁଡ଼ା ପାଳନରୁ ଉତ୍ପାଦନ ବୃଦ୍ଧି ସକାଶେ କ୍ଷେତ୍ର ପଦାଧିକାରୀଙ୍କ ନିମନ୍ତେ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଭବାନୀପାଟଣା ପୌରପାଳିକା, ସମୟ: ସକାଳ ୮ଟା
- ଶିକ୍ଷା ବିଭାଗ ଉପରେ ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ୧୬ତମ ଇଣ୍ଡିପେଣ୍ଡେଣ୍ଟ କପ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ନୂଆପଡ଼ା ଏନ୍‌ଏସି କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଖରିଆର ରୋଡ ଏନ୍‌ଏସି, ସମୟ: ସକାଳ ୮ଟା।

## ବୌଦ୍ଧ

- ଜିଲା ପରିଷଦ ସମୀକ୍ଷା ବୈଠକ, ସ୍ଥାନ: ପଞ୍ଚାୟତ ଭବନ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ଆଜି ଚନ୍ଦ୍ର ଓ ବୁଧଙ୍କ ଏକତ୍ର ସ୍ଥିତି କାରଣରୁ ବିବାଦୀୟ ଚିନ୍ତା, ସମସ୍ୟାମୂଳକ କାମ ମାନସିକ ଅସ୍ଥିରତାକୁ ବୃଦ୍ଧି କରିବ। ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବେ। ସନ୍ତାନଙ୍କ ଶିକ୍ଷା, ବିବାହ ସମସ୍ୟା ମନକୁ ନିରସ କରିପାରେ। କେତେକ କ୍ଷେତ୍ରରେ କୌଣସି ହିତୈଷୀଙ୍କ ଆଶ୍ୱାସନାରୁ ସାମୟିକ ଆଶ୍ୱସ୍ତି ଲାଭ କରିପାରନ୍ତି।

**ବୃଷ**



ବୃହସ୍ପତିଙ୍କ ସୁପ୍ରଭାବରୁ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ପ୍ରଶଂସିତ ହେବେ। କୌଣସି ସୂତ୍ରରୁ ଶୁଣା କଥାକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ସବୁ ଠିକ୍ ହୋଇଯିବ। ବନ୍ଧୁ କିମ୍ବା ଆତ୍ମୀୟସ୍ୱଜନଙ୍କ ସ୍ୱାସ୍ଥ୍ୟହାନିର ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ମିଥୁନ**



ଚନ୍ଦ୍ରଙ୍କ ଶୁଭସଂସ୍ଥାନରୁ ଅର୍ଥଲାଭ ସହ ଅସଜଡ଼ା କାମ ଠିକ୍ ହୋଇଯିବ। ହିତୈଷୀଙ୍କ ପରାମର୍ଶରେ ବ୍ୟବସାୟକୁ ସଙ୍କୁଚିତ କରିବା ସହ ନୂତନ କର୍ମାରମ୍ଭର ଚିନ୍ତା ମଧ୍ୟ କରିପାରନ୍ତି। କଳା, ସାହିତ୍ୟ ଓ ସଙ୍ଗୀତ, ଉଚ୍ଚଶିକ୍ଷା କିମ୍ବା ବିଦେଶ ଯାତ୍ରା ପ୍ରତି ଆଗ୍ରହ ପ୍ରକାଶ କରିବେ। ପାରିବାରିକ କ୍ଷେତ୍ରରେ ସମସ୍ୟା କେତେକାଂଶରେ କମି କମି ଆସିବ।

**କର୍କଟ**



ମୁଖଭାବସ୍ଥ ରବି ରାଶିସ୍ଥ ବୁଧଙ୍କ ପ୍ରଭାବରୁ ଯୁକ୍ତିଯୁକ୍ତ କଥା କହି ପ୍ରଶଂସିତ ହେବେ। ସତର୍କତା ଅଭାବରୁ ଚୋରି, ଧନହାନିର ସୂଚନା ରହିଛି। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ, ଅନ୍ୟଥା କିଛି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରି ମୁଣ୍ଡରେ ହାତ ଦେଇ ବସିପାରନ୍ତି।

**ସିଂହ**



ଦୀର୍ଘ ପ୍ରତୀକ୍ଷା ପରେ ଆଜି ବନ୍ଧୁଙ୍କ ନିକଟରୁ ହଠାତ୍ କୌଣସି ଶୁଭ ଖବର ପାଇ ଖୁସି ହେବେ। ପରିବାରର ଆବଶ୍ୟକତାକୁ ଯଥା ସମୟରେ ପୂରଣ କରିବାରେ ସମର୍ଥ ହେବେ। ଅଫିସିଆଲି କାମରେ ଅଟକି ରହିଥିବା କାମଟିକୁ ସମ୍ପନ୍ନ କରି କେତେକାଂଶରେ ଖୁସି ହେବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପ୍ରଶଂସିତ ହୋଇପାରନ୍ତି।

**କନ୍ୟା**



କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ ଏବଂ ସ୍ଥଗିତ କାମ ସମ୍ପନ୍ନ ହେବ। ଶତ୍ରୁତାର ଅବସାନ ଘଟାଇବା ସକାଶେ ଅନ୍ୟମାନଙ୍କ ସାହାଯ୍ୟ ନେବାକୁ ବାଧ୍ୟ ହେବେ। ଉପରିସ୍ଥଙ୍କ ଦ୍ୱାରା ପ୍ରେରିତ ହୋଇ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ। ଗବେଷଣା, ପ୍ରକାଶନ, ପ୍ରଶାସନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା**



ବନ୍ଧୁଙ୍କ ଅନୁରୋଧକ୍ରମେ ଅନ୍ୟମାନଙ୍କ ସହ ସମୟ ବିତାଇବାରେ ସହଯୋଗ କରିବେ। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ବିଳମ୍ବ କରିପାରେ। ବିବାଦୀୟ ଘଟଣାରେ ବିଜୟୀ ଏବଂ ପ୍ରତିଯୋଗିତାରେ ସଫଳ ହେବେ।

**ବିଛା**



ଆଜିର ଯାତ୍ରା ସମୟରେ ଅସାବଧାନତାବଶତଃ ଧନ ହାନିର ଆଶଙ୍କା ରହିଛି। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବାକୁ ପଡ଼ିପାରେ। ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା ଅଥବା ସାହିତ୍ୟ, କଳା ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ। ଅଭାବନୀୟ ପରିସ୍ଥିତିରେ ପଡ଼ି ହଠାତ୍ ଗୁଡ଼ାଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହୋଇପାରନ୍ତି।

**ଧନୁ**



ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ଉପୁଜିଥିବା ସମସ୍ୟା ଦୂରେଇଯିବ। ପରୋକ୍ଷ ଶତ୍ରୁତା କାରଣରୁ ନୂତନ କାମଟି ଆରମ୍ଭ କରୁ କରୁ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇ ନ ପାରେ। ନିଜ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି।

**ମକର**



ଆଜି କର୍ମକ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେଇ ଅଧସ୍ତନ କର୍ମଚାରୀଙ୍କ ଦ୍ୱାରା ପ୍ରଶଂସିତ ହେବେ। କଳା, କ୍ରୀଡ଼ା, ସଙ୍ଗୀତାଦି କ୍ଷେତ୍ରରେ କନ୍ୟା ସନ୍ତାନଙ୍କ କୃତିତ୍ୱରୁ ଗୌରବାନ୍ୱିତ ମନେକରିବେ। ଦୀର୍ଘଦିନରୁ ଛିନ୍ନ ହୋଇଥିବା ବନ୍ଧୁସମ୍ପର୍କ ପୁନଶ୍ଚ ଯୋଡ଼ି ହେବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟାକୁ ସମାଧାନ କରିପାରିବେ।

**କୁମ୍ଭ**



ଆଜି ବିଭିନ୍ନ ସୂତ୍ରରୁ ବୈଷୟିକ ଉନ୍ନତି ଯୋଗୁ କାର୍ଯ୍ୟାରମ୍ଭ ସକାଶେ ଯୋଜନା କରିପାରନ୍ତି। ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ, କିନ୍ତୁ ପରକ୍ଷଣରେ ଭୁଲ୍ ବୁଝାମଣା ଦୂର ହୋଇଯିବ। କାମର ଚାପ ପ୍ରଭାବରୁ ପରିବାର କଥା ଠିକ୍ ଭାବେ ବୁଝି ପାରିବେ ନାହିଁ। ଆଜିର ଯାତ୍ରାରେ ଲକ୍ଷ୍ୟ ହାସଲ ସହ ସମସ୍ୟା ସମାଧାନ ହେବ।

**ମୀନ**



କର୍ମକ୍ଷେତ୍ରରେ ଆଲୋଚନା ପରିସରରେ ସତକଥା କହି ବିବାଦୀୟ ହୋଇପାରନ୍ତି। ପରିବାର ସଦସ୍ୟଙ୍କ ସହିତ ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଦୂରଯାତ୍ରାର ଯୋଜନା କରିପାରନ୍ତି। ଆନୁଷ୍ଠାନିକ କାମରୁ କିମ୍ବା ସାମାଜିକ ସ୍ତରରେ ନିଜର କୃତିତ୍ୱ ହେତୁ ପ୍ରଶଂସିତ ହେବେ। ଆଜିର ପ୍ରତ୍ୟୁଷଯାତ୍ରାରେ ସତର୍କତା ଅବଲମ୍ବନ କରିବା ଭଲ ହେବ।

**ପ୍ରଥମ ପୃଷ୍ଟାରୁ...**

### ଅଭନି ଲେଖରାଙ୍କୁ ...

୫୦ ମିଟର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିବା ୨୨ ବର୍ଷୀୟ ନରୱାଲ ଏଠାରେ ଭଲ ପ୍ରଦର୍ଶନ କରି ଅନେକ ସମୟ ପର୍ଯ୍ୟନ୍ତ ଅଗ୍ରଣୀ ରହିଥିଲେ ମଧ୍ୟ ଶେଷ ଭାଗରେ କ୍ରମାଗତ ଦୁର୍ବଳ ସ୍କୋର କରି ଦ୍ୱିତୀୟକୁ ଖସି ଆସିଥିଲେ। ଦକ୍ଷିଣ କୋରିଆର ଭେଟେରାନ ଶୁଟର ଜୋ ଜୋଙ୍ଗଡୁ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଭାରତୀୟ ପିସ୍ତଲ ଶୁଟର ଶିବା ନରୱାଲଙ୍କ ସାନଭାଇ ମନୀଷ ୨୩୪.୯ ପଏଣ୍ଟରେ ରହିଥିବାବେଳେ ଜୋଙ୍ଗଡୁ ୨୩୭.୪ ପଏଣ୍ଟ ସ୍କୋର କରିଥିଲେ। ଚାଇନାର ୟାଙ୍ଗ୍ ଚାଓ ୨୧୪.୩ ପଏଣ୍ଟ ସହିତ ବ୍ରୋଞ୍ଜ ପଦକ ପାଇଥିଲେ। ୧୦୦ ମିଟରରେ ପ୍ରୀତି ୧୪.୨୧ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହା ଥିଲା ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ। ପ୍ୟାରିସ୍ ପାରା ଆଥ୍‌ଲେଟିକ୍ସରେ ଭାରତର ଏହା ହେଉଛି ପ୍ରଥମ ପଦକ। ଚାଇନାର ଝୋଉ ଜିଆ (୧୩.୫୮) ଓ ଗୁଓ କ୍ୱିଆନକ୍ୱିଆନ (୧୩.୭୪) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି।

### ଛାତ୍ରୀଙ୍କ ହଷ୍ଟେଲ ...

ହୋଇନାହିଁ। ଅନ୍ୟପକ୍ଷେ କଲେଜ ପ୍ରଶାସନ ଛାତ୍ରାବାସରୁ ଏଭଳି କୌଣସି କ୍ୟାମେରା ମିଳି ନ ଥିବା କହିଛି। କ୍ୟାମ୍ପସ୍‌ରେ ଅତିରିକ୍ତ ସୁରକ୍ଷା ବନ୍ଦୋବସ୍ତ କରାଯିବ ବୋଲି କଲେଜ କର୍ତ୍ତୃପକ୍ଷ ଆଶ୍ୱାସନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ କ୍ରିଷ୍ଣା ଜିଲାପାଳ ଡି.କେ. ବାଲାଜୀ ଏବଂ ଏସ୍‌ପି ଗଙ୍ଗାଧର ରାଓ କଲେଜ ପରିସର ପରିଦର୍ଶନ କରି ବିକ୍ଷୋଭରୁ ଓହରିଯିବା ପାଇଁ ଛାତ୍ରୀମାନଙ୍କୁ ବୁଝାଶୁଝା କରିଛନ୍ତି। ଅଭିଯୋଗର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ ହୋଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ଆଗକୁ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ହେବ ସେ ଦିଗରେ ପଦକ୍ଷେପ ନେବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଚନ୍ଦବାବୁ ନାଇଡୁଙ୍କ ପୁଅ ତଥା ରାଜ୍ୟର ମାନବ ସମ୍ବଳ ବିକାଶ ମନ୍ତ୍ରୀ ନର ଲୋକେଶ ଏକ୍ସ'ରେ ସୂଚନା ଦେଇଛନ୍ତି।

ଆଜି ଅଗଷ୍ଟ ୩୧ ତାରିଖ, ସ୍ୱାୟତ୍ତଶାସନ ଦିବସ, ଜାତୀୟ କୃମିନାଶ ଦିବସ, ଭାଦ୍ରବ କୃଷ୍ଣ ତ୍ରୟୋଦଶୀ, ଶନିବାର, ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣବଳରାମ ବେଶ, ରାଶିନକ୍ଷତ୍ର- ପୁଷ୍ୟା/କର୍କଟ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୧୦।୧୩ ଗତେ ଘ.୦୧।୦୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୪୦ ଗତେ ଘ.୧୦।୧୩ ମଧ୍ୟେ ରାହୁକାଳ।

# ଶ୍ରୀମନ୍ଦିରରୁ ବାଜିବ ରେଡିଓ



ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଗଜପତି ମହାରାଜା ଦିବ୍ୟସିଂହ ଦେବ, ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଏବଂ ଅନ୍ୟମାନେ।

**ପୁରୀ,୩୦।୮ (ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିରରୁ ବାଜିବ ରେଡିଓ। ଭକ୍ତ ଶୁଣିବେ ମହାପ୍ରଭୁଙ୍କ ମହିମା, ନୀତିକାନ୍ତି ଓ ପର୍ବପର୍ବାଣି ଆଦିର କଥା। ଶ୍ରୀମନ୍ଦିରର ସ୍ୱତନ୍ତ୍ର ଏଫ୍‌ଏମ୍ ରେଡିଓ ଷ୍ଟେଶନ ପ୍ରତିଷ୍ଠା କରାଯିବ। ସେହିପରି ନାଟମଣ୍ଡପରେ ଏୟାର କଣ୍ଡିଶନର ଲାଗିବ। ବାହାର ଓ ଭିତର ରତ୍ନଭଣ୍ଡାର ଦ୍ୱାରର କବାଟ ସୁନା ଛାଉଣି କରାଯିବ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ଧାଡ଼ି ବ୍ୟବସ୍ଥା ହେବ। ଜିପିଆରଏସ୍ ସର୍ଭେ ସହ ଶ୍ରୀମନ୍ଦିର ପ୍ରଶାସନ ରେକର୍ଡସ୍‌ର କମ୍ପ୍ୟୁଟରୀକରଣ କରାଯିବ। ଶ୍ରୀମନ୍ଦିରର ଆୟ ବୃଦ୍ଧି ପାଇଁ ଗୋଲ୍ଡ ବଣ୍ଡ ବ୍ୟବସ୍ଥା ପ୍ରଚଳନ ହେବ। ଶୁକ୍ରବାର ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତ ନିବାସରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏସବୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇ ଅନୁମୋଦନ ସହ ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ ପହଣ୍ଡି ଅଘଟଣର ରିପୋର୍ଟକୁ ଝୁଲାଇ ରଖାଯାଇଥିବାବେଳେ ଅର୍ପଣ ଚାଉଳର ଭବିଷ୍ୟତ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଉପରେ ଛାଡ଼ିଦିଆଯାଇଛି।

ବୈଠକ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇ କହିଛନ୍ତି, ଦୀର୍ଘ ୪ଘଣ୍ଟା ଧରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଥିଲା। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଶ୍ରୀମନ୍ଦିର ବଜେଟ ଲାଗି ୪୧୩ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏହାମଧ୍ୟରେ ୧୦୩ କୋଟି ଟଙ୍କାର ବଳକା ବଜେଟ ହୋଇଛି। ଏଥିସହ ରାଜ୍ୟ ସରକାର ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡ ଯୋଗାଇଛନ୍ତି। ଏପରି ଭାବେ ୬୩୦ କୋଟିର ବଳକା ବଜେଟ ହେବ। ଏନେଇ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ସମୁଦାୟ ୧୫୦୦ କୋଟି ଟଙ୍କା ସ୍ଥାୟୀ ଜମାରାଶି ଏକ ଐତିହାସିକ ନିଷ୍ପତ୍ତି। ସେହିପରି ଶ୍ରୀମନ୍ଦିରର ସ୍ୱତନ୍ତ୍ର ଏଫ୍‌ଏମ୍ ଚ୍ୟାନେଲ ଖୋଲାଯିବାକୁ ନିଷ୍ପତ୍ତି ସହ ଅନୁମୋଦନ ହୋଇଛି। ଏ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ପରେ ପଦକ୍ଷେପ ନିଆଯିବ। ନାଟମଣ୍ଡପରୁ ଅଦରକାରୀ ସିନ୍ଦୁକ ଓ ଆଲମିରାକୁ କଢ଼ାଯିବା ସହ ନାଟମଣ୍ଡପ ପରିସରକୁ ଶୀତତାପ ନିୟନ୍ତ୍ରିତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହା କାର୍ଯ୍ୟକାରୀ ପୂର୍ବରୁ ସେବାୟତଙ୍କ ସହ ଆଲୋଚନା କରାଯିବ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି। ମହିଳା, ପୁରୁଷ, ଶିଶୁ, ବୃଦ୍ଧାବୃଦ୍ଧଙ୍କ ନିମନ୍ତେ ସ୍ୱତନ୍ତ୍ର ଧାଡ଼ି ସମେତ ଦିବ୍ୟାଙ୍ଗଙ୍କ ସକାଶେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଏ ନେଇ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ଏବଂ ଏସ୍‌ପି ପଦକ୍ଷେପ ନେବେ। ନୀତି ଶୃଙ୍ଖଳିତ ପାଇଁ ନିୟମିତ ଭାବେ ନୀତି ସବ୍‌କମିଟି ବୈଠକ ବସିବ। ସେବାୟତ ଓ ସେମାନଙ୍କ ପରିବାରର କଲ୍ୟାଣ ସମ୍ପର୍କରେ ଆଲୋଚନା ହୋଇଛି। ଏନେଇ ଏକ ମାର୍ଗଦର୍ଶିକା ଜାରି କରାଯାଇ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଆଗାମୀ ଦିନରେ ଜିପିଆରଏସ୍ ସର୍ଭେ ସହ ଶ୍ରୀମନ୍ଦିର ପ୍ରଶାସନର ରେକର୍ଡ୍ସଗୁଡ଼ିକର କମ୍ପ୍ୟୁଟରୀକରଣ କରାଯିବ। ଓର୍‌ସାକ୍ ସହାୟତାରେ ଏହି ଡିଜିଟାଇଜେଶନ ହେବ। ଭକ୍ତଙ୍କ ପାଇଁ ଖୁବ୍‌ଶୀଘ୍ର ଗୋଲ୍ଡବଣ୍ଡ ବ୍ୟବସ୍ଥା ପ୍ରଚଳନ ହେବ। ରତ୍ନଭଣ୍ଡାର ଯାଞ୍ଚ ନେଇ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) ସଂସ୍ଥା ପକ୍ଷରୁ ସବୁଜ ସଙ୍କେତ ମିଳିଛି। କେବଳ ଏଏସ୍‌ଆଇ ଡିଜିଙ୍କ ଲିଖିତ ରିପୋର୍ଟକୁ ଅପେକ୍ଷା ରହିଛି। ପୂର୍ବରୁ ଶ୍ରୀମନ୍ଦିରର ୯ଟି ଦ୍ୱାରକୁ ରୁପା ଛାଉଣି କରାଯାଇଥିଲା। ଏବେ ଭିତର ଓ ବାହାର ରତ୍ନଭଣ୍ଡାର ଦ୍ୱାରକୁ ସୁନା ଛାଉଣି କରିବାକୁ ପରିଚାଳନା କମିଟି ପ୍ରସ୍ତାବ ଦେଇଛି। ରତ୍ନଭଣ୍ଡାର ଯାଞ୍ଚ ଓ ମରାମତି ପରେ ଏହି କାର୍ଯ୍ୟ ହେବ ବୋଲି ପାଢ଼ୀ କହିଛନ୍ତି।

### ରତ୍ନଭଣ୍ଡାର ଦ୍ୱାର ହେବ ସୁନା ଛାଉଣି

- ନାଟମଣ୍ଡପରେ ଏୟାର କଣ୍ଡିସନର ଲାଗିବ
- ରେକର୍ଡ୍ସ କମ୍ପ୍ୟୁଟରୀକରଣ କରାଯିବ

# ପହଣ୍ଡି ଅଘଟଣ: ପୁନଃ ରିପୋର୍ଟ ନିର୍ଦ୍ଦେଶ

**ପୁରୀ,୩୦।୮ (ଅଜିତ୍ କୁମାର ମହାନ୍ତି)**

ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତ ନିବାସରେ ଶୁକ୍ରବାର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟିର ବୈଠକରେ ବହୁ ପ୍ରତୀକ୍ଷିତ ଆଡ଼ପ ପହଣ୍ଡି ଅଘଟଣ ରିପୋର୍ଟ ସମ୍ପର୍କରେ ଆଲୋଚନା ହୋଇଛି। ତେବେ ରିପୋର୍ଟ ଅସମ୍ପୂର୍ଣ୍ଣ ଦର୍ଶାଇ ଏହାକୁ ଝୁଲାଇ ରଖାଯାଇଛି। ଏ ସଂକ୍ରାନ୍ତରେ ପୁନର୍ବାର ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଛି। ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି, ଆଡ଼ପ ପହଣ୍ଡି ଦିନ ପ୍ରଭୁ ବଳଭଦ୍ର ପଡ଼ିଯିବା ଘଟଣାରେ ସମସ୍ତେ ଦୁଃଖ ପ୍ରକାଶ କରିବା ସହ ଯେପରି ଆଗକୁ ଏପରି ଅଘଟଣ ନ ଘଟିବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ତେବେ ଉକ୍ତ ଘଟଣାକୁ ନେଇ ଗଠିତ ତିନିଜଣିଆ ତଦନ୍ତ କମିଟି ତାଙ୍କ ରିପୋର୍ଟ ପ୍ରଦାନ କରିଥିଲା। ଉକ୍ତ ରିପୋର୍ଟରେ ବିଭିନ୍ନ ଦିଗକୁ ଦର୍ଶାଯାଇଛି। ମୋବାଇଲ ଫୋନ ବ୍ୟବହାର, ଅନଭିଜ୍ଞ ସେବାୟତ, ସମନ୍ୱୟ ଅଭାବ, ପରିଚାଳନାଗତ ତ୍ରୁଟି ଆଦି ସମ୍ପର୍କରେ ଉଲ୍ଲେଖ ରହିଛି। ୯ଟି ପଏଣ୍ଟ ମଧ୍ୟରୁ ୮ଟିରେ ପରିଚାଳନା କମିଟି ସହମତି ପ୍ରକାଶ କରିଛି। ଉକ୍ତ ରିପୋର୍ଟ ପୂର୍ଣ୍ଣାଙ୍ଗ ହୋଇନାହିଁ ବୋଲି କମିଟି କହିଛି। ତେଣୁ ପୁନର୍ବାର ଭିଡିଓ ରେକର୍ଡିଂ ଯାଞ୍ଚ ସହ ତର୍ଜମା କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦିଷ୍ଟ ସଂଖ୍ୟକ ସେବକ ପହଣ୍ଡିରେ ନିୟୋଜିତ ରହିବେ। ବାଡ଼ଗ୍ରାହୀମାନଙ୍କ ଅଧ୍ୟକ୍ଷତାରେ ପହଣ୍ଡି କୋଅର୍ଡିନେଶନ୍ ଟିମ୍ ଗଠନ ହେବ। ଜିଲାପାଳ ଏବଂ ଏସ୍‌ପିଙ୍କୁ ନେଇ ୩ଜଣିଆ ପହଣ୍ଡି ସମନ୍ୱୟ କମିଟି ଗଠନ କରାଯିବ। ପହଣ୍ଡି ବେଳେ ରଥ ଉପରେ ଅନଧିକୃତ ସେବକଙ୍କୁ ଚିହ୍ନଟ କରିବା ପାଇଁ ଅତ୍ୟାଧୁନିକ ବ୍ୟବସ୍ଥାର ସହାୟତା ନିଆଯିବ। ଚତୁର୍ଦ୍ଧାମୂର୍ତ୍ତିଙ୍କ ତ୍ରିମୁଣ୍ଡିରେ ଛାଟେଣି ଭଲକରି ବାନ୍ଧିବା ନେଇ ତଦାରଖ କରାଯିବ। ଚାରମାଳର ଲମ୍ବ ଓ ଚଉଡ଼ା ବୃଦ୍ଧି ସହ ଭଲ ଭାବେ ବନ୍ଧାଯିବ। ରଥ ଉପରେ ମୋବାଇଲ ଫୋନ୍ କଟକଣା ରହିବ। ତେବେ ଟାହିଆ ମାପ ସଂକ୍ରାନ୍ତ ପ୍ରସ୍ତାବକୁ ପରିଚାଳନା କମିଟି ଗ୍ରହଣ କରିନାହିଁ। ଚଳିତବର୍ଷ ରଥ ଉପରେ ଅଧିକ ସଂଖ୍ୟାରେ ସେବାୟତ ରହିଥିବାରୁ ଏପରି ଅଘଟଣ ଘଟିଥିଲା ବୋଲି ପରିଚାଳନା କମିଟି ହୃଦୟଙ୍ଗମ କରିଛି। ତେଣୁ ଆଗାମୀ ଦିନରେ ଏହାକୁ ଯେପରି ରୋକାଯାଇପାରିବ ସେ ନେଇ ପଦକ୍ଷେପ ନିଆଯିବ। ଆଗାମୀ ବର୍ଷ ରଥ ଉପରେ ମୋବାଇଲ ବ୍ୟବହାର ହେଲେ ସିଜ୍ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ଅର୍ପଣ ଚାଉଳକୁ ନେଇ ଜିଲାପାଳ ବୈଠକ କରିସାରିଛନ୍ତି। ପରିଚାଳନା କମିଟିକୁ ନିଷ୍ପତ୍ତି ଜଣାଯାଇଛି। ପ୍ରସ୍ତାବକୁ କମିଟି ଗ୍ରହଣ କରିଛି। ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଯାଇଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଯାହା ଆସିବ ସେହି ଅନୁସାରେ ପଦକ୍ଷେପ ନିଆଯିବ ବୋଲି ପାଢ଼ୀ କହିଛନ୍ତି।

### ଅର୍ପଣ ଚାଉଳ ନିଷ୍ପତ୍ତି ନେବେ ସରକାର

# ରାଜ୍ୟରେ ବଢ଼ୁଛି ଅପରାଧ: ବର୍ଷକରେ ୨ ଲକ୍ଷ ଧର୍ତ୍ତବ୍ୟ ଅପରାଧ

**ଭୁବନେଶ୍ୱର,୩୦।୮ (ଅନିଲ ଦାସ)**

ରାଜ୍ୟରେ ଅପରାଧ ବେଳକୁ ବେଳ ବଢ଼ି ଚାଲିଛି। ୨୦୨୩ରେ ୧ ଲକ୍ଷ ୯୯ ହଜାର ୯୫୪ ଧର୍ତ୍ତବ୍ୟ ଅପରାଧ ଘଟିଛି। ସେଥିରୁ ୧୩୬୨ ହତ୍ୟା, ୩୭୦ ଡକାୟତି, ୨୮୨୬ ବଳାତ୍କାର, ୨୯୬୧ ଲୁଣ୍ଠନ, ୧୬୫୫ ଦଙ୍ଗା, ୬୦୭୧ ସିନ୍ଧିଚୋରି, ୧୬୮୫୧ ଚୋରି, ୬୧୯୬ ପ୍ରତାରଣା, ୧୬୫୫ ଦଙ୍ଗା ଏବଂ ୧୧,୯୯୨ ମୋଟରଯାନ ଦୁର୍ଘଟଣା ମାମଲା ହୋଇଛି। ଶୁକ୍ରବାର ବିଧାନସଭାରେ ଉପସ୍ଥାପିତ ଗୃହ ବିଭାଗ ଶ୍ୱେତପତ୍ରରେ ଏଭଳି ତଥ୍ୟ ଉଲ୍ଲେଖ କରାଯାଇଛି। ଯଦି ପୂର୍ବ ବର୍ଷଗୁଡ଼ିକୁ ତୁଳନା କରାଯାଏ ତେବେ ରାଜ୍ୟରେ ଅପରାଧରେ ବ୍ରେକ ଲାଗିବା ପରିବର୍ତ୍ତେ ବଢ଼ି ଚାଲିଥିବା ସ୍ପଷ୍ଟ ହୋଇଛି। ଶ୍ୱେତପତ୍ର ସୂଚନା ଅନୁଯାୟୀ ୨୦୨୧ରେ ରାଜ୍ୟରେ ୧,୫୫, ୪୨୦ ଆପରାଧିକ ମାମଲା ରୁଜୁ ହୋଇଥିବା ବେଳେ ୨୦୨୨ରେ ରାଜ୍ୟରେ ସମୁଦାୟ ୧ ଲକ୍ଷ ୭୮ ହଜାର ୧୯୦ ଧର୍ତ୍ତବ୍ୟ ଆପରାଧିକ ମାମଲା ରୁଜୁ ହୋଇଥିଲା। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ୨୦୨୩ରେ ରୁଜୁ ହୋଇଥିବା ମୋଟ ୧,୯୯,୯୫୪ ଧର୍ତ୍ତବ୍ୟ ଅପରାଧ ମଧ୍ୟରୁ ୧,୯୨,୨୩୮ ମାମଲା ସତ୍ୟ ହୋଇଥିବା ବେଳେ ସେଥିରୁ ବର୍ଷ ଶେଷସୁଦ୍ଧା ୧,୩୫, ୮୧୩ ମାମଲାରେ ଚାର୍ଜଶିଟ୍ ଦାଖଲ କରାଯାଇଛି। ସେହିପରି ପଞ୍ଜୀକରଣ ହୋଇଥିବା ୧୩୬୨ ହତ୍ୟା ଘଟଣା ମଧ୍ୟରୁ ୧୨୮୮ ମାମଲା ସତ୍ୟ ହୋଇଥିବା ବେଳେ ସେଥିରୁ ବର୍ଷ ଶେଷସୁଦ୍ଧା ୫୯୬ ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଛି। ୩୭୦ ଡକାୟତି ମାମଲା ମଧ୍ୟରୁ ୧୨୪ ମାମଲାରେ ଚାର୍ଜଶିଟ୍ ଦାଖଲ କରାଯାଇଛି। ବିଭିନ୍ନ ଘଟଣାରେ ପୋଲିସ ଦ୍ୱାରା ୧୭ ଆନ୍ତଃରାଜ୍ୟ ଡକାୟତ ସମେତ ମୋଟ ୧୦୧୬ ଡକାୟତଙ୍କୁ ଗିରଫ କରାଯାଇଛି ଏବଂ ୧୨ଟି ବିଭିନ୍ନ ପ୍ରକାର ବନ୍ଧୁକ ତଥା ☞ପୃଷ୍ଠା-୧୫

### ଶ୍ୱେତପତ୍ର-୨୦୨୩

- ୨୮୨୬ ବଳାତ୍କାର, ୧୩୬୨ ହତ୍ୟା
- ଚିନ୍ତା ବଢ଼ାଇଛି ସାଇବର ଅପରାଧ

# ପୋଖରୀକୁ ଓଲଟି ପଡ଼ିଲା ସ୍କୁଲ ଭ୍ୟାନ୍

## ୯ ଛାତ୍ରୀଛାତ୍ର ଆହତ, ଡ୍ରାଇଭର ଗିରଫ

**ଚାନ୍ଦବାଲି,୩୦।୮ (କିଷାନ ପାତ୍ର)**

ଭଦ୍ରକ-ଚାନ୍ଦବାଲି ମୁଖ୍ୟରାସ୍ତାର ନାଳଗୁଣ୍ଡା ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ସ୍କୁଲ ଭ୍ୟାନ୍ ରାସ୍ତା ପାର୍ଶ୍ୱ ପୋଖରୀକୁ ଓଲଟି ପଡ଼ିଛି। ଭ୍ୟାନ୍‌ରେ ଥିବା ୧୪ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଳ୍ପକେ ରକ୍ଷା ପାଇଯାଇଥିଲେ ହେଁ ସେମାନଙ୍କ ମଧ୍ୟରୁ ୯ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ପୋଖରୀ ଭିତରେ ପଶି ପିଲାମାନଙ୍କୁ ଉଦ୍ଧାର କରି ନେବାରୁ କୌଣସି ବଡ଼ଧରଣର କ୍ଷତି ହୋଇନାହିଁ। ସୂଚନା ଅନୁଯାୟୀ, ଦିଗଛିଆ ନିକଟସ୍ଥ ଉତ୍କଳମଣି ଶିଶୁ ଶିକ୍ଷାମନ୍ଦିରରୁ ଛାତ୍ରୀଛାତ୍ରଙ୍କୁ ନେଇ ଭ୍ୟାନ୍(ଓଡି ୨୨ ଡବ୍ଲ୍ୟୁ ୯୩୭୫) ଫେରୁଥିବା ବେଳେ ନାଳଗୁଣ୍ଡା ଛକ ନିକଟରେ ରାସ୍ତା ପାର୍ଶ୍ୱ ଏକ ପୋଖରୀ ମଧ୍ୟକୁ ଓଲଟି ପଡ଼ିଥିଲା। ପିଲାଙ୍କ କୋଳାହଳ ଶୁଣି ପାଖଘରର ଲୋକେ ଦୌଡ଼ି ଆସି ପୋଖରୀ ଭିତରେ ପଶି ସେମାନଙ୍କୁ ଉଦ୍ଧାର କରିଥିଲେ। ଆହତ ଛାତ୍ରୀଛାତ୍ରଙ୍କୁ ୨ଟି ଆମ୍ବୁଲାନ୍ସ ଯୋଗେ ତିହିଡ଼ି ଓ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପରେ ଗଦି ଦମକଳ ବାହିନୀ ପହଞ୍ଚି ପୋଖରୀ ଭିତରେ ଖୋଜାଖୋଜି କରି ବୁଡ଼ି ଯାଇଥିବା ଗାଡ଼ି ଭିତରେ ଆଉ କୌଣସି ପିଲା ନ ଥିବା ଜଣାଇଥିଲା। ଦୁର୍ଘଟଣାସ୍ଥଳରେ ଭିଡ଼ ନିୟନ୍ତ୍ରଣ ପାଇଁ ଚାନ୍ଦବାଲି, ବାଂଶଡ଼ା ଓ ଧାମରା ପୋଲିସ ମୁତୟନ ରହିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ଡ୍ରାଇଭର ଦ୍ରୁତଗତିରେ ଚଳାଉଥିବାରୁ ନିୟନ୍ତ୍ରଣ ହରାଇ ଭ୍ୟାନ୍‌ଟି ଓଲଟି ପଡ଼ିଥିଲା। ଭ୍ୟାନ୍ ଡ୍ରାଇଭରଙ୍କୁ ଲୋକେ ଏକ ଘର ଭିତରେ ଅଟକ ରଖି ପରେ ଚାନ୍ଦବାଲି ଥାନା ପୋଲିସ ଜିମା ଦେଇଛନ୍ତି। ଡ୍ରାଇଭର ନାଳଗୁଣ୍ଡା ଅଞ୍ଚଳର ବିଚିତ୍ର ରାଉତଙ୍କୁ ପୋଲିସ ଗିରଫ କରିଛି। ସ୍ଥାନୀୟ ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ପିଲାମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ଆହତମାନଙ୍କ ଚିକିତ୍ସା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ସେ କହିଥିଲେ। ସ୍କୁଲ ଛାତ୍ରୀଛାତ୍ର ଯାଉଥିବା ଭ୍ୟାନ୍‌ର ଫିଟ୍‌ନେସ୍ ଅବଧି ସରିଯାଇଥିବା ଆଲୋଚନା ହେଉଛି। ଗାଡ଼ି ଚାଳକ, ମାଲିକ ଏବଂ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଅର୍ଥ ଲୋଭରେ ଅଧିକ ପିଲା ଗାଡ଼ିରେ ନିଆଯାଉଥିବା ସ୍ଥାନୀୟ ସମିତିସଭ୍ୟ ଅଭୟ ବଳ, ରମାକାନ୍ତ ଭଳ, ଦିଲୀପ ଭୋଇ ପ୍ରମୁଖ ଅଭିଯୋଗ କରିଥିବା ବେଳେ କାର୍ଯ୍ୟାନୁଷ୍ଠାନ ନେବାକୁ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।



ନାଳଗୁଣ୍ଡା ଛକ ନିକଟରେ ଓଲଟି ପଡ଼ିଥିବା ସ୍କୁଲ ଭ୍ୟାନ୍ ପୋଖରୀରେ ବୁଡ଼ି ଯାଇଛି।

# ବନ୍ଦ ହେଲା ନୂଆ-ଓ, ଆରମ୍ଭ ହେବ ନୂଆ ସ୍କିମ

**ଭୁବନେଶ୍ୱର,୩୦।୮ (ଅନିଲ ଦାସ)**

ବିଜେଡି ସରକାରଙ୍କ 'ନୂଆ-ଓ' (ନୂତନ ଉନ୍ନତି ଅଭିଳାଷ-ଓଡ଼ିଶା) କାର୍ଯ୍ୟକ୍ରମକୁ ରାଜ୍ୟ ସରକାର ବନ୍ଦ ଘୋଷଣା କରିଛନ୍ତି। ଏହି କାର୍ଯ୍ୟକ୍ରମ ପାଇଁ ବଜେଟରେ କୌଣସି ବ୍ୟୟ ବରାଦ କରାଯାଇ ନାହିଁ। ତେବେ ଅଭାବରେ ପଡ଼ି ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିବା ପିଲାଙ୍କ ଭବିଷ୍ୟତ ପାଇଁ ଆର୍ଥିକ ସହାୟତା ଦେବା ସକାଶେ ରାଜ୍ୟ ସରକାର ପିଜି ଓ ୟୁଜି ପିଲାଙ୍କୁ ନୂଆ ସ୍କିମ୍ ଯୋଗାଇ ଦେବେ। ରାଜ୍ୟ ସରକାର ଫାଇନାନ୍ସିଆଲ ଆସିଷ୍ଟାନ୍ସ ଟୁ ୟୁଜି ଆଣ୍ଡ ପିଜି ଷ୍ଟୁଡେଣ୍ଟସ୍ ସ୍କିମ ଆରମ୍ଭ କରିବେ। ଚଳିତ ବର୍ଷଠାରୁ ଏହି ନୂଆ ଯୋଜନା ପ୍ରଣୟନ କରିବାକୁ ଯାଉଛନ୍ତି। ଯୋଜନାର ନିର୍ଦ୍ଦେଶାବଳୀ ପ୍ରସ୍ତୁତି ନେଇ କାର୍ଯ୍ୟ ଚାଲିଛି। ବିଜେଡି ସଭ୍ୟ ଚକ୍ରମଣି କଅଁରଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ସୂଚନା ଦେଇଛନ୍ତି।

# ଝାଡ଼ାବାନ୍ତିରେ ଜଣେ ମୃତ, ୫ ଆକ୍ରାନ୍ତ

**ରାୟଗଡ଼ା,୩୦।୮ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲାର ବିଭିନ୍ନ ବ୍ଲକ୍‌ରେ ଝାଡ଼ାବାନ୍ତି ବ୍ୟାପିଛି। ଡାଇରିଆରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୫ଜଣ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ କାଶୀପୁର ବ୍ଲକ୍ ଟିକିରି ଗ୍ରାମର ସୀମାଞ୍ଚଳ କୁଲେସିକା (୫୫)। ରାୟଗଡ଼ା ବ୍ଲକ କୁମ୍ଭିକୋଟା ଗ୍ରାମର ଚଞ୍ଚଳା କୌଶଲ୍ୟା (୩୦), ପେଣ୍ଟା ଗ୍ରାମର ଜୟରାମ ମିଣିଆକା(୬୪), ମୁନିଗୁଡ଼ା ବ୍ଲକ କୁତ୍ରାଗଡ ଗ୍ରାମର ରତ୍ନ କୁସୁଲିଆ (୬୦), ପ୍ରିୟଙ୍କା (୨୭) ଓ ରାୟଗଡ଼ା ସହରର ଅଶ୍ୱିନୀ କୁଲଦୀପ (୨୨)ଙ୍କ ସ୍ୱତନ୍ତ୍ର ଚିକିତ୍ସା ଚାଲିଥିବା ସୂଚନା ମିଳିଛି। ଗତ ୨ଦିନ ହେବ ଜିଲାର ବିଭିନ୍ନ ସ୍ଥାନରେ ଡାଇରିଆ ବ୍ୟାପିଛି। ଫଳରେ ଜଣକ ପରେ ଜଣେ ଏଥିରେ ଆକ୍ରାନ୍ତ ହେଉଥିବା ପରିଲକ୍ଷିତ ହୋଇଛି। ବିଭିନ୍ନ ଗାଁରେ ଆଉ କିଛି ଜଣ ଆକ୍ରାନ୍ତ ହୋଇ ନିକଟସ୍ଥ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଆକ୍ରାନ୍ତଙ୍କ ସୂଚନା ଅନୁସାରେ ଗତ କିଛିଦିନ ହେବ ଗ୍ରାମରେ ଡାଇରିଆ ବ୍ୟାପିଛି। ସେମାନଙ୍କ ଅବସ୍ଥା ଗୁରୁତର ହେବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଡାଇରିଆ ବ୍ୟାପିବା ପରେ ଏବେ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ାଇଦେଇଛି।


Meril Treatment Zaroori Hai
Issued in public interest, for you and your loved ones, by Meril.

ବିପଦରେ ଯୁବ ହୃଦୟ: ଯୁବ ବୟସ୍କଙ୍କଠାରେ ହୃଦ୍‌ଘାତର ଧାରା କାହିଁକି ବଢ଼ିଚାଲିଛି ତାହା ବୁଝନ୍ତୁ



ଡା. ମିଳନ କୁମାର ଶତପଥୀ
ସିନିୟର କନ୍‌ସଲ୍‌ଟାଣ୍ଟ କାର୍ଡିଓଲୋଜିଷ୍ଟ
ଆପୋଲୋ ହସ୍ପିଟାଲ, ରାଉରକେଲା

ଉଦ୍‌ବେଗର ବିଷୟ

ପୂର୍ବରୁ ହୃଦ୍‌ଘାତ ପ୍ରାୟତଃ ବୃଦ୍ଧ ପ୍ରୌଢ଼ଙ୍କଠାରେ ଦେଖାଦେଉଥିଲା। କିନ୍ତୁ, ଆଜି ତାହା ବର୍ଦ୍ଧିତ ଭାବେ ଯୁବ ବୟସ୍କଙ୍କୁ ପ୍ରଭାବିତ କରିବାରେ ଲାଗିଛି। ଜୀବନଶୈଳୀ, ଅସ୍ୱାସ୍ଥ୍ୟକର ଆହାର, ଧୂମ୍ରପାନ ଏବଂ ଉଚ୍ଚ ମାନସିକ ଚାପ ସ୍ତରକୁ ଏହି ଚିନ୍ତାଜନକ ଧାରାର ପ୍ରମୁଖ କାରକ କୁହାଯାଇପାରେ। ନିକଟ ଅତୀତରେ ସାମ୍ନାକୁ ଆସିଥିବା ମାମଲାଗୁଡ଼ିକ ଏକ ଗମ୍ଭୀର ଜନସ୍ୱାସ୍ଥ୍ୟ ସମସ୍ୟାକୁ ରେଖାଙ୍କିତ କରିଛି: ଯେପରିକି କରୋନାରୀ ଆର୍ଟେରୀ ଡିଜିଜ୍ (ସିଏଡି)। ଏହା ଏକ କ୍ରମୋନ୍ନତିଶୀଳ ରୋଗ ଯାହା ଏବେ ବର୍ଦ୍ଧିତ ଭାବେ ଯୁବ ବୟସ୍କଙ୍କୁ ପ୍ରଭାବିତ କରିବାରେ ଲାଗିଛି ଏବଂ ସେମାନଙ୍କଠାରେ ତଜ୍ଜନିତ ପୁନଃ ହୃଦ୍‌ଘାତର ଆଶଙ୍କା ସୃଷ୍ଟି କରୁଛି।

ଯୁବ ବୟସ୍କଙ୍କଠାରେ କରୋନାରୀ ଆର୍ଟେରୀ ଡିଜିଜ୍

ହୃତ୍‌ପିଣ୍ଡ ରକ୍ତବାହୀ ଧମନୀରେ ପ୍ଲାକ୍ ଜମାଟ ବାନ୍ଧିବା କାରଣରୁ କରୋନାରୀ ଆର୍ଟେରୀ ଡିଜିଜ୍ ସୃଷ୍ଟି ହୋଇଥାଏ, ଯାହା ହୃତ୍‌ପିଣ୍ଡକୁ ରକ୍ତ ପ୍ରବାହକୁ ବାଧିତ କରିଥାଏ। ଯୁବ ବୟସ୍କଙ୍କଠାରେ ସିଏଡି ପ୍ରାୟତଃ ବିନା ଲକ୍ଷଣରେ ବିକଶିତ ହୋଇଥାଏ ଏବଂ ବଡ଼ ଧରଣର ରକ୍ତାବରୋଧ ହେବା ପରେ ହିଁ ଉକ୍ତ ରୋଗ ସମ୍ପର୍କରେ ଜଣାପଡ଼ିଥାଏ। ପାରମ୍ପରିକ ଭାବେ, ସିଏଡିର ପ୍ରବନ୍ଧନ ପାଇଁ ଆଞ୍ଜିଓପ୍ଲାଷ୍ଟି ଉପରେ ଭରସା କରାଯାଇଆସିଛି। ଯୁବ ରୋଗୀମାନେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ଏହି ପଦ୍ଧତିରେ ଅନେକ ମହତ୍ତ୍ୱପୂର୍ଣ୍ଣ ଉନ୍ନତି ହୋଇଛି। ନିକଟ ଅତୀତରେ ଜଣେ ୪୬ ବର୍ଷ ବୟସ୍କ ରୋଗୀଙ୍କ ମାମଲା ଏହି ଉନ୍ନତିର ଏକ ଜ୍ୱଳନ୍ତ ଉଦାହରଣ। ପୂର୍ବରୁ ହୃଦ୍‌ଘାତର ସମ୍ମୁଖୀନ ହୋଇଥିବା ଉକ୍ତ ରୋଗୀଙ୍କଠାରେ ଛାତି ଯନ୍ତ୍ରଣାର ଲକ୍ଷଣ ଦେଖାଯିବା କାରଣରୁ ତାଙ୍କ ପରିବାର ତୁରନ୍ତ ତାଙ୍କୁ ଡାକ୍ତରଖାନା ନେଇଯାଇଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟ ସ୍ଥିତିର ପରୀକ୍ଷା ତଥା ଆଞ୍ଜିଓଗ୍ରାଫି କରାଗଲା। ସେଥିରୁ ତାଙ୍କଠାରେ ପୂର୍ବରୁ ପ୍ରତିରୋପିତ ଷ୍ଟେଣ୍ଟ ସହିତ କ୍ଷୁଦ୍ର ଧମନୀରେ ନୂଆ ବ୍ଲକେଜ୍ ସମ୍ପର୍କରେ ଜଣାପଡ଼ିଥିଲା। ରୋଗୀଙ୍କ ପୂର୍ବରୁ ଷ୍ଟେଣ୍ଟିଂ ଇତିହାସକୁ ଦୃଷ୍ଟିରେ ରଖି ଓ ତାଙ୍କ ଶରୀରରେ ଧାତବ ଭାରକୁ ନ୍ୟୁନତମ କରିବା ପାଇଁ, ଏକ ଡ୍ରଗ୍ କୋଟେଡ୍ ବେଲୁନ୍ (ଡିସିବି) ବ୍ୟବହାର କରି ଧାତବ-ବିହୀନ ଆଞ୍ଜିଓପ୍ଲାଷ୍ଟି ସହିତ ତାଙ୍କର ଚିକିତ୍ସା କରିବାର ବିକଳ୍ପ ବଛାଗଲା। ଏହି ଅଭିନବ କୌଶଳ ରୋଗୀଙ୍କ ବୟସ ଏବଂ ସ୍ୱାସ୍ଥ୍ୟ ସ୍ଥିତି ଆଧାରରେ ଖାସ୍ ତାଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ପନ୍ଥା ଯୋଗାଇଥାଏ। ଏହି ପଦ୍ଧତିରେ ବ୍ଲକେଜ୍ ଜାଗାରେ ବେଲୁନ୍‌କୁ ଫୁଲାଯାଇଥାଏ, ଯାହାଦ୍ୱାରା ଔଷଧକୁ ସିଧାସଳଖ ଧମନୀରେ ପହଞ୍ଚାଯାଇପାରେ। ଏହି ପଦ୍ଧତିରେ ଧମନୀର ପ୍ରାକୃତିକ ସ୍ଥିତି ବଜାୟ ରହିବା ସହିତ କୌଣସି ସ୍ଥାୟୀ ପ୍ରତିରୋପଣ ଛଡ଼ାଯାଇ ନ ଥାଏ। ଉକ୍ତ ଚିକିତ୍ସା ବିଧି ସଫଳ ହୋଇଥିଲା ଏବଂ ଆରୋଗ୍ୟ ଲାଭ କରିବା ପରେ ତାଙ୍କୁ ଡାକ୍ତରଖାନାରୁ ଡିସ୍‌ଚାର୍ଜ କରାଗଲା। ଚିକିତ୍ସିତ ଧମନୀରେ କୌଣସି ସ୍ଥାୟୀ ପ୍ରତିରୋପଣ ବିନା ମଧ୍ୟ ତାଙ୍କର ସ୍ୱାସ୍ଥ୍ୟ ସ୍ଥିତି ଏବେ ଭଲ ଅଛି। ଉପରୋକ୍ତ ଘଟଣା ହୃଦ୍ ଯତ୍ନରେ ହୋଇଥିବା ଅଗ୍ରଗତି ଏବଂ ତତ୍ପର ଚିକିତ୍ସାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସୂଚାଇଥାଏ।

ଡ୍ରଗ୍ କୋଟେଡ୍ ବେଲୁନ୍ (ଡିସିବି) କ'ଣ?

ଡ୍ରଗ୍ କୋଟେଡ୍ ବେଲୁନ୍ ଏକ ଆଞ୍ଜିଓପ୍ଲାଷ୍ଟି ବେଲୁନ୍ ଅଟେ ଯେଉଁଥିରେ ଆଣ୍ଟି-ପ୍ରୋଲିଫରେଟିଭ୍ ଔଷଧର ଆସ୍ତରଣ ରହିଥାଏ। ପାରମ୍ପରିକ ଷ୍ଟେଣ୍ଟ ଭଳି ଡିସିବି ଧମନୀ ମଧ୍ୟରେ ଏକ ସ୍ଥାୟୀ ଧାତବ ପ୍ରତିରୋପଣ ଛାଡ଼ି ନ ଥାଏ। ତା' ବଦଳରେ ଡିସିବି ସିଧାସଳଖ ଧମନୀ ପ୍ରାଚୀରରେ ଉପଚାରାତ୍ମକ ଉପାଦନକୁ ପହଞ୍ଚାଇଥାଏ। ଏହା ପ୍ରଭାବୀ ଢଙ୍ଗରେ ଧମନୀକୁ ପୁନଃ-ସଂକୀର୍ଣ୍ଣ ହେବା(ରେଷ୍ଟେନୋସିସ୍)ରୁ ପ୍ରତିରୋଧ କରିବା ସହିତ କୌଣସି ଅବଶେଷ ଉପାଦାନ ଛାଡ଼ି ନ ଥାଏ। ଏହି ପଦ୍ଧତିରେ ଧମନୀର ପ୍ରାକୃତିକ ରକ୍ତଚଳନ ଏବଂ କାର୍ଯ୍ୟକ୍ଷମତା ବଜାୟ ରହିବା ସମ୍ଭବ ହୋଇଥାଏ।

ଡ୍ରଗ୍ କୋଟେଡ୍ ବେଲୁନ୍‌ର ଉପକାରିତା

- ପ୍ରାକୃତିକ ଭାସୋମୋଶନ୍ ସଂରକ୍ଷିତ ରହେ: ଡିସିବି ଧମନୀକୁ ତାହାର ସହଜାତ ନମନୀୟତା ଓ କାର୍ଯ୍ୟକ୍ଷମତାକୁ ବଜାୟ ରଖିବାରେ ସମର୍ଥ କରିଥାଏ।
- ଭବିଷ୍ୟତ ଚିକିତ୍ସା ନମନୀୟତା: ଧାତବ ଷ୍ଟେଣ୍ଟର ଅନୁପସ୍ଥିତି କାରଣରୁ ଭବିଷ୍ୟତ ଚିକିତ୍ସା ବିକଳ୍ପ ଉନ୍ମୁକ୍ତ ରହିଥାଏ, ଯେପରିକି ରିପିଟ୍ ଆଞ୍ଜିଓପ୍ଲାଷ୍ଟି କିମ୍ବା କରୋନାରୀ ଆର୍ଟେରୀ ବାଇପାସ୍ ଗ୍ରାଫ୍ଟିଂ (ସିଏବିଜି)।
- ହ୍ରାସିତ ଦୀର୍ଘକାଳୀନ ବ୍ଲଡ୍ ଥିନର୍ (ଆଣ୍ଟିକୋଗୁଲାଣ୍ଟସ୍)ର ବ୍ୟବହାର : କୌଣସି ସ୍ଥାୟୀ ପ୍ରତିରୋପଣ କରାଯାଉ ନ ଥିବାରୁ, ସଂକ୍ଷିପ୍ତ ମିଆଦରେ ବ୍ଲଡ୍ ଥିନର୍ ଔଷଧଗୁଡ଼ିକର ଅବଧିକୁ ନ୍ୟୁନତମ କରାଯାଇପାରିବ। ଏହାଫଳରେ ରକ୍ତସ୍ରାବର ଆଶଙ୍କା ହ୍ରାସ ହେବା ସହିତ ଆଞ୍ଜିଓପ୍ଲାଷ୍ଟି ପରେ ଆବଶ୍ୟକ ହେଲେ ତୁରନ୍ତ ଅସ୍ତ୍ରୋପଚାର ଆଧାରିତ ହସ୍ତକ୍ଷେପ ସମ୍ଭବ ହୋଇପାରିଥାଏ।
- ନ୍ୟୁନତମ ଧାତବ ଭାର: ଧମନୀରେ ଧାତବର ଉପସ୍ଥିତି ହ୍ରାସ ହେବା କାରଣରୁ ଦୀର୍ଘସ୍ଥାୟୀ ଯନ୍ତ୍ରଣା ଭଳି ଦୀର୍ଘମିଆଦୀ ସ୍ୱାସ୍ଥ୍ୟ ସମସ୍ୟାର ଆଶଙ୍କା କମିଥାଏ।

ହୃଦୟ ଯତ୍ନରେ ଏକ ନୂଆ ଦିଗନ୍ତ

ହୃଦ୍‌ଯତ୍ନର ବିବର୍ତ୍ତନଶୀଳ ଦୁନିଆରେ ଡ୍ରଗ୍ କୋଟେଡ୍ ବେଲୁନ୍‌କୁ ଏକ ଯୁଗାନ୍ତକାରୀ ଅଗ୍ରଗତି କୁହାଯାଇପାରିବ। ହୃଦ୍‌ରୋଗ ବର୍ଦ୍ଧିତ ଭାବେ ଯୁବବର୍ଗଙ୍କୁ ପ୍ରଭାବିତ କରୁଥିବାରୁ, ଡିସିବି ଭଳି ଅଭିନବ ଏବଂ ଅନୁକୂଳନଶୀଳ ଚିକିତ୍ସା ବିକଳ୍ପ ଅତ୍ୟାବଶ୍ୟକ ଅଟେ। ଡିସିବି ମାଧ୍ୟମରେ ଧାତବବିହୀନ ଆଞ୍ଜିଓପ୍ଲାଷ୍ଟି ଫଳପ୍ରଦତା, ନିରାପତ୍ତା ଏବଂ ଭବିଷ୍ୟତ ଚିକିତ୍ସା ପାଇଁ ନମନୀୟତାର ପ୍ରତିଶ୍ରୁତି ଦେଇଥାଏ।

ସଚେତନତା ସୃଷ୍ଟି

ଚିକିତ୍ସା କ୍ଷେତ୍ରରେ ଘଟିଥିବା ଉପରୋକ୍ତ ଅଗ୍ରଗତି ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରାଯିବା ଗୁରୁତ୍ୱପୂର୍ଣ୍ଣ। ଏଣୁ ଜୀବନଶୈଳୀର ବିପଦ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାର ମହତ୍ତ୍ୱ ସମ୍ପର୍କରେ ଜନଗୋଷ୍ଠୀଙ୍କୁ ଶିକ୍ଷିତ କରିବା ଦ୍ୱାରା ଯୁବ ବୟସ୍କଙ୍କଠାରେ ହୃଦ୍ ରୋଗର ବୃଦ୍ଧିଶୀଳ ପ୍ରାଦୁର୍ଭାବକୁ ଲାଘବ କରାଯାଇପାରିବ। ସ୍ୱାସ୍ଥ୍ୟକର ଜୀବନଶୈଳୀ ଆପଣାଇ ଏବଂ ଚିକିତ୍ସା ଜଗତରେ ହେଉଥିବା ସଦ୍ୟତମ ନବପ୍ରବର୍ତ୍ତନ ସମ୍ପର୍କରେ ସୂଚିତ ରହି ଲୋକମାନେ ସେମାନଙ୍କର ହୃଦୟ ସ୍ୱାସ୍ଥ୍ୟକୁ ଉନ୍ନତ କରିବା ପାଇଁ ସକ୍ରିୟ ପଦକ୍ଷେପ ଗ୍ରହଣ କରିପାରିବେ।

ସଠିକ୍ ବିକଳ୍ପ ବାଛିବା

ଆଞ୍ଜିଓପ୍ଲାଷ୍ଟି ପାଇଁ ଉପଯୁକ୍ତ ମେଡିକାଲ୍ ଡିଭାଇସ୍ ଚୟନ କରିବାର ନିଷ୍ପତ୍ତି ସମ୍ପୃକ୍ତ ରୋଗୀଙ୍କ ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟ ସ୍ଥିତିକୁ ଦୃଷ୍ଟିରେ ରଖି ନିଆଯିବା ଉଚିତ। ଚିକିତ୍ସା କରୁଥିବା ହୃଦ୍‌ରୋଗ ବିଶେଷଜ୍ଞଙ୍କ ବିଶେଷଜ୍ଞତା ଏବଂ ଚିକିତ୍ସାଗତ ମତାମତ ଏହି ନିଷ୍ପତ୍ତିକୁ ମାର୍ଗଦର୍ଶିତ କରିବା ଆବଶ୍ୟକ। ଯଦି ଆପଣ କିମ୍ବା ଆପଣଙ୍କର କୌଣସି ପ୍ରିୟଜନ ଆଞ୍ଜିଓପ୍ଲାଷ୍ଟି କରାଇବା ପାଇଁ ବିଚାର କରୁଥାନ୍ତି, ତେବେ ଡ୍ରଗ୍ କୋଟେଡ୍ ବେଲୁନ୍ ବ୍ୟବହାର କରି ଧାତବବିହୀନ ଆଞ୍ଜିଓପ୍ଲାଷ୍ଟିର ସମ୍ଭାବ୍ୟ ଉପକାରିତା ସମ୍ପର୍କରେ ନିଜର ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ସହିତ ଆଲୋଚନା କରିବା ପରାମର୍ଶଯୋଗ୍ୟ। ହୃଦୟର ସ୍ୱାସ୍ଥ୍ୟରେ ଅନୁକୂଳ ପରିଣାମ ଲାଭ କରିବା ପାଇଁ ସମସ୍ତ ଉପଲବ୍ଧ ବିକଳ୍ପକୁ ବୁଝିବା ଅତ୍ୟାବଶ୍ୟକ ହୋଇଥାଏ।

ଦାବିତ୍ୟାଗ: ଏହି ଆଲେଖ୍ୟରେ ଅଭିବ୍ୟକ୍ତ ଦୃଷ୍ଟିକୋଣ/ପ୍ରସ୍ତାବ/ମତାମତ ଏକାକୀ ସମ୍ପୃକ୍ତ ବ୍ରାଣ୍ଡର ଦାୟିତ୍ୱ ଅଟେ ଏବଂ ତାହାକୁ ଚିକିତ୍ସାଗତ ଉପଦେଶର ଏକ ବିକଳ୍ପ ରୂପେ ବିବେଚନା କରାଯିବା ଉଚିତ ନୁହେଁ। ଅଧିକ ବିବରଣୀ ପାଇଁ ଦୟାକରି ଆପଣଙ୍କ ଚିକିତ୍ସକଙ୍କ ସହିତ ପରାମର୍ଶ କରନ୍ତୁ।
Advt.



ବୈଦ୍ୟନାଥ
ପ୍ରାକୃତିକ ପ୍ରତିକାର ପାଇଁ ମାର୍ଗଦର୍ଶିକା

| ରୋଗ | ଔଷଧ |
|---|---|
| ଏସିଡିଟି | ଆୟୁସିଡ୍, ଏସିଡିଟି ଗାର୍ଡ |
| ଆମିବାୟାସିସ | ଇସାବେଲ୍-ଏଚ୍, ଆମିବିକା ଟାବଲେଟ୍ |
| ଆର୍ଥ୍ରାଇଟିସ୍ | ରୁମା ଅଏଲ୍, ଆର୍ଥ ଅଏଲ୍ ଓ ଆର୍ଥ ପ୍ଲସ୍ କ୍ୟାପ୍‌ସୁଲ୍ |
| କୋଷ୍ଠକାଠିନ୍ୟ | କବ୍ଜ-ହର୍, ବୈଦ୍ୟନାଥ ତ୍ରିଫଳା ଚୂର୍ଣ୍ଣ |
| ଗ୍ୟାସ ଓ ପେଟ ଫାମ୍ପିବା | ଗ୍ୟାସାନ୍ତକ୍ ବଟି, ଗ୍ୟାସ ଗାର୍ଡ |
| ସାଧାରଣ ଦୁର୍ବଳତା | ଜେଷ୍ଟ ମେନ୍, ଜେଷ୍ଟ ଓମେନ୍, ସ୍ପିରୁଲିନା ପ୍ଲସ୍ |
| କେଶର ସମସ୍ୟା | ଲିଭଗୁଡ୍, ମହାଭୃଙ୍ଗରାଜ ତେଲ, ଭୃଙ୍ଗରାଜସବ |
| ଉଚ୍ଚ ରକ୍ତ ଶର୍କରା | ମଧୁମେହାରି ଗ୍ରାନ୍ୟୁଲ୍ସ, ଡାଇବେଟ୍ ଗାର୍ଡ |
| ବଦହଜମି | ଏକ୍ସାଜେଷ୍ଟ, ଅଜୱାଇନ୍ ଆର୍କ, ଡାଇଜେଷ୍ଟ ଗାର୍ଡ |
| ଅନିଦ୍ରା ଏବଂ ଚିନ୍ତା | ନାଇଟଜ୍, ଷ୍ଟ୍ରେସ୍ ଗାର୍ଡ, ଥଣ୍ଡା କଲ୍ୟାଣ ତେଲ |
| ଲିଭର ସମସ୍ୟା | ଲିଭ୍ ଗୁଡ୍, ଲିଭରୋଲ୍ ଷ୍ଟ୍ରଙ୍ଗ |
| ମହିଳାଙ୍କ ସମସ୍ୟା | ସୁନ୍ଦରୀ ସଖୀ, ମେନୋ ଗାର୍ଡ |
| ମେଦବହୁଳତା | ଇଜି ସ୍ଲିମ୍, ମେଦୋହର ବିଦାଙ୍ଗାଦି ଲୌହ |
| ଯୌନ ଦୁର୍ବଳତା | ଭିଟା ଏକ୍ସ ଗୋଲ୍ଡ ମେନ୍, ଭିଟା ଏକ୍ସ ଗୋଲ୍ଡ ଓମେନ୍ |
| ତ୍ୱଚାର ସମସ୍ୟା | ନିମ୍ ଗାର୍ଡ କ୍ୟାପ୍‌ସୁଲ୍, ନିମ୍ ଅଏଲ୍ |
| ମୂତ୍ରର ସମସ୍ୟା | ପ୍ରୋଷ୍ଟେଡ୍ ଟାବଲେଟ୍, ଗୋକ୍ଷୁରାଦି ଗୁଗ୍ଗୁଳୁ |

ଆୟୁର୍ବେଦିକ ସୋରୁମ୍ ସହିତ ଡାକ୍ତର ପରାମର୍ଶ :
CUTTACK: 9437511462 BHUBANESWAR: 9437301302 PURI: 9861068109 GANJAM/BERHAMPUR: 9437646389 JAJPUR: 9853909674 ANGUL: 8658021555 BOLANGIR: 9437126153 BARIPADA: 7325940817 BALASORE: 9438725025 SAMBALPUR: 7008508066, 9437256336 BARGARH: 9861246674 KORAPUT: 7008421308 RAYAGADA: 9937649097 GAJAPATI: 9437513129 SONEPUR: 9777776468 ROURKELA: 9337400604 JHARSUGUDA: 8260211300 KEONJHAR: 9438153708 MALKANGIRI: 9556935213

ବସ୍ତୁତଃ, ଅଧିକାଂଶ ମଣିଷ ବନ୍ଦୀଶାଳାରେ ରହୁଥିବା ବନ୍ଦୀମାନଙ୍କ ପରି । ସେମାନେ ତାଙ୍କ ଘରର ସବୁ ଦ୍ୱାର ଓ ଝରକା ବନ୍ଦ କରି ତା'ଭିତରେ ରହିଥାନ୍ତି । ତେଣୁ ଏହା ସ୍ୱାଭାବିକ କଥା ଯେ, ସେମାନେ ଅଣନିଃଶ୍ୱାସୀ ବୋଧ କରନ୍ତି । ସେମାନଙ୍କ ପାଖେ ଦ୍ୱାର ଝରକାର ଚାବିଥାଏ । କିନ୍ତୁ ସେମାନେ ଖୋଲନ୍ତି ନାହିଁ । –ଶ୍ରୀମା



# ନିଯୁକ୍ତି ଅପେକ୍ଷାରେ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ରେଳ ମନ୍ତ୍ରଣାଳୟ ଅଧ୍ୟକ୍ଷ/ସଦସ୍ୟ, ରେଳ ବୋର୍ଡ ଏବଂ ଜେନେରାଲ ମ୍ୟାନେଜର ସମେତ ଶୀର୍ଷ ପଦବୀଗୁଡ଼ିକରେ ନିଯୁକ୍ତି ବନ୍ଦ ରଖିଛି । ଏହି ନିଷ୍ପତ୍ତି ବୋଧହୁଏ ଭାରତୀୟ ଇଞ୍ଜିନିୟରିଂ ସର୍ଭିସେସ୍ (ଆଇଇଏସ୍) ମାଧ୍ୟମରେ ସେବାରେ ପ୍ରବେଶ କରିଥିବା ଅଧିକାରୀଙ୍କ ମଧ୍ୟରେ ବଢୁଥିବା ଅସନ୍ତୋଷ କାରଣରୁ ନିଆଯାଇଛି । ସୂତ୍ରରୁ ପ୍ରକାଶ ଯେ, ନିକଟରେ ମନ୍ତ୍ରଣାଳୟ ୧୯୮୯ ଏବଂ ୧୯୯୦ ବ୍ୟାଚ୍‌ରୁ ଯୋଗ୍ୟ ଅଧିକାରୀମାନଙ୍କୁ ଭାରତୀୟ ରେଳ ପରିଚାଳନା ସେବା (ଆଇଆର୍‌ଏମ୍‌ଏସ୍) ମଧ୍ୟରେ ଏହି ଶୀର୍ଷ ପଦବୀଗୁଡ଼ିକ ପାଇଁ ଆବେଦନ କରିବାକୁ ଏକ ବିଜ୍ଞପ୍ତି ଜାରି କରିଥିଲା । କିନ୍ତୁ କିଛିଦିନ ପରେ ହଠାତ୍ ସେହି ବିଜ୍ଞପ୍ତି ପ୍ରତ୍ୟାହାର କରାଗଲା । ଏଣୁ ଏଭଳି ପଛଘୁଞ୍ଚାର କାରଣ ହେଉଛି ଆଇଇଏସ୍ ଅଧିକାରୀଙ୍କ ମଧ୍ୟରେ ଅସନ୍ତୋଷ । ସେମାନଙ୍କ କ୍ୟାଡରରୁ କେବଳ ହାତଗଣତି ଅଧିକାରୀ ଏହିସବୁ ପଦବୀ ପାଇଁ ଯୋଗ୍ୟ ବିବେଚିତ ହେବା ସେମାନଙ୍କ ନୈରାଶ୍ୟର କାରଣ । ଅପରପକ୍ଷେ, ଶୀର୍ଷ ପଦବୀ ପାଇଁ ଯୋଗ୍ୟତା ଅର୍ଜନ କରୁଥିବା ଅଧିକାଂଶ ବ୍ୟକ୍ତି ସିଭିଲ ସର୍ଭିସେସ୍ ପରୀକ୍ଷା (ସିଏସ୍‌ଇ) ଷ୍ଟ୍ରିମ୍‌ରୁ ଆସିଥାନ୍ତି । ଭାରତୀୟ ରେଳ ପାରମ୍ପରିକ ଭାବରେ ସିଏସ୍‌ଇ, ଆଇଇଏସ୍ ଏବଂ ସ୍ୱତନ୍ତ୍ର ଶ୍ରେଣୀ ରେଳ ଆପ୍ରେଣ୍ଟିସ୍ (ଏସ୍‌ସିଆର୍‌ଏ) ମାଧ୍ୟମରେ ଅଧିକାରୀ ନିଯୁକ୍ତ କରେ । ତା'ପରେ ଏମାନେ ଟ୍ରାଫିକ୍, ଇଲେକ୍ଟ୍ରିକାଲ, ମେକାନିକାଲ, ସିଭିଲ, ପର୍ସନାଲ, ଆକାଉଣ୍ଟସ ଏବଂ ଷ୍ଟୋର୍ସ ଭଳି ବିଭିନ୍ନ ବିଭାଗରେ ଯୋଗଦିଅନ୍ତି । ତେବେ ଆଭ୍ୟନ୍ତରୀଣ ବିବାଦର ସମାଧାନ କରିବା ପାଇଁ କେନ୍ଦ୍ର ସରକାର ଭାରତୀୟ ରେଳ ପରିଚାଳନା ସେବା(ଆଇଆର୍‌ଏମ୍‌ଏସ୍) ଆରମ୍ଭ କରିଥିଲେ । କାର୍ଯ୍ୟକୁ ଶୃଙ୍ଖଳିତ କରିବା ଏବଂ ଏକ ସମନ୍ୱିତ ଦୃଷ୍ଟିକୋଣକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଏକୀକୃତ ସେବା ଉଦ୍ଦିଷ୍ଟ । ଯେହେତୁ ଆଇଇଏସ୍ ଏବଂ ଏସ୍‌ସିଆର୍‌ଏ ମାଧ୍ୟମରେ ପ୍ରତ୍ୟକ୍ଷ ନିଯୁକ୍ତି ବନ୍ଦ ହୋଇଗଲା ଏବଂ ୟୁପିଏସ୍‌ସିକୁ ଅନୁରୋଧ କରିବାରେ ବିଳମ୍ବ ହେତୁ ୨୦୧୯ଠାରୁ ସେବାରତ ପଦବୀରେ କୌଣସି ନୂତନ ପ୍ରତ୍ୟକ୍ଷ ନିଯୁକ୍ତି ରେଲୱେରେ ହୋଇନାହିଁ । ପ୍ରଥମ ଆଇଆର୍‌ଏମ୍‌ଏସ୍ ବ୍ୟାଚ୍ ଏଯାବତ ନିଯୁକ୍ତି ଅପେକ୍ଷାରେ ଅଛନ୍ତି ।

### ଚହଲଙ୍କୁ ଦାୟିତ୍ୱ

ମହାରାଷ୍ଟ୍ର ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କ୍ରମେ ୧୯୮୯ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଆଇ.ଏସ୍. ଚହଲଙ୍କୁ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ ନିଯୁକ୍ତ କରିଛନ୍ତି । ଚହଲ ମୁଖ୍ୟମନ୍ତ୍ରୀଙ୍କ ନିକଟତର ଭାବେ ତାଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ମୁଖ୍ୟ ସଚିବ ରୂପେ କାର୍ଯ୍ୟ କରିଆସୁଛନ୍ତି । ସେ ମଧ୍ୟ ମୁମ୍ବାଇ ମ୍ୟୁନିସିପାଲ କମିଶନର ଭାବେ ଦାୟିତ୍ୱ ତୁଲାଇଥିଲେ । ଏବେ ବଦ୍‌ଲାପୁରରେ ଯୁବତୀମାନଙ୍କ ପ୍ରତି ହେଉଥିବା ଦୁର୍ବ୍ୟବହାର ଘଟଣାରେ ଗୃହ ବିଭାଗ ଅତ୍ୟଧିକ ସମାଲୋଚିତ ହେଉଥିବା ସମୟରେ ଏହି ନିଯୁକ୍ତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି । ଏହା ଦର୍ଶାଉଛି ଯେ, ସରକାର ଚାପରେ ଅଛନ୍ତି ଓ ଏହି ବିଷୟକୁ ଗମ୍ଭୀରତାର ସହ ନେଉଛନ୍ତି । ଜୁନ୍‌ରେ ସୁଜାତା ସୌନିକ ମୁଖ୍ୟ ଶାସନ ସଚିବ ଭାବେ ପଦୋନ୍ନତି ପାଇବା ପୂର୍ବରୁ ସେ ଗୃହ ସଚିବ ଦାୟିତ୍ୱରେ ଥିଲେ । ଏପରିକି ତାଙ୍କ ପଦୋନ୍ନତି ପରେ ସେ ନୂଆ ଦାୟିତ୍ୱ ସହ ଗୃହ ବିଭାଗର ଦେଖାଶୁଣା କରୁଥିଲେ । ତେବେ ବର୍ତ୍ତମାନ ଖାଲିଥିବା ଅତିରିକ୍ତ ମୁଖ୍ୟ ସଚିବ ପଦବୀ ପାଇଁ ଅନେକ ନାମ ସାମ୍ନାକୁ ଆସିଥିଲା । ସୂତ୍ରରୁ ଜଣାପଡ଼ିଛି ଯେ,ଚହଲଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ସମର୍ଥନ ଥିଲାବେଳେ ଉପମୁଖ୍ୟମନ୍ତ୍ରୀ ତଥା ଗୃହମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍‌ଙ୍କ ବିଚାର ଭିନ୍ନ ଥିଲା । ସାଧାରଣ ପ୍ରଶାସନ ବିଭାଗର ଭି.ରାଧାଙ୍କୁ ନିଯୁକ୍ତି ଦେବା କଥା ଉଠିଥିଲା, କିନ୍ତୁ ତାଙ୍କ ୧୯୯୪ ବ୍ୟାଚ୍ ଷ୍ଟାଟସ୍ ତାଙ୍କ ବରିଷ୍ଠତା ଉପରେ ସମସ୍ୟା ସୃଷ୍ଟି କରିଥିଲା । ଶେଷରେ ସ୍ଥିତି ଚହଲଙ୍କ ସପକ୍ଷରେ ଯାଇଥିବା ମନେକରାଯାଏ । ମତ ଥିଲା, ସରକାର ବର୍ତ୍ତମାନ କାର୍ଯ୍ୟ କରି ନ ଥିଲେ ଆଚରଣ ସଂହିତା ଲାଗୁହେବା ପରେ ନିର୍ବାଚନ ଆୟୋଗ ଏଥିରେ ହସ୍ତକ୍ଷେପ କରିଥାନ୍ତେ । ଚହଲ ୨୦୨୬ରେ ଅବସର ନେବେ ବୋଲି ଅନୁମାନ କରାଯାଉଛି ଏବଂ ସୌନିକଙ୍କ ପରେ ମୁଖ୍ୟ ସଚିବ ପଦବୀ ପାଇଁ ତାଙ୍କ ନାମ ଆସିପାରେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଲାଣି ।

### ସମାଲୋଚନାରୁ ପଦକ୍ଷେପ

ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମାଲୋଚନାଗୁଡ଼ିକ ଗ୍ରହଣୀୟ ହେବା ପୂର୍ବରୁ ସେଥିରୁ ଗୋଟିଏକୁ ସମାଧାନକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜକୁ ବଞ୍ଚାଇବାର ଉପାୟ କରିଛନ୍ତି କି ? ନିର୍ଦ୍ଦିଷ୍ଟ ଭାବେ ସଦ୍ୟତମ ପ୍ରଶାସନିକ ଅଦଳବଦଳ ଏହା ଦର୍ଶାଏ । ଆର୍ଥିକ ସେବା ବିଭାଗର ସଚିବ ଭାବେ ନାଗାରାଜୁ ମଦିରାଲାଙ୍କ ନିଯୁକ୍ତିରୁ ଜଣାପଡ଼େ ଯେ, ସଂସଦରେ ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟ ଉପରେ ମୋଦି ଧ୍ୟାନ ଦେଇଛନ୍ତି । ବଜେଟ ପ୍ରକ୍ରିୟାର ପ୍ରାରମ୍ଭକୁ ଚିହ୍ନିତ କରୁଥିବା ପାରମ୍ପରିକ କାର୍ଯ୍ୟକ୍ରମ ହାଲ୍‌ୱା ଉତ୍ସବରେ ଏସ୍‌ସି ଏବଂ ଏସ୍‌ଟି ଅଧିକାରୀଙ୍କ ଅନୁପସ୍ଥିତି ସମ୍ପର୍କରେ ରାହୁଲ ଦର୍ଶାଇଥିଲେ । ସଂରକ୍ଷିତ ବର୍ଗର ତ୍ରିପୁରା କ୍ୟାଡର ଆଇଏଏସ୍ ଅଧିକାରୀ ମଦିରାଲା ଏବେ ପରବର୍ତ୍ତୀ ସମାରୋହରେ ଉପସ୍ଥିତ ହେବା ସମ୍ଭାବନା ରହିଛି । ଏହି ପଦକ୍ଷେପ ରାହୁଲଙ୍କ ସମାଲୋଚନର ପ୍ରତ୍ୟକ୍ଷ ପ୍ରତିକ୍ରିୟା ବୋଲି ମନେହୁଏ । ଏହି ନିଯୁକ୍ତି ଏକ ବ୍ୟାପକ ଅଦଳବଦଳର ଅଂଶବିଶେଷ ଏବଂ ଏହା ମୋଦିଙ୍କ ତୃତୀୟ ପାଳିରେ ପ୍ରଥମ ପ୍ରମୁଖ ପ୍ରଶାସନିକ ପରିବର୍ତ୍ତନକୁ ସୂଚିତ କରୁଛି । ମଦିରାଲାଙ୍କ ସହ ନୂଆ ସଚିବମାନଙ୍କୁ ବ୍ୟୟ, ବ୍ୟାଙ୍କିଙ୍ଗ୍, କର୍ପୋରେଟ୍ ଆଫେୟାର୍ସ ଏବଂ ପ୍ରତିରକ୍ଷା ଭଳି ପ୍ରମୁଖ ବିଭାଗରେ ନିଯୁକ୍ତ କରାଯାଇଛି । ଯଦିଓ ଏହି ପଦକ୍ଷେପ ସାଧାରଣରେ ଚର୍ଚ୍ଚା ହେବ ନା ରାହୁଲ ଗାନ୍ଧୀଙ୍କ ଗତିକୁ ହ୍ରାସ କରିବ, ତାହା ଅସ୍ପଷ୍ଟ ଥିବାବେଳେ ଏହା ଜାରି ରହିଥିବା ରାଜନୈତିକ କାହାଣୀକୁ ଏକ ଆକର୍ଷଣୀୟ ମୋଡ଼ ଦେଇଛି ।

Email: dilipcherian@gmail.com

# ପେନ୍‌ସନର ଗୋଲକଧନ୍ଦା



ଭାଲଚନ୍ଦ୍ର ଷଡ଼ଙ୍ଗୀ

ନିକଟରେ କେନ୍ଦ୍ରର ଏନ୍‌ଡିଏ ସରକାର ତାଙ୍କ ଅଧୀନରେ କାର୍ଯ୍ୟରତ କର୍ମଚାରୀମାନଙ୍କ ପାଇଁ ଏକ ନୂତନ ପେନ୍‌ସନ ଯୋଜନାର ଘୋଷଣା କରିଛନ୍ତି । ଏକୀକୃତ ପେନ୍‌ସନ ଯୋଜନା ବା ୟୁପିଏସ୍ ନାଁରେ ପରିଚିତ ଏହି ଯୋଜନା ଫଳରେ ଆଗାମୀ ଦିନରେ କେନ୍ଦ୍ର ସରକାରଙ୍କ ୨୩ ଲକ୍ଷ କର୍ମଚାରୀ ଉପକୃତ ହେବେ ଏବଂ ଏ ବାବଦରେ ବାର୍ଷିକ ୬୨୫୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି କୁହାଯାଇଛି । ଅନ୍ୟପଟେ ପୁରୁଣା ପେନ୍‌ସନ ଯୋଜନାକୁ ପୁଣିଥରେ ଲାଗୁ ନ କରି ସରକାର ଯେଉଁ ୟୁପିଏସ୍ ଆଣିଛନ୍ତି, ତାହା ଓପିଏସ୍ ଦାବି କରୁଥିବା ଦେଶର ଲକ୍ଷ ଲକ୍ଷ କର୍ମଚାରୀଙ୍କ ପ୍ରତି ପ୍ରତାରଣା ସଦୃଶ ବୋଲି ବିଭିନ୍ନ ଶ୍ରମିକ ଓ କର୍ମଚାରୀ ସଂଗଠନ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇବା ଦେଖିବାକୁ ମିଳିଛି ।

ଉଲ୍ଲେଖଯୋଗ୍ୟ, ଅର୍ଥନୈତିକ ଉଦାରୀକରଣ ନାଁରେ ୨୦୦୪ ରେ କେନ୍ଦ୍ରର ତତ୍କାଳୀନ ଏନ୍‌ଡିଏ ସରକାର ନୂଆ ପେନ୍‌ସନ ଯୋଜନା(ଏନ୍‌ପିଏସ୍)କୁ ସର୍ବପ୍ରଥମେ ଆରମ୍ଭ କରିଥିଲେ । ପରେ ମନମୋହନ ସିଂଙ୍କ ନେତୃତ୍ୱରେ ଉପା ସରକାର ଏହାକୁ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରିଥିଲେ । ପରବର୍ତ୍ତୀ ସମୟରେ କେବଳ କେରଳ ଓ ପଶ୍ଚିମବଙ୍ଗକୁ ଛାଡ଼ିଦେଲେ ଦଳମତ ନିର୍ବିଶେଷରେ ଦେଶର ସମସ୍ତ ରାଜ୍ୟ ସରକାର ମଧ୍ୟ ନିଜ ନିଜ ରାଜ୍ୟରେ ଏହି ଯୋଜନାକୁ ଲାଗୁ କରିଥିଲେ । ସରକାରୀ ଖର୍ଚ୍ଚକୁ କମାଇବା ନାଁରେ ସରକାର କର୍ମଚାରୀମାନଙ୍କ ପେନ୍‌ସନ ବାବଦରେ ହେଉଥିବା ଖର୍ଚ୍ଚର ବୋଝକୁ କମାଇବା ପାଇଁ ଏବଂ କର୍ମଚାରୀଙ୍କ ଉପରେ ଏହାର ଏକ ଭାଗକୁ ଲଦିବା ଲାଗି ଏହି ଯୋଜନା ଆଣିଥିଲେ ।

ଏନ୍‌ପିଏସ୍ ନେଇ ଦେଶସାରା ସରକାରୀ କର୍ମଚାରୀଙ୍କ ମଧ୍ୟରେ ଭୟଙ୍କର ଅସନ୍ତୋଷ ରହିଆସିଛି । ସେମାନେ 'ପୁରୁଣା ପେନ୍‌ସନ ପାଇଁ ଜାତୀୟ ଆନ୍ଦୋଳନ' ନାଁରେ ଏକ ମଞ୍ଚ ଜରିଆରେ ଲଗାତାର ଭାବେ ଏନ୍‌ପିଏସ୍ ବଦଳରେ ଓପିଏସ୍ ଲାଗୁ କରିବାକୁ ଦାବି କରିଆସିଛନ୍ତି । ଗତ ୨୧ ବର୍ଷ ମଧ୍ୟରେ ସବୁ ସରକାର କିନ୍ତୁ ସେମାନଙ୍କ ଏହି ଦାବିକୁ ମାନିବାକୁ ମନାକରି ଆସିଛନ୍ତି । ଓପିଏସ୍ ଲାଗୁକଲେ ପେନ୍‌ସନ ବାବଦରେ ରାଜକୋଷରୁ ବିପୁଳ ଅର୍ଥ ଖର୍ଚ୍ଚ ହେବ, ଯାହାକୁ ଭରଣା କରିବା ସମ୍ଭବ ନୁହେଁ ବୋଲି କହିଆସିଛନ୍ତି । କିନ୍ତୁ କର୍ମଚାରୀମାନଙ୍କ ବର୍ଦ୍ଧିତ ଅସନ୍ତୋଷ ଓ ରାଜନୈତିକ ପରିସ୍ଥିତିକୁ ଦେଖି କେନ୍ଦ୍ର ସରକାର ଏ ଦିଗରେ ପଛକୁ ଫେରିବାକୁ ବାଧ୍ୟ ହୋଇଛନ୍ତି ।

୨୦୦୪ ପର୍ଯ୍ୟନ୍ତ ଆମ ଦେଶରେ କେବଳ ପୁରୁଣା ପେନ୍‌ସନ ଯୋଜନା(ଓପିଏସ୍) ହିଁ ରହିଥିଲା । ଏଥିରେ ଜଣେ ସରକାରୀ କର୍ମଚାରୀଙ୍କୁ ତା'ର ଅବସର ପରେ ଶେଷ ଦରମାର ଅର୍ଦ୍ଧେକ ପାଖାପାଖି ପେନ୍‌ସନ ଆକାରରେ ମିଳିଥାଏ । ଦରମା ପରି ପେନ୍‌ସନ ମଧ୍ୟ ମହଙ୍ଗା ଭତ୍ତା ସହ



ଯୋଡ଼ାଯିବା ଯୋଗୁ ବୟସ ବୃଦ୍ଧି ସହିତ ପେନ୍‌ସନ ରାଶିରେ ମଧ୍ୟ ନିୟମିତ ବୃଦ୍ଧି ହେଉଥାଏ । ଏପରିକି ସମ୍ପୃକ୍ତ ପେନ୍‌ସନଧାରୀର ମୃତ୍ୟୁ ପରେ ତା' ପରିବାର ପାଇଁ ପାରିବାରିକ ପେନ୍‌ସନର ବ୍ୟବସ୍ଥା ଏଥିରେ ରହିଛି । ବଡ଼କଥା ହେଲା, ପେନ୍‌ସନ ବାବଦରେ କର୍ମଚାରୀଟିକୁ ନିଜ ଦରମାରୁ କୌଣସି ରାଶି ଦେବାକୁ ପଡ଼ି ନ ଥାଏ । କିନ୍ତୁ ଏନ୍‌ପିଏସ୍‌ର ପ୍ରଚଳନ ପରେ କର୍ମଚାରୀଙ୍କୁ ପ୍ରତିମାସରେ ସେମାନଙ୍କ ମୂଳ ଦରମାର ୧୦% ରାଶି ପେନ୍‌ସନ ବାବଦରେ କାଟି ରଖିବାର ବ୍ୟବସ୍ଥା ରହିଲା । ସରକାର ସେଥିରେ ନିଜର ୧୪% ରାଶି ମିଶାଇ ସମ୍ପୃକ୍ତ କର୍ମଚାରୀର ପେନ୍‌ସନ ଫଣ୍ଡରେ ଜମା ରଖିଲେ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମୋଟ ୯୯,୭୭,୧୬୫ କର୍ମଚାରୀଙ୍କ ପେନ୍‌ସନ ଫଣ୍ଡ୍ ବାବଦରେ ଏଯାଏ ୧୦,୫୩,୮୫୦ କୋଟି ସରକାରଙ୍କ ପିଏଫ୍‌ଆର୍‌ଡିଏ ପାଖରେ ଜମା ରହିଛି ।

ତେବେ ଏନ୍‌ପିଏସ୍‌ରେ କିନ୍ତୁ ଅବସର ପରେ କୌଣସି ନିଶ୍ଚିତ ରାଶି ପେନ୍‌ସନ ବାବଦରେ ମିଳିବାର ବ୍ୟବସ୍ଥା ରହିଲାନି । କେବଳ ଚାକିରିକାଳରେ ପେନ୍‌ସନ ଫଣ୍ଡରେ ଜମାଥିବା ରାଶିର ୬୦%କୁ ସମ୍ପୃକ୍ତ କର୍ମଚାରୀଙ୍କୁ ତାଙ୍କ ଅବସର ନେବା ବେଳେ ନଗଦ ଆକାରରେ ଦିଆଯିବା ସହ ବଳକା ୪୦% ରାଶି ସରକାର ସେୟାର ବଜାରରେ ବିନିଯୋଗକରି ସେ ବାବଦରେ ଯେଉଁ ଲାଭ ଆସିବ ତାକୁ ମାସିକ ପେନ୍‌ସନ ଆକାରରେ ଦିଆଯିବାର ବ୍ୟବସ୍ଥା ରଖିଲେ । ପୂର୍ବ ଯୋଜନା ଭଳି ଏଥିରେ ପେନ୍‌ସନ ରାଶି ସହ ମହଙ୍ଗା ଭତ୍ତାକୁ ଯୋଡ଼ା ନ ଯିବା ଫଳରେ ମହଙ୍ଗା ଦର ଅନୁସାରେ ପେନ୍‌ସନ ରାଶିରେ କୌଣସି ବୃଦ୍ଧି ନ ହୋଇ ତାହା ଏକ୍‌ଦମ ସ୍ଥିର ରହିଲା । ଆଜି ଏନ୍‌ପିଏସ୍‌ଭୁକ୍ତ ଯେଉଁ କର୍ମଚାରୀମାନେ ଅବସର ପରେ ପେନ୍‌ସନ ପାଉଛନ୍ତି, ସେମାନଙ୍କ ପେନ୍‌ସନ ରାଶି ଅତ୍ୟନ୍ତ ନଗଣ୍ୟ ।

ଏନ୍‌ପିଏସ୍ ବଦଳରେ ଓପିଏସ୍‌ର ପ୍ରଚଳନ ଦାବିରେ ଦେଶର କର୍ମଚାରୀମାନେ ଦାବି କରିଆସୁଥିବା ବେଳେ କେନ୍ଦ୍ର ସରକାର ଏବେ ୟୁପିଏସ୍‌କୁ ଆଣିଛନ୍ତି । ଏନ୍‌ପିଏସ୍‌ରେ ସଂସ୍କାର ନାଁରେ କେନ୍ଦ୍ର ସରକାର ଗତ ଏପ୍ରିଲ ୨୦୨୩ରେ ତତ୍କାଳୀନ ଅର୍ଥ ସଚିବ ଟି.ଭି. ସୋମାନାଥନ୍‌ଙ୍କ ଅଧ୍ୟକ୍ଷତାରେ ଯେଉଁ ଚାରିଜଣିଆ କମିଟି ଗଠନ କରିଥିଲେ, ତାରି ରିପୋର୍ଟ ଆଧାରରେ ୟୁପିଏସ୍ ଅଣାଯାଇଛି ବୋଲି କୁହାଯାଇଛି । କିନ୍ତୁ କମିଟିର ଏହି ରିପୋର୍ଟ ଏକପାଖିଆ ମନେହୁଏ । କାରଣ ଓପିଏସ୍ ଦାବି ନେଇ ଲଢ଼େଇ କରୁଥିବା ସଙ୍ଗଠନମାନଙ୍କର ମତାମତ ନେବାକୁ ଆଦୌ ଚେଷ୍ଟା କରାଯାଇନି । ତେବେ ଆଂଶିକ ହେଲେ ବି ସରକାରଙ୍କ ଏହି ଘୋଷଣା ଦେଶର ସରକାରୀ କର୍ମଚାରୀମାନଙ୍କ ଦୀର୍ଘଦିନ ସଂଗ୍ରାମର ବିଜୟ ବୋଲି କୁହାଯାଇପାରେ । ଗତ ୨୧ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ କେନ୍ଦ୍ର ସରକାର ଏନ୍‌ପିଏସ୍ ନେଇ ରହିଥିବା ନିଜର ସ୍ଥିତିରୁ ପଛକୁ ହଟି କର୍ମଚାରୀମାନଙ୍କ ଦାବିକୁ କିଛି ପରିମାଣରେ ମାନିବାକୁ ବାଧ୍ୟ ହୋଇଛନ୍ତି । ଯଦିଓ ଏଥିରେ ଓପିଏସ୍‌ରେ ଥିବା ମହଙ୍ଗା ଭତ୍ତା ସଂଲଗ୍ନିତ ମାସିକ ନିଶ୍ଚିତ ପେନ୍‌ସନ ପରି କିଛି ବ୍ୟବସ୍ଥାକୁ ସ୍ଥାନ ଦିଆଯାଇଛି କିନ୍ତୁ ଏନ୍‌ପିଏସ୍‌ର ଅନେକ କର୍ମଚାରୀ ବିରୋଧୀ ବ୍ୟବସ୍ଥାକୁ ଅବ୍ୟାହତ ରଖାଯାଇଛି ।

ଓପିଏସ୍‌ରେ ଜଣେ କର୍ମଚାରୀ ୨୦ ବର୍ଷ ଚାକିରି କଲେ ପୂର୍ଣ୍ଣ ପେନ୍‌ସନ ପାଇବାକୁ ହକ୍‌ଦାର ଥିବାବେଳେ ୟୁପିଏସ୍‌ରେ ଜଣେ ୨୫ ବର୍ଷ ଚାକିରି କଲେ ହିଁ ପୂର୍ଣ୍ଣ ପେନ୍‌ସନ ପାଇବାକୁ ଯୋଗ୍ୟ ହେବେ ବୋଲି କୁହାଯାଇଛି । ସର୍ବନିମ୍ନ ୧୦ ବର୍ଷ ଚାକିରି କଲେ ହିଁ ଜଣେ ସର୍ବନିମ୍ନ ୧୦ ହଜାର ଟଙ୍କା ପେନ୍‌ସନ ପାଇପାରିବେ । ଉଲ୍ଲେଖଯୋଗ୍ୟ ଯେ, ଅନେକ ଗୁଡ଼ିଏ ସରକାରୀ ପଦବୀ ପାଇଁ ସର୍ବୋଚ୍ଚ ଆୟୁସୀମା ୪୦ ବର୍ଷ ରହିଛି । ସଂରକ୍ଷିତ ବର୍ଗର କର୍ମଚାରୀମାନଙ୍କ ପାଇଁ ନିଯୁକ୍ତିର ସର୍ବାଧିକ ବୟସ ୪୫ ବର୍ଷ ଓ ୟୁପିଏସ୍‌ସି ପାଇଁ ୩୭ ବର୍ଷ ରହିଛି । ଅତଏବ ଏହି ବର୍ଗର ଅନେକ କର୍ମଚାରୀ ପୂରା ପେନ୍‌ସନ ପାଇବା ପାଇଁ ଯେଉଁ ୨୫ ବର୍ଷର ଚାକିରି କାଳର ଆବଶ୍ୟକତା ରହିଛି, ତାକୁ ପୂରଣ କରିପାରିବେ ନାହିଁ । ସେହିପରି ସିଆର୍‌ପିଏଫ୍, ବିଏସ୍‌ଏଫ୍ ପରି ଅର୍ଦ୍ଧସାମରିକ ବାହିନୀରେ କାର୍ଯ୍ୟରତ ଯବାନମାନେ ସାଧାରଣତଃ ଚାକିରିର ୨୫ ବର୍ଷ ପୂର୍ବରୁ ଅବସର ନେଉଥିବାରୁ ସେମାନେ ବି ଏହି ଯୋଜନାରେ ପୂର୍ଣ୍ଣ ପେନ୍‌ସନ ପାଇବାରୁ ବଞ୍ଚିତ ହେବେ ।

ଏନ୍‌ପିଏସ୍ ପରି ୟୁପିଏସ୍‌ରେ ମଧ୍ୟ କର୍ମଚାରୀମାନଙ୍କୁ ନିଜ ଦରମାରୁ ୧୦% ରାଶି ପ୍ରତିମାସରେ ଦେବାକୁ ହେବ । ସରକାର ସେଥିରେ ପୂର୍ବରୁ ନିଜର ଅଂଶ ଭାବେ ୧୪% ଯୋଡୁଥିବା ବେଳେ ବର୍ତ୍ତମାନ ୧୮.୫% ଯୋଡ଼ିବେ ବୋଲି କୁହାଯାଇଛି । କିନ୍ତୁ ଏନ୍‌ପିଏସ୍‌ରେ ନିଜର ଚାକିରି ଶେଷରେ କର୍ମଚାରୀଟି ନିଜ ପେନ୍‌ସନ ଫଣ୍ଡରେ ଜମାଥିବା ମୋଟ ରାଶିର ୬୦% ପାଇପାରୁଥିବା ବେଳେ ୟୁପିଏସ୍‌ରେ ତାହା ବି ମିଳିବାର ସମ୍ଭାବନା ନାହିଁ । କେବଳ ତାକୁ ତା'ର ଶେଷ ଏକବର୍ଷର ହାରାହାରି ଦରମାର ଅଧାରାଶି ହିଁ ମିଳିବ । ବଳକା ରାଶି ସରକାରଙ୍କ ପାଖକୁ ଚାଲିଯିବ । ଏହା ଜଣେ କର୍ମଚାରୀର କଷ୍ଟାର୍ଜିତ ଆୟର ଲୁଟ୍ ବୋଲି କୁହାଯାଇପାରେ । ପୁରୁଣା ପେନ୍‌ସନ ତୁଳନାରେ ୟୁପିଏସ୍‌ରେ କର୍ମଚାରୀଙ୍କୁ ଗ୍ରାଚ୍ୟୁଇଟି ବାବଦରେ ମଧ୍ୟ କମ୍ ରାଶି ମିଳିବ ।

ମୋ : ୯୪୩୭୧୬୬୩୯୧

# ଗାଁରୁ ସହର ପର୍ଯ୍ୟନ୍ତ...



ଡ. ସୀତାକାନ୍ତ ତ୍ରିପାଠୀ

ଗାନ୍ଧିଜୀ କହିଥିଲେ 'ଗାଁ ହିଁ ଭାରତର ମୂଳପିଣ୍ଡ' । ଏହାକୁ ସଶକ୍ତ କରିବା ପାଇଁ ସେ 'ଗ୍ରାମ ସ୍ୱରାଜ'ର ସ୍ୱପ୍ନ ଦେଖିଥିଲେ । ତେବେ କ୍ଷମତା ବିକେନ୍ଦ୍ରୀକରଣ ନାଁରେ ଗାଁଗୁଡ଼ିକୁ ଅଧିକ କ୍ଷମତା ଦେବା ପାଇଁ ଗାନ୍ଧିଜୀଙ୍କର ଉଦ୍ୟମ ତଥା ପ୍ରୟାସକୁ ସେତେବେଳେ ଆମ୍ବେଦକର ଘୋର ବିରୋଧ କରିଥିଲେ । ତାଙ୍କ ମତରେ ଗାଁଗୁଡ଼ିକୁ ଅଧିକ କ୍ଷମତା ଦେବା ଅର୍ଥ ସାମାଜିକ ଅସନ୍ତୁଳନ ତଥା ଅସମାନତାକୁ ପ୍ରାଧାନ୍ୟ ଦେବା । କାରଣ, ତତ୍କାଳୀନ ଗାଁଗୁଡ଼ିକରେ ସାଧାରଣତଃ ଉଚ୍ଚଜାତିର ଲୋକମାନଙ୍କ ରାଜୁତି ଚାଲୁଥିଲା । ତେଣୁ ସେମାନଙ୍କୁ ଯଦି 'ଗ୍ରାମ ସ୍ୱରାଜ' ନାଁରେ ଅଧିକ କ୍ଷମତା ଦେଇଦିଆଯାଏ ତା'ହେଲେ ଜାତିପ୍ରଥା ବିଲୋପହେବା ବଦଳରେ ନୀଚଜାତିର ଲୋକମାନେ ଆହୁରି ଅତ୍ୟାଚାରିତ ହେବେ । ବର୍ତ୍ତମାନ ସମୟ ବଦଳିଛି । ସମୟାନୁକ୍ରମେ ଗାଁଗୁଡ଼ିକ ସହରରେ ରୂପାନ୍ତରିତ ହେବାରେ ଲାଗିଲାଣି ଏବଂ ସେହି ଢଙ୍ଗରେ ସହରଗୁଡ଼ିକରେ ମଧ୍ୟ ଗାଁ ଭଳି ପୁରୁଷାନୁକ୍ରମିକ ପ୍ରତିବେଶୀ ତଥା ଭାଇଚାରା ବଢ଼ିବାରେ ଲାଗିଲାଣି । ସମ୍ବିଧାନର ୭୩ତମ ଏବଂ ୭୪ତମ ସଂଶୋଧନ ପରେ ପରେ ଉଭୟ ଗାଁ ଏବଂ ସହରଗୁଡ଼ିକ ପାଇଁ ସ୍ୱାୟତ୍ତ ଶାସନର ବ୍ୟବସ୍ଥା ହୋଇଛି । ସହରରେ ପ୍ରବାସୀ ସମସ୍ୟାକୁ ଦୃଷ୍ଟିରେ ରଖି ଗାଁରେ ବିଭିନ୍ନ ରୋଜଗାରଭିତ୍ତିକ କାର୍ଯ୍ୟକ୍ରମ, ତାଲିମ ତଥା ଋଣ ପ୍ରଦାନ ବ୍ୟବସ୍ଥା କରାଯିବା ସହ ଶିକ୍ଷା, ସ୍ୱାସ୍ଥ୍ୟ ତଥା ଗମନାଗମନ ଭଳି ଅତ୍ୟାବଶ୍ୟକ ସେବା ତଥା ଭିତ୍ତିଭୂମିଗୁଡ଼ିକୁ ସୁଦୃଢ଼ କରିବା ପାଇଁ ପ୍ରଚେଷ୍ଟା ଜାରି ରହିଛି । ଏସବୁ ସତ୍ତ୍ୱେ ଗାଁରେ ଥିବା ଚାକଚକ୍ୟ ଜୀବନଶୈଳୀର ସମ୍ଭାର ତଥା ଜୀବିକା ନିର୍ବାହ ପାଇଁ ପର୍ଯ୍ୟାପ୍ତ ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଲୋକେ ସହରାଞ୍ଚଳକୁ ଧାଉଁଛନ୍ତି । ଠିକ୍ ସେହିଭଳି ସହରତଳି ତଥା ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକମାନେ ସହରର ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିଲେ ମଧ୍ୟ ସେମାନଙ୍କର ଦୈନନ୍ଦିନ ଜୀବନ ସହରୀ ଢାଞ୍ଚା ଦ୍ୱାରା ସଂକ୍ରମିତ ।

ସକାଳୁ ଗାଁରେ ଥିବା ଚାଷୀଭାଇମାନେ ବିଲବାଡ଼ିକୁ ଯାଇ କେମିତି କାମ ଆରମ୍ଭ କରିବେ କିମ୍ବା ଅଧୁରା କାମକୁ ସମ୍ପୂର୍ଣ୍ଣ କରିବେ ସେଥିପାଇଁ ପ୍ରସ୍ତୁତ ହେଉଥିବା ବେଳେ ସହରରେ ସ୍ୱାସ୍ଥ୍ୟ ପାଇଁ ସଜାଗ ଲୋକମାନେ ସକାଳୁ ଉଠି ପ୍ରାତଃ ଭ୍ରମଣ ଲାଗି ରାସ୍ତାଘାଟ ତଥା ପାର୍କରେ ଭିଡ଼ ଲଗାନ୍ତି । ଉଭୟ ଗାଁ ଏବଂ ସହରରେ ବିଭୁ ସମର୍ପିତ ଭାବନାକୁ ପାଥେୟକରି ଲୋକମାନେ ଫୁଲ ତୋଳିବାର ଅଭ୍ୟାସ ରଖିଥାଆନ୍ତି । ଗାଁରେ ସର୍ବସାଧାରଣ ଜାଗା, ଭାଇଚାରା ତଥା ଗଛ ଲଗାଇବାର ଅଭ୍ୟାସ ହେତୁ ଫୁଲ ତୋଳିବାର



ପ୍ରତିଯୋଗିତା ନ ଥାଏ । କିନ୍ତୁ ସହରରେ ରାତିର ଷ୍ଟ୍ରିଟ୍ ଆଲୁଅ କିମ୍ବା ଟର୍ଚ୍ଚ ଲାଇଟ୍‌ରେ ଫୁଲ ଖୋଜାଯାଏ ।

ପରିଷ୍କାର ପରିଚ୍ଛନ୍ନତାକୁ ପ୍ରାଧାନ୍ୟ ଦେଇ ଗାଁରେ ସକାଳେ ଓ ସଞ୍ଜବେଳେ ଦାଣ୍ଡଠାରୁ ବାରି ଓ ଘରଠାରୁ ଗୁହାଳ ପର୍ଯ୍ୟନ୍ତ ଓଳାଇବା ପାଇଁ ଲକ୍ଷ୍ମୀପୁରାଣ ଭଳି ଅନେକ ଆଧ୍ୟାତ୍ମିକ ପୁସ୍ତକରେ ବର୍ଣ୍ଣନା ରହିଛି । ତଦ୍ରୂପଭାବେ ସହରାଞ୍ଚଳରେ ବିଭିନ୍ନ ନିୟମ ତଥା ଆଇନକାନୁନକୁ ପାଥେୟକରି ରାସ୍ତାଘାଟ ସଫାକରିବା ତଥା ପରିଷ୍କାର କରିବା ପାଇଁ ବିଭିନ୍ନ ସ୍ୱାୟତ୍ତ ସଂସ୍ଥା ତରଫରୁ ବ୍ୟବସ୍ଥା କରାଯାଇଛି । ଗାଁରେ ପର୍ବପର୍ବାଣି, ଉତ୍ସବ ଅନୁଷ୍ଠାନ ହେଲେ ସାହି, ଭାଇ, କୁଟୁମ୍ବ, ସ୍ୱଜନ, ପରିଜନ, ବନ୍ଧୁ ବାନ୍ଧବ ମିଶି ଏହାକୁ ପାଳିଥାନ୍ତି । ଆଉ 'ସୁଖ ବାଣ୍ଟିଲେ ବଢ଼େ, ଦୁଃଖ ବାଣ୍ଟିଲେ ଛିଡ଼େ'ର ତାତ୍ତ୍ୱିକ ଅର୍ଥକୁ ସେମାନେ ଯେମିତି ତନ୍ନ ତନ୍ନ କରି ବୁଝିଥିବା ପରି ମନେହୁଏ । ତେବେ ପରିବର୍ତ୍ତିତ ପରିସ୍ଥିତିରେ ସହରାଞ୍ଚଳରେ ମଧ୍ୟ ସାହିପଡ଼ିଶାର ଭାବଗତ ସମ୍ପର୍କ ବଢ଼ିଲାଣି ।

ପୂର୍ବରୁ ନଈ ବଢ଼ି ଆସୁଥିଲା ଆଉ ଚାଲିଯାଉଥିଲା । ବର୍ତ୍ତମାନ ଗାଁରେ କିନ୍ତୁ ପରିସ୍ଥିତି ବଦଳିଛି । ଚାଷଜମି, ନଦୀନାଳ ପୋତାଯାଇ ଘର ତିଆରି ଚାଲିଛି । ନଦୀଜଳରେ ପଟୁମାଟି ଆସିବା ବଦଳରେ କେମିକାଲ ମିଶା ପାଣି ଆସୁଥିବାରୁ ଏହା ଚାଷକୁ ନଷ୍ଟ କରିବା ସହ ଜନସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି । ଅନ୍ୟପକ୍ଷରେ କେଉଁଠି ସହରର ଡ୍ରେନ୍‌ରେ ଭାସି କାହାର ପ୍ରାଣ ଗଲାଣି ତ ଆଉ କେଉଁଠି ରାସ୍ତାଘାଟରେ ପାଣି ଜମିବା ଫଳରେ ଦୀର୍ଘ ସମୟ ଧରି ଟ୍ରାଫିକ୍ ସମସ୍ୟା ଲାଗି ରହୁଛି ।

କବିଙ୍କ ଭାଷାରେ ରାଜ୍ୟ କିମ୍ବା ଦେଶର ଭୂଗୋଳରେ ନାଁ ନ ଥିବା ଗାଁରେ ଜନ୍ମ ହୋଇଥିଲେ ମଧ୍ୟ ତା'ପାଇଁ ଆମେ ଗର୍ବିତ । କାରଣ ଅପରିଚିତରୁ ପରିଚିତ ହେବାରେ ଗାଁର ଅବଦାନ ଅନନ୍ୟ । ତେବେ ଆଜିର ଗୁଗଲ ମ୍ୟାପ୍ ଯୁଗରେ କୌଣସି ଗାଁ ଆଉ ଅପରିଚିତ ହୋଇ ରହିନାହିଁ ବରଂ ବିଭିନ୍ନ ପରିସ୍ଥିତିରୁ ଅନେକ ଗାଁ ଅଚିହ୍ନାରୁ ଚିହ୍ନା ହୋଇଯାଉଥିବା ବେଳେ ଅନେକ ଚିହ୍ନା ଗାଁ ବି ଅଚିହ୍ନା ହୋଇଯାଉଛନ୍ତି । ସମୁଦ୍ରର କରାଳ ଢେଉରେ ଓଡ଼ିଶାର ସାତଭାୟାର ଅସ୍ତିତ୍ୱ ଧ୍ୱଂସପାଇବା ଯେମିତି ହୃଦୟ ବିଦାରକ ବିଭିନ୍ନ ଖଣିଖାଦାନ ଓ ନଦୀବନ୍ଧ ଯୋଗୁ ବିସ୍ଥାପିତ ଗ୍ରାମବାସୀ ନିଜର ପରିଚୟ ତଥା ଅସ୍ତିତ୍ୱ ଖୋଜିବାରେ ସମୟ ବିତାଇବା ସେତିକି ଦୁଃଖଦାୟକ । ଅନେକ ସମୟରେ ଏଥିରେ ଅସଫଳ ହୋଇ ବିସ୍ଥାପିତମାନେ ଭଙ୍ଗାମନ ଓ ଶରୀରକୁ ନେଇ କାଳେ କେଉଁଠି ଥଇଥାନ ହୋଇଯିବେ ବୋଲି ଏଠିସେଠି ବୁଲିଥାଆନ୍ତି । ଠିକଣା ହଜାଇଥିବା ଗାଁଗୁଡିକ ମଧ୍ୟ ସହରରେ ରୂପାନ୍ତରିତ ହୋଇଯାଆନ୍ତି । ସେଠାରେ ରାସ୍ତାଘାଟ ସିନା କଂକ୍ରିଟ୍ ହୋଇଯାଇଥାଏ, କିନ୍ତୁ ସମ୍ପର୍କର କଂକ୍ରିଟ୍‌ଗୁଡିକ ଚୂର୍‌ମାର ହୋଇଯାଇଥାଆନ୍ତି ।

ମୋ:୯୭୭୮୭୬୪୩୯୪

## ଏଇ ଭାରତରେ

ଶ୍ରମିକମାନେ ସହରରେ କାମ କରୁଥିବାବେଳେ ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇଦେଉଛନ୍ତି ଲକ୍ଷ୍ନୌର ସୋମନାଥ କଶ୍ୟପ । ସେ ପ୍ରତି ସପ୍ତାହରେ ପାଖାପାଖି ୩୦୦୦ ଲୋକଙ୍କୁ ମାଗଣାରେ ଖାଇବାକୁ ଦେଉଛନ୍ତି । ଏହି କାର୍ଯ୍ୟ ପାଇଁ ସେ ୨୦୧୭ 'ଦିହାଦି କିଚେନ୍' ଆରମ୍ଭ କରିଥିଲେ ଏବଂ ଏବେ ଏଠାରେ ସବୁ ଖାଦ୍ୟ ପ୍ରସ୍ତୁତ ହେଉଛି । ସବୁଦିନ ଲକ୍ଷ୍ନୌର ନାହାରିଆ ଛକରେ ଶ୍ରମିକମାନଙ୍କୁ ସେ ରୁଟି, ଭାତ, ଡାଲି ଓ ତରକାରି ଦେଉଛନ୍ତି । ଖାଦ୍ୟ ପାଇଁ ପ୍ରତିଦିନ ସେ ୬,୦୦୦ରୁ ୭,୫୦୦ ଟଙ୍କା ଖର୍ଚ୍ଚ କରୁଛନ୍ତି । ବିଶାଳ ଗୁପ୍ତା ନାମକ ରୋଷେୟା ଖାଦ୍ୟ ପ୍ରସ୍ତୁତ କରିବା ସହ ପାଖାପାଖି ୪୦୦୦ରୁ ୫୦୦୦ ଖାଦ୍ୟ ପ୍ୟାକେଟ ପ୍ରସ୍ତୁତ କରୁଛନ୍ତି । ଏହି କାର୍ଯ୍ୟ ପାଇଁ ଲୋକେ ପ୍ରତିମାସରେ ଅର୍ଥ ଦାନ କରୁଛନ୍ତି ଓ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗ ରହୁଛି । କେବଳ ଏତିକି ନୁହେଁ, ବହୁ ସମୟରେ ଅନେକ ବ୍ୟକ୍ତି ୧୫-୨୦ ଦିନ ପାଇଁ ଡ୍ରାଏ ରାଶନ ମଧ୍ୟ ଦେଉଛନ୍ତି । ପ୍ରତିଦିନ ଶ୍ରମିକମାନଙ୍କୁ ଓଳିଏ ଖାଦ୍ୟ ଯୋଗାଉଥିବା ସୋମନାଥ ଏବେ ଦୁଇ ଓଳି ଖାଦ୍ୟ ଯୋଗାଇବାର ଯୋଜନା କରୁଛନ୍ତି । ଏଥିପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରିବା ଲାଗି ଓ ବିଭିନ୍ନ ବ୍ୟକ୍ତି ଓ ସଙ୍ଗଠନର ସହାୟତା ଲୋଡ଼ିଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

୩୧ ଅଗଷ୍ଟ ୧୯୭୫

- ଭାରତ ଓ ପେରୁ ମଧ୍ୟରେ ବିଜ୍ଞାନ କାରିଗରୀ କ୍ଷେତ୍ରରେ ସହଯୋଗିତା ସଂକ୍ରାନ୍ତରେ ଏକ ଚୁକ୍ତି ସ୍ୱାକ୍ଷରିତ ।
- ପଶ୍ଚିମବଙ୍ଗର ବାଙ୍କୁରା ଜିଲା ମେଛିଆ ଅଞ୍ଚଳରେ ୧୮ କୋଟି ଟନ ମହଜୁଦ ଥିବା ଏକ ନୂତନ କୋଇଲା ଖଣିର ସନ୍ଧାନ ମିଳିଛି ।
- ବାଂଲାଦେଶର ଏକମାତ୍ର ରାଜନୈତିକ ଦଳ ବାଂଲାଦେଶ କୃଷକ ଶ୍ରମିକ ଆୱାମୀ ଲିଗ୍‌କୁ ବେଆଇନ ଘୋଷଣା କରାଯାଇଛି ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | 4 | | | | | 1 | |
| | | 8 | | | | 2 | | |
| | | 9 | | | 8 | | | 3 |
| | | | | | | 5 | | |
| | | | | | 3 | 1 | | 2 |
| | | | 2 | 1 | 6 | | 3 | 7 |
| 7 | | | 4 | | 9 | | | |
| | 8 | | | 2 | | 6 | | |
| | 5 | | | | | 3 | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 5 | 4 | 3 | 9 | 6 | 2 | 1 |
| 6 | 9 | 3 | 2 | 1 | 5 | 7 | 8 | 4 |
| 1 | 4 | 2 | 7 | 6 | 8 | 3 | 9 | 5 |
| 4 | 6 | 9 | 8 | 5 | 2 | 1 | 3 | 7 |
| 2 | 1 | 8 | 3 | 4 | 7 | 9 | 5 | 6 |
| 3 | 5 | 7 | 6 | 9 | 1 | 8 | 4 | 2 |
| 5 | 2 | 1 | 9 | 7 | 3 | 4 | 6 | 8 |
| 7 | 3 | 4 | 5 | 8 | 6 | 2 | 1 | 9 |
| 9 | 8 | 6 | 1 | 2 | 4 | 5 | 7 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ

ମହାଶୟ,

କେଉଁଝରର ଡିଏମ୍‌ଏଫ୍ ଦୁର୍ନୀତିର ତଦନ୍ତ ପାଇଁ ସରକାରଙ୍କ ତରଫରୁ ଦ୍ୱିତୀୟ ଥର ପାଇଁ ପତ୍ର ପ୍ରଦାନ କରାଯାଇଛି । ଜିଲାର ୩୦୦ଟି ଉଚ୍ଚ ବିଦ୍ୟାଳୟର କବାଟ ଝରକାରେ ଷ୍ଟିକର ଲଗାଯିବା ପାଇଁ ୮ କୋଟି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଡିଏମ୍‌ଏଫ୍ ଫଣ୍ଡରୁ ଗୋଟିଏ ଉଚ୍ଚ ବିଦ୍ୟାଳୟ ପିଛା ଅଢ଼େଇ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି । ଏହାର ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ସହ ଅର୍ଥ ବିନିଯୋଗରେ ବହୁ ଲକ୍ଷ ଟଙ୍କା ଦୁର୍ନୀତି ହୋଇଛି । ଏଥିନେଇ ଭିଜିଲାନ୍ସ କିମ୍ବା ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଗତ ୨୧ ଜୁଲାଇରେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା । ଏତେ ବିପୁଳ ପରିମାଣର ଟଙ୍କା ଖର୍ଚ୍ଚ ପାଇଁ ସାଧାରଣତଃ ଟେଣ୍ଡର ପ୍ରକ୍ରିୟା କରାଯିବା କଥା । କିନ୍ତୁ ଟେଣ୍ଡର କରିବା ପରିବର୍ତ୍ତେ ବିଦ୍ୟାଳୟ ସ୍ତରରେ କୋଟେସନ କଲ୍ ନୋଟିସ ମାଧ୍ୟମରେ କାମ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏହା ସହ କୋଟେସନ କଲ୍ ନୋଟିସ କରାଯିବାବେଳେ ୟୁନିଟ ପିଛା ମୂଲ୍ୟ ମଗାଯାଇ ଥାଏ । ମାତ୍ର ଏହି କାମରେ ଏ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟମାପ ସ୍ଥିରକରା ନ ଯାଇ କୋଟେସନକୁ ବିଚାରକୁ ନିଆଯାଇଛି । ଏତେସବୁ ଅନିୟମିତତାକୁ ସୁରକ୍ଷା ଦିଆଯିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ । ଏଥିନେଇ କାର୍ଯ୍ୟାନୁଷ୍ଠାନ ପାଇଁ ଉଚ୍ଚକର୍ତ୍ତୃପକ୍ଷ ବାରମ୍ବାର ନିର୍ଦ୍ଦେଶ ଦେଉଥିଲେ ମଧ୍ୟ ତିହା କାର୍ଯ୍ୟକାରୀ ହେଉନାହିଁ ।

–ସତୀଶବିଶ୍ୱାଳ, ଗଡମଧୁପୁର, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କିପାଁଇ ସ୍ୱେଦ ବିନ୍ଦୁ ଉଠଇ ଭାଲେ
ରକତ ଛଟା ନାହିଁ ଫୁଟଇ ଗାଲେ ?
କୋମଳ ବାହୁଲତା ଦେହରେ ଅବନତା
କୁସୁମ ଗନ୍ଧ ରାଶି ପବନ ଢାଳେ,
କିପାଁଇ ସ୍ୱେଦ ତବ ଉଠଇ ଭାଲେ ?
–(ପ୍ରଭାତ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ବଧାଓ୍ୱନ ବନ୍ଦରର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

ମୁମ୍ବାଇ,୩୦।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ମହାରାଷ୍ଟ୍ରର ପାଲଘରଠାରେ ୭୬,୨୨୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ବଧାଓ୍ୱନ ବନ୍ଦର ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଭାରତର ବିକାଶରେ ଏହି ସ୍ୱତନ୍ତ୍ର ପ୍ରକଳ୍ପର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ। ମହାରାଷ୍ଟ୍ରର ପ୍ରଗତିରେ ଏହା ପ୍ରମୁଖ ଭୂମିକା ନିଭାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପାଲ୍‌ଘର ଜିଲା ଅନ୍ତର୍ଗତ ଦହନୁ ସହର ନିକଟରେ ନିର୍ମାଣ ହେବାକୁ ଯାଉଥିବା ବଧାଓ୍ୱନ ବନ୍ଦର ଦେଶର ସର୍ବବୃହତ୍ ଗଭୀର ଜଳ ବନ୍ଦର ହେବ। ଅନ୍ତର୍ଜାତୀୟ ଜାହାଜଗୁଡ଼ିକ ଏହି ବନ୍ଦରରେ ଲାଗିବା ଫଳରେ ପରିବହନ ସମୟ ଏବଂ ଆନୁଷଙ୍ଗିକ ଖର୍ଚ୍ଚ କମ୍ ହେବ। ଏହା ବିଶ୍ୱଶ୍ରେଣୀୟ ସାମୁଦ୍ରିକ ପ୍ରବେଶ ପଥ ହେବାକୁ ଯାଉଛି, ଯାହା ଦେଶର ବାଣିଜ୍ୟ ଏବଂ ଆର୍ଥିକ ଅଭିବୃଦ୍ଧିକୁ ବଢ଼ାଇବ। ବୃହତ୍ ପଣ୍ୟବାହୀ ଜାହାଜଗୁଡ଼ିକ ଏହି ବନ୍ଦରରେ ଲାଗିପାରିବ। ମହାରାଷ୍ଟ୍ରରେ ମୁମ୍ବାଇ ବନ୍ଦର ଏବଂ ଜବାହରଲାଲ ନେହେରୁ ବନ୍ଦର ପରେ ବଧାଓ୍ୱନ ତୃତୀୟ ବୃହତ୍ ବନ୍ଦର ହେବାକୁ ଯାଉଛି। ଜବାହରଲାଲ୍ ନେହେରୁ ପୋର୍ଟ ଟ୍ରଷ୍ଟ ଏବଂ ମହାରାଷ୍ଟ୍ର ମେରିଟାଇମ୍ ବୋର୍ଡ ମିଳିତ ଭାବେ ଉକ୍ତ ବନ୍ଦରର ବିକାଶ କରିବେ।

## ଶିବାଜୀଙ୍କ ପ୍ରତିମୂର୍ତ୍ତି ଭୁଶୁଡ଼ିବା ଘଟଣା

# କ୍ଷମା ମାଗିଲେ ମୋଦି



ପାଲ୍‌ଘର,୩୦।୮

ମହାରାଷ୍ଟ୍ରର ସିନ୍ଧୁଦୁର୍ଗ ଜିଲାରେ ଥିବା ଛତ୍ରପତି ଶିବାଜୀ ମହାରାଜଙ୍କ ୩୫ ଫୁଟ୍ ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତ୍ତି ଭୁଶୁଡ଼ିବା ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର କ୍ଷମା ମାଗିଛନ୍ତି। ରାଜକୋର୍ଟ ଦୁର୍ଗସ୍ଥିତ ଉକ୍ତ ପ୍ରତିମୂର୍ତ୍ତି ଭୁଶୁଡ଼ିବା ଘଟଣାରେ ପ୍ରଧାନମନ୍ତ୍ରୀ ପ୍ରଥମେ ଛତ୍ରପତି ଶିବାଜୀଙ୍କୁ ଏବଂ ପରେ ଯେଉଁମାନଙ୍କୁ ଏହା ଆଘାତ ଦେଇଛି, ସେମାନଙ୍କୁ ନତମସ୍ତକ ହୋଇ କ୍ଷମା ମାଗୁଛି ବୋଲି ପାଲ୍‌ଘରରେ ଅବତରଣ କରିବା ପରେ କହିଥିଲେ। ଅଯୋଧ୍ୟାର ରାମମନ୍ଦିର ଛାତରୁ ପାଣି ଗଳିବା ଘଟଣାରେ ଏହାର ନିର୍ମାଣ କାର୍ଯ୍ୟକୁ ନେଇ ସମାଲୋଚନା କରାଯାଇଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ କ୍ଷମା ମାଗି ନ ଥିଲାବେଳେ ଶିବାଜୀ ପ୍ରତିମୂର୍ତ୍ତି ଭୁଶୁଡ଼ିବା ଘଟଣାରେ କ୍ଷମା ମାଗିବାକୁ ବାଧ୍ୟ ହୋଇଛନ୍ତି ବୋଲି ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି।

### ରାମମନ୍ଦିର ଛାତରୁ ପାଣି ଗଳିବା ନେଇ ମୁହଁ ଖୋଲି ନ ଥିଲେ ପ୍ରଧାନମନ୍ତ୍ରୀ

ଛତ୍ରପତି ଶିବାଜୀ ମହାରାଜ କେବଳ ଏକ ନାମ ନୁହେଁ କି ସେ କେବଳ ରାଜା ନୁହନ୍ତି। ଆମ ପାଇଁ ସେ ଦେବତା। ଆଜି ମୁଁ ସେହି ଦେବତାଙ୍କ ପାଦତଳେ ମୁଣ୍ଡ ନୁଆଁଇ କ୍ଷମା ମାଗୁଛି ବୋଲି ମୋଦି ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି। ଆମ ପାଇଁ ଦେବତାଙ୍କଠାରୁ କେହି ବଡ଼ ନୁହନ୍ତି। ଅନ୍ୟପକ୍ଷରେ ସ୍ୱାଧୀନତା ସଂଗ୍ରାମୀ ତଥା ହିନ୍ଦୁତ୍ୱବାଦୀ ନେତା ବିନାୟକ ଦାମୋଦର ସଭରକରଙ୍କୁ କେତେଜଣ ନିନ୍ଦା କରୁଛନ୍ତି। ତାଙ୍କୁ ଅପମାନିତ କରୁଥିବା ନେତାମାନେ କ୍ଷମା ମାଗିବାକୁ ପ୍ରସ୍ତୁତ ନୁହନ୍ତି ବୋଲି ମୋଦି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରି କହିଥିଲେ।

ସୂଚନାଯୋଗ୍ୟ, ଗତବର୍ଷ ଡିସେମ୍ବର ୪ ନୌସେନା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ଅନାବରଣ କରିଥିବା ଶିବାଜୀଙ୍କ ୩୫ ଫୁଟ୍ ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତ୍ତି ଗତ ୨୬ ତାରିଖରେ ଭୁଶୁଡ଼ି ପଡ଼ିଥିଲା। ଏହାକୁ ନେଇ ରାଜ୍ୟର ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିବାବେଳେ ରାଜନୀତି ଜୋର୍ ଧରିଛି। ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ନିମ୍ନମାନର କାର୍ଯ୍ୟ ଯୋଗୁ ପ୍ରତିମୂର୍ତ୍ତି ଭୁଶୁଡ଼ିଲା ବୋଲି ବିରୋଧୀ ମହାବିକାଶ ଅଘାଡ଼ି ମେଣ୍ଟ ଅଭିଯୋଗ କରିବା ସହ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଏବଂ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍‌ଙ୍କ ଇସ୍ତଫା ଦାବି କରିଥିଲା।

ଶିବାଜୀ ମହାରାଜଙ୍କ ପ୍ରତିମୂର୍ତ୍ତି ଭୁଶୁଡ଼ିବା ଘଟଣା ମହାରାଷ୍ଟ୍ରର ସ୍ୱାଭିମାନକୁ ଆଘାତ ଦେଇଛି। ତେଣୁ ପ୍ରଧାନମନ୍ତ୍ରୀ କେବଳ କ୍ଷମା ମାଗିଦେବା ଯଥେଷ୍ଟ ନୁହେଁ ବୋଲି ବରିଷ୍ଠ କଂଗ୍ରେସ ନେତା ନାନା ପାଟୋଲ କହିଛନ୍ତି। କ'ଣ ପାଇଁ ସେ କ୍ଷମା ମାଗିଲେ। ଏହାର ଅର୍ଥ ସେ ଭୁଲ୍ ସ୍ୱୀକାର କରିଛନ୍ତି। ଯେତେବେଳେ ପ୍ରତିମୂର୍ତ୍ତି ପ୍ରସ୍ତୁତ ହେଲା, ଜଣେ ପ୍ରଧାନମନ୍ତ୍ରୀ ଭାବେ ସେ କିମ୍ବା ତାଙ୍କ ଟିମ୍ ଏହାକୁ ଯାଞ୍ଚ କରିବା ଆବଶ୍ୟକ ଥିଲା। ପ୍ରତିମୂର୍ତ୍ତିର ମୂଳଦୁଆ ସୁଦୃଢ଼ ଅଛି କି ନାହିଁ, ସଂସ୍କୃତି ବିଭାଗ ନିର୍ଦ୍ଦେଶକଙ୍କଠାରୁ ପ୍ରମାଣପତ୍ର ମିଳିଛି କି ନାହିଁ, ତାହା ଅନୁଧ୍ୟାନ କରିବା ଆବଶ୍ୟକ ଥିଲା। ତେଣୁ କେବଳ କ୍ଷମାରେ ପ୍ରସଙ୍ଗର ସମାଧାନ ହୋଇଯିବ ନାହିଁ। ସେ ପ୍ରଧାନମନ୍ତ୍ରୀ ହୁଅନ୍ତୁ କି ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଅଥବା ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଓ ଅଜିତ ପାଓ୍ୱାର, ସେମାନେ ମହାରାଷ୍ଟ୍ରର ସ୍ୱାଭିମାନକୁ ଆଘାତ ଦେଇଛନ୍ତି। ସେମାନେ କ୍ଷମତାରୁ ଓହରିଯାଆନ୍ତୁ, ନଚେତ ରାଜ୍ୟବାସୀ ତାଙ୍କୁ କ୍ଷମତାରୁ ହଟାଇଦେବେ ବୋଲି ପାଟୋଲ କହିଛନ୍ତି।



ଶିବାଜୀଙ୍କ ପ୍ରତିମୂର୍ତ୍ତି



ଭାଙ୍ଗିବା ପରେ

# ଜାପାନରେ ବାତ୍ୟା: ବ୍ୟାପକ କ୍ଷୟକ୍ଷତି



ଫୁକୁଓକା,୩୦।୮

ଜାପାନରେ ଶାନ୍‌ଶାନ୍ ବାତ୍ୟା ପ୍ରଭାବରେ ଗୁରୁବାର ରାତିରୁ ଲଗାଣ ବର୍ଷା ଓ ପବନ ଲାଗି ରହିଛି। ଫଳରେ କେତେକ ସ୍ଥାନରେ ଭୂସ୍ଖଳନ ଘଟି ବ୍ୟାପକ କ୍ଷୟକ୍ଷତି ହେବା ସହ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ବାତ୍ୟା ଯୋଗୁ ପରିବହନ ଓ ଯାତାୟାତ ସେବା ପ୍ରଭାବିତ ହୋଇଥିବାବେଳେ ଦୋକାନବଜାର ବନ୍ଦ ରହିଛି। ବାତ୍ୟାଜନିତ ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ଘଟିଛି ଓ ୯୯ ଜଣ ଆହତ ହୋଇଛନ୍ତି। ଗୁରୁବାର କ୍ୟୁଶୁ ଅଞ୍ଚଳରେ ବାତ୍ୟା ସ୍ଥଳଭାଗ ଛୁଇଁଥିବା ଯୋଗୁ ସାରା ରାତି ପ୍ରବଳ ବର୍ଷା ସହ ଘଣ୍ଟାପ୍ରତି ୧୮୦ କିଲୋମିଟର ବେଗରେ ପବନ ବହିଥିଲା। ଫଳରେ ବହୁ ଅଞ୍ଚଳ ଜଳାର୍ଣ୍ଣବ ହେବା ସହ ବହୁ କ୍ଷୟକ୍ଷତି ହୋଇଥିବା ବିପର୍ଯ୍ୟୟ ପରିଚାଳନା ସଂସ୍ଥା ପକ୍ଷରୁ କୁହାଯାଇଛି।

# ଭୂସ୍ଖଳନରେ ପରିବାରର ୧୨ ମୃତ

ପେଶାଓ୍ୱର,୩୦।୮(ପି.ଟି.)

ପାକିସ୍ତାନର ଉତ୍ତରପଶ୍ଚିମାଞ୍ଚଳରେ ଶୁକ୍ରବାର ପ୍ରବଳ ବର୍ଷା ସାଙ୍ଗକୁ ଭୂସ୍ଖଳନ ଯୋଗୁ ଗୋଟିଏ ଘର ଭୁଶୁଡ଼ି ପଡ଼ିଛି। ଫଳରେ ପରିବାରର ୯ ପିଲାଙ୍କ ସମେତ ୧୨ ଜଣଙ୍କ ମୃତ୍ୟୁ ହୋଇଛି। ଖାଇବର ପଖ୍‌ତୁନ୍‌ଖ୍ୱା ପ୍ରଦେଶର ଅପର ଡିର୍ ଜିଲାରେ ଏହି ଦୁଃଖଦ ଘଟଣା ଘଟିଛି। ମୃତଦେହଗୁଡ଼ିକୁ ମାଟିତଳୁ ବାହାର କରାଯାଇ ବ୍ୟବଚ୍ଛେଦ ନିମନ୍ତେ ହସ୍ପିଟାଲ ପଠାଯାଇଛି। ଆରବ ସାଗରରେ ସାମୁଦ୍ରିକ ବାତ୍ୟା ସୃଷ୍ଟି ହୋଇଥିବାରୁ ଏହାର ପ୍ରଭାବରେ ପାକିସ୍ତାନରେ କିଛିଦିନ ହେଲା ପ୍ରବଳ ବର୍ଷା ଲାଗିରହିଛି।

# ଆସାମ ବିଧାନସଭାରେ ୨ ଘଣ୍ଟିଆ ନମାଜ ବିରତି ବନ୍ଦ

ଗୁଆହାଟୀ,୩୦।୮(ପି.ଟି.)

ଆସାମ ବିଧାନସଭାରେ ମୁସଲମାନ ବିଧାୟକମାନଙ୍କ ନମାଜ ପାଠ ପାଇଁ ଶୁକ୍ରବାର ଦିଆଯାଉଥିବା ୨ ଘଣ୍ଟା ବିରତିକୁ ଉଠାଇ ଦିଆଯାଇଛି। ବିଧାନସଭାର ଆଗାମୀ ଅଧିବେଶନରୁ ଏହା କାର୍ଯ୍ୟକାରୀ ହେବ। ବିଧାନସଭାର ଏହି ନିଷ୍ପତ୍ତିକୁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଐତିହାସିକ ବୋଲି କହି ପ୍ରଶଂସା କରିଛନ୍ତି।




୩ ଘଣ୍ଟା ଜୁମ୍ମା ବିରତିକୁ ହଟାଇଦେଇ ବିଧାନସଭା ଉତ୍ପାଦକତାକୁ ପ୍ରାଥମିକତା ଦେବା ସହ ଉପନିବେଶୀୟ ବୋଝର ପ୍ରତୀକକୁ ଦୂରେଇ ଦେଇଛି। ୧୯୩୭ରେ ମୁସ୍‌ଲିମ୍ ଲିଗ୍‌ର ସୟେଦ ସାଦୁଲ୍ଲା ଏହି ପ୍ରଥା କାର୍ଯ୍ୟକାରୀ କରିଥିଲେ। ଏହାକୁ ଉଚ୍ଛେଦ କରାଯିବା ନିଷ୍ପତ୍ତି ପାଇଁ ବାସସ୍ପତି ବିଶ୍ୱଜିତ ଦାଇମାରି ଡଙ୍ଗୋରିୟା ଓ ବିଧାୟକମାନଙ୍କୁ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜଣାଇଛନ୍ତି। ମୁସଲମାନ ବିବାହ ଓ ଛାଡ଼ପତ୍ର ପାଇଁ ପଞ୍ଜୀକରଣକୁ ବାଧ୍ୟତାମୂଳକ କରାଯିବା ନିମନ୍ତେ ବିଧାନସଭାରେ ବିଲ୍ ଗୃହୀତ ହେବାର ଦିନକ ପରେ ଗୃହରୁ ୨ ଘଣ୍ଟିଆ ନମାଜ ବିରତିକୁ ଉଠାଇଦିଆଯାଇଛି।

# ଆଭ୍ୟନ୍ତରୀଣ ବାୟୁ ପ୍ରଦୂଷଣ ଅଧିକ ବିପଜ୍ଜନକ

ନୂଆଦିଲ୍ଲୀ,୩୦।୮(ପି.ଟି.)

ବାହ୍ୟ ବାୟୁ ପ୍ରଦୂଷଣ ତୁଳନାରେ ଘର ଭିତରର ବାୟୁ ପ୍ରଦୂଷଣ ସ୍ୱାସ୍ଥ୍ୟ ପାଇଁ ଅଧିକ ବିପଜ୍ଜନକ ବୋଲି ବିଶେଷଜ୍ଞମାନେ କହିଛନ୍ତି। ବେଳେବେଳେ ପ୍ରଦୂଷିତ ଘରଗୁଡ଼ିକ ରହିଥିବା ଗାଁଠାରୁ ସହର ଅଧିକ ସ୍ୱଚ୍ଛ ହୋଇଥାଏ। ଇଣ୍ଡିଆ କ୍ଲିନ୍ ଏୟାର ସମିଟ୍ (ଆଇସିଏଏସ୍), ୨୦୨୪କୁ ଉଦ୍‌ବୋଧନ ଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ପ୍ରମୁଖ ଉପଦେଷ୍ଟା ସୌମ୍ୟା ସ୍ୱାମୀନାଥନ କହିଛନ୍ତି, ଘରେ ରହୁଥିବା ମହିଳାମାନେ ବ୍ଲାକ୍ କାର୍ବନ୍‌ର ସର୍ବୋଚ୍ଚ ସ୍ତର ଦ୍ୱାରା ପ୍ରଭାବିତ ହୋଇଥାନ୍ତି। ଦିଲ୍ଲୀର ପ୍ରଦୂଷିତ ବାୟୁରେ ଅଟୋରିକ୍ସାରେ ଯାତ୍ରା କରୁଥିବା ଲୋକମାନେ ଯେତିକି କଳା ଅଙ୍ଗାରକ ଦ୍ୱାରା ପ୍ରଭାବିତ ହୋଇଥାନ୍ତି, ଘରେ ରହିଥିବା ମହିଳାମାନେ ମଧ୍ୟ ସମାନ ପରିମାଣରେ ପ୍ରଭାବିତ ହୋଇଥାନ୍ତି। ଫଳରେ ସେମାନଙ୍କଠାରେ ରକ୍ତଚାପ ସମସ୍ୟା ଅଧିକ ଦେଖିବାକୁ ମିଳେ। ରାଜ୍ୟରେ ଉତ୍ସର୍ଜିତ ଅଙ୍ଗାରକର ୨୦ ପ୍ରତିଶତରୁ କମ୍ ସହରଗୁଡ଼ିକ ଛାଡ଼ିଥାନ୍ତି। ତେବେ ପରିବାରଗୁଡ଼ିକର ନିର୍ଗତ ହେଉଥିବା ଅଙ୍ଗାରକ ଉତ୍ସର୍ଜନ ପରିମାଣ ୨୦ରୁ ୪୦ ପ୍ରତିଶତ ମଧ୍ୟରେ ବୋଲି ସ୍ୱାମୀନାଥନ କହିଛନ୍ତି। କଳା ଅଙ୍ଗାରକ ଦୀର୍ଘ ଶ୍ୱାସରୋଗ, ଫୁସ୍‌ଫୁସ୍ କ୍ୟାନ୍‌ସର, ନିମୋନିଆ, ଆଜ୍‌ମା, ହୃଦ୍‌ରୋଗ, କମ୍ ଓଜନର ଶିଶୁ ଜନ୍ମର କାରଣ ବୋଲି ବିଶେଷଜ୍ଞ କହିଛନ୍ତି। ବାୟୁ ପ୍ରଦୂଷଣ ଯୋଗୁ ଲୋକଙ୍କ ହାରାହାରି ଆୟୁ ୨.୩ ବର୍ଷ ହ୍ରାସ ପାଉଛି।

# ତେଜୁଛି ରାଜନୀତି, ଥମୁନି ବଳାତ୍କାର



**କିଛି ଦଶନ୍ଧି ମଧ୍ୟରେ ଭାରତର ବିବିଧ କ୍ଷେତ୍ରରେ ପ୍ରଗତି ପରିଲକ୍ଷିତ ହୋଇଛି। ଏହି ବିକାଶ ଓ ଅଭିବୃଦ୍ଧି ସତ୍ତ୍ୱେ ସଭ୍ୟ ସମାଜର ମୁଣ୍ଡ ତଳକୁ କରିଦେବା ଭଳି ଅନେକ ଘଟଣା ଘଟିଚାଲିଛି। ମହିଳାଙ୍କୁ ମା' ରୂପେ ସମ୍ମାନ ଦିଆଯାଉଥିବାବେଳେ ସେମାନଙ୍କ ପ୍ରତି ବଢ଼ିଚାଲିଥିବା ହିଂସା ଓ ଯୌନ ଅପରାଧ ଅତ୍ୟନ୍ତ ଉଦ୍‌ବେଗଜନକ। ଦେଶରେ ପ୍ରତି ୧୬ ମିନିଟ୍‌ରେ ଜଣେ ମହିଳା ବଳାତ୍କାରର ଶିକାର ହେଉଛନ୍ତି। ଶିଶୁକନ୍ୟା, ଯୁବତୀ ଓ ମହିଳାମାନେ ପ୍ରତ୍ୟହ ଏଭଳି ବର୍ବର ଅପରାଧକୁ ସାମ୍ନା କରୁଛନ୍ତି। ବିଲଠୁ ବସ୍ ଷ୍ଟପ୍, ଶିକ୍ଷାନୁଷ୍ଠାନରୁ ନେଇ ହସ୍ପିଟାଲ, ଘରେ ବାହାରେ ସବୁଠି ଯୌନ ପିପାସୁ ପୁରୁଷ ନିଜ କାମବାସନା ଚରିତାର୍ଥ କରିବାକୁ ଯାଇ ଦୁଷ୍କର୍ମରେ ଲିପ୍ତ ରହୁଛନ୍ତି। ଅନେକ ସ୍ଥଳେ ଧରାପଡ଼ିବା ଭୟରେ ବଳାତ୍କାର ପୀଡ଼ିତାଙ୍କୁ ଜୀବନରୁ ମାରି ପ୍ରମାଣ ନଷ୍ଟ ଉଦ୍ୟମ କରାଯାଉଛି। ଘଟଣା ପ୍ରଘଟ ହେବା ପରେ ଦେଶବାସୀ ସହାନୁଭୂତି ଦେଖାଇ ବିକ୍ଷୋଭ କରୁଛନ୍ତି। ପୋଲିସ ତଦନ୍ତ ଚଳାଉଛି। ନେତାମାନେ 'ନ୍ୟାୟ' ପାଇଁ ଚିତ୍କାର କରୁଛନ୍ତି। ମହିଳା ସଶକ୍ତୀକରଣର ସ୍ଲୋଗାନ ଦିଆଯାଉଛି, ରାଜନୀତି ତେଜୁଛି, ବାକ୍‌ଯୁଦ୍ଧ ଚାଲୁଛି। ସମୟ ଅତିକ୍ରାନ୍ତ ହେବା ସହ ଯଥା ପୂର୍ବଂ ତଥା ପରମ୍ ରୀତିରେ ସବୁ ଭୁଲିହୋଇଯାଉଛି, ଯେମିତି କି କିଛି ଘଟିନାହିଁ। ପ୍ରକୃତ ନ୍ୟାୟକୁ ଅନେଇଥିବା ପୀଡ଼ିତା ଆଖିରୁ ଲୁହ ଝରିବା ବନ୍ଦ ହେଉନାହିଁ।**

ନୂଆଦିଲ୍ଲୀ,୩୦।୮

୨୦୧୨ ଡିସେମ୍ବର ୧୬ ରାତି ପ୍ରାୟ ୯ଟାରେ ଦକ୍ଷିଣ ଦିଲ୍ଲୀ ମୁନିରକାରେ ଜଣେ ୨୩ ବର୍ଷୀୟା ଫିଜିଓଥେରାପିଷ୍ଟ ଛାତ୍ରୀ ବସ୍‌ରେ ଚଢ଼ିଥିଲେ ଘରକୁ ଯିବା ପାଇଁ। ସେହି ଚଳନ୍ତା ବସ୍‌ରେ ଡ୍ରାଇଭର ଓ ତାଙ୍କ ସହଯୋଗୀମାନେ ପାରାମେଡିକ୍ ଛାତ୍ରୀଙ୍କୁ ଗଣବଳାତ୍କାର କରିବା ସହ ସମ୍ବେଦନଶୀଳ ଅଙ୍ଗରେ ଲୁହାରଡ୍ ପୂରାଇ ତାଙ୍କୁ ଏକ ପରିତ୍ୟକ୍ତ ସ୍ଥାନରେ ଫୋପାଡ଼ି ଦେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଦେଇଥିବା ଛାତ୍ରୀଙ୍କୁ ଦେଶ ନାଁ ଦେଇଥିଲା 'ନିର୍ଭୟା'। ଏହି ବହୁଚର୍ଚ୍ଚିତ ଘଟଣାର ପ୍ରାୟ ୧୨ ବର୍ଷ ପରେ ଦେଶକୁ ଆନ୍ଦୋଳିତ କରିଦେଇଛି ଆଉ ଏକ ବଳାତ୍କାର ଓ ହତ୍ୟା।

ଅଗଷ୍ଟ ୮ ବିଳମ୍ବିତ ରାତିରେ କୋଲକାତାସ୍ଥିତ ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ସେମିନାର ହଲ୍‌ରେ ୩୧ ବର୍ଷୀୟା ପିଜି ଛାତ୍ରୀଙ୍କୁ ବଳାତ୍କାର ପରେ ବର୍ବର ହତ୍ୟା କରାଯିବା ଘଟଣାକୁ ନେଇ ଦେଶବ୍ୟାପୀ ଆନ୍ଦୋଳନ ଚାଲିଥିବାବେଳେ ବିଶ୍ୱରେ ଦୁର୍ନାମ ମୁଣ୍ଡାଇଛି ଭାରତ। ଏଥିସହ କର୍ମକ୍ଷେତ୍ରରେ ମହିଳାମାନଙ୍କ ସୁରକ୍ଷା ପ୍ରତି ଉଠିଛି ପ୍ରଶ୍ନବାଚୀ। ପୀଡ଼ିତା ଛାତ୍ରୀଙ୍କ ସାଙ୍କେତିକ ନାମକରଣ କରାଯାଇଛି 'ଅଭୟା'।

ଆର୍.ଜି. କର ହସ୍ପିଟାଲ ମାମଲାରେ କାଲକାଟା ହାଇକୋର୍ଟଙ୍କଠାରୁ ନେଇ ଦେଶର ସର୍ବୋଚ୍ଚ ଅଦାଲତ ପର୍ଯ୍ୟନ୍ତ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଭାରତର ପ୍ରଧାନ ବିଚାରପତି ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି, ଦେଶ ଆଉ ଏକ ବଳାତ୍କାରକୁ ଅପେକ୍ଷା କରିପାରିବ ନାହିଁ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ବହୁତ ହୋଇଗଲା, ଏବେ ଭାରତକୁ ତତ୍ପର ହୋଇ ମହିଳା ବିରୋଧୀ ଅପରାଧ ରୋକିବାକୁ ପଡ଼ିବ ବୋଲି ଚେତାଇଦେଇଛନ୍ତି।

ଉପରାଷ୍ଟ୍ରପତି ଜଗଦୀପ ଧନକରଙ୍କ ମତରେ କୋଲକାତା ଘଟଣା ଏକ ଯନ୍ତ୍ରଣାଦାୟକ ଅପରାଧ। ଏଭଳି ଅପରାଧ ଭିଆଉଥିବା ବ୍ୟକ୍ତିମାନଙ୍କୁ ଦଣ୍ଡିତ କରିବା ପାଇଁ କଠୋର ଆଇନ ବ୍ୟବସ୍ଥା କରାଯିବା ଉଚିତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ମହିଳା ବିରୋଧୀ ଅପରାଧକୁ ଅକ୍ଷମଣୀୟ କହି ନିନ୍ଦା କରିଛନ୍ତି। ସେପଟେ ବିରୋଧୀ ଭାଜପା ଏହି ପ୍ରସଙ୍ଗରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଅପଦସ୍ଥ କରିବା ପାଇଁ ବିକ୍ଷୋଭ ଜାରି ରଖିଛି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବଳାତ୍କାରୀଙ୍କୁ ଫାଶୀଖୁଣ୍ଟରେ ଝୁଲାଇବା ପାଇଁ ସୋମବାର ବିଧାନସଭାରେ ଆଇନ ଆଣିବାକୁ ଯାଉଛନ୍ତି। ବଳାତ୍କାର ଏକ ଜାତୀୟ ପ୍ରସଙ୍ଗ ହୋଇଥିବା ଦର୍ଶାଇ କଠୋର ଆଇନ ପ୍ରଣୟନ ପାଇଁ ସେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମମତା ଶୁକ୍ରବାର ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଦ୍ୱିତୀୟ ପତ୍ର ଲେଖିଛନ୍ତି। ପ୍ରଥମ ଚିଠିର ଉତ୍ତର ନ ଦେବା କେନ୍ଦ୍ରର ସମ୍ବେଦନହୀନତା ବୋଲି ଏକ୍ସ'ରେ ଉଲ୍ଲେଖ କରିଛନ୍ତି, ଯହିଁରେ ମମତା ଉକ୍ତ ଚିଠିକୁ ମଧ୍ୟ ପୋଷ୍ଟ କରିଛନ୍ତି।

କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ମମତାଙ୍କୁ ଏହାର କଡ଼ା ଜବାବ ଦେଇଛନ୍ତି। ମହିଳାଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ପଦକ୍ଷେପ ନେବାରେ ମମତାଙ୍କ ସରକାର ବିଫଳ ହୋଇଥିବା କହିଛନ୍ତି। ପଶ୍ଚିମବଙ୍ଗରେ ୪୮,୬୦୦ ବଳାତ୍କାର ଓ ପୋକ୍ସୋ ମାମଲା ଗଦ୍ଦୁଥିବାବେଳେ ରାଜ୍ୟ ସରକାର ଅବଶିଷ୍ଟ ୧୧ଟି ଫାଷ୍ଟ ଟ୍ରାକ୍ କୋର୍ଟ ପ୍ରତିଷ୍ଠା କରି ନ ଥିବା ଅନ୍ନପୂର୍ଣ୍ଣା ସମାଲୋଚନା କରିଛନ୍ତି। ଟିଏମ୍‌ସି ନେତା ଡେରେକ୍ ଓ୍ୱ'ବ୍ରାଏନ୍ କହିଛନ୍ତି, ଦେଶରେ ମୋଟ ୨୭,୨୦୨୩ ଫାଷ୍ଟ ଟ୍ରାକ୍ କୋର୍ଟ ଥିବାବେଳେ ପଶ୍ଚିମବଙ୍ଗରେ ୮୮ଟି ରହିଛି। ଉତ୍ତର ପ୍ରଦେଶ (୩୭୨) ଓ ମହାରାଷ୍ଟ୍ର (୯୭) ପରେ ପଶ୍ଚିମବଙ୍ଗ ହେଉଛି ବଳାତ୍କାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ତୁରନ୍ତ ଦଣ୍ଡବିଧାନ କରିବା ପାଇଁ ଉଦ୍ଦିଷ୍ଟ ଏଭଳି ଅଦାଲତ ପ୍ରତିଷ୍ଠା କରିବାରେ ତୃତୀୟ ରାଜ୍ୟ। ଇତିମଧ୍ୟରେ ରାଜ୍ୟପାଳ ସିଭି ଆନନ୍ଦ ବୋଷ ନୂଆଦିଲ୍ଲୀରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟି ଆର୍.ଜି. କର ଘଟଣା ପରବର୍ତ୍ତୀ ପଶ୍ଚିମବଙ୍ଗର ଆଇନଶୃଙ୍ଖଳା ସ୍ଥିତି ଉପରେ ଅବଗତ କରାଇଛନ୍ତି। ରାଜ୍ୟପାଳଙ୍କଠୁ ନେଇ ରାଷ୍ଟ୍ରପତି ଏବଂ ମୁଖ୍ୟମନ୍ତ୍ରୀଙ୍କଠାରୁ ପ୍ରଧାନମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ବଳାତ୍କାରକୁ ନିନ୍ଦା କରିବା ସହ କଠୋର ଶାସ୍ତିବିଧାନ କରାଯିବା ଉପରେ ମତ ଦେଉଥିବାବେଳେ ଏହି କଳଙ୍କିତ ଧାରା ବଜାୟ ରହିଛି।

## ମଲିଉଡ୍‌ରେ ମି ଟୁ ଝଡ଼

କେରଳ ହାଇକୋର୍ଟ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ କେ. ହେମାଙ୍କ ଅଧ୍ୟକ୍ଷତାରେ ୨୦୧୭ରେ ଗଠିତ କମିଟି ଗତ ୧୯ରେ ରିପୋର୍ଟ ସାର୍ବଜନୀନ ପରଠୁ ମଲିଉଡ୍‌ରେ ଆଉ ଏକ ମି ଟୁ ଝଡ଼ ଉଠିଛି। ସିନେମାରେ ସୁଯୋଗ ଦେବା ପାଇଁ ନିର୍ଦ୍ଦେଶକ, ପ୍ରଯୋଜକ ଓ ଅଭିନେତାମାନେ ଅଭିନେତ୍ରୀମାନଙ୍କୁ ସୁଯୋଗ ଦେବା ଆଳରେ କିପରି ସେମାନଙ୍କୁ ଯୌନ ଶୋଷଣ କରୁଛନ୍ତି, ତାହା ଉକ୍ତ ରିପୋର୍ଟରେ ପ୍ରଘଟ ହୋଇଛି। ବଙ୍ଗଳା ଅଭିନେତ୍ରୀ ଶ୍ରୀଲେଖା ମିତ୍ରଙ୍କ ଅଭିଯୋଗକୁ ନେଇ ଜଣାଶୁଣା ନିର୍ଦ୍ଦେଶକ ତଥା ପ୍ରଯୋଜକ ରଞ୍ଜିତ ବାଲାକ୍ରିଷ୍ଣନ୍ କେରଳ ରାଜ୍ୟ ଚଳଚ୍ଚିତ୍ର ଏକାଡେମୀ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିବାବେଳେ ସାଉଥ୍ ଆକ୍ଟ୍ରେସ୍ ରେବତୀ ସମ୍ପତଙ୍କ ଅଭିଯୋଗ କ୍ରମେ ବର୍ଷୀୟାନ ଅଭିନେତା ସିଦ୍ଦିକି ଆସୋସିଏଶନ୍ ଅଫ୍ ମାଲାୟାଲମ୍ ମୁଭି ଆର୍ଟିଷ୍ଟସ (ଏଏମ୍‌ଏମ୍‌ଏ) ସାଧାରଣ ସମ୍ପାଦକ ପଦ ଛାଡ଼ିଛନ୍ତି। ପୋଲିସ ଏନେଇ କେତେଜଣ ସିନେ ବ୍ୟକ୍ତିତ୍ୱଙ୍କ ବିରୋଧରେ ମାମଲା ରୁଜୁ କରିଛି।

## ଅସ୍ତ୍ର ଧରି ହସ୍ପିଟାଲ ଯିବାକୁ ଚାହୁଁଛନ୍ତି ମହିଳା ଡାକ୍ତର

ଦେଶର ହସ୍ପିଟାଲଗୁଡ଼ିକରେ ଏକ-ତୃତୀୟାଂଶ ଡାକ୍ତର ନିଜକୁ ଅସୁରକ୍ଷିତ ମଣୁଛନ୍ତି, ଯାହାଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ମହିଳା। ନାଇଟ୍ ସିଫ୍ଟରେ କାର୍ଯ୍ୟ କରୁଥିବା ୪୫% ଡାକ୍ତରଙ୍କ ପାଇଁ ଡ୍ୟୁଟି ରୁମ୍ ନାହିଁ। ହସ୍ପିଟାଲରେ ସୁରକ୍ଷା କର୍ମଚାରୀଙ୍କ ଅଭାବ, ଆଲୋକ ବ୍ୟବସ୍ଥା, ସିସିଟିଭି କ୍ୟାମେରା ନ ରହିବା ଏବଂ ଅନଧିକାର ପ୍ରବେଶ ଭଳି ଅନେକ ଅସୁବିଧା ରହିଛି। ଏଥିଯୋଗୁ ଅନେକ ମହିଳା ଡାକ୍ତର ଆତ୍ମରକ୍ଷା ପାଇଁ ସାଙ୍ଗରେ ଅସ୍ତ୍ର ନେଇ ହସ୍ପିଟାଲକୁ ଯିବା ଆବଶ୍ୟକ ବୋଲି ଅନୁଭବ କରୁଛନ୍ତି। ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ୍ (ଆଇଏମ୍‌ଏ) ପକ୍ଷରୁ କରାଯାଇଥିବା ଏକ ସର୍ଭେରୁ ଏହା ଜଣାପଡ଼ିଛି।

## ପ୍ରତି ମିନିଟ୍‌ରେ ୧୬ ବଳାତ୍କାର

ଦେଶର କେଉଁଠି ନା କେଉଁଠି ପ୍ରତି ୧ ମିନିଟ୍‌ରେ ଜଣେ ମହିଳା ବଳାତ୍କାରର ଶିକାର ହେଉଥିବା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟ କହୁଛି। ସର୍ବାଧିକ ମାମଲାରେ ପୀଡ଼ିତାଙ୍କ ବୟସ ୧୮-୩୦ ବର୍ଷ ମଧ୍ୟରେ। ୨୦୨୨ରେ ମୋଟ ୩୧,୯୩୨ ପୀଡ଼ିତାଙ୍କ ମଧ୍ୟରୁ ୬୬% ବା ୨୧,୦୬୩ ଜଣ ଏହି ଆୟୁ ବର୍ଗର। ୨୦୨୧ରେ ସେମାନଙ୍କ ସଂଖ୍ୟା ୨୦,୦୬୫ ଥିଲା, ଯାହାକି ମୋଟ ୩୧,୮୭୮ ଜଣ ବଳାତ୍କାର ପୀଡ଼ିତାଙ୍କ ୬୩%। ୧୬ ବର୍ଷରୁ କମ୍ ବୟସ୍କ ଝିଅ ବଳାତ୍କାର ଶିକାର ହେଲେ ଅନେକ କ୍ଷେତ୍ରରେ ଲୋକଲଜ୍ଜା, ଅପରାଧୀଙ୍କ ଧମକ ଓ ପାରିବାରିକ ଚାପ ଯୋଗୁ ଏତଲା ଦେଉନାହାନ୍ତି। ଏହି କାରଣରୁ ସ୍ୱଳ୍ପବୟସ୍କାଙ୍କ ମାମଲା ସଂଖ୍ୟା କମ୍ ରହୁଥିବା ସମାଜ ବିଜ୍ଞାନୀମାନେ ମତ ଦେଇଛନ୍ତି।

## ଦଣ୍ଡବିଧାନ ହାର ମାତ୍ର ୨୭%

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ବେଳେ ଦେଶରେ ବାର୍ଷିକ ୨୫,୦୦୦ ବଳାତ୍କାର ମାମଲା ରୁଜୁ ହେଉଥିଲା। ଏହା ପରେ ବାର୍ଷିକ ୩୦,୦୦୦ରୁ ଉର୍ଦ୍ଧ୍ୱ ବଳାତ୍କାର ମାମଲା ରୁଜୁ ହୋଇଆସୁଛି। ୨୦୧୬ରେ ଏହା ସର୍ବାଧିକ ୩୯,୦୦୦କୁ ଛୁଇଁଥିଲା। ମାମଲା ସଂଖ୍ୟା ବଢ଼ିଚାଲିଥିବାବେଳେ ଦଣ୍ଡବିଧାନ ହାର ମାତ୍ର ୨୭ରୁ ୨୮% ରହୁଛି। ବ୍ରିଟେନ୍‌ରେ ଦଣ୍ଡବିଧାନ ହାର ୬୩.୫% ଥିବାବେଳେ କାନାଡାରେ ୪୨%।



## ପ୍ୟାରିସ୍ ପାରାଲିମ୍ପିକ୍ସ ୨୦୨୪ରେ ଅଭନି ଲେଖରାଙ୍କୁ ସ୍ୱର୍ଣ୍ଣ




# ପାଳଭାଡ଼ି ତଳୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର

## ନାବାଳକଙ୍କୁ ଅପହରଣ ଘଟଣା

କେନ୍ଦୁଝର,୩୦।୮
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ କରଦାଙ୍ଗି ଗ୍ରାମରୁ ଅପହୃତ ନାବାଳକ ଶାନ୍ତନୁ ପାତ୍ର(୧୨)ଙ୍କୁ ପୋଲିସ ଉଦ୍ଧାର କରିଛି। ସେ ମୁମୂର୍ଷୁ ଅବସ୍ଥାରେ ଏକ ପାଳଭାଡ଼ି ତଳେ ପଡ଼ିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ପୋଲିସ ବିଳମ୍ବିତ ରାତି ପର୍ଯ୍ୟନ୍ତ ନାବାଳକଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ନାବାଳଙ୍କର କୌଣସି ସନ୍ଧାନ ପାଇ ନ ଥିଲା। ଶୁକ୍ରବାର ଭୋର ସମୟରେ ସନ୍ଦିଗ୍ଧଙ୍କ ଘର ନିକଟରୁ ମୁମୂର୍ଷୁ ଅବସ୍ଥାରେ ମିଳିବା ପୋଲିସ ପାଇଁ ଚିନ୍ତାର କାରଣ ହୋଇଛି।

ସୂଚନା ଅନୁଯାୟୀ, ରିଙ୍କି ଓ ସଞ୍ଜୟ ପାତ୍ରଙ୍କ ପୁଅ ଶାନ୍ତନୁ ଅଗଷ୍ଟ ୨୭ରେ ସାଇକେଲରେ ସାହି ଭିତରକୁ ଯାଇ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ତେବେ ପୁଅକୁ ଉକ୍ତ ଗ୍ରାମର ଜଣେ ମହିଳା ଗୋଡ଼ହାତ ବାନ୍ଧି ରଖିଥିବା ସୂଚନା ପାଇଥିଲେ। ଅପହରଣ କରାଯାଇଥିବା ନେଇ ତେଲକୋଇ ଥାନାରେ ଶାନ୍ତନୁଙ୍କ ମା' ରିଙ୍କି ପାତ୍ର ଅଭିଯୋଗ କରିଥିଲେ। ଗାଁର ଜଣେ ମହିଳା ତାଙ୍କ ପୁଅ ସହିତ ମିଶି ଘରୁ ଟଙ୍କା ଚୋରି କରୁଥିବା ଅଭିଯୋଗ କରି ଶାନ୍ତନୁଙ୍କୁ ଅଟକ ରଖିଥିଲେ। ତାଙ୍କ ସାଇକେଲକୁ ମଧ୍ୟ ରଖି ଟଙ୍କା ଦେଲେ ସାଇକେଲ ଓ ପୁଅକୁ ଛାଡ଼ିବେ ବୋଲି କହିଥିବା ନାବାଳକଙ୍କ ପରିବାର ଲୋକେ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଫୋର୍ସ ଗାଁ ଓ ମହିଳାଙ୍କ ଘରେ ଛାନ୍‌ଭିନ୍ କରିଥିଲା। ଗୁରୁବାର ସନ୍ଧ୍ୟା ସୁଦ୍ଧା ନାବାଳକଙ୍କ ପତ୍ତା ମିଳି ନ ଥିଲା। ଶୁକ୍ରବାର ଭୋର ସମୟରେ ସନ୍ଦିଗ୍ଧଙ୍କ ଘର ପଛପଟେ ଥିବା ଏକ ପାଳଭାଡ଼ି ତଳୁ ନାବାଳକଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏବେ ତାଙ୍କର ଚିକିତ୍ସା ଚାଲିଛି। ଘଟଣାକୁ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି। କେନ୍ଦୁଝର ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁ କହିଛନ୍ତି, ସନ୍ଦିଗ୍ଧ ମହିଳାଙ୍କୁ ଅଟକ ରଖାଯାଇ ଘଟଣାର ତଦନ୍ତ ଚାଲିଛି। ତଦନ୍ତ ପରେ ସବୁ ଘଟଣା ଜଣାପଡ଼ିବ।

# ମାତୃ ଓ ଶିଶୁ ୟୁନିଟ୍ ଏସ୍‌ଏନ୍‌ସିୟୁରେ ନିଆଁ

## ସୁରକ୍ଷିତଭାବେ ୩୦ ଶିଶୁ ସ୍ଥାନାନ୍ତର


ଜଣେ ନବଜାତକଙ୍କୁ ସୁରକ୍ଷିତଭାବେ ସ୍ଥାନାନ୍ତର କରାଯାଉଛି।

କୋରାପୁଟ,୩୦।୮
(ଅମିତାଭ ବେହେରା)

କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଶୁକ୍ରବାର ମଧ୍ୟାହ୍ନରେ ମାତୃ ଓ ଶିଶୁ ୟୁନିଟ୍ ଏସ୍‌ଏନ୍‌ସିୟୁ ଗୃହରେ ଅଗ୍ନିକାଣ୍ଡ ଘଟିଛି। ପ୍ୟାନେଲ ବୋର୍ଡରେ ଶର୍ଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ଏସ୍‌ଏନ୍‌ସିୟୁରେ ଥିବା ୩୦ରୁ ଊର୍ଦ୍ଧ୍ୱ ନବଜାତକଙ୍କୁ ସୁରକ୍ଷିତଭାବେ ସ୍ଥାନାନ୍ତର କରାଯାଇଛି।

ସୂଚନାନୁଯାୟୀ, ଏସ୍‌ଏନ୍‌ସିୟୁରେ ଥିବା ପ୍ୟାନେଲ ବୋର୍ଡରେ କୌଣସି କାରଣରୁ ଶର୍ଟ ସର୍କିଟ ହୋଇ ନିଆଁ ଲାଗିଯାଇଥିଲା। ଏହାକୁ ଦେଖି ସେଠାରେ ଥିବା କର୍ମଚାରୀ ତୁରନ୍ତ ଅଗ୍ନି ନିର୍ବାପକ ଯନ୍ତ୍ରରୁ ସ୍ପ୍ରେ କରିଥିଲେ। କିଛି ସମୟ ପରେ ନିଆଁ ଲିଭିଯାଇଥିଲେ ମଧ୍ୟ ଗୃହଟି ଧୂଆଁରେ ଭର୍ତ୍ତି ହୋଇଯାଇଥିବା ଅଗ୍ନିଶମ ଅଧିକାରୀ ବିଜୟ କୁମାର କିଷାନ କହିଛନ୍ତି। ଏସ୍‌ଏନ୍‌ସିୟୁ ଧୂଆଁରେ ଭର୍ତ୍ତି ହୋଇଯାଇଥିବାରୁ ତୁରନ୍ତ ଏହି ୱାର୍ଡ ଖାଲି କରାଯାଇଥିଲା। ସେଠାରେ ଥିବା ୩୦ରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ମେଡିସିନ ଓ ସର୍ଜରି ୱାର୍ଡକୁ ସ୍ଥାନାନ୍ତର କରାଯାଇଥିବା ହସ୍ପିଟାଲର ମ୍ୟାନେଜର ଶୁଭେନ୍ଦୁ ପଣ୍ଡା କହିଛନ୍ତି। ମେଡିକାଲର ସମସ୍ତ ଅଧିକାରୀ, କର୍ମଚାରୀଙ୍କ ତ୍ୱରିତ ପଦକ୍ଷେପ ଯୋଗୁ କୌଣସି କ୍ଷୟକ୍ଷତି ହୋଇ ନ ଥିବା କୋରାପୁଟ ଉପଜିଲାପାଳ ବେଣୁଧର ଶବର କହିଛନ୍ତି। ଦୁର୍ଘଟଣାର ତଦନ୍ତ କରିବାକୁ ଆଇନଜୀବୀ ରୂପକ ତୁରୁକ ଦାବି କରିଛନ୍ତି।

# ରାଜ୍ୟର ପ୍ରଥମ ହାଇଜେନିକ୍ ଫିଶ୍ ମାର୍କେଟ୍ ଶିଳାନ୍ୟାସ






ଶିଳାନ୍ୟାସ ଉତ୍ସବରେ ମନ୍ତ୍ରୀଙ୍କ ଗହଣରେ ଅତିଥିମାନେ।

## ଆଭାସୀରେ ଯୋଗଦେଲେ ପ୍ରଧାନମନ୍ତ୍ରୀ

ବାଲେଶ୍ୱର(ବାଞ୍ଛାନିଧି ଦେ)/
ବସ୍ତା(ହରିଶଙ୍କର ପାଢ଼ୀ), ୩୦।୮

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ବାହାର୍ଦ୍ଦା କୃଷି ଫାର୍ମଠାରେ ଓଡ଼ିଶାର ପ୍ରଥମ ଓ ଭାରତର ଦ୍ୱିତୀୟ ହାଇଜେନିକ୍ ଫିଶ୍ ମାର୍କେଟ୍ ଓ ପ୍ରୋସେସିଂ ୟୁନିଟ୍‌ର ଶିଳାନ୍ୟାସ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ ମାଧ୍ୟମରେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ।

କୃଷି ଫାର୍ମ ପରିସରରେ ଶୁକ୍ରବାର ଆୟୋଜିତ ଉତ୍ସବରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ରାଜ୍ୟର ଏହି ବୃହତ୍ ହାଇଜେନିକ୍ ଫିଶ୍ ମାର୍କେଟ ପ୍ରତିଷ୍ଠା ହେଲେ ମତ୍ସ୍ୟଜୀବୀ ଓ ମତ୍ସ୍ୟ ବ୍ୟବସାୟୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ଘଟିବ ବୋଲି କହିଥିଲେ। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ବାଲେଶ୍ୱର ଜିଲାରେ ବିସ୍ତୀର୍ଣ୍ଣ ସମୁଦ୍ର ବେଳାଭୂମି ରହିଛି। ଏଠାକାର ମତ୍ସ୍ୟଜୀବୀ ମାଛ ବିକ୍ରି ପାଇଁ ପଡ଼ୋଶୀ ପଶ୍ଚିମବଙ୍ଗ ରାଜ୍ୟର ଦୀଘା ଓ କୋଲକାତା ମାଛ ମାର୍କେଟ୍ ଉପରେ ନିର୍ଭର କରିଆସୁଛନ୍ତି। ଏହି ସମସ୍ୟା ଦୂର କରିବା ପାଇଁ ୨୦ ଏକର ଜମିରେ ୭୮.୨୫ କୋଟି ଟଙ୍କା ବିନିଯୋଗରେ ଏହି ମାର୍କେଟ୍ ଓ ପ୍ରୋସେସିଂ ୟୁନିଟ୍ ନିର୍ମାଣ ହେବାକୁ ଯାଉଛି। ଏଠାରେ ପ୍ରତ୍ୟେକ ଦିନ ଅଢ଼େଇ ହଜାର ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଆମଦାନୀ ହେବାର ଲକ୍ଷ୍ୟ ଥିଲା ବେଳେ ୪୦ଟି ଘର, ୧୩୨ଟି ମଣ୍ଡି, କାର୍ଯ୍ୟାଳୟ, ପାର୍କିଂ, ସୋଲାର ପାୱାର, ବୋରୱେଲ, ୱାଟର ସପ୍ଲାଏ, ବାଉଣ୍ଡାରୀ ୱାଲ, ସିକ୍ୟୁରିଟି ବାରାକ ସମେତ ବିଭିନ୍ନ ସୁବିଧା ଯୋଗାଇ ଦିଆଯିବ ବୋଲି କହିଥିଲେ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସ୍ୱାଗତ ଭାଷଣ ଦେଇଥିଲେ। ବସ୍ତା ବିଧାୟିକା ସୁବାସିନୀ ଜେନା, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ ମହମ୍ମଦ ସିଦ୍ଦିକ୍ ଆଲମ, ସିଫୁଡ ଏକ୍ସପର୍ଟ ଆସୋସିଏଶନର ସଭାପତି କମଳେଶ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏଏଫ୍‌ଓ ପ୍ରିୟଙ୍କା ପ୍ରିୟଦର୍ଶନୀ ପୃଷ୍ଟି ଓ ଅନିଶା ପ୍ରଧାନ ମଞ୍ଚ ସଞ୍ଚାଳନ କରିଥିଲେ। ଜିଲା ମତ୍ସ୍ୟ ବିଭାଗ ଅଧିକାରୀ ଜିତେନ୍ଦ୍ର କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଉତ୍ସବରେ ବାଲେଶ୍ୱର ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ତହସିଲଦାର ରାଧାରଞ୍ଜନ ଦାସ, ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ବସ୍ତା ଅଞ୍ଚଳର ଭାଜପା ନେତା ରବୀନ୍ଦ୍ର ଅଣ୍ଡିଆ, ଜଳେଶ୍ୱର ଅଞ୍ଚଳର ଭାଜପା ନେତା ବ୍ରଜମୋହନ ପ୍ରଧାନ, ବରିଷ୍ଠ ନେତା ଶ୍ୟାମାପ୍ରସାଦ ବେହେରା, ଜିଲା ସାଧାରଣ ସମ୍ପାଦକ ପ୍ରଦୀପ ପଣ୍ଡାଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ


ଜୁନାଗଡ଼ ବିଡିଓ ହରଡ଼ାଗୁଡ଼ା ଗ୍ରାମରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

## ପାଠପଢ଼ା ପାଇଁ ଜୀବନକୁ ବାଜି ଲଗାଇବା ଘଟଣା

## ଅନୁଧ୍ୟାନ ପାଇଁ ଗାଁରେ ପହଞ୍ଚିଲେ ବିଡିଓ

ଭବାନୀପାଟଣା,୩୦।୮
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଦେଦର ପଞ୍ଚାୟତ ଅନ୍ତର୍ଗତ ହରଡ଼ାଗୁଡ଼ା ଗାଁର ଛାତ୍ରୀଛାତ୍ର ପାଠ ପଢ଼ିବା ପାଇଁ ଜୀବନକୁ ବାଜି ଲଗାଇ ଶିକ୍ଷକଙ୍କ ସହ ଭରାନଈ ପାର ହୋଇ ସ୍କୁଲ ଯିବା ଘଟଣାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି। ଏ ନେଇ ଗଣମାଧ୍ୟମରେ ପ୍ରକାଶିତ ଖବରକୁ ବିଚାରକୁ ନେଇ ହାଇକୋର୍ଟ ନିଜଆଡୁ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କିତ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ପରବର୍ତ୍ତୀ ଶୁଣାଣି ପୂର୍ବରୁ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ ପାଇଁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜବାବ ତଲବ ଅନୁଯାୟୀ ଏହା ସମ୍ବିଧାନର ଧାରା ୨୧-କ'ରେ ପ୍ରଦାନ କରାଯାଇଥିବା ମୌଳିକ ଅଧିକାର ଉଲ୍ଲଂଘନ ବୋଲି ହାଇକୋର୍ଟ କହିଛନ୍ତି। ସେପ୍ଟେମ୍ବର ୨୬କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଏହି ମାମଲାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ପୂର୍ତ୍ତ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ(ସିଭିଲ), କଳାହାଣ୍ଡି ଜିଲାପାଳ ଓ ଅନ୍ୟମାନଙ୍କୁ ପକ୍ଷଭୁକ୍ତ କରାଯାଇଛି।

ପ୍ରକାଶ ଯେ, ଜଙ୍ଗଲ ଭିତରେ ଥିବା ହରଡ଼ାଗୁଡ଼ା ଗାଁରେ ସ୍କୁଲ ନ ଥିବାରୁ ପିଲାମାନେ ନିକଟସ୍ଥ ସୁଲି ଗାଁ ପ୍ରାଥମିକ ସ୍କୁଲକୁ ପଢ଼ିବାକୁ ଯାଇଥାନ୍ତି। ଏଥିପାଇଁ ଶଗଡ଼ା ନଦୀ ପାର ହେବା ସହ ୨କି.ମି. ଜଙ୍ଗଲିଆ ରାସ୍ତାରେ ପିଲାମାନଙ୍କୁ ଚାଲି ଚାଲି ଯିବାକୁ ପଡ଼େ। ଶଗଡ଼ା ନଦୀରେ ପୋଲ କିମ୍ବା ଡଙ୍ଗା ବ୍ୟବସ୍ଥା ନାହିଁ। ଫଳରେ ବର୍ଷାଦିନେ ପିଲାମାନେ ଶିକ୍ଷକଙ୍କ ସହ ଅଣ୍ଟାଏ ପାଣିରେ ପଶି ସ୍କୁଲକୁ ଯାଇଥାନ୍ତି। ସ୍କୁଲ ଛୁଟି ହେବା ପରେ ସମାନ ଢଙ୍ଗରେ ଘରକୁ ଫେରନ୍ତି। ନଦୀର ଏହି ସ୍ଥାନରେ ପୋଲ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜୁନାଗଡ଼ ବିଡିଓ ଦେବାଶିଷ କର, ବିଏସ୍‌ଏସ୍‌ଓ ତୁଷାର ରଞ୍ଜନ ସାହୁ ପ୍ରମୁଖ ଘଟଣାସ୍ଥଳକୁ ଯାଇ ସେଠାକାର ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି।

# କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଝାରସୁଗୁଡ଼ାରେ ସରକାରୀ କଲେଜ ଖୋଲିବ

ଭୁବନେଶ୍ୱର,୩୦।୮
(ଅନିଲ ଦାସ)

କେନ୍ଦ୍ରାପଡା, ଜଗତ୍‌ସିଂହପୁର ଏବଂ ଝାରସୁଗୁଡ଼ାରେ ସରକାରୀ ମହାବିଦ୍ୟାଳୟ ଖୋଲିବ। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୁକ୍ରବାର ବିଧାନସଭା ପ୍ରଶ୍ନକାଳରେ ଏହି ସୂଚନା ଦେଇଛନ୍ତି। ଭାଜପା ସଭ୍ୟ ଦୁର୍ଗା ପ୍ରସନ୍ନ ନାୟକ କହିଥିଲେ, ଓଡ଼ିଶାର ୩ଟି ଜିଲା କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଏବଂ ଝାରସୁଗୁଡ଼ା ଜିଲାରେ ସରକାରୀ କଲେଜ ନାହିଁ। ସେହି ଜିଲାଗୁଡ଼ିକରେ ସରକାରୀ କଲେଜ ଖୋଲିବେ କି। ମନ୍ତ୍ରୀ କହିଥିଲେ, ସରକାରୀ କଲେଜ ନ ଥିବା ଜିଲାରେ ପର୍ଯ୍ୟାୟ କ୍ରମେ ସରକାରୀ କଲେଜ ଖୋଲିବ। ସରକାରୀ କଲେଜଗୁଡ଼ିକରେ ଅଣଶିକ୍ଷକ କର୍ମଚାରୀ ପଦବୀଗୁଡ଼ିକ ଶୀଘ୍ର ପୂରଣ ହେବ।

# ଗୀତରେ ସଚେତନତା ବାର୍ତ୍ତା

- ନିଶାମୁକ୍ତ ରୋଶଣି, ଡିଜେମୁକ୍ତ ଭସାଣି ଗୀତ ରେକର୍ଡ
- ୧ରେ ମ୍ୟୁଜିକ୍ ଭିଡିଓ ରିଲିଜ୍

କଟକ,୩୦।୮(ଶିଳ୍ପା ପ୍ରିୟଦର୍ଶିନୀ)


ଷ୍ଟୁଡିଓରେ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ, କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀଙ୍କ ସମେତ ପୋଲିସ ଅଧିକାରୀ।

ଆସୁଛି ପାର୍ବଣ। ଏଥିରେ ଭସାଣି ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଚଳିତବର୍ଷ ଭସାଣି ଉତ୍ସବକୁ ନିଶାମୁକ୍ତ ଓ ଡିଜେ ମୁକ୍ତ କରିବା ପାଇଁ ପୂର୍ବରୁ ପୋଲିସ ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ଶୁକ୍ରବାର କଟକ ସମ୍ରାଟ୍ ସିନେମା ହଲ୍ ନିକଟ ମିଳନ ଷ୍ଟୁଡିଓରେ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦଙ୍କ ନିର୍ଦ୍ଦେଶନା ଓ ଜୋନ୍ ଏସିପି କୃଷ୍ଣଚନ୍ଦ୍ର ସେଠୀଙ୍କ ରଚିତ 'ନିଶାମୁକ୍ତ ରୋଶଣି ଓ ଡିଜେମୁକ୍ତ ଭସାଣି' ଗୀତ ରେକର୍ଡିଂ କରାଯାଇଛି। ଏଥିରେ ଓଲିଉଡ୍ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ, ଏସିପି କୃଷ୍ଣଚନ୍ଦ୍ର ସେଠୀ ଓ ଦେବକୃପା ମିଶ୍ର କଣ୍ଠଦାନ କରିଛନ୍ତି। ଏହି ମ୍ୟୁଜିକ୍ ଭିଡିଓ ଆସନ୍ତା ୧ରେ କମିଶନରେଟ୍ ପୋଲିସ ପକ୍ଷରୁ ରିଲିଜ୍ କରାଯିବ। ଏନେଇ ପ୍ରେମ୍ ଆନନ୍ଦ କହିଛନ୍ତି, ନିଶା ଓ ଡିଜେ ମଣିଷ ଶରୀରକୁ କ୍ଷତି ପହଞ୍ଚାଇଥାଏ। ଚଳିତବର୍ଷ ନିଶା ଓ ଡିଜେ ମୁକ୍ତ ଭସାଣି ପାଇଁ ପୋଲିସ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଜାଣିବା ପରେ ଏହି ଗୀତ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନେଇଥିଲି। ଏହାଦ୍ୱାରା କଟକରୁ ଅନ୍ୟ ରାଜ୍ୟକୁ ଏଭଳି ସଚେତନତା ବାର୍ତ୍ତା ପହଞ୍ଚିପାରିବ। ଏଥିରୁ ଲୋକମାନେ ଦୂରେଇ ରହିବେ ବୋଲି ଆଶା ରହିଛି। ସେହିପରି ଦୀପ୍ତିରେଖା କହିଛନ୍ତି, ନିଶା ପରିବାର ଉଜାଡ଼ି ଦିଏ ଏବଂ ଡିଜେ ହୃଦ୍‌ରୋଗୀଙ୍କୁ କ୍ଷତି ପହଞ୍ଚାଇଥାଏ। ତେଣୁ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଗୀତଟି ପ୍ରସ୍ତୁତ କରାଯାଇଛି। ଏହି ଗୀତ ରେକର୍ଡିଂରେ ଅତିରିକ୍ତ ଡିସିପି ଅନିଲ ମିଶ୍ରଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ୩୬ ଘଣ୍ଟା ହେଲା ଟାପୁରେ ଫସିଛନ୍ତି ହାତୀପଲ

ପାଟଣା,୩୦।୮(ବୀରକିଶୋର ଦାଶ)


ଟାପୁରେ ଫସିଥିବା ହାତୀ।

କେନ୍ଦୁଝର ଜିଲା ପାଟଣା ରେଞ୍ଜ ବୈତରଣୀ ନଦୀର ଡାଳପକା ଓ ତଣ୍ଡ ମଧ୍ୟରେ ଥିବା ୫ ହେକ୍ଟର ପରିମିତ ଟାପୁରେ ୧୭ ଟିକିଆ ହାତୀପଲ ଫସି ରହିଛନ୍ତି। ହାତୀପଲ ଦୀର୍ଘ ୩୬ ଘଣ୍ଟା ହେବ ଉକ୍ତ ଟାପୁରେ ରହିଥିବା ବେଳେ ଶୁକ୍ରବାର ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ବାହାରିପାରି ନ ଥିବା ଜଣାପଡ଼ିଛି। ସାହାରପଡ଼ା ବନପାଳ ଭୂପତି ସେଠୀ କହିଛନ୍ତି, ଟାପୁରେ ଅଟକିବା ପଛରେ କାରଣ କିଛି ବି ହୋଇପାରେ। ହାତୀଙ୍କ ଗତିବିଧି ଉପରେ ବନ ବିଭାଗ ନଜର ରଖିଛି। ୭ ଏକର ପରିମିତ ନଦୀ ମଝିରେ ଥିବା ଟାପୁ(ଜଙ୍ଗଲ)ରେ ହାତୀଙ୍କ ରହିବା ଖାଇବାର ସବୁ ସୁବିଧା ଥିବାରୁ ସେମାନେ ସେଠାରେ ଅଟକି ଥାଇପାରିଥାନ୍ତି ବୋଲି କହିଛନ୍ତି। ତେବେ ହାତୀପଲରେ ୨ ଦନ୍ତା, ୧୦ ମାଈ ଓ ୫ଛୁଆ ହାତୀ ରହିଛନ୍ତି। ଟାପୁର ଉଭୟ ପାର୍ଶ୍ୱରେ ବଢ଼ିପାଣି ଥିବାରୁ ଓ ୫ ଛୁଆହାତୀ ଥିବାରୁ ହାତୀପଲ ନଦୀ ପାର ହେଉ ନ ଥିବା ସ୍ଥାନୀୟ ଲୋକେ କହୁଛନ୍ତି।

# ଡମଣଭୂମିରୁ ମିଳିଲା ହାତୀର ମୃତଦେହ

ନିରାକାରପୁର,୩୦।୮
(ମାନସ ଚନ୍ଦ୍ର ପଟ୍ଟନାୟକ)



ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳରେ ହାତୀଙ୍କ ଉପଦ୍ରବ ବଢ଼ିଚାଲିଛି। ଖାଦ୍ୟ ଅନ୍ୱେଷଣରେ ହାତୀପଲ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରିରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ମଧ୍ୟ ଭାଙ୍ଗୁଛନ୍ତି। ଅନେକ ସମୟରେ ହାତୀ-ମଣିଷ ମୁହାଁମୁହିଁ ହେଉଥିବା ନଜିର ରହିଛି। ଶୁକ୍ରବାର ଏହି ବନାଞ୍ଚଳ ଅନ୍ତର୍ଗତ ଓଳସିଂ ପଞ୍ଚାୟତର ଡମଣଭୂମି ସ୍ଥିତ ଭଣ୍ଡାରିଝର ନିକଟ ଜଣେ ବ୍ୟକ୍ତିଙ୍କ ବାରି ପଛପଟୁ ଏକ ହାତୀର ମୃତଦେହ ଠାବ ହୋଇଛି। ଏହାର ବୟସ ଆନୁମାନିକ ୨୦ବର୍ଷ ହେବ। ତେବେ ହାତୀ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଘଟଣାସ୍ଥଳରେ ବିଭାଗୀୟ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଡମଣଭୂମିସ୍ଥିତ ଭଣ୍ଡାରିଝର ନିକଟ ଜଣେ ବ୍ୟକ୍ତିଙ୍କ ବାରି ପଛପଟେ ଏହି ହାତୀ ମୃତ ଅବସ୍ଥାରେ ପଡ଼ିରହିଥିବା ଶୁକ୍ରବାର ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ଖୋର୍ଦ୍ଧା ଡିଏଫ୍‌ଓ ପୂର୍ଣ୍ଣିମା ପାଣ୍ଡିଆନ, ଆର୍‌ସିଏଫ୍, ଏସିଏଫ୍, ଟାଙ୍ଗୀ ବନାଞ୍ଚଳ ଅଧିକାରୀ ଦେବାଶିଷ ଭୋଇ, ଭୂଷଣ୍ଡପୁର ଫରେଷ୍ଟର ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତ ହାତୀର ବ୍ୟବଚ୍ଛେଦ ପରେ ନାଳସିଂସ୍ଥିତ ଜଙ୍ଗଲରେ ପୋତି ଦିଆଯାଇଛି। ଗତ ଜୁଲାଇ ୮ରେ ଡମଣଭୂମି ଛୋଟରାୟ ସାହିର ଜଣେ ବ୍ୟକ୍ତିଙ୍କ ବାରି ପଛପଟୁ ଏକ ହାତୀର ମୃତଦେହ ଜବତ ହୋଇଥିଲା। ଏବେ ପୁଣି ଏକ ହାତୀର କିପରି ମୃତ୍ୟୁ ହେଲା ତାହା ତଦନ୍ତସାପେକ୍ଷ। ବନ ବିଭାଗର ଅବହେଳା ଯୋଗୁ ହାତୀଙ୍କ ଜୀବନ ଯାଉଛି ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଏ ସମ୍ପର୍କରେ ଟାଙ୍ଗୀ ବନାଞ୍ଚଳ ଅଧିକାରୀ ଦେବାଶିଷ ଭୋଇ କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ।

# ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଜଳବନ୍ଦୀରୁ ମୁକୁଳିନି

## ଅସରାଏ ବର୍ଷାରେ ଜୁଆଡ଼େ ଚାହିଁବ ସିଆଡ଼େ ପାଣି

ପଟ୍ଟାମୁଣ୍ଡାଇ,୩୦।୮ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅସରାଏ ବର୍ଷା ହେଲେ ବୁଡ଼ି ଯାଉଛି। ବିଭିନ୍ନ ଜାଗାରେ ରାସ୍ତା ଉପରେ ପାଣି ଜମି ରହୁଛି। କେତେକ ଜାଗାରେ ଜଳବନ୍ଦି ସମସ୍ୟା ସୃଷ୍ଟି ହେଉଛି। ବର୍ଷା ପରେ କୃତ୍ରିମ ପୋଖରୀ ଓ ନାଳ ଭ୍ରମ ସୃଷ୍ଟି ହେଉଛି। ବର୍ଷବର୍ଷ ଧରି ସମସ୍ୟା ଲାଗି ରହୁଥିଲେ ବି ଏହାର ସମାଧାନର ବାଟ ବାହାରି ପାରୁନାହିଁ। ଯାହାକୁ ନେଇ ପୌରାଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସାମାଜିକ କର୍ମୀ ଉପେନ୍ଦ୍ର ନାୟକ କହିଛନ୍ତି, ଅସରାଏ ବର୍ଷା ପରେ ଡାକବଙ୍ଗଳଠାରୁ ଆଡିବିଆଇ ବ୍ୟାଙ୍କ ପର୍ଯ୍ୟନ୍ତ, କଲେଜ ଛକରୁ ଶିଶୁ ମନ୍ଦିର ପର୍ଯ୍ୟନ୍ତ ଓ ବାଳିକା ବିଦ୍ୟାଳୟ ପାଖ, ୧୦ ନମ୍ବର ୱାର୍ଡର ବସ୍ତି-ମାଟିଆ କେନାଲ ରାସ୍ତା ଡେଲି ମାର୍କେଟ, ହାଟ ବଜାର ସମେତ ଏକାଧିକ ୱାର୍ଡରେ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। ସେହିପରି ଅନ୍ୟ କେତେକ ସ୍ଥାନରେ ତ୍ରୁଟିପୂର୍ଣ୍ଣ ଡ୍ରେନ୍ ନିର୍ମାଣ ଯୋଗୁ ବର୍ଷା ପାଣି ନିଷ୍କାସନ ହେବାରେ ସମସ୍ୟା ସୃଷ୍ଟି ହେଉଛି। କେତେକ ସ୍ଥାନରେ ଜଳବନ୍ଦି ପରିସ୍ଥିତି ଉପୁଜିଛି। ବର୍ଷବର୍ଷ ଧରି ସମସ୍ୟା ଲାଗି ରହିଥିଲେ ବି ପୌରାପାଳିକା ସମାଧାନର ବାଟ ବାହାରି କରିପାରୁନି। କେତେକ ଜାଗାରେ ଡ୍ରେନ୍ ପୋତି ହୋଇଥିବା ବେଳେ ଆଉ କେତେ ସ୍ଥାନରେ ଆଦୌ ଡ୍ରେନ୍ ନାହିଁ। ଆଇନଜୀବୀ ସୌମ୍ୟରଞ୍ଜନ ଧଳ କହିଛନ୍ତି, ପଟ୍ଟାମୁଣ୍ଡାଇରେ ଦ୍ରୁତ ସହରୀକରଣ ବଢ଼ିବା ସହ ଜଳ ନିଷ୍କାସନ ଓ ପରିଚାଳନା ଧୀରେ ଧୀରେ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଏହାକୁ କିଭଳି ଠିକ୍ ଭାବେ ପରିଚାଳନା କରାଯିବ ଏବଂ ଏହାଦ୍ୱାରା ସାଧାରଣ ଲୋକେ କିପରି ସମସ୍ୟାରେ ନ ପଡ଼ିବେ ତାହା ପୌରପାଳିକା ଦେଖିବା ବ୍ୟାବସ୍ଥା ଥିଲେ ମଧ୍ୟ ତାହାକୁ ଠିକ୍ ଭାବେ କରି ନ ପାରି ଲୋକଙ୍କ ମାନବ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ଏପରି ସମସ୍ୟା ସମାଧାନ ପାଇଁ ଚଳିତ ବିଧାନସଭା ଅଧିବେଶନ ପ୍ରଶ୍ନକାଳରେ ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିରେ ଜଳ ନିଷ୍କାସନ ସମସ୍ୟା ଦୂର ପାଇଁ ଡ୍ରେନେଜ ଓ ସ୍ୱେରେଜ ନିମନ୍ତେ ମାଷ୍ଟର ପ୍ଲାନ ପ୍ରସ୍ତୁତ ହୋଇଛି କି ନାହିଁ ସରକାରଙ୍କଠାରୁ ଜାଣିବାକୁ ଚାହିଁଥିଲେ। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରତିକ୍ରିୟାରେ କହିଥିଲେ, ଏ ବାବଦରେ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇ ୧ କୋଟି ୪୨ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏହି ଅର୍ଥ ବିନିଯୋଗରେ ପୌରପାଳିକା ଦ୍ୱାରା ଡ୍ରେନେଜ୍ ମାଷ୍ଟର୍ ପ୍ଲାନ୍ ପ୍ରସ୍ତୁତି ପ୍ରକ୍ରିୟା ଚାଲୁ ରହିଥିବା ସୂଚନା ମିଳିଛି। ବୁଦ୍ଧିଜୀବୀ ପ୍ରେମାନନ୍ଦ ପଣ୍ଡା କହିଛନ୍ତି, ସହରୀକରଣ ବଢ଼ିବା ସାଙ୍ଗକୁ ନୂତନ ଘର ନିର୍ମାଣ ହେଉଛି। ପୌରପାଳିକାର ଯେଉଁ ଅନୁମୋଦିତ ପ୍ଲାନ୍ ରହୁଛି ସେହି ଅନୁସାରେ ଘର ତିଆରି ହେଉନାହିଁ। ଲୋକ ଜମି କିଣି ଡ୍ରେନ୍ ପାଇଁ ଜାଗା ନ ଛାଡ଼ି ଘର ତିଆରି କରୁଛନ୍ତି। ଯାହାଫଳରେ ଡ୍ରେନ୍ ନିର୍ମାଣ ସମୟରେ ସମସ୍ୟା ସୃଷ୍ଟି ହୋଇ ଜଳବନ୍ଦି ସ୍ଥିତି ଉପୁଜୁଛି। ପୌର ପ୍ରଶାସନର ମଧ୍ୟ କୌଣସି ଅଙ୍କୁଶ ରହୁନାହିଁ। ଫଳରେ ଆଗକୁ ଆହୁରି ବଡ଼ ସମସ୍ୟା ହେବ ବୋଲି ସ୍ପଷ୍ଟ ହୋଇସାରିଛି। ମାନବାଧିକାର କର୍ମୀ ସୁଶାନ୍ତ ଧଳ କହିଛନ୍ତି, ଅସରାଏ ବର୍ଷା ହେଲେ ସହରରେ ଜଳ ନିଷ୍କାସନ ଚିନ୍ତା ବଢ଼ିଯାଏ। ଡ୍ରେନ୍‌ଗୁଡ଼ିକ ଜବରଦଖଲ ସାଙ୍ଗକୁ ଆବଶ୍ୟକ ପୁନରୁଦ୍ଧାର ଅଭାବରୁ ଅପରିଷ୍କାର ପାଣି ରାସ୍ତାରେ ମାଡ଼ି ସଂକ୍ରମଣ ବୃଦ୍ଧି କରିଛି। ସହର ଦେଇ ଯାଇଥିବା ଡ୍ରେନେଜ୍‌ର ଏକାଧିକ ସ୍ଥାନରେ ପ୍ରତିବନ୍ଧକ ଥିବାରୁ ଜଳ ନିଷ୍କାସନ ହୋଇପାରୁନାହିଁ। ଅନ୍ୟପକ୍ଷରେ ଜବରଦଖଲ ଯୋଗୁ ବିଶେଷକରି ସରକାରୀ ବାଳିକ ଉଚ୍ଚ ବିଦ୍ୟାଳୟ ସମ୍ମୁଖ, ଅରବାନ ବ୍ୟାଙ୍କ ପାଖ ଓ ସଂଖ୍ୟାଲଘୁ ବସ୍ତି ଡ୍ରେନ୍ ପାଣି ଜମି ରହୁଛି। ନିୟମ ରହିଛି ପ୍ରାକୃତିକ ନାଳ କିମ୍ବା ଡ୍ରେନ୍ ରୋକାଯାଇପାରିବ ନାହିଁ। ଏହାର ଗତି ବଦଳାଯିବନାହିଁ। କେହି ଜବରଦଖଲ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। କୋର୍ଟଙ୍କ ଏହି ନିର୍ଦ୍ଦେଶ ପାଳନ କରିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅଛି। ରାଜ୍ୟ ସରକାର ମଧ୍ୟ ବିଭିନ୍ନ ସମୟରେ ନାଳ କିମ୍ବା ଡ୍ରେନ୍‌ରେ ଯେପରି ଜଳ ନିଷ୍କାସନରେ ବାଧା ନ ଉପୁଜିବ ସେନେଇ ଜିଲା ଓ ପୌର ପ୍ରଶାସନକୁ ଚିଠି କରିଥାନ୍ତି। ଡ୍ରେନ୍‌ଗୁଡ଼ିକର ଯେଉଁସବୁ ସ୍ଥାନରେ ପାଣି ଜମି ରହୁଛି ସେଗୁଡ଼ିକ ସଫା କରି ଜଳ ନିଷ୍କାସନକୁ ସ୍ୱାଭାବିକ କରିବା କଥା। ଏ ସମ୍ପର୍କରେ ପୌରାଧ୍ୟକ୍ଷା ଅଜିତ ନାରାୟଣ ଗିରିଙ୍କୁ ପଚାରିବାରେ ଉପରୋକ୍ତ ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ପାଇଁ ଚିନ୍ତା କରାଯାଉଛି। ତେବେ ଡ୍ରେନ୍ ସଫା ଉପରେ ପ୍ରାଥମିକତା ଦିଆଯାଇଥିବା ସେ କହିଛନ୍ତି।



## ସଂକ୍ଷେପରେ

### ଫେରାର ଅଭିଯୁକ୍ତ ଗିରଫ

ବିଞ୍ଝାରପୁର,୩୦।୮ (ରାମକୃଷ୍ଣ ଦାସ)

ଜଣେ ଫେରାର ଅଭିଯୁକ୍ତଙ୍କୁ ବିଞ୍ଝାରପୁର ଥାନା ପୋଲିସ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ଆକାଶ ବେହେରା। ଗୁରୁବାର ଆକାଶ ଚୋରାମଦ ନେଇ ବିକ୍ରି କରିବାକୁ ଯାଉଥିବା ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ତେଣୁ ମାଁସଡ଼ାଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିବା ସହିତ ତାଙ୍କ ନିକଟରୁ ପ୍ରାୟ ୨୫ ଲିଟର ମଦଜବତ କରିଥିଲା। ଆକାଶକୁ କୋର୍ଟ ଚାଲାଣ ପୂର୍ବରୁ ପୋଲିସ ଡାକ୍ତରୀ ପରୀକ୍ଷା ପାଇଁ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ଏହି ସମୟରେ ଡାକ୍ତରଖାନା ଭିଡ ଥିବାର ସୁଯୋଗ ନେଇ ଆକାଶ ପୋଲିସକୁ ଧକ୍କା ମାରି ଖସିଯାଇଥିଲେ। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ରାତିରେ ତାଙ୍କୁ ପୁଣି ଗିରଫ କରିଥିଲା। ଏନେଇ ଥାନାରେ ନଂ.୪୮୨।୨୪ରେ ଏକ ମାମଲା ରୁଜୁ ହୋଇଛି।

### ଡାକ୍ତରୀ ପାଠ୍ୟକ୍ରମ ପରୀକ୍ଷାରେ କୃତକାର୍ଯ୍ୟ ସ୍ୱୟଂପ୍ରଜ୍ଞା

ଛତିଆ,୩୦।୮ (ସୌମ୍ୟ ରଞ୍ଜନ ସାହୁ)



ମନରେ ଇଚ୍ଛା ଶକ୍ତି ଥିଲେ ସବୁ ଅସାଧ କାର୍ଯ୍ୟ ସିଦ୍ଧ ହୋଇଥାଏ। ଏହା ପ୍ରମାଣ କରି ଦେଖାଇଛନ୍ତି ବଡ଼ଚଣା ବ୍ଲକ ଅନ୍ତର୍ଗତ ବୈରୀ ଗ୍ରାମର କିଶୋର କୁମାର ସ୍ୱାଇଁଙ୍କ ଝିଅ ସ୍ୱୟଂପ୍ରଜ୍ଞା ସ୍ୱାଇଁ। ସେ ଡାକ୍ତରୀ ପାଠ୍ୟକ୍ରମ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସ୍ଥାନୀୟ ଲୋକଙ୍କ ପ୍ରଶଂସା ସାଉଣ୍ଟିଛନ୍ତି। ତାଙ୍କ ବାପା ବୈରୀ ବଜାରରେ ଏକ ଛୋଟ ଜଳଖିଆ ଦୋକାନ କରିଛନ୍ତି। କିଶୋରଙ୍କ ସ୍ୱପ୍ନ ଥିଲା ଝିଅ ପାଠ ପଢ଼ି ନାଁ ରଖିବ। ଆଜି ତାହା ସମ୍ଭବ ହୋଇଥିବାରୁ କିଶୋର ଖୁସିବ୍ୟକ୍ତ କରିଛନ୍ତି।

### ବାଇକ୍-ଲୁନା ଧକ୍କା, ଜଣେ ମୃତ

ଚଣ୍ଡିଖୋଲ,୩୦।୮ (ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥର ନାନପୁର ବିରୂପା ନଦୀ ପୋଲରେ ଶୁକ୍ରବାର ବାଇକ-ଲୁନା ମଧ୍ୟରେ ଧକ୍କା ହୋଇଛି। ଏଥିରେ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ନୟାଗଡ଼ ଜିଲା ଫତେଗଡ ଥାନା ଖାଗଡ଼ପଡ଼ାର ରାଜକିଶୋର ନାୟକ(୫୨)। ଗୁରୁତର ହେଲେ ଜଗତ୍‌ସିଂହପୁର ଅଞ୍ଚଳର ରଞ୍ଜନ କୁମାର ଦାସ। ସକାଳେ ରାଜକିଶୋର ଚଣ୍ଡିଖୋଲରୁ ପାରାଦୀପ ଅଭିମୁଖେ ତାଙ୍କ ବାଇକ୍ (ଓଡି ୦୨ ଏ ୮୭୪୭) ଯୋଗେ ଯାଉଥିବାବେଳେ ରଞ୍ଜନ ବିପରୀତ ଦିଗରୁ ଏକ ଲୁନା (ଓଆର୦୫ଏବି୯୮୯୩)ରେ ଆସୁଥିଲେ। ଏହି ସମୟରେ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରି ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ରାଜକିଶୋର ଚଣ୍ଡିଖୋଲଠାରେ ରହି ବ୍ୟବସାୟ କରୁଥିବା ସୂଚନା ମିଳିଛି।

# ପାଣି ଘେରରେ ଷେଣ୍ଢପୁରବାସୀ



ଜେନାପୁର,୩୦।୮ (ଅଶୋକ ଦାସ)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ପଞ୍ଚାୟତ ଷେଣ୍ଢପୁର ଗ୍ରାମରେ ବର୍ଷା ପାଣି ଜମି ରହିଛି। ଫଳରେ ଗ୍ରାମବାସୀ ପାଣି ଘେରରେ ରହିଥିବା ଦେଖିବାକୁ ମିଳିଛି। ବର୍ଷା ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଲୋକଙ୍କ ଘର ଚାରିପଟେ ପାଣି ଜମି ରହୁଥିବାରୁ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ରାତ୍ର ସମୟରେ ବିଭିନ୍ନ ସରୀସୃପଙ୍କ ଭୟ ଦେଖାଦେଉଛି। ଗ୍ରାମବାସୀ ଯାତାୟତ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ହିଙ୍ଗୁଳା ମନ୍ଦିର, ଅଙ୍ଗନୱାଡି ଗୃହ ମଧ୍ୟ ପାଣିଘେରରେ ରହିଛି। ଫଳରେ କୋମଳମତି ପିଲାମାନେ ପାଠପଢ଼ିବାରେ ବହୁ ଅସୁବିଧା ହେଉଛି। ଗୃହପାଳିତ ପ୍ରାଣୀ ମଧ୍ୟ ଅସୁବିଧା ଭୋଗୁଛନ୍ତି। ଦୀର୍ଘ ଦିନ ଧରି ଏହି ସମସ୍ୟା ଲଗି ରହିଥିଲେ ମଧ୍ୟ ସମାଧାନ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଯାହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏବେ ବର୍ଷା ଦିନ ହୋଇଥିବାରୁ ଅସରାଏ ବର୍ଷାରେ ୧ରୁ ୨ ଫୁଟ ବର୍ଷା ପାଣି ଜମି ରହୁଛି। ଏହା କୃତିମ ହ୍ରଦର ଭ୍ରମ ସୃଷ୍ଟି କରୁଛି। ସେହିପରି ଦୂଷିତ ଜଳ ଜମି ରହିବା ଦ୍ୱାରା ମଶା, ମାଛିଙ୍କ ବଂଶ ବୃଦ୍ଧି ପାଉଛି। ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏଥିପ୍ରତି ବ୍ଲକ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ୭ ସ୍କ୍ରାପ୍ ବୋଝେଇ ଟ୍ରକ୍‌କୁ ଅଟକ ରଖିଛନ୍ତି ଲୋକେ

## ପିଆଇସିଟି ଆଗରେ ବାହାର ଗାଡ଼ି ପରିବହନକୁ ବିରୋଧ

ପାରାଦୀପ,୩୦।୮ (ଶରତ ରାଉତ)

ପାରାଦୀପ ବନ୍ଦରର ଘରୋଇ କମ୍ପାନୀ ପିଆଇସିଟି (ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ)ଫାଟକ ଆଗରେ ଶୁକ୍ରବାର ମଧ୍ୟାହ୍ନରୁ ଉତ୍ତେଜନା ପ୍ରକାଶ ପାଇଛି। ପାରାଦୀପର ୩ ଟ୍ରକ୍ ମାଲିକ ସଂଘକୁ ନେଇ ଗଠିତ ଜେସିସି (ଜଏଣ୍ଟ କୋଅର୍ଡିନେଶନ କମିଟି)ପକ୍ଷରୁ ବହୁ ଲୋକ ସ୍କ୍ରାପ୍ ବୋଝେଇ ଟ୍ରକକୁ ଅଟକାଇଛନ୍ତି। କିନ୍ତୁ ଅନ୍ୟ ସାଧାରଣ ଯାନବାହନ ଚଳାଚଳ ସ୍ୱାଭାବିକ ରହିଛି। ପିଆଇସିଟି ବର୍ଥରେ ରପ୍ତାନି ହେବାକୁ ଥିବା ସ୍କ୍ରାପ୍ ପରିବହନ କରୁଥିବା ସ୍ଥାନୀୟ ଗାଡ଼ି ବଦଳରେ ବାହାର ରାଜ୍ୟର ଗାଡ଼ି ନିୟୋଜିତ କରିଥିବାରୁ ଗାଡ଼ି ମାଲିକମାନେ ବିରୋଧ କରିଛନ୍ତି, କାରଣ ସେମାନେ ଲୋଡ୍ ପାଉନାହାନ୍ତି ବୋଲି ଜେସିସି ଅଧ୍ୟକ୍ଷ ସୁମନ୍ତ କୁମାର ବିଶ୍ୱାଳ କହିଛନ୍ତି। ଟ୍ରାନ୍ସପୋଟରମାନେ ପୂର୍ବ ନିୟମକୁ ଉଲ୍ଲଂଘନ କରୁଛନ୍ତି। ସେଥିପାଇଁ କେବଳ ପରିବହନ ଗାଡିକୁ ଅଟକାଇଛୁ ବୋଲି ଟ୍ରକ ମାଲିକ ଅନିଲ ନାୟକ କହିଛନ୍ତି। ପ୍ରଶାସନ ଏହି ସମସ୍ୟାର ସମାଧାନ କଲେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ନାୟକ କହିଛନ୍ତି। ଏ ସମ୍ପର୍କରେ ପିଆଇସିଟି ମାନବ ସମ୍ବଳ ଅଧିକାରୀ ଶାରଦା ନାୟକଙ୍କୁ ପଚାରିଲେ, ସେମାନେ ଟ୍ରାନ୍ସପୋର୍ଟରେ ଗାଡ଼ି କାହିଁକି ଅଟକାଇଛନ୍ତି ଆମେ ଜାଣିନାହୁଁ ବୋଲି କହିଛନ୍ତି।

# ବ୍ଲକ କାର୍ଯ୍ୟାଳୟରେ ପଞ୍ଚାୟତବାସୀଙ୍କ ପ୍ରତିବାଦ

## ପଞ୍ଚାୟତ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

ତିର୍ତ୍ତୋଲ, ୩୦।୮ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ସଅଁରା ପଞ୍ଚାୟତର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ସହ ହିତାଧିକାରୀଙ୍କୁ ଭତ୍ତା, ରାଶନ କାର୍ଡ, ଆବାସ ଯୋଜନାରେ ପାତରଅନ୍ତର କରାଯାଇଥିବା ଅଭିଯୋଗ ହୋଇଛି।

ଏନେଇ ଶୁକ୍ରବାର ପଞ୍ଚାୟତ ଅଧିବାସୀମାନେ ବ୍ଲକ କାର୍ଯ୍ୟାଳୟରେ ପ୍ରତିବାଦ କରିଥିଲେ। ଏଥିସହ ଏକ ଦାବିପତ୍ର ବିଡିଓ ତପନ କୁମାର ସେନାପତିଙ୍କୁ ପ୍ରଦାନ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପଞ୍ଚାୟତ ଅନ୍ତର୍ଗତ ସଅଁରା ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆର ଉନ୍ନତୀକରଣ ଓ ଶିଶୁ ଉଦ୍ୟାନ ନିର୍ମାଣରେ ବ୍ୟାପକ ଅନିୟମିତତା କରାଯାଇ ଅର୍ଥ ଆତ୍ମସାତ୍ କରାଯାଇଛି। ଏହାର ତଦନ୍ତ କରିବାକୁ ସେମାନେ ଦାବି କରିଥିଲେ। ଏହି ପ୍ରତିବାଦ ସମୟରେ ପଞ୍ଚାୟତ ସମିତିସଭ୍ୟା ସ୍ନିଗ୍ଧାରାଣୀ ଦାଶ, ନାଏବ ସରପଞ୍ଚ ମିନତି ସାହୁଙ୍କ ସମେତ ଅଚ୍ୟୁତାନନ୍ଦ ଦାସ, ପ୍ରଦୀପ୍ତ ଶତପଥୀ, ଅନସୂୟା ନାୟକ, ମହେଶ୍ୱର ପାଣି, ପ୍ରମୋଦ ବେହେରା, ବିଜୟ ସାହୁ, ବିଜୟ ମହାରଣାଙ୍କ ସମେତ ବହୁ ପଞ୍ଚାୟତ ଅଧିବାସୀ ସାମିଲ ହୋଇଥିଲେ। ଏହି ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।



ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିବାକୁ ଆସିଥିବା ସଅଁରା ପଞ୍ଚାୟତବାସୀ।

# ସାପ କାମୁଡ଼ାରେ ଜଣେ ମୃତ, ଜଣେଭ ଗୁରୁତର

କୁଜଙ୍ଗ,୩୦।୮ (ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ବାଲିଆ ପଞ୍ଚାୟତ ଅନ୍ତର୍ଗତ ପାନପଲ୍ଲି ଗ୍ରାମର ୨ ଯୁବକ ଗୁରୁବାର ସାପ କାମୁଡ଼ାର ଶିକାର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଆଉ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ପାନପଲ୍ଲି ଗ୍ରାମର କେଦାରନାଥ ସ୍ୱାଇଁଙ୍କ ପୁଅ ଜୀବନଜ୍ୟୋତି ସ୍ୱାଇଁ (୨୪)। ଗୁରୁତର ଜଣକ ହେଲେ ପ୍ରତାପ ପାଳଙ୍କ ପୁଅ ସ୍ୱାଧୀନ ସଂଗ୍ରାମ ପାଳ (୨୭)।

ଜୀବନ, ସ୍ୱାଧୀନ ଓ ଅନ୍ୟ ଜଣେ ସାଙ୍ଗ ସବୁଦିନ ପରି ଗୁରୁବାର ରାତିରେ ଖାଇସାରି ଗ୍ରାମର ମଙ୍ଗଳା ଘରେ ଏକାଠି ଶୋଇଥିଲେ। ଏହି ସମୟରେ ଜୀବନଙ୍କ କାନକୁ ଏକ ସାପ କାମୁଡ଼ି ଦେଇଥିଲା। ସେ ସଙ୍ଗେସଙ୍ଗେ ସେ ଅନ୍ୟ ଦୁଇ ସାଙ୍ଗକୁ ନିଦରୁ ଉଠାଇ ଥିଲେ। ଏନେଇ ଜୀବନ ପରିବାରବର୍ଗଙ୍କୁ ଜଣାଇଥିଲେ। ସ୍ୱାଧୀନ ଓ ଅନ୍ୟ ସାଙ୍ଗ ସହ ସେ ବାଇକ୍‌ରେ ପ୍ରଥମେ କୁଜଙ୍ଗ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିଲେ। ମାତ୍ର ଜୀବନଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଜୀବନଙ୍କ ମୃତ୍ୟୁ ଘଟିଛି। ଏହି ସମୟରେ ସ୍ୱାଧୀନଙ୍କ ବାନ୍ତି ହେବାରୁ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଏହାପରେ ତାଙ୍କୁ ମଧ୍ୟ ସାପ କାମୁଡ଼ିଥିବା ଜଣାପଡ଼ିଥିଲା। ପରିବାର ଲୋକେ ତାଙ୍କୁ ନେଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଏହି ଖବର ପ୍ରଚାରିତ ହେବାପରେ ପାନପଲ୍ଲି ସମେତ ସମଗ୍ର କୁଜଙ୍ଗ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରମେଶ



@ ଚିନୁ



@ ରତିକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପିପିଏକୁ ମେଜର ପୋର୍ଟ ଅଫ ଦି ଇୟର ଆୱାର୍ଡ



ପାରାଦୀପ ବିଡିପିଟି ମୁଖ୍ୟ ପରିଚାଳକ ଅତିଥିଙ୍କଠାରୁ ଆୱାର୍ଡ ଗ୍ରହଣ କରୁଛନ୍ତି।

ପାରାଦୀପ,୩୦।୮ (ଶରତ ରାଉତ)

ପାରାଦୀପ ବନ୍ଦରକୁ ମେଜର ପୋର୍ଟ ଅଫ୍ ଦି ଇୟର ଆୱାର୍ଡ ମିଳିଛି । ମୁମ୍ବାଇଠାରେ ମାଳା-୨୦୨୪ କାର୍ଯ୍ୟକ୍ରମରେ ଏହି ଆୱାର୍ଡ ମିଳିଥିଲା। ମୁମ୍ବାଇ ପୋର୍ଟ ଅଧ୍ୟକ୍ଷ ତଥା ଇସ୍ରାଏଲ ପରାମର୍ଶଦାତାଙ୍କଠାରୁ ପାରାଦୀପ ବିଡିପିଟି ମୁଖ୍ୟ ପରିଚାଳକ ଏହି ଆୱାର୍ଡ ଗ୍ରହଣ କରିଥିଲେ। ସମଗ୍ର ଦେଶରେ ସାମୁଦ୍ରିକ ଓ ଲଜିଷ୍ଟିକ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଏପରି ଆୱାର୍ଡ ମିଳିଥାଏ।

# ବ୍ୟାସ ସରୋବର ପ୍ରକଳ୍ପ ବୁଲିଲେ ଜିଲାପାଳ

ଯାଜପୁର/ଯାଜପୁରରୋଡ୍,୩୦।୮
(ହର୍ଷବର୍ଦ୍ଧନ ବେହେରା/ ପବିତ୍ର ରଞ୍ଜନ ମହାନ୍ତି)



ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ବ୍ୟାସ ସରୋବର ପ୍ରକଳ୍ପ ବୁଲି ଦେଖୁଛନ୍ତି।

ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଶୁକ୍ରବାର ବ୍ୟାସନଗର ପୌରପରିଷଦ ଅଞ୍ଚଳ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବ୍ୟାସନଗର ଟାଉନ୍ ହଲ୍ ଓ ବ୍ୟାସ ସରୋବର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆଦି ପରିଦର୍ଶନ କରି ଅଧିକ କାର୍ଯ୍ୟର ଆବଶ୍ୟକତା ରହିଥିବା ନେଇ ମତ ଦେଇଛନ୍ତି। ଏଥିରେ ଆବଶ୍ୟକ ଚୌକି ବ୍ୟବସ୍ଥା, ପରିସ୍ରାଗାର, ଫଳ ଓ ଛାଇ ଦେଉଥିବା ଗଛ ଲଗାଇବା, ଗୁପ୍ତଗଙ୍ଗା ପାଣିକୁ ସ୍ୱଚ୍ଛ ରଖିବା ଇତ୍ୟାଦି ଉପରେ ଗୁରୁତ୍ୱ ଦେଇଛନ୍ତି। ଏହାବାଦ୍ ସରୋବରର ମୁଖ୍ୟ ଫାଟକଠାରୁ ଗୁପ୍ତଗଙ୍ଗା ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଗମ୍ଭୁଜଗୁଡ଼ିକର ମରାମତି କରିବାକୁ ସେ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ବ୍ୟାସ ସରୋବରର ରାସ୍ତା କାର୍ଯ୍ୟ ଉପରେ ସେ କୌଣସି ପରାମର୍ଶ ଦେଇନାହାନ୍ତି। ଏନ୍‌ବିସିସି (ନ୍ୟାଶନାଲ ବିଲ୍ଡିଂ କନଷ୍ଟ୍ରକ୍ସନ କର୍ପୋରେଶନ) ଇଣ୍ଡିଆ ଲିମିଟେଡ୍‌ର ଡିଜାଇନ ଅନୁସାରେ ନିୟୋଜିତ ଠିକାସଂସ୍ଥା କ୍ରିଷ୍ଣା ବିଲ୍ଡର ପ୍ରାୟ ୫୦% କାର୍ଯ୍ୟ କରିନାହିଁ। ଅନ୍ୟପକ୍ଷେ ଠିକାସଂସ୍ଥା ପକ୍ଷରୁ ପ୍ରାୟ ୯୫% କାର୍ଯ୍ୟ ଶେଷ ହୋଇସାରିଛି ଦର୍ଶାଇ ଅଧିକାଂଶ ଶ୍ରମିକଙ୍କୁ ଛଟେଇ କରିସାରିଛି। ବ୍ୟାସ ସରୋବର ଛକଠାରୁ ଚାରି ଥାକିଆ ରାସ୍ତା, ପାଥୱେ, ସମ୍ବଳ କେନ୍ଦ୍ର ପଟକୁ ପାଚେରି, ମହାଭାରତର ସମସ୍ତ ଦୃଶ୍ୟପଟ ନିର୍ମାଣ ଓ ଅନ୍ୟାନ୍ୟ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହୋଇପାରିନାହିଁ। ଏହା ବଦଳରେ ପୋଖରୀ ଉପରେ ଏକ ଓଭରବ୍ରିଜ କାର୍ଯ୍ୟ କରି ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ପାଣ୍ଠିରୁ ମଞ୍ଜୁର ୬୯ କୋଟି ଟଙ୍କାର ସିଂହଭାଗ ଅର୍ଥ ମିଳିମିଶି ହରିଲୁଟ କରାଯାଇଥିବା ଅଭିଯୋଗ ହେଉଛି। ଏହିସବୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଜିଲାପାଳ ଜାଣି ନ ଥିବା ପରିଦର୍ଶନରୁ ମନେହୋଇଛି। ଏ ସଂକ୍ରାନ୍ତରେ ଜିଲାପାଳ ରେଡ୍ଡୀଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ୍ ଫୋନରେ ଯୋଗାଯୋଗ କରିଥିଲେ ହେଁ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।

ଅନ୍ୟପକ୍ଷରେ ବ୍ୟାସ ସରୋବର ପ୍ରକଳ୍ପକୁ ଖୁବ୍‌ଶୀଘ୍ର ଲୋକାର୍ପଣ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ପରେ ବ୍ୟାସନଗର ପୌର ପରିଷଦ ସଭାଗୃହରେ ବିଭାଗୀୟ ଯନ୍ତ୍ରୀ, ଅଧିକାରୀ ଓ କର୍ମଚାରୀଙ୍କ ସହ ଏକ ସମୀକ୍ଷା ବୈଠକରେ ଆଲୋଚନା କରିଛନ୍ତି। ତୁରନ୍ତ ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ସହ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ, ବ୍ୟାସନଗର ପୌର ନିର୍ବାହୀ ଅଧିକାରୀ ନମ୍ରତା ମୋଦି, କଳିଙ୍ଗନଗର ଉନ୍ନୟନ କର୍ତ୍ତୃପକ୍ଷ(କେଏନ୍‌ଡିଏ)ର ଦେବାଶିଷ ପାଢ଼ୀ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ଏବଂ ପୌରପରିଷଦର ସମସ୍ତ ବିଭାଗ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

■ ଗୁପ୍ତ ଗଙ୍ଗା ପାଣିକୁ ସ୍ୱଚ୍ଛ ରଖିବାକୁ ନିର୍ଦ୍ଦେଶ

■ ଏନ୍‌ବିସିସିର ଡିଜାଇନ ଅନୁସାରେ ରାସ୍ତା ନିର୍ମାଣ କଥାକୁ ଭୁଲିଗଲେ

# ପିଏମ୍ କିଷାନ ସମ୍ମାନ ନିଧି ଯୋଜନା ବାଟବଣା

ନୟାଗଡ଼,୩୦।୮(ଲୋକନାଥ ମଶ୍ର)

■ ସଚେନତନା ନ ଥିବାରୁ ଇ କେୱାଇସି କରି ପାରୁନାହାନ୍ତି ଚାଷୀ
■ ୩୦,୭୫୧ଚାଷୀ ହୋଇନାହାନ୍ତି ସାମିଲ

ଇ କେୱାସି(ନୋ ଇୟର କଷ୍ଟମର) ନ କରିଲେ ଚାଷୀ ପ୍ରଧାନମନ୍ତ୍ରୀ (ପିଏମ୍) କିଷାନ ସମ୍ମାନ ନିଧି ଯୋଜନାରେ ସହାୟତା ମିଳୁନାହିଁ। ଜିଲାରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ସାମିଲ ପାଇଁ ୧ଲକ୍ଷ ୧୧ ହଜାର ୪୨୪ ଜଣ ଚାଷୀଙ୍କ ମଧ୍ୟରୁ ମାତ୍ର ୮୦,୭୬୩ ଜଣ କରିଛନ୍ତି ପଞ୍ଜୀକରଣ। ପ୍ରାୟ ୩ ବର୍ଷ ହେଲା ପଞ୍ଜୀକରଣ ହେଉଥିଲେ ମଧ୍ୟ ଜିଲାର ୩୦,୭୫୧ ଚାଷୀ ଇ କେୱାସୀରେ ନାଁ ପଞ୍ଜୀକରଣ କରିନାହାନ୍ତି। ତେବେ ଇ କେୱାସିରେ ନାଁ ପଞ୍ଜୀକରଣ ପାଇଁ ସଚେତନତା ନ ଥିବାରୁ ଚାଷୀ ଏହାର ଫାଇଦା ନେଇ ପାରୁ ନ ଥିବା ଅଭିଯୋଗ ଉଠିଛି। ୨୦୨୨ ଆର୍ଥିକ ବର୍ଷ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ କୃଷି ରଥ ଗାଁ ପରିକ୍ରମା କରୁଥିଲା। ଚାଷୀ ପଞ୍ଜୀକରଣ, କୃଷକ ଓଡ଼ିଶା ଚାଷୀ ପଞ୍ଜୀକରଣ, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା, ଗୋପାଳନ, ସଫଳ ଚାଷୀ ଉପରେ ସଚେତନତା ପାଇଁ ରଥ ବୁଲୁଥିଲା। ହେଲେ ରଥର ସଚେତନତା ଚାଷୀଙ୍କ ପାଖରେ ପହଞ୍ଚି ନ ଥିଲା ବୋଲି ସେ ସମୟରୁ ଅଭିଯୋଗ ହୋଇ ଆସୁଛି। ଅନ୍ୟପକ୍ଷେ କାଳିଆ ଯୋଜନାରେ ଯେଉଁମାନେ କୃଷି ସହାୟତା ପାଉଛନ୍ତି ସେମାନଙ୍କ ନାଁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ରହିଛି। ସେମାନେ କେନ୍ଦ୍ରୀୟ ସହାୟତା ପାଇ ଆସୁଛନ୍ତି। ହେଲେ କେନ୍ଦ୍ର ସରକାର ଇ କେୱାସି ଗାଇଡ୍ ଲାଇନ ଲାଗୁ ପରେ ଚାଷୀଙ୍କ ସମସ୍ୟା ବଢ଼ି ଯାଇଛି। ଚାଷୀ ବ୍ୟାଙ୍କ ଆଧାର ଲିଙ୍କ କରିବା ପାଇଁ ଥିବାବେଳେ ଆଧାର କାର୍ଡ, ରାଶନ କାର୍ଡ ଓ ମୋବାଇଲ ନମ୍ବରକୁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ଆଡ କରିବାକୁ ପଡ଼ିବ। ପୁଣି ନାଁ ଓ ଠିକଣା ପ୍ରମାଣପତ୍ରରେ ଠିକ୍ ରହିବା ଦରକାର। ଏହାକୁ ଇ କେୱାସିରେ ନାଁରେ ସାମଲ ହେଲା ବୋଲି କୁହାଯାଏ। ଏଥିରୁ ଗୋଟିଏ ପଞ୍ଜୀକରଣ ନ ହେଲେ କେନ୍ଦ୍ରୀୟ ସହାୟତା ମିଳିବନି। ଜିଲାରେ ୧ ଲକ୍ଷ ୧୧ ହଜାର ୪୨୪ ଚାଷୀ ଅଛନ୍ତି ବୋଲି ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ଚିହ୍ନଟ ହୋଇଛନ୍ତି। ଏଥିରେ ନୟାଗଡ଼ ବ୍ଲକର ୧୮,୩୦୭, ଓଡ଼ଗାଁ ବ୍ଲକର ୨୬, ୨୪୮, ରଣପୁରରେ ୧୫,୨୪୬, ଖଣ୍ଡପଡ଼ାରେ ୧୧ ହଜାର ୪୯୩, ଭାପୁର ବ୍ଲକର ୧୭,୨୧୪, ଦଶପଲ୍ଲାରେ ୧୨, ୦୮୬, ନୂଆଗାଁରେ ୫,୮୬୩ ଓ ଗଣିଆ ବ୍ଲକର ୪,୯୬୭ ଅଛନ୍ତି। ତେବେ ଏଥିରୁ ନୟାଗଡ଼ ବ୍ଲକର ୧୧,୯୦୪, ଓଡ଼ଗାଁରେ ୧୮ , ୩୨୩, ରଣପୁରରେ ୧୧, ୭୦୫, ଖଣ୍ଡପଡ଼ାରେ ୮,୨୫୨, ଭାପୁରରେ ୧୨,୯୦୦, ଦଶପଲ୍ଲାରେ ୯,୯୩୫, ନୂଆଗାଁରେ ୩,୮୫୧ ଓ ଗଣିଆ ବ୍ଲକର ୩,୮୦୩ ଏପରି ମୋଟରେ ୮୦, ୭୬୩ ଇ କେୱାସିରେ ସାମିଲ ହୋଇଛନ୍ତି। ଅପରପକ୍ଷେ ନୟାଗଡ଼ ବ୍ଲକର ୬,୪୦୩, ଓଡ଼ଗାଁର ୭,୯୨୫, ରଣପୁରରେ ୩,୫୪୧, ଖଣ୍ଡପଡ଼ାରେ ୩,୨୪୧, ଭାପୁରରେ ୪, ୩୧୪, ଦଶପଲ୍ଲାରେ ୨,୧୫୨, ନୂଆଗାଁରେ ୨, ୦୧୨ ଓ ଗଣିଆ ବ୍ଲକର ୧,୧୬୪ଜଣଙ୍କର ଇ କେୱାସିରେ ନାଁ ସାମିଲ କରି ପାରିନାହାନ୍ତି। ଏ ନେଇ ଓଡଗାଁର ବିକାଶ ନାୟକ, ଗଣିଆର ସୁଶାନ୍ତ ସାହୁ, ଭାପୁରର ବ୍ୟୋମକେଶ ସ୍ୱାଇଁ ପ୍ରମୁଖ ଚାଷୀ କହିଛନ୍ତି, ଇ କେୱାସି କ'ଣ ଆମ ପରି ଅନେକ ଚାଷୀ ଜାଣନ୍ତି ନାହାନ୍ତି। ପ୍ରାୟ ୩ ବର୍ଷ ହେଲା ପଞ୍ଜୀକରଣ ହେଉଥିଲେ ମଧ୍ୟ କାହିଁକି ସବୁ ଚାଷୀ ପଞ୍ଜୀକରଣ କରୁନାହାନ୍ତି ତା'ର ସମୀକ୍ଷା ହେବା ଦରକାର। ଚାଷୀ ଏହା କ'ଣ ଜାଣିବା ପୂର୍ବରୁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରୁ ନାଁ କଟି ଯାଉଛି। ଏ ଦିଗରେ ଅଧିକ ସଚେତନତା ଦରକାର ବୋଲି କହିଛନ୍ତି। ଜିଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ କୁମାର ଦଳେଇଙ୍କୁ ପଚାରିବାରେ ଇ କେୱାସିରେ ନାଁ ସାମିଲ ନ ହେଲେ କେନ୍ଦ୍ରୀୟ ସହାୟତା ମିଳୁନାହିଁ। ଚାଷୀ ଇ କେୱାସିରେ ପଞ୍ଜୀକୃତ କରୁଛନ୍ତି। ହେଲେ ସବୁଚାଷୀ ଏଥିରେ ସାମିଲ ହୋଇ ପାରୁନାହାନ୍ତି। ଇ କେୱାସିରେ ନାଁ ପଞ୍ଜୀକରଣ ପାଇଁ ଚାଷୀଙ୍କୁ କୃଷି ବିଭାଗ ପକ୍ଷରୁ ସଚେତନତା କରାଯାଉଛି ବୋଲି ସେ କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରମେଶ



@ ଚିନୁ



@ ରତିକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭାଜପାର ମଣ୍ଡଳସ୍ତରୀୟ ସଦସ୍ୟତା କର୍ମଶାଳା

ଦଶପଲା,୩୦।୮ (ପ୍ରକାଶ କୁମାର ପାଣି)

ଦଶପଲା ବ୍ଲକ୍ ବାଣିଗୋଛା ଥାନା ଅନ୍ତର୍ଗତ ଫାଲପାଜୁଠାରେ ଶୁକ୍ରବାର ଭାଜପା ପକ୍ଷରୁ ବାଣିଗୋଛା ମଣ୍ଡଳସ୍ତରୀୟ ସଦସ୍ୟତା ସଂଗ୍ରହ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦଶପଲ୍ଲା ବ୍ଲକର ୭ଟି ପଞ୍ଚାୟତର ମଣ୍ଡଳସ୍ତରୀୟ, ପଞ୍ଚାୟତସ୍ତରୀୟ ବରିଷ୍ଠ କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ପୂର୍ବତନ ବିଧାୟକ ତଥା ଭାଜପା ନେତା ପୂର୍ଣ୍ଣଚନ୍ଦ୍ର ନାୟକ ଯୋଗଦେଇ ବର୍ତ୍ତମାନ ଆମ ସଦସ୍ୟତା ୫୦ ଲକ୍ଷରେ ପହଞ୍ଚି ଥିଲାବେଳେ ୭୮ ଜଣ ବିଧାୟକଙ୍କୁ ନେଇ ଆମେ ସରକାର ଗଢ଼ିଛୁ। ଆଗକୁ ସଦସ୍ୟତା ସଂଖ୍ୟା ୧ କୋଟିରେ ପହଞ୍ଚାଇବାକୁ ସମସ୍ତଙ୍କୁ ନିବେଦନ କରିଥିଲେ। ଏଥିସହ ସମସ୍ତ କର୍ମକର୍ତ୍ତା, ପ୍ରଭାରୀ, ମଣ୍ଡଳସ୍ତରୀୟ ଓ ପଞ୍ଚାୟତସ୍ତରୀୟ କର୍ମକର୍ତ୍ତାଙ୍କୁ ସେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା ବାଣିଗୋଛା ମଣ୍ଡଳ ସଭାପତି କିଶୋର ଦଳବେହେରା, ବସନ୍ତ ମୁଦୁଲି, ପ୍ରସନ୍ନ କରଣ, କୈଳାସ ମହାଖୁଡ ପ୍ରଭୃତି ଶତାଧିକ କର୍ମୀ ଯୋଗଦେଇଥିଲେ।



କର୍ମଶାଳାରେ ଯୋଗ ଦେଇଥିବା ଭାଜପା ନେତା ଓ କର୍ମୀମାନେ।

# କଲେଜରେ ଟେଲିଫୋନ ଉପଭୋକ୍ତା ସଚେତନତା



ଉପଭୋକ୍ତାମାନଙ୍କୁ ଟେଲିକମ୍ ସେବା ପକ୍ଷରୁ ସଚେତନ କରାଯାଇଛି।

ନୟାଗଡ଼,୩୦।୮(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ପିଣ୍ଡିକେଶ ଆଞ୍ଚଳିକ ଡିଗ୍ରୀ କଲେଜ ଓ ହାୟର ସେକେଣ୍ଡାରୀ ସ୍କୁଲ ମିଳିତ ଆନୁକୂଲ୍ୟରେ ଟ୍ରାଇ ସହଯୋଗରେ ଡିଗ୍ରୀ କଲେଜ ସଭା ଗୃହରେ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟେଲିକମ ସେବା ପ୍ରଦାନକାରୀ ସଂସ୍ଥା ବିଏସ୍‌ଏନ୍‌ଏଲ, ଏୟାରଟେଲ, ରିଲିଆନ୍ସ ଜିଓର ଆଞ୍ଚଳିକ ପ୍ରତିନିଧି ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀ ସଙ୍ଗଠନ ପରିବର୍ତ୍ତନ ଭୁବନେଶ୍ୱର ଦ୍ୱାରା ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ପରିବର୍ତ୍ତନର ସଭାପତି ସୁଧାଂଶୁ ମୋହନ ଦାଶ ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ସେହିପରି ଟ୍ରାଇର ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଟେଲିକମ ସେବା ପ୍ରଦାନକାରୀ ସଂସ୍ଥାମାନେ କିପରି ଉତ୍ତମମାନର ଗୁଣାତ୍ମକ ସେବା ପ୍ରଦାନ କରିବେ ସେ ସମ୍ପର୍କରେ ବିଷଦ ଆଲୋଚନା ହୋଇଛି। ପରିବର୍ତ୍ତନ ସଂସ୍ଥାର ସମ୍ପାଦକ ଶୁଭ୍ରାଂଶୁ ଭୂଷଣ ସ୍ୱାଇଁ ଟ୍ରାଇ ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ସଚେତନତା ସଭାରେ ଉପଭୋକ୍ତାମାନେ ସେମାନଙ୍କର ଅଞ୍ଚଳରେ କିଭଳି ଅସୁବିଧା ଭୋଗ କରୁଛନ୍ତି ତା'ର ତଥ୍ୟ ଉପସ୍ଥାପନା କରିଥିଲେ। ସେବା ପ୍ରଦାନକାରୀ ସଂସ୍ଥାର ପ୍ରତିନିଧି ବୃନ୍ଦ ତା'ର ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିଥିଲେ। ଯୁକ୍ତ ୩ କଲେଜର ଅଧ୍ୟକ୍ଷ ଚିତ୍ତରଞ୍ଜନ ଶତପଥୀ ଉପଭୋକ୍ତାମାନଙ୍କୁ ପରାମର୍ଶ ଦେଇ କହିଥିଲେ ଯେ, ଉପଭୋକ୍ତାମାନେ ସମ୍ମୁଖୀନ ହେଉଥିବା ଅସୁବିଧାଗୁଡ଼ିକୁ ଯଥାଶୀଘ୍ର ଟେଲିକମ ସେବା ପ୍ରଦାନକାରୀ ସଂସ୍ଥାର ଗୋଚରାର୍ଥେ ଆଣିବା ଉଚିତ। ଯୁକ୍ତ ୨ କଲେଜର ଅଧ୍ୟକ୍ଷ କିଶୋର ଚନ୍ଦ୍ର ଜେନା ଅଭିଭାଷଣରେ କହିଥିଲେ କି ଟେଲିକମ କମ୍ପାନୀମାନେ ଗ୍ରାହକ ମାନଙ୍କ ଅସୁବିଧାଗୁଡ଼ିକୁ ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନିଅନ୍ତୁ।

# ଭାଜପାର ସଦସ୍ୟତା ଅଭିଯାନ କର୍ମଶାଳା



ଭାଜପାର ସଦସ୍ୟତା ଅଭିଯାନ କର୍ମଶାଳାରେ ଉପସ୍ଥିତ ନେତା ଓ କର୍ମୀ।

ନୂଆଗାଁ, ୩୦।୮ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ରାମଚଣ୍ଡୀ ପୀଠଠାରେ ଶୁକ୍ରବାର ବ୍ଲକ ଭାଜପାର ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସେପ୍ଟେମ୍ବର ୧ରୁ ସାରା ଦେଶରେ ଭାଜପାର ସଦସ୍ୟତା ଅଭିଯାନ ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ନୂଆଗାଁ ବ୍ଲକ ଅନ୍ତର୍ଗତ ପେଟେଇଚଣ୍ଡୀ ପୀଠଠାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥର ବ୍ଲକରେ ୧୫ ହଜାର ସଦସ୍ୟ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନଙ୍କୁ ସହ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, ଭୀମସେନ ସେଠୀ, ବିଜୟ କୁମାର ପ୍ରଧାନ, ଦେବରାଜ ଡାକୁଆ, ପାଣୁ ଚରଣ ଖଣ୍ଡୁଆଳ, ଅସିତ କୁମାର ପଟ୍ଟନାୟକ, ସୁରେଶ କୁମାର ପ୍ରଧାନ, ବିଜୟ କୁମାର ପାତ୍ର, ବସନ୍ତ କୁମାର ମହାନ୍ତି, ଜ୍ଞାନ ରଞ୍ଜନ ସାହୁ, ସୂର୍ଯ୍ୟମଣି ନାୟକଙ୍କ ସମେତ ଶତାଧିକ ଭାଜପା କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ।

# ବିପଦସଙ୍କୁଳ ଗୃହରେ ଶ୍ରୀହନୁମାନ ଜୀଉ ରହୁଛନ୍ତି



ଭାଙ୍ଗିଯାଇଥିବା ଆଜବେଷ୍ଟସ୍ ଗୃହରେ ହନିମାନ ଜୀଉ ରହୁଛନ୍ତି।

ଖଣ୍ଡପଡ଼ା,୩୦।୮
(ଅଜୟ କୁମାର ମହାରଣା)

ପୁରାତନ ମଠ ଓ ମନ୍ଦିରର ବିକାଶ ଲାଗି ରାଜ୍ୟ ସରକାର ଅନୁଦାନ ଅର୍ଥ ମଞ୍ଜୁର କରୁଥିଲେ ହେଁ ଦୀପତଳ ଅନ୍ଧାର ପରି ଶ୍ରୀହନୁମାନଜୀଉଙ୍କ ମନ୍ଦିରଟି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଇଛି। ଏହି ପରିପ୍ରେକ୍ଷୀରେ ଖଣ୍ଡପଡ଼ା ସହରର ରଥଗଡ଼ା ଛକରେ ଦୀର୍ଘବର୍ଷ ଧରି ଏକ ବିପଦସଙ୍କୁଳ ଆଜବେଷ୍ଟସ୍ ଛପର ଗୃହରେ ଶ୍ରୀହନୁମାନଜୀଉ ପୂଜା ପାଉଛନ୍ତି। ବାର ମାସରେ ତେର ପର୍ବ ବିଗ୍ରହଙ୍କ ନିକଟରେ ପାଳିତ ହେଉଛି। ବିଗ୍ରହ ପୂଜା ପାଉଥିବା ଗୃହର କବାଟ, ଝରକା ଉଇଖାଇ ନଷ୍ଟ ହେବାକୁ ବସିଥିବା ବେଳେ ଆଜବେଷ୍ଟସ ଛପର ଭାଙ୍ଗି ଯାଇଥିବା ଯୋଗୁ ବର୍ଷାଦିନେ ପାଣି ଗଳୁଛି। ଏଭଳି ଦୟନୀୟ ସ୍ଥିତିରେ ବିଗ୍ରହ ପୂଜା ପାଉଥିବାରୁ ଭକ୍ତ ମହଲରେ ଅସନ୍ତୋଷ ପଜାଶ ପାଇଛି। ଶ୍ରୀହନୁମାନଜୀଉ ମନ୍ଦିରର ରୁପାନ୍ତରୀକରଣ ପାଇଁ ଜିଲା ପ୍ରଶାସନ, ଏନ୍‌ଏସି କର୍ତ୍ତୃପକ୍ଷ ଓ ଖଣ୍ଡପଡ଼ା ବିଧାୟକ ଦୃଷ୍ଟି ଦେବାକୁ ସ୍ଥାନୀୟ ୱାର୍ଡବାସୀ ଦାବି କରିଛନ୍ତି।

# ଦୁଆର ମୁହଁରେ ଯୁବକଙ୍କୁ ଆକ୍ରମଣ, ମାମଲା ରୁଜୁ

ଓଡଗାଁ, ୩୦।୮
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡଗାଁ ଆଦର୍ଶ ଥାନା ଓ ଏନ୍‌ଏସି ଅନ୍ତର୍ଗତ ନିତ୍ୟାନନ୍ଦ ସାହିରେ ଜଣେ ଯୁବକଙ୍କୁ ଘର ଦୁଆରେ ଆକ୍ରମଣ ମାମଲାରେ ପୋଲିସ ଏକ ମାମଲା ରୁଜୁ କରିଛି। ସୂଚନାଅନୁସାରେ ସେହି ସାହିରେ ସଞ୍ଜୟ କୁମାର ସାହୁ (୨୬) ଗୁରୁବାର ସନ୍ଧ୍ୟାରେ ଦୁଆରେ ଠିଆ ହୋଇଥିବାବେଳେ ସ୍ଥାନୀୟ ଅଞ୍ଚଳର ୩ ଯୁବକ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଭୁଜାଲି ଦେଖାଇ ମାରପିଟ୍ କରିଥିଲେ। ଏ ନେଇ ସଞ୍ଜୟ ଥାନାରେ ସ୍ଥାନୀୟ ପାଇକସାହିରେ ବିଜୟ କୁମାର ନାୟକ, ମନ୍ଦିର ରୋଡ଼ର ରାଜେଶ ବେହେରା ଓ ନିତ୍ୟାନନ୍ଦ ସାହିର ପ୍ରଦୀପ କୁମାର ସ୍ୱାଇଁ ତାଙ୍କୁ ମାରପିଟ୍ କରିଥିବା ନେଇ ଅଭିଯୋଗ କରିଥିଲେ। ପୋଲିସ ୩ ଅଭିଯୁକ୍ତଙ୍କ ବିରୋଧରେ ନଂ. ୨୫୦/୨୪ରେ ମାମଲା ରୁଜୁ କରିବା ସହ ବିଭିନ୍ନ ଦିଗରୁ ତଦନ୍ତ କରିଥିଲା। ଏପରିକି ଶୁକ୍ରବାର ସକାଳୁ ଶରଣକୁଳ ଏସଡିପିଓ ଥାନାରେ ପହଞ୍ଚି ମାମଲାକୁ ଗୁରୁତର ସହ ଗ୍ରହଣ କରିବା ସହିତ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ଅଟକ ଅଭିଯୁକ୍ତଙ୍କୁ ତାଗିଦ୍ କରିଥିଲେ। ରୁଜୁ ମାମଲାର ଗୁରୁତ୍ୱ ସମସ୍ତ ଅଭିଯୁକ୍ତଙ୍କୁ ଥାନାରୁ ହିଁ ଭାରତୀୟ ନ୍ୟାୟ ସୁରକ୍ଷା ସଂହିତା ୨୦୨୩ ଧାରା ୩୫ (କ) ଅନୁସାରେ ଛଡା ଯାଇଥିବା ଜଣାଯାଇଛି। ଅଭିଯୁକ୍ତମାନେ ୭ ଦିନ ମଧ୍ୟରେ ଥାନାରେ ହାଜିରା ଦେବାକୁ ସର୍ତ୍ତ ରହିଛି। ଅନ୍ୟପକ୍ଷେ ଏହି ଘଟଣାକୁ ନେଇ ୨ ଦିନ ଧରି ଲାଗି ରହିଥିବା ରାଜନୈତିକ ଛକା ପଞ୍ଝାର ଏକ ରକମ ଅନ୍ତ ଘଟିଛି।

# ଗାଁ ଗାଁରେ ବ୍ୟାପୁଛି ଜ୍ୱର, ଝାଡ଼ାବାନ୍ତି

ଖଣ୍ଡପଡ଼ା,୩୦।୮
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ବିଭିନ୍ନ ଗାଁ ଗଣ୍ଡାରେ ଶହ ଶହ ବ୍ୟକ୍ତି ଜ୍ୱର ଓ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ରୋଗର ଉପଶମ ପାଇଁ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ନିକଟସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଉପ ସ୍ୱାସ୍ଥ୍ୟକନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ହେଲେ ସବୁଠି ଆବଶ୍ୟକ ଡାକ୍ତରଙ୍କ ଅଭାବ ପରିଲକ୍ଷିତ ହେଉଛି। ରୋଗୀଙ୍କୁ ସାମାନ୍ୟ ପରାମର୍ଶ ଦେବାକୁ ଡାକ୍ତର ଓ ଫାର୍ମାସିଷ୍ଟଙ୍କ ଅଭାବ ପରିଲକ୍ଷିତ ହେଉଥିବାରୁ ଏହାର ସୁଯୋଗ ନେଇ ଗାଁରେ କ୍ୱାକ୍‌ମାନେ ରୋଗୀମାନଙ୍କୁ ସେବା ଯୋଗାଇ ଦେବା ଆଳରେ ଶୋଷଣ କରୁଥିବା ଅଭିଯୋଗ ହେଉଛି। ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ର, ସ୍ୱାସ୍ଥ୍ୟ ଉପକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଖାଲି ପଡ଼ିଥିବା ଡାକ୍ତର ଓ ଫାର୍ମାସିଷ୍ଟ ପଦବୀଗୁଡ଼ିକ ପୂରଣ ଦିଗରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଖଣ୍ଡପଡ଼ା ବିଧାୟକ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଡ୍ରେନ୍ ନ ଥିବାରୁ ସମସ୍ୟାରେ ଖଳିସାହି ବାସିନ୍ଦା

ଖଣ୍ଡପଡ଼ା,୩୦।୮
(ଅଜୟ କୁମାର ମହାରଣା)



ଖଳିସାହି ରାସ୍ତାରେ ଡ୍ରେନ୍ ନ ଥିବାରୁ ପାଣି ଜମି ରହିଛି।

ବର୍ଷାଦିନ ଆସିଲେ ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଗ୍ରାମର ବାସିନ୍ଦା ହନ୍ତସନ୍ତ ହେଉଛନ୍ତି। ଜଳ ନିଷ୍କାସନ ନିମନ୍ତେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ସାମାନ୍ୟ ବର୍ଷା ହେଲେ ମୁଖ୍ୟ ରାସ୍ତା ଉପରେ ପାଣିର ସୁଅ ଛୁଟୁଛି। ସେହିପରି ଗଳିକନ୍ଦି ସିମେଣ୍ଟ କଂକ୍ରିଟ ରାସ୍ତା ଉପରେ ଦିନ ଦିନ ଧରି ପାଣି ଜମି ରହୁଛି। ଖଳିସାହି ଗ୍ରାମ ଦେଇ ଯାଇଥିବା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର ଉଭୟପାର୍ଶ୍ୱରେ ଡ୍ରେନେଜ୍ ବ୍ୟବସ୍ଥା ନାହିଁ। ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ମୁଖ୍ୟ ରାସ୍ତାପାର୍ଶ୍ୱକୁ ଜବରଦଖଲ କରି ରଖିଥିବାରୁ ଡ୍ରେନ୍ ନିର୍ମାଣରେ ସମସ୍ୟା ସୃଷ୍ଟି ହେଉଛି। ସେହିପରି କେତେଜଣ ବ୍ୟକ୍ତି ମଧ୍ୟ ବାସଗୃହ ପରିସରରୁ ଆବର୍ଜନା ଜଳ ମୁଖ୍ୟ ରାସ୍ତା ଉପରକୁ ଛାଡୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ରାସ୍ତାର ଉଭୟପାର୍ଶ୍ୱରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇ ଡ୍ରେନ ନିର୍ମାଣ ନିମନ୍ତେ ପୂର୍ତ୍ତ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଖଳିସାହି ଗ୍ରାମବାସୀ ଦାବି କରିଛନ୍ତି। ଖଳିସାହି ଗ୍ରାମ ଗୌଡ଼ସାହି ବାସିନ୍ଦା ବର୍ଷାଦିନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଜଳ ନିଷ୍କାସନ ନିମନ୍ତେ ଆନୁଷଙ୍ଗିକ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ରାସ୍ତା ଉପରେ ପାଣି ଜମି ରହିବା ସହ ଅଧିକ ପରିମାଣର ବର୍ଷା ହେଲେ ସ୍ଥାନୀୟ ବାସିନ୍ଦାଙ୍କ ବାସଗୃହ ମଧ୍ୟରେ ପାଣି ପ୍ରବେଶ କରୁଛି। ତେଣୁ ରାସ୍ତାପାର୍ଶ୍ୱରେ ଡ୍ରେନ ନିର୍ମାଣ ନିମନ୍ତେ ଗୌଡ଼ସାହି ବାସିନ୍ଦା ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାରେ ବିଡିଓ ଅଙ୍କୁର ଅଭିଳାଷ, ବରିଷ୍ଠ ଯନ୍ତ୍ରୀ ସୁନିତା ଜେନା ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିବା କହିଛନ୍ତି। ଖଳିସାହି ସରପଂଚ ଫକୀର ମୋହନ ଦାସ ରାସ୍ତାପାର୍ଶ୍ୱରେ ଆବଶ୍ୟକ ଡ୍ରେନ ନିର୍ମାଣ ନେଇ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ, ନୟାଗଡ଼ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ଖଳିସାହି ବାସିନ୍ଦାଙ୍କ ସମସ୍ୟାକୁ ଅଗ୍ରାଧିକାର ଦେଇ ରାସ୍ତାପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା ନିମନ୍ତେ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି ବୋଲି ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଧେଶ୍ୟାମ କାଲୋ କହିଛନ୍ତି। ଖଳିସାହି ଗ୍ରାମର ଗଳିକନ୍ଦି ରାସ୍ତାରେ ଆବଶ୍ୟକ ଡ୍ରେନ ନିର୍ମାଣ ନିମନ୍ତେ ଖଣ୍ଡପଡ଼ା ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପଦ୍ମ ଧରିଲେ ଚମ୍ପାଇ ସୋରେନ୍

ନୂଆଦିଲ୍ଲୀ,୩୦।୮

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍)ର ବର୍ଷୀୟାନ ନେତା ଚମ୍ପାଇ ସୋରେନ୍ ଶୁକ୍ରବାର ଭାଜପାରେ ଯୋଗ ଦେଇଛନ୍ତି। ବହୁ ବିଚାରବିମର୍ଶ ପରେ ସେ ଭାଜପାରେ ଯୋଗଦେବା ପାଇଁ ନିଷ୍ପତ୍ତି ନେଇଥିବା କହିଛନ୍ତି। ସେ ଭାଜପାରେ ରହି ଆଦିବାସୀମାନଙ୍କ ଅସ୍ତିତ୍ୱ ପାଇଁ କାର୍ଯ୍ୟ କରିବେ। ଆଦିବାସୀଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ ଏହି ପ୍ରସଙ୍ଗରେ ସେ ସ୍ୱର ଉତ୍ତୋଳନ କରିବେ ବୋଲି କହିଛନ୍ତି। ଭାଜପାରେ ଯୋଗଦେବା ପାଇଁ ନିଷ୍ପତ୍ତି ଘୋଷଣା କରିବା ପୂର୍ବରୁ ଚମ୍ପାଇ ଜେଏମ୍‌ଏମ୍ ନେତା ଶିବୁ ସୋରେନଙ୍କୁ ତାଙ୍କ ଇସ୍ତଫାପତ୍ର ଦେଇଥିଲେ। ଏଥିସହିତ ସେ ଜେଏମ୍‌ଏମ୍‌ର ସ୍ଥିତିକୁ ନେଇ ଗଭୀର ଦୁଃଖପ୍ରକାଶ କରିଥିଲେ। ଶିବୁଙ୍କ ନେତୃତ୍ୱରେ ଦଳ ଗଢ଼ାହେଲାବେଳେ ସେ ଓ ଅନ୍ୟ କର୍ମୀମାନେ ଯେଉଁ ବିଚାର ରଖିଥିଲେ, ଦଳ ସେଥିରୁ ବିଚ୍ୟୁତ ହୋଇଥିବା ଚମ୍ପାଇ କହିଛନ୍ତି। ରାଜ୍ୟ ସରକାରଙ୍କ ସାମ୍ପ୍ରତିକ କାର୍ଯ୍ୟଶୈଳୀ ଓ ନୀତି କାରଣରୁ ସେ ଦଳ ଛାଡ଼ିଲେ ବୋଲି କହିଥିଲେ।

ସୂଚନାଯୋଗ୍ୟ, ଜମି ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ହେମନ୍ତ ସୋରେନ୍‌ଙ୍କୁ ଗିରଫ କରିବାରୁ ଷଡ଼େଇକଳାରୁ ବିଧାୟକ ଥିବା ଚମ୍ପାଇ ଫେବୃଆରୀ ୨ରେ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହୋଇଥିଲେ। ତେବେ ହେମନ୍ତ ଜାମିନରେ ବାହାରିବା ପରେ ଚମ୍ପାଇଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ କୁହାଯାଇଥିଲା। ହେମନ୍ତ ଜୁଲାଇ ୪ରେ ପୁନର୍ବାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଥିବାବେଳେ ଚମ୍ପାଇଙ୍କୁ ନ ଜଣାଇ ବିଧାୟକ ଦଳ ବୈଠକ ଡକାଯାଇଥିଲା। ଉକ୍ତ ବୈଠକରେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ କୁହାଯିବା ତାଙ୍କ ପ୍ରତି ସବୁଠୁ ବଡ଼ ଅପମାନ ଥିଲା ବୋଲି ଚମ୍ପାଇ କିଛିଦିନ ପୂର୍ବରୁ କହିଥିଲେ।



ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ୍ ଶୁକ୍ରବାର ରାଞ୍ଚିରେ ଭାଜପାରେ ସାମିଲ ହୋଇଛନ୍ତି। ନିକଟରେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ଉପସ୍ଥିତ ଅଛନ୍ତି।

# ରାମଦାସ ସୋରେନ୍ ହେଲେ ନୂଆ ମନ୍ତ୍ରୀ

ରାଞ୍ଚି,୩୦।୮



ଝାଡ଼ଖଣ୍ଡ ସରକାରରେ ଶୁକ୍ରବାର ଜେଏମ୍‌ଏମ୍ ବିଧାୟକ ରାମଦାସ ସୋରେନ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ବରିଷ୍ଠ ନେତା ଚମ୍ପାଇ ସୋରେନ୍‌ଙ୍କ ଇସ୍ତଫା ପରେ ତାଙ୍କ ସ୍ଥାନରେ ଘାଟଶିଳା ବିଧାୟକ ରାମଦାସଙ୍କୁ ମନ୍ତ୍ରୀ କରାଯାଇଛି। ରାଜଭବନରେ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାର ରାମଦାସଙ୍କୁ ମନ୍ତ୍ରୀ ଭାବେ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି।

# ଫେରାଇ ଆଣିଲେ ଇସ୍ତଫାପତ୍ର

## ୨ ଦିନ ତଳେ ଦେଇଥିଲେ

କୁନ୍ଦୁରା, ୩୦।୮ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜା ନିଜ ପଦରୁ ବୁଧବାର ଇସ୍ତଫା ଦେଇଥିଲେ। ୨ ଦିନ ପର୍ଯ୍ୟନ୍ତ ତାଙ୍କ ଇସ୍ତଫା ପତ୍ର ଗ୍ରହଣ କରାଯାଇ ନ ଥିଲା। ତେବେ ଶୁକ୍ରବାର ସକାଳେ ଜିଲାପାଳ ଭି.କୀର୍ତ୍ତି ଭାସନ ଅଧ୍ୟକ୍ଷାଙ୍କ ଇସ୍ତଫା ପତ୍ର ଗ୍ରହଣ କରାଯାଇଛି ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ମାତ୍ର ସନ୍ଧ୍ୟା ୭ଟାରେ ଅଧ୍ୟକ୍ଷା, କୁନ୍ଦୁରା ବ୍ଲକ କଂଗ୍ରେସର ଏକ ଟିମ୍ ଜିଲାପାଳଙ୍କୁ ଭେଟି ଇସ୍ତଫା ଫେରାଇ ଆଣିବାକୁ ଅନୁରୋଧ କରିଥିଲେ। କଂଗ୍ରେସ୍ ଟିମ୍‌ର ଅନୁରୋଧକୁ ଜିଲାପାଳ ଗ୍ରହଣ କରିଥିବା କାର୍ଯ୍ୟକାରୀ ସଭାପତି ଗୋକୁଳ ଚନ୍ଦ୍ର ପଟ୍ଟନାୟକ ସୂଚନା ଦେଇଛନ୍ତି। ଇସ୍ତଫା ପତ୍ର ଫେରାଯାଇଥିବା ନେଇ ପ୍ରଶାସନ ପକ୍ଷରୁ କୌଣସି ଚିଠି କରାଯାଇନାହିଁ।

ସୂଚନାନୁଯାୟୀ, ଗତ ୨୮ ତାରିଖରେ ଅଧ୍ୟକ୍ଷ ରାଜେଶ୍ୱରୀ ନିଜର ବ୍ୟକ୍ତିଗତ କାରଣ ଦର୍ଶାଇ ଜୟପୁର ଉପଜିଲାପାଳ ପ୍ରଭାତ କୁମାର ପରିଡ଼ାଙ୍କ କାର୍ଯ୍ୟାଳୟରେ ଇସ୍ତଫା ପତ୍ର ପ୍ରଦାନ କରିଥିଲେ। ୩୦ ତାରିଖ ପର୍ଯ୍ୟନ୍ତ ଏହା ଗ୍ରହଣ କରାଯାଇ ନ ଥିଲା। ଇସ୍ତଫା ପତ୍ର ଉପଜିଲାପାଳଙ୍କଠାରୁ ଜିଲାପାଳ ଏବଂ ଡିପିଓଙ୍କ ନିକଟକୁ ଯିବାପରେ ପୁଣି ଫେରାଇ ନିଆଯିବାର କାରଣ କ'ଣ ହୋଇପାରେ ବୋଲି ଆଲୋଚନା ଚାଲିଛି।

# ମାଥିଲି ଜିଲା ପରିଷଦ ସଭ୍ୟା ସସ୍ମିତା ମାଝୀ ଗିରଫ

ମାଥିଲି, ୩୦।୮ (ସୁବାସ ଚନ୍ଦ୍ର ଖୁଲ୍ଲୁପିଆ)

କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ନାଁ ନେଇ ଚାକିରି କରାଇଦେବା ବାହାନାରେ ଲକ୍ଷାଧିକ ଟଙ୍କା ଠକେଇ ମାମଲାରେ ମାଲକାନଗିରି ଜିଲା ମାଥିଲି ବ୍ଲକ୍ ୩ ନମ୍ବର ଜୋନ୍‌ର ଜିଲା ପରିଷଦ ସଭ୍ୟ ସସ୍ମିତା ମାଝୀଙ୍କୁ ପୋଲିସ ଗିରଫ କରିଛି। ଫେରାରଥିବା ମାଝୀଙ୍କୁ ତାଙ୍କ ପୈତୃକ ଘର ଜଗତ୍‌ସିଂପୁରରୁ ମାଥିଲି ପୋଲିସ ଗିରଫକରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଏହି ମାମଲାର ମାଷ୍ଟରମାଇଣ୍ଡ ରମେଶ ରାଉତଙ୍କୁ ମାଥିଲି ପୋଲିସ ପୂର୍ବରୁ ଖୋର୍ଦ୍ଧା ଜିଲା ବାଲକାଟିରୁ ଗିରଫ କରିଥିଲା। ରମେଶ ନିଜକୁ ପାଣ୍ଡିଆନ୍‌ଙ୍କ ସମ୍ପର୍କୀୟ କହି ଚାକିରି କରାଇଦେବା ନାଁରେ ଅନେକ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ହଡ଼ପ କରିଥିଲେ। ଏଥିରେ ତାଙ୍କ ସହ ସସ୍ମିତା ମାଝୀ ଓ ଅନ୍ୟ ଜଣେ ସହଯୋଗୀ ଜୀବନ ସାହୁ ସାମିଲ ଥିଲେ। ଅନ୍ୟପକ୍ଷରେ ଜନବିରୋଧୀ କାର୍ଯ୍ୟ ଯୋଗୁ ସସ୍ମିତାଙ୍କୁ ବିଜେଡିରୁ ବହିଷ୍କାର କରାଯାଇଥିବା ଗତ ୩ ଦିନ ତଳେ ପ୍ରେସ୍ ରିଲିଜରେ ଉଲ୍ଲେଖ କରାଯାଇଥିଲା।

# ଏକଜୁଟ ହୋଇ କାମକର

## ବିଜେଡି ଛାତ୍ର, ଯୁବ, ମହିଳା ଶାଖାକୁ ନବୀନଙ୍କ ଆହ୍ୱାନ

ଭୁବନେଶ୍ୱର,୩୦।୮ (ଅନିଲଦାସ)

ଏକଜୁଟ ହୋଇ ଦଳକୁ ଶକ୍ତିଶାଳୀ କରିବା ପାଇଁ କାମ କରିବାକୁ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦଳର ଛାତ୍ର, ଯୁବ, ମହିଳା ଶାଖାକୁ ଆହ୍ୱାନ ଦେଇଛନ୍ତି। ଶୁକ୍ରବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ବିଜୁ ଛାତ୍ର ଜନତା ଦଳର କର୍ମକର୍ତ୍ତାମାନଙ୍କ ବୈଠକରେ ଯୋଗଦେଇ ନବୀନ କହିଛନ୍ତି, ସେବା, ସଂଗ୍ରାମ, ସ୍ୱାଭିମାନ ଓ ସଚେତନତା ହେଉଛି ଦଳର ଆଦର୍ଶ। ଏକ ଆଞ୍ଚଳିକ ଦଳ ଭାବରେ ବିଜୁ ଜନତା ଦଳ ଗତ ୨୭ ବର୍ଷ ଧରି ଓଡ଼ିଶାବାସୀଙ୍କ ସେବା କରିଆସୁଛି। ଛାତ୍ର, ଯୁବକ, ମହିଳା, ଚାଷୀ ଶ୍ରମିକ ସମସ୍ତଙ୍କୁ ସାଥିରେ ନେଇ ଏହା ଆଜି ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇପାରିଛି। କ୍ଷମତା ନୁହେଁ, ଲୋକଙ୍କ ସେବା ହିଁ ବିଜେଡିର ଲକ୍ଷ୍ୟ।

ଗତ ନିର୍ବାଚନ ବିଷୟ ଉଲ୍ଲେଖକରି ନବୀନ କହିଛନ୍ତି, ନିର୍ବାଚନରେ ହାରଜିତ ରହିଛି। ଓଡ଼ିଶାବାସୀଙ୍କ ଏ ଭଲ ପାଇବା ହିଁ ବିଜେଡିର ସବୁଠାରୁ ବଡ଼ ଶକ୍ତି। ସୋସିଆଲ ମିଡିଆର ସମାଜ ଉପରେ ପ୍ରଭାବ ବିଷୟରେ ଅବତାରଣା କରି ନବୀନ ଛାତ୍ର ସମାଜକୁ ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହିବା ପାଇଁ ପରାମର୍ଶ ଦେଇ ମିଛ ଖବର ବିରୋଧରେ ସଂଗ୍ରାମ ଜାରି ରଖିବାକୁ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଈପ୍ସିତା ସାହୁ, ଅବିନାଶ ଠାକୁର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ବୈଠକରେ ବିଜୁ ଛାତ୍ର ଜନତା ଦଳ ବ୍ଲକ ଓ ପଞ୍ଚାୟତ ସ୍ତରରେ ଦଳକୁ ସୁଦୃଢ଼ କରିବାକୁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଛି।


## ପବିତ୍ର "ସ୍ୱାୟତ୍ତ ଶାସନ ଦିବସ" ଅବସରରେ ବ୍ୟାସନଗରର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା

ବ୍ୟାସନଗର ପୌର ପରିଷଦ, ବ୍ୟାସନଗର

### ପୌରବାସୀଙ୍କୁ ନିବେଦନ

୧. "ମୋ ଅଳିଆ ମୋ ଦାୟିତ୍ୱ" ଏଣୁ ନିଜ ଘରର ବର୍ଜ୍ୟବସ୍ତୁ, ଭଙ୍ଗା କାଚ ଓ ପ୍ଲାଷ୍ଟିକ ଜିନିଷ ଇତ୍ୟାଦି ରାସ୍ତା ଉପରେ କିମ୍ବା ଡ୍ରେନ ଭିତରେ ନ ପକାଇ ପୌରପାଳିକାର ନିୟୋଜିତ ଗାଡ଼ିକୁ ହସ୍ତାନ୍ତର କରନ୍ତୁ।
୨. ହୋଟେଲ ଓ ବହୁତଳ ପ୍ରାସାଦଗୁଡ଼ିକ ନିଜର ଡଷ୍ଟବିନ୍ ବ୍ୟବହାର କରିବା ସହିତ ନିଜସ୍ୱ ଜାଗାରେ କମ୍ପୋଷ୍ଟ ପିଟ୍ ଖୋଳି ସେଥିରେ ରଖନ୍ତୁ।
୩. ରାସ୍ତା ଉପରେ ଗାଈ, ଗୋରୁ ତଥା ଗୃହପାଳିତ ପଶୁଙ୍କୁ ଛାଡ଼ନ୍ତୁ ନାହିଁ।
୪. ରାସ୍ତାକଡ଼ରେ ଘର ତିଆରି ଉପକରଣ ଯଥା: ବାଲି, ଗୋଡ଼ି, ଇଟା ଇତ୍ୟାଦି ମହଜୁଦ୍ କରନ୍ତୁ ନାହିଁ।
୫. ପୌରପାଳିକାର ସମସ୍ତ ଟିକସ ଯଥା ସମୟରେ ପୈଠ କରନ୍ତୁ।
୬. ବ୍ୟାସନଗର ସହରରେ ଥିବା ସମସ୍ତ ବ୍ୟବସାୟୀ ପ୍ରତିଷ୍ଠାନମାନେ ସେମାନଙ୍କ ଟ୍ରେଡ୍ ଲାଇସେନ୍ସ ଯଥା ସମୟରେ ପୌର କାର୍ଯ୍ୟାଳୟରୁ କରାଇ ନିଅନ୍ତୁ।
୭. ବାହ୍ୟ ଶୌଚରୁ ନିବୃତ ରହନ୍ତୁ, ବାହାରେ ଶୌଚ କରିବାର ନଜରକୁ ଆସିଲେ ପୌର ଆଇନ୍ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
୮. ପଲିଥିନ ବ୍ୟବହାର କରନ୍ତୁ ନାହିଁ।
୯. ପୌର ସମ୍ପତ୍ତି ଆମମାନଙ୍କର ସମ୍ପତ୍ତି। ଏହାର ରକ୍ଷଣାବେକ୍ଷଣ ଆମମାନଙ୍କର ଦାୟିତ୍ୱ।
୧୦. ପାଇଖାନା ଟାଙ୍କି ସଫା କରିବା ପାଇଁ ପୌର ପରିଷଦ ତରଫରୁ ଭଡ଼ା ସୂତ୍ରରେ ସେସ୍‌ପୁଲ୍ ବ୍ୟବହାର କରନ୍ତୁ।
୧୧. ଘରୋଇ ପାଇଖାନାଗୁଡ଼ିକର ଆବର୍ଜନା ପାଣି ଡ୍ରେନକୁ ଛାଡ଼ନ୍ତୁ ନାହିଁ।
୧୨. ସ୍ୱାସ୍ଥ୍ୟଗତ ସମସ୍ୟା ଯଥା: ଅଣ୍ଡା, ଜ୍ୱର ଓ କାଶ ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

ନମ୍ରତା ମୋଦି, ନିର୍ବାହୀ ଅଧିକାରୀ, ବ୍ୟାସନଗର ପୌର ପରିଷଦ
ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ବଳ, ଉପାଧ୍ୟକ୍ଷ, ବ୍ୟାସନଗର ପୌର ପରିଷଦ
ଶ୍ରୀମତୀ ସଙ୍ଗୀତା ପିଙ୍ଗୁଆ, ଅଧ୍ୟକ୍ଷା, ବ୍ୟାସନଗର ପୌର ପରିଷଦ



# Classified Everyday

0674-2580101, 2549949


AUTOMOBILE
SALE

2016 Model Creta SX Petrol manual run 50,000KM in tip top condition, Price- Rs. 7,00,000/-. Contact- 9437009544. D-1179



REAL ESTATE
SALE

କଟକ-ଭୁବନେଶ୍ୱର ମଧ୍ୟ ଭାଗରେ **Sum Hospital-2** ନିକଟସ୍ଥ **GrandBazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ **30ft.** ରାସ୍ତା ଥାଇ ଘରବାରି **SC/Gen plot** କିଣନ୍ତୁ। **9658562429.** D-75989

**2/3BHK Flat Uttara, Patia, KalingaNagar, Hanspal, Patrapada, BJB Nagar. 8270370007.** D-949

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8249877810, 9439368599.** D-1187

Duplex sale at Bhubaneswar @ 60,00,000/- and apartment 4200/-sqft. 9777433701. D-75990

Ready to move flat with stilt parking of size 1570 & 1950sqft. are available for sale in Ashok Nagar near Rajmahal Square. Interested buyers can contact on this number 9937441023. D-1182

Duplex project at Retang Medical, Station, CV Raman University, apartment near Sum Hospital, Bhubaneswar. 7008459987. D-75987

**Demarcated gharabari plot for sale near Sudhanand Eng. College. 6K.M. from Hanspal Square. 7848939838.** D-75988

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437192512, 9937846404.** D-1186




Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75775

Newly open health benefits SPA special offer @ 799 Bapujinagar. 8018429809. D-76149

Newly open health benefits SPA by expert therapist. Contact- 9090400507. D-76148

## AFFIDAVIT

By virtue of an affidavit sworn before the Notary Public, Cuttack on date 30.08.2024 I, SANGRAM KESHARI SAMAL, S/o- PRAHALAD SAMAL, At- BIKIPUR, P.O.- DAGARPADA, P.S.- TIRTOL, Dist.- JAGATSINGHPUR-754160, Odisha have changed my name from SANGRM KESHARI SAMAL to SANGRAM KESHARI SAMAL. Henceforth I shall be known as SANGRAM KESHARI SAMAL for all purposes. D-1188

I, Harupka Vikash Kumar, aged about 44 years, S/o- Kailash Chandra Harupka, resident of Flat No.- A/204/205, AARYA Residency, Sarbahal, VTC, Jharsuguda, P.O.- Jharsuguda, Dist.- Jharsuguda, Odisha, PIN- 768201, declared by this affidavit No. A202 dtd. - 30.08.2024 that now onwards I shall be known as Vikash Kumar for all future purposes. D-1190

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Gop dated 22.08.2024, I, SHASHIBHUSHAN SENAPATI (New name), Address- At/P.O.- Erabang, P.S.- Gop, Dist.- Puri, Odisha, PIN- 752116 declare that I have changed my name from SHASHIBHUSAN SENAPATI (Old name) to SHASHIBHUSHAN SENAPATI (New name). Henceforth, I shall be known as SHASHIBHUSHAN SENAPATI (New name) for all purposes. D-1172

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

# ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



⁄ମୁରଲୀଧର ପରିଡ଼ା
ଜଗନ୍ନାଥପୁର, ଭଦ୍ରକ
ଆବିର୍ଭାବ: ୧୩।୦୪।୧୯୫୩
ତିରୋଧାନ: ୨୧।୦୮।୨୦୨୪
ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
ହତଭାଗ୍ୟ ପୁଅ: ମୁନା, ଉତ୍ତମ, କୁନା, ପିପୁନା, ଝିଅ: ରିନୁ, ମିନୁ, ମୁନୁମୁନୁ, ଜ୍ୱାଇଁ: ଗୋବିନ୍ଦ, ରବି, ନିରାକାର, ପୁତ୍ରବଧୂ: ଗୀତା, ମିନା, ଚୁମ୍, ଡୁଲି, ଶ୍ରଦ୍ଧା, ନାତିନାତୁଣୀ ଓ ଶୋକସନ୍ତପ୍ତ ପରିବାରବର୍ଗ।
ଧ-୧୧୮୩

### ମନେ ପଡ଼ନ୍ତି
ତ୍ରୟୋବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



⁄ଖଗେନ୍ଦ୍ର ଚନ୍ଦ୍ର ପଣ୍ଡା
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ବନ୍ଧୁ ଓ ପରିବାରବର୍ଗ
ଧ-୭୫୫୬୩

### ୧୮ତମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଯାମିନୀ ବଲ୍ଲଭ ଦାଶ
(ଘାଟିକିଆ, ଭୁବନେଶ୍ୱର)
ଆପଣଙ୍କର ନୀତି, ଆଦର୍ଶ, ପରୋପକାର, କର୍ତ୍ତବ୍ୟ ପରାୟଣତା, ସ୍ନେହ, ଶ୍ରଦ୍ଧା ଆମ୍ଭମାନଙ୍କର ପାଥେୟ ହୋଇ ରହୁ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଚରଣରେ ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ପତ୍ନୀ- ବାସନ୍ତି, ପୁତ୍ର ଓ ପୁତ୍ରବଧୂ, ନାତୁଣୀ-ଟୁଲୁ, ଗୁଲୁ, ନାତୀ-ଭୋଲୁ, କନ୍ୟା ଓ ଜାମାତା ଏବଂ ପରିବାରବର୍ଗ।
ଧ-୭୫୫୬୪

### ପ୍ରଥମ ଶ୍ରାଦ୍ଧୋତ୍ସବ ଶ୍ରଦ୍ଧାଞ୍ଜଳି



⁄ନାରାୟଣ ସାହୁ
ଇଟିପୁର, ଭୁବନେଶ୍ୱର-୨
ଆବିର୍ଭାବ: ୧୮।୦୫।୧୯୬୧
ତିରୋଧାନ: ୧୩।୦୯।୨୦୨୩
ଚାହୁଁ ଚାହୁଁ ବର୍ଷେ ବିତିଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଏମିତି ଆମ ଉପରେ ରହିଥାଉ। ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ, ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ ସାହୁ ପରିବାର ଓ ବନ୍ଧୁବାନ୍ଧବ
ଧ-୧୧୯୧

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



⁄ ଡଃ ଭାଗୀରଥି ଚୌଧୁରୀ
ବରମୁଣ୍ଡା, ଭୁବନେଶ୍ୱର
ଆବିର୍ଭାବ: ୦୨.୦୯.୧୯୩୭
ତିରୋଧାନ: ୧୨.୦୯.୨୦୨୩
ବରମୁଣ୍ଡାସ୍ଥିତ 'ଅପୂର୍ବ'ର ଆପଣଙ୍କ ସେହି କୋଠରୀଟି ଆମ୍ଭମାନଙ୍କୁ ଏକ ଅଦୃଶ୍ୟ ମୂରବି ପଣିଆର ବନ୍ଧନ ଭିତରେ ବାନ୍ଧି ରଖିଛି। ଆପଣଙ୍କ ଆଶୀଷ ଆମ ଉପରେ ସଦା ବରଷୁ ଥାଉ। ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ଆମର ଅଶ୍ରୁପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି।
-: ଶୋକ ସନ୍ତପ୍ତ :-
ଧର୍ମପତ୍ନୀ ଲାବଣ୍ୟ ଓ ପରିବାରବର୍ଗ
ବରମୁଣ୍ଡା, ଭୁବନେଶ୍ୱର
ଧ-୧୧୮୯

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

**ଶେୟାର ବଜାରରେ ଉତ୍ସାହ**

**ନୂଆଦିଲ୍ଲୀ:** କ୍ରମାଗତ ୯ମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୩୧ (୨୩୧.୧୬) ପଏଣ୍ଟ ବଢ଼ି ୮୨,୩୬୬ (୮୨,୩୬୫.୭୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୮୪ (୮୩.୯୫) ପଏଣ୍ଟ ବୃଦ୍ଧି ଘଟି ୨୫,୨୩୬ (୨୫,୨୩୫.୯୦) ଅଙ୍କରେ କାରବାର ଶେଷ କରିଥିଲା।

# ପୂର୍ବୋଦୟ ବିକାଶ ଆଗରେ ରହିବ ଓଡ଼ିଶା: ମୁଖ୍ୟମନ୍ତ୍ରୀ




■ୟୁସିସିଆଇଏଲ୍ ପକ୍ଷରୁ ଗ୍ଲୋବାଲ ଟ୍ରେଡ୍ ଶୋ 'ରିସର୍ଜେଣ୍ଟ ଓଡ଼ିଶା-୨୦୨୪'ର ଶୁଭାରମ୍ଭ

■୨୦୨୯ ସୁଦ୍ଧା ୨.୫ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ହାସଲ ଲକ୍ଷ୍ୟ: ଶିଳ୍ପମନ୍ତ୍ରୀ

ଭୁବନେଶ୍ୱର,୩୦।୮ (ଅଭୟ ଦାଶ)

ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ (ୟୁସିସିଆଇଏଲ୍) ପକ୍ଷରୁ ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ସହଭାଗିତାରେ ଭୁବନେଶ୍ୱରର ଜନତା ମଇଦାନଠାରେ ଗ୍ଲୋବାଲ ଟ୍ରେଡ୍ ଶୋ' ରିସର୍ଜେଣ୍ଟ ଓଡ଼ିଶା-୨୦୨୪ର ଶୁଭାରମ୍ଭ ଶୁକ୍ରବାର ହୋଇଯାଇଛି। ୨୦୨୪ ଅଗଷ୍ଟ ୩୦ରୁ ଆରମ୍ଭ ହୋଇଥିବା ଏହି ୩ ଦିନିଆ ଟ୍ରେଡ୍ ଶୋ'କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି।

ରିସର୍ଜେଣ୍ଟ ଓଡ଼ିଶା-୨୦୨୪କୁ ଉଦ୍‌ଘାଟନକରି ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ୪ ଭାଗରୁ ୩ଭାଗ ଲୋକ କୃଷି ଉପରେ ନିର୍ଭର କରୁଛନ୍ତି। ସାଧାରଣ ଶିକ୍ଷା ସହ ବୈଷୟିକ ଶିକ୍ଷା ଗ୍ରହଣ କରୁଥିବା ରାଜ୍ୟର ଛାତ୍ରମାନଙ୍କୁ ନିଯୁକ୍ତି ପ୍ରଦାନ କରିବା ଲାଗି ଶିଳ୍ପାୟନ ସହ ଅଭିବୃଦ୍ଧି ଆଗକୁ ବଢ଼ାଇବାକୁ ପଡ଼ିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ବୋଦୟ ବିକାଶ ଉପରେ ଜୋର ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଜଣାଇଛନ୍ତି ଯେ ପୂର୍ବୋଦୟ ବିକାଶରେ ଓଡ଼ିଶା ସବୁଠୁ ଆଗରେ ରହିବ। ଏପରିକି ଶିଳ୍ପ ସଂସ୍ଥା ଲାଗି ଭିତ୍ତିଭୂମି ବିକାଶ କରିବାକୁ ସରକାର ପ୍ରତିବଦ୍ଧ ରହିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଥିଲେ, ରାଜ୍ୟ ଭିତରେ ମୂଲ୍ୟ ଯୋଗ କରିବା ଲାଗି ଶିଳ୍ପ ସଂସ୍ଥାଗୁଡ଼ିକୁ ଆଗକୁ ଆସିବା ସହ ରାଜ୍ୟରେ ଶିଳ୍ପସଂସ୍ଥା ସ୍ଥାପନ କରିବାକୁ ଚାହୁଁଥିବା କମ୍ପାନୀଗୁଡ଼ିକୁ ବିନା ମୂଲ୍ୟ ଓ ଲିଜ୍ ଜରିଆରେ ଜମି ଦେଲେ ଶିଳ୍ପ ସ୍ଥାପନ ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହୋଇପାରିବ ବୋଲି ସେ କହିଛନ୍ତି।

ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ୨୦୨୯ ସୁଦ୍ଧା ଦେଶ ଭିତରୁ ୨.୫ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଥିଲାବେଳେ ୨ ବିଲିଅନ ଡଲାର ଏଫ୍‌ଡିଆଇ ଆଣିବାର ମଧ୍ୟ ଯୋଜନା ରହିଛି।

ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ କୁମାର ଶର୍ମା କହିଥିଲେ, ଶିଳ୍ପାୟନ ନିଯୁକ୍ତି ସୃଷ୍ଟି ଭିତ୍ତିକ ହେବା ଦରକାର। ଯେଉଁ ପ୍ରକାର ଶିଳ୍ପସଂସ୍ଥା ସ୍ଥାପନ ହେଉ ନା କାହିଁକି ତାହା ନିଯୁକ୍ତି ସୁଯୋଗ ସୃଷ୍ଟିକରିବା ଦରକାର ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି।

ୟୁସିସିଆଇଏଲ୍ ସଭାପତି ଡ. ବ୍ରହ୍ମା ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ଚାମ୍ବରର ଇତିହାସ ଓ କାର୍ଯ୍ୟଧାରା ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏପରିକି ଏହି ଟ୍ରେଡ୍ ଶୋ'ରେ ଆୟୋଜନ ହେବାକୁ ଥିବା ବିଭିନ୍ନ କର୍ମଶାଳା ଓ ସେମିନାରରୁ ଯେଉଁ ନିଷ୍କର୍ଷ ବାହାରିବ, ତାହାକୁ ନେଇ ଏକ ଶ୍ୱେତପତ୍ର ପ୍ରସ୍ତୁତକରି ରାଜ୍ୟ ସରକାରଙ୍କ ବିଚାର ଲାଗି ଉପସ୍ଥାପନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଏହି ଅବସରରେ ନାଲ୍‌କୋ ସିଏମ୍‌ଡି ଶ୍ରୀଧର ପାତ୍ର, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଡାଇରେକ୍ଟର ଅତନୁ ଭୌମିକ, ୱେଲ୍‌ସ୍ପୁନ ଅଧ୍ୟକ୍ଷ ଚିନ୍ତନ ଠାକର, ଆଦିତ୍ୟ ବିର୍ଲା ଗ୍ରୁପ୍ ଅଧ୍ୟକ୍ଷ ଅର୍ଦ୍ଧେନ୍ଦୁ ମହାପାତ୍ର, ରିସର୍ଜେଣ୍ଟ ଓଡ଼ିଶା-୨୦୨୪ ସଭାପତି ପ୍ରବୋଧ ମହାନ୍ତି, ଏମ୍‌ସିଏଲ୍ ନିର୍ଦ୍ଦେଶକ (ଫାଇନାନ୍ସ) ଅଜିତ କୁମାର ବେହୁରା, ରାଉରକେଲା ଷ୍ଟିଲ ପ୍ଲାଣ୍ଟର ପୂର୍ବତନ ଏମ୍‌ଡି ଡା. ସନକ ମିଶ୍ର, ୟୁଏସ୍‌ଏର ଗୋବର୍ଦ୍ଧନ ପଟେଲ, କିସ୍ ଚାନ୍‌ସେଲର ଏବଂ ଏକ ସ୍ଥାୟୀ ବିଶ୍ୱ ପାଇଁ ବିଶ୍ୱସ୍ତରୀୟ ଚୁକ୍ତି, ୟୁଏନ୍‌ଇପି ସେକ୍ରେଟାରି ଜେନେରାଲ ସତ୍ୟସୁନ୍ଦର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଟାଟା ଷ୍ଟିଲ୍‌କୁ ବେଷ୍ଟ ସିଏସ୍‌ଆର୍ ପୁରସ୍କାର




ଭୁବନେଶ୍ୱର,୩୦।୮ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଟାଟା ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ ଟାଟା ଷ୍ଟିଲ୍‌କୁ ନିକଟରେ ଆଉ ଏକ ଜାତୀୟସ୍ତର ସମ୍ମାନ 'ବେଷ୍ଟ ସିଏସ୍‌ଆର୍ ପୁରସ୍କାର ' ପ୍ରଦାନ କରାଯାଇଛି। ବିଶେଷକରି କମ୍ପାନୀର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ସୁନ୍ଦରଗଡ଼ ଏବଂ କେନ୍ଦୁଝର ଜିଲା ସୀମାନ୍ତବର୍ତ୍ତୀ କଳମଙ୍ଗ ଏବଂ ଗନ୍ଧଲପଦା ଅଞ୍ଚଳରେ କମ୍ପାନୀର ଗୋଷ୍ଠୀ କଲ୍ୟାଣ କାର୍ଯ୍ୟ ପାଇଁ ଟାଟା ଷ୍ଟିଲ୍‌କୁ ଏହି ସମ୍ମାନ ମିଳିଛି। ସେହିଭଳି ୟୁବିଏସ୍ ଫୋରମ୍ ପକ୍ଷରୁ ନୂଆଦିଲ୍ଲୀଠାରେ ଆୟୋଜିତ ଏକାଦଶ ସିଏସ୍‌ଆର୍ ସମ୍ମିଳନୀ-୨୦୨୪ ଓ ସମ୍ମାନ ସମାରୋହରେ ଟାଟା ଷ୍ଟିଲ୍‌କୁ 'ବେଷ୍ଟ ସିଏସ୍‌ଆର୍ ଟିମ୍ ଅଫ୍ ଦି ଇୟର'ପୁରସ୍କାର ପ୍ରଦାନ କରାଯାଇଛି।

ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ଚିଫ୍ ସିଏସ୍‌ଆର୍ ସୌରଭ ରାୟ କହିଛନ୍ତି, ଏହି ପୁରସ୍କାର ଆମର କାର୍ଯ୍ୟକୁ ସ୍ୱୀକୃତି ଦେଉଥିଲାବେଳେ ସାମଗ୍ରିକ ବିକାଶ ଦିଗରେ ଆମର ପ୍ରତିବଦ୍ଧତାର ପ୍ରମାଣ ବୋଲି ଆମେ ବିଶ୍ୱାସ କରୁଛୁ। ଏପରିକି ସର୍ବଦା ଏକ ସମାନତା ସମାଜ ସୃଷ୍ଟିକରିବାକୁ ଆମେ ସର୍ବଦା ଚେଷ୍ଟା କରି ଆସୁଛୁ।

## ସୁଲଭ ମୂଲ୍ୟରେ ଭରସାଯୋଗ୍ୟ ୱାଇ-ଫାଇ ସେବା

ଭୁବନେଶ୍ୱର,୩୦।୮ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ଟେଲିକମ୍ ସେବା ପ୍ରଦାନକାରୀ କମ୍ପାନୀ ଭାରତୀ ଏୟାରଟେଲ୍ (ଏୟାରଟେଲ୍)ର ସେବା ସମ୍ପ୍ରସାରଣ ସହ ଓଡ଼ିଶାର ସମସ୍ତ ୩୦ଟି ଜିଲାରେ ବ୍ରାଣ୍ଡର ହୋମ୍ ୱାଇ-ଫାଇ ସେବାକୁ ବିସ୍ତାର କରିଛି। ଏପରିକି ଏହି ସମ୍ପ୍ରସାରଣ ଦ୍ୱାରା ରାଜ୍ୟରେ ଅତିରିକ୍ତ ୧ନିୟୁତ ନୂଆ ପରିବାର ସାମିଲ ହୋଇପାରିବେ ବୋଲି କମ୍ପାନୀ ପକ୍ଷରୁ ଆକଳନ କରାଯାଇଛି। ସେହିଭଳି ଏୟାରଟେଲ ୱାଇ-ଫାଇ ଜରିଆରେ ଗ୍ରାହକ କେବଳ ହାଇସ୍ପିଡ୍ ବା ଭରସାଯୋଗ୍ୟ ୱେୟାରଲେସ୍ ଇଣ୍ଟରନେଟ୍ ସେବା ନୁହେଁ ବରଂ ଅସୀମିତ ଷ୍ଟ୍ରିମିଂ, ୨୨ରୁ ଅଧିକ ଓଟିଟିଏସ୍ ସେବା ଏବଂ ୩୫୦ରୁ ଊର୍ଦ୍ଧ୍ୱ ଟିଭି ଚ୍ୟାନେଲ ସମେତ ଅନ୍ୟାନ୍ୟ ସୁବିଧା ମଧ୍ୟ ପାଇପାରିବେ। ଏପରିକି ଗ୍ରାହକମାନେ ଏୟାରଟେଲ ଥ୍ୟାଙ୍କସ୍ ଆପ୍ ବ୍ୟବହାର କରି ଅର୍ଡର ଦେବା କିମ୍ବା ୮୧୩୦୧୮୧୩୦୧କୁ କଲ୍ କରି ଏୟାରଟେଲ୍ ୱାଇ-ଫାଇ ବୁକ୍ କରିପାରିବେ।

ଏ ସମ୍ପର୍କରେ ଭାରତୀ ଏୟାରଟେଲର ଓଡ଼ିଶା ସିଓଓ ବାଲାଜୀ ଆର୍ ସିଂହ କହିଛନ୍ତି, ବ୍ରାଣ୍ଡର ୱାଇ-ଫାଇ ସେବା ବର୍ତ୍ତମାନ ଓଡ଼ିଶାର କୋଣ ଅନୁକୋଣରେ ପହଞ୍ଚିଛି। ଏପରିକି ଏୟାରଟେଲ୍ ୱାଇ-ଫାଇ ଜରିଆରେ ଗ୍ରାହକମାନେ ସୁଲଭ ମୂଲ୍ୟରେ ଭରସାଯୋଗ୍ୟ ହାଇସ୍ପିଡ୍ ଓୟାରଲେସ୍ ୱାଇ-ଫାଇ ସେବା ସମେତ ଅନେକ ମନୋରଞ୍ଜନର ବିକଳ୍ପ ମାସକୁ ପ୍ରାୟ ୬୯୯ ଟଙ୍କାରୁ ଆରମ୍ଭ କରିପାରିବେ।

## ଇଭି ପ୍ଲାଟ୍‌ଫର୍ମ 'ଇଭିଫିନ୍'ର ଶୁଭାରମ୍ଭ

ନୂଆଦିଲ୍ଲୀ,୩୦।୮ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ଆର୍ଥିକ ସଂସ୍ଥା ତଥା ଏକ ଅଣ ବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ କମ୍ପାନୀ (ଏନ୍‌ବିଏଫ୍‌ସି) ଗ୍ରୀଭ୍‌ସ ଫାଇନାନ୍ସ ଲିମିଟେଡ୍ ଭୁବନେଶ୍ୱରରେ ଏକ ଇଭି-ପ୍ରାଧାନ୍ୟକାରୀ ପ୍ଲାଟ୍‌ଫର୍ମ 'ଇଭିଫିନ୍'ର ଶୁଭାରମ୍ଭ କରିଛି। ଏପରିକି ଇଭିଫିନ୍ ଭାରତର ପ୍ରଥମ ଇଭି ଗ୍ରାହକ ଆର୍ଥିକ ପ୍ଲାଟ୍‌ଫର୍ମ ହୋଇଥିଲାବେଳେ ବୈଦ୍ୟୁତିକ ଯାନ ତଥା ଅନ୍ୟାନ୍ୟ ସ୍ଥାୟୀ ସମାଧାନ ଦିଗରେ ଏହା ଉତ୍ସର୍ଗୀକୃତ ସେବା ପ୍ରଦାନ କରିଥାଏ ; ଯାହାକି ଆଧୁନିକ ଡିଜିଟାଲ ସୁଟ୍ ତଥା ନବୀକରଣୀୟ ସମ୍ପତ୍ତି ପରିଚାଳନା ସମାଧାନକୁ ସହାୟତା ପ୍ରଦାନ କରିଥାଏ। ସେହିଭଳି ବୈଦ୍ୟୁତିକ ଚଳମାନର ତ୍ୱରାନ୍ୱିତ ସ୍ଥିତିକୁ ଆହୁରି ଆଗକୁ ନେଇ ଭୁବନେଶ୍ୱର ଏକ ଅଗ୍ରଗାମୀ ସହର ଭାବେ ଏହି ଆର୍ଥିକ ପଦକ୍ଷେପକୁ ଅଧିକ ରୂପାନ୍ତରୀକରଣ କରିପାରିଛି। ସେହିପରି ଇଭିଫିନ୍ ଗ୍ରାହକମାନଙ୍କ ଗ୍ରହଣୀୟତାକୁ ଦୃଷ୍ଟିରେ ରଖି ବିବିଧ ପ୍ରକାର ଆର୍ଥିକ ସମାଧାନର ବାଟ ପ୍ରଶସ୍ତ କରିପାରିଛି। ଏହା ମଧ୍ୟରେ ବ୍ୟକ୍ତିଗତ ଆବଶ୍ୟକତା, ବୈଦ୍ୟୁତିକ ଯାନ ମାଲିକାନାର ଅଭିଜ୍ଞତା, ସୁବିଧା ଗୁଡ଼ିକର ବୃଦ୍ଧି ସହିତ ବ୍ୟାପକ ଇଭି ମାଲିକତ୍ୱର ଅନୁରୋଧ ମଧ୍ୟ ସାମିଲ ରହିଛି।

## ଆଖୁରସରୁ ଇଥାନଲ୍ ପ୍ରସ୍ତୁତି ଉପରୁ କଟକଣା ଉଠିଲା

ଭୁବନେଶ୍ୱର,୩୦।୮(ଅନୁରାଧା ମହାରଣା)

ଚିନି ମିଲ୍ କ୍ଷେତ୍ରରେ ଏକ ଆଶ୍ୱସ୍ତିକର ଖବର ଆସିଛି। ସରକାର ଗତ ବର୍ଷ ଲଗାଇଥିବା କଟକଣାକୁ ପ୍ରତ୍ୟାହାରକରି ଇଥାନଲ୍ ଯୋଗାଣ ବର୍ଷ (ଇଏସ୍‌ୱାଇ) ୨୦୨୪-୨୫ରେ ଇଥାନଲ୍ ଉତ୍ପାଦନ ପାଇଁ ଆଖୁରସ ଏବଂ ଚିନି ସିରପ ବ୍ୟବହାରକୁ ଅନୁମତି ଦେଇଛନ୍ତି। ଘରୋଇ ବ୍ୟବହାର ପାଇଁ ପର୍ଯ୍ୟାପ୍ତ ଚିନି ଉପଲବ୍ଧତାକୁ ସୁନିଶ୍ଚିତ କରିବା ଏବଂ ମୂଲ୍ୟକୁ ନିୟନ୍ତ୍ରଣରେ ରଖିବା ପାଇଁ ଇଏସ୍‌ୱାଇ ୨୦୨୩-୨୪ ଡିସେମ୍ବରରେ ଇଥାନଲ ଉତ୍ପାଦନ ପାଇଁ ଆଖୁରସ କିମ୍ବା ଚିନି ସିରପ ବ୍ୟବହାର ଉପରେ କଟକଣା ଜାରି କରିଥିଲେ। ଖାଦ୍ୟ ମନ୍ତ୍ରଣାଳୟର ନିର୍ଦ୍ଦେଶରେ କୁହାଯାଇଛି ଯେ, ଚିନି ମିଲ୍ ଏବଂ ଡିଷ୍ଟିଲେରିରେ ଆଖୁ ଗୁଣ୍ଡ କିମ୍ବା ଚିନି ସିରପ, ବି-ହେଭି ଗୁଣ୍ଡ ଏବଂ ଇଏସ୍‌ୱାଇ ୨୦୨୪-୨୫ ପାଇଁ ସି-ଭାରି ଗୁଣ୍ଡ ଉତ୍ପାଦନ ଏବଂ ତୈଳ ମାର୍କେଟିଂ କମ୍ପାନୀ ସହ ଆବଣ୍ଟନ ଅନୁଯାୟୀ ଆବଶ୍ୟକ ହେବ। ଖାଦ୍ୟ ମନ୍ତ୍ରଣାଳୟ ଏବଂ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ସମୟ ସମୟରେ ଦେଶରେ ଚିନି ଉତ୍ପାଦନ ତଥା ଇଥାନଲ ଉତ୍ପାଦନ ପାଇଁ ଚିନି ବ୍ୟବହାରକୁ ସମୀକ୍ଷା କରିବେ, ଯାହା ଦ୍ୱାରା ଘରୋଇ ବ୍ୟବହାର ପାଇଁ ଚିନି ଉପଲବ୍ଧ ହେବ। ଏହାସହ ଫୁଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ (ଏଫ୍‌ସିଆଇ) ଭଣ୍ଡାରରୁ ଶସ୍ୟଭିତ୍ତିକ ଇଥାନଲ ଡିଷ୍ଟିଲେରିରେ ୨୩ ଲକ୍ଷ ଟନ ଚାଉଳ ବିକ୍ରି କରିବାକୁ ସରକାର ଅନୁମୋଦନ କରିଛନ୍ତି। ଗତ ବର୍ଷ ଏହା ଉପରେ ଲଗାଯାଇଥିବା କଟକଣା ମଧ୍ୟ ହଟାଇଦିଆଯାଇଛି। ଏକ ନିର୍ଦ୍ଦେଶ ଅନୁଯାୟୀ ଖାଦ୍ୟ ମନ୍ତ୍ରଣାଳୟ ଇଥାନଲ ଉତ୍ପାଦକମାନଙ୍କୁ ମୁକ୍ତ ବଜାର ବିକ୍ରୟ ଯୋଜନା (ଓଏମ୍‌ଏସ୍‌ଏସ୍) ଅନ୍ତର୍ଗତ ଇ-ନିଲାମରେ ଅଂଶଗ୍ରହଣ କରିବାକୁ ଏବଂ ୨୦୨୪ ଅଗଷ୍ଟରୁ ଅକ୍ଟୋବର ମଧ୍ୟରେ ଚାଉଳ କିଣିବାକୁ ଅନୁମତି ଦେଇଛି।

**ଫୁରସତ୍**

## ହଲିଉଡ୍ ଗୁରୁଙ୍କୁ ବାହାହେବେ ନରୱେ ରାଜକୁମାରୀ



ଓସ୍‌ଲୋ

ନରୱେ ରାଜକୁମାରୀ ମାର୍ଥା ଲୁଇସ୍ ଚଳିତ ସପ୍ତାହାନ୍ତରେ ହଲିଉଡ୍ ଗୁରୁ ତଥା ନିଜକୁ ଯାଦୁକର ବୋଲି ଦାବି କରୁଥିବା ଆମେରିକୀୟ ପ୍ରେମିକ ଡୁରେକ୍ ଭେରେଟଙ୍କୁ ବିବାହ କରିବାକୁ ଯାଉଛନ୍ତି। ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ ଗେଇରାଙ୍ଗରଠାରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହେବ। ଆଲେସଣ୍ଡସ୍ଥିତ ଐତିହାସିକ ହୋଟେଲରେ 'ମିଟ୍ ଆଣ୍ଡ ଗ୍ରୀଟ୍' କାର୍ଯ୍ୟକ୍ରମରୁ ବିବାହ ଉତ୍ସବ ଆରମ୍ଭ ହେବ। ଏଥିରେ ସୁଇଡେନ୍ ରାଜପରିବାର ସଦସ୍ୟ,ଆମେରିକୀୟ ଟିଭି ବ୍ୟକ୍ତିତ୍ୱଙ୍କ ସମେତ ଶତାଧିକ ଅତିଥି ଯୋଗଦେବେ। ବିବାହ କାର୍ଯ୍ୟକ୍ରମରେ ଏକ ସୁଦୃଶ୍ୟ ବୋଟ୍ ଭ୍ରମଣକୁ ସାମିଲ କରାଯାଇଛି। ଉକ୍ତ ବୋଟ୍‌ରେ ଫୋର୍ଡରୁ ଗେଇରାଙ୍ଗର ଯାତ୍ରା ପରେ ନବଦମ୍ପତିଙ୍କ ମଧ୍ୟରେ ପ୍ରତିଜ୍ଞା ବିନିମୟ ହେବ।

୫୨ ବର୍ଷୀୟା ପ୍ରିନ୍ସ ମାର୍ଥା ଲୁଇସ୍ ନରୱେ ରାଜା ହେରାଲ୍ଡ ପଞ୍ଚମଙ୍କ ଜ୍ୟେଷ୍ଠ ସନ୍ତାନ ହୋଇଥିବାବେଳେ ସେ ଏକଦା ଅଶ୍ୱାରୋହୀ ପ୍ରତିଦ୍ୱନ୍ଦ୍ୱୀ ଥିଲେ। ୪୯ ବର୍ଷୀୟ ଭେରେଟ ହଲିଉଡ୍‌ର ଆଧ୍ୟାତ୍ମିକ ଗୁରୁ ଭାବେ ପରିଚିତ। ୨୦୨୦ରେ ଭାନିଟି ଫେୟାର ସହ ଏକ ସାକ୍ଷାତ୍‌କାରରେ ଭେରେଟ କହିଥିଲେ, ୨୮ ବର୍ଷ ବୟସରେ ତାଙ୍କର ୪ ମିନିଟ୍ ପାଇଁ ମୃତ୍ୟୁ ଘଟିଥିଲା। ସେ ସଂଜ୍ଞାହୀନ ହୋଇଯିବା ସହ ତାଙ୍କର ସବୁ ଅଙ୍ଗ ନିସ୍ତେଜ ହୋଇଯାଇଥିଲା। ତାଙ୍କୁ ଜଳନ୍ତା ଛୁରିରେ ଭୁସାଯାଉଥିବା ସେ ଅନୁଭବ କରିଥିଲେ ଏବଂ ପଳାଇଯିବା ପାଇଁ ତାଙ୍କ ଜେଜେମା'ଙ୍କ ପ୍ରେତାତ୍ମା କହୁଥିବା ଶୁଣିବାକୁ ପାଇଥିଲେ। ୪ ମିନିଟ୍ ପରେ ସେ ପୁନର୍ଜନ୍ମ ପାଇଥିବା ଦାବି କରନ୍ତି। ତେବେ ସେବେଠାରୁ ୨ ମାସ ସେ କୋମାରେ ରହିଥିଲେ ଏବଂ ୮ ବର୍ଷ ପର୍ଯ୍ୟନ୍ତ ଡାଏଲିସିସ୍ ହୋଇଥିଲା। ୨୦୧୨ରେ ତାଙ୍କ ଭଉଣୀ ତାଙ୍କୁ କିଡ୍‌ନୀ ଦାନ କରିଥିଲେ। ଏହା ପରେ ଭେରେଟ ଆଧ୍ୟାତ୍ମିକ ଦିଗରେ ମନ ବଳାଇଥିଲେ। ସେ ଜଣେ ଆଫ୍ରିକୀୟ-ଆମେରିକୀୟ ଆଧ୍ୟାତ୍ମିକ ଗୁରୁ ଯିଏ ନିଜକୁ ଗିନେଥ ପାଲ୍ଟ୍ରୋ ଏବଂ ଆଣ୍ଟୋନିଓ ବାନ୍ଦେରାସ୍‌ଙ୍କୁ ତାଙ୍କର ଶିଷ୍ୟ ବିବେଚନା କରିଥାନ୍ତି।

## ପୁଣି ଖଳନାୟକ ଭୂମିକାରେ ରାଘବ



ମୁମ୍ବାଇ

ଜଣେ ଡ୍ୟାନ୍ସର ଭାବେ କ୍ୟାରିୟର ଆରମ୍ଭ କରିଥିବା ରାଘବ ଜୁୟାଲ ଏବେ ସମସ୍ତଙ୍କ ପସନ୍ଦର ଭିଲେନ୍ ବା ଖଳନାୟକ। ନିଜର ବଳିଷ୍ଠ ଅଭିନୟ ଜରିଆରେ ଦର୍ଶକମାନଙ୍କୁ ସେ ଆକୃଷ୍ଟ କରିପାରିଛନ୍ତି। ନିକଟରେ ରିଲିଜ ହୋଇଥିବା 'କିଲ୍' ଚଳଚ୍ଚିତ୍ରରେ ସେ ଖଳନାୟକ ଭୂମିକାରେ ନଜର ଆସିଥିଲେ, ଯେଉଁଥିରେ ତାଙ୍କ ଅଭିନୟ ବେଶ୍ ପ୍ରଶଂସା ସାଉଁଟିଥିଲା। ଏହାରି ମଧ୍ୟରେ ଆଗକୁ ରିଲିଜ ହେବାକୁ ଯାଉଛି ତାଙ୍କର ଆଉ ଏକ ଚଳଚ୍ଚିତ୍ର 'ୟୁଧ୍ରା'। ଏଥିରେ ମଧ୍ୟ ସେ ଆଙ୍ଗ୍ରି ୟଙ୍ଗ୍ ଷ୍ଟାଇଲିସ୍ ଖଳନାୟକ ଭୂମିକାରେ ନଜର ଆସିବେ। ସିନେମାରେ କ୍ୟାରିୟର ଆରମ୍ଭରୁ ଖଳନାୟକ ଚରିତ୍ରରେ ନଜର ଆସିବା ପ୍ରଶ୍ନରେ ସେ କହିଛନ୍ତି ବଲିଉଡ୍‌ର ବାଦଶାହା ଶାହାରୁଖ ଖାନ୍ ମଧ୍ୟ ଆରମ୍ଭରୁ ଖଳନାୟକ ଚରିତ୍ରରେ ଅଭିନୟ କରିଥିଲେ। 'କିଲ୍' ବ୍ୟତୀତ ୱେବ୍‌ସିରିଜ 'ଅଭୟ-୨'ରେ ମଧ୍ୟ ରାଘବ ଖଳନାୟକ ଭୂମିକାରେ ନଜର ଆସିଥିଲେ। ଏଥିରେ ମଧ୍ୟ ତାଙ୍କ ଅଭିନୟକୁ ବେଶ୍ ପ୍ରଶଂସା କରାଯାଇଥିଲା।




# ବାଟୋଇ

ଗଳ୍ପ

**ଦୀପ୍ତି ଖଣ୍ଡୁଆଳ**



ଅନୀତା ଯେଉଁଠି ଶୋଇଥିଲା, ସେ ଖଟ ଉପରେ ଚଉପାଶ ବେଢ଼ି ବସିଥିଲେ ସାଇପଡ଼ିଶା। କିଏ ମୁଣ୍ଡ ଚିପି ଦେଉଥିଲା ତ କିଏ ଗୋଡ଼ ଆଉଁଶି ଦେଉଥିଲା। ଆଉ କିଏ ଶାଗୁ ତିଆରି କରିବାରେ ଲାଗି ପଡ଼ିଥିଲା ଅଗଣାର ହିଟରରେ। ସମସ୍ତଙ୍କର ଭାଳେଣି। କାରବାର ଘର ନୁହେଁ ତ, ଚାରି ପ୍ରାଣୀର ମାମଲା। ବୋହୂର ହଠାତ୍ ଦେହ ଖରାପ ନେଇ ବୁଢ଼ାବୁଢ଼ୀ ଚିନ୍ତିତ ହୋଇପଡ଼ିବା ସ୍ୱାଭାବିକ।

ଶ୍ୱଶୁର ବୁଢ଼ା ମଥାରେ ହାତ ଦେଇ ବସିଥିଲେ ପିଣ୍ଡାରେ। ଗତକାଲି ଧୋବାଘର ବୁଢ଼ୀ ଆସିଥିଲା ବୋହୂ ଦେହ କଥା ଶୁଣି। ବୋହୂକୁ ଦେଖି ସାରି ଅଗଣାରେ ବସୁ ବସୁ ତା' ପୁରୁଖା ଭାବ ସାବ୍ୟସ୍ତ କଲା– ''କେତେ ଛୋପରା ହେଉଛ ତମେ। ଅଲେଖ ମଉସାକୁ ଡାକି ଟିକେ ଝଡ଼ାଫୁଙ୍କା କରିଦେଉନା? ମନ୍ତୁରା ବିଭୂତି ଟିକେ ତା' ପାଟିରେ ମାରିଦବ। ଯାହା ବଳିବ ତାକୁ ପୁଡ଼ିଆ କରି ତା' ତକିଆ ତଳେ ରଖିଦବ...। ତା' ହାବଭାବରୁ ମୁଁ ଜାଣିପାରୁଚି ସେ କେଉଁଠି ଡରିଚି। ହାତଗୋଡ଼ ଖାଇ ଡାଆଣୀଟା ତା' ମୁଣ୍ଡରେ ବସିଛି ପରା! ଜାଣିପାରୁନା? କେମିତି ମଣିଷ ଦେଖି ଆଖିତରାବୁଚି?''

ଗାଁରେ ଗୋଟିଏ ପିଲା ବିଏ ପଢୁଆ। ତା' ସାଙ୍ଗରେ ବୁଢ଼ାଙ୍କର ବସାଉଠା। ବୁଢ଼ା ତାକୁ ଡାକି ଆଣିଥିଲେ। ସେ ସଙ୍ଗେ ସଙ୍ଗେ ବାହାରିଲା, ତାଙ୍କ ଗାଁଠାରୁ ଚାରି କୋଶ ଦୂରରେ ଥିବା ଡାକ୍ତରଖାନାକୁ ଅନୀତାକୁ ଘେନିଯିବା ପାଇଁ। ବୁଢ଼ା ବାରଣ କରିବାରୁ ରହିଲା। ତା' ହାତରେ ବୁଢ଼ା କିଛି ଟଙ୍କା ଦେଇଥିଲେ ଯେ, ସେ ଡାକ୍ତରଙ୍କୁ ପଚାରି ଓଷଦପତର ଆଣି ଦେଇଥିଲା। ସେଥିରେ କଉଁ ଦିହ ଭଲ ହଉଚି?

ଗଲା ଦୁଇ ଚାରି ଦିନ ହେବ, ପୁଅ ରମେଶ ବାଲେଶ୍ୱରରୁ ବୋହୂ କତିକି ଚିଠି ଦେଇଥିଲା। କ'ଣ ନେଖିଥେଲା କେଜାଣି। ସବୁ ଥରକ ପରି ଏଥରକ ବୋହୂ ତାଙ୍କ ଆଗରେ ଚିଠି ପଢ଼ିନି। ସେ କେମିତି ଜାଣିବେ ଯେ!

ପାଠପଢୁଆ ବୋହୂ, ସେ ନେଇଁ ପରା ସିଏ ମଙ୍ଗୁ ନଥିଲେ ବୋହୂକୁ ଗାଁ ମୁକାମରେ ରଖିବାକୁ। ବାଆରକୁ ବାଆର ରମେଶକୁ କହନ୍ତି, ବୋହୂକୁ ସାଥିରେ ନେଇଯିବାକୁ। ତାଙ୍କ ବେଳ ଥେଲା ନିଆରା। ଅୟସରେ ପିଲାଦିନ କାଟିଥିବା ବୋହୂକୁ ଇଠି ଚଳେଇବାକୁ ତାଙ୍କର ହଲକ କାଇଁ? ଦେହ ପା' ଭଲ ମନ୍ଦ ଅଛି, ସହଜେ ଗାଁରେ ପାଣି କାଦୁଅ, କଚ୍ଚାଘର...।

ରମେଶ କ'ଣ ସମଝିଲା? ଏକା ଜିଦ୍ ଧରିଲା, ଅନୀତା ଏଇଠି ଗାଁରେ ରହିବ। ମୋ' ବାପା ମଜୁରି ଲାଗି କେତେ କଷ୍ଟ ସ୍ୱୀକାର କରିଛନ୍ତି ମୋତେ ପାଠ ପଢ଼ାଇବା ପାଇଁ। ସମାଜରେ ମୋର ପ୍ରତିଷ୍ଠା ଲାଭ ପଛରେ ଅଛି ବାପାଙ୍କ ଅଧ୍ୟବସାୟ ଆଉ ବୋଉର ଶ୍ରଦ୍ଧା। ମୋତେ ଛାଡ଼ିଲେ ତାଙ୍କର ଆଉ କିଏ ଅଛି ଯେ! ଯେ ବୟସରେ ତାଙ୍କର ଟିକେ ସେବା ଯତ୍ନ ଦରକାର। ଅନୀତା ଗାଁରେ ରହୁ। ତାଙ୍କୁ, ତା'ବୋଉକୁ ଆଉ ଅନୀତାକୁ ବୋଧ ଦେଇ ଚାଲିଗଲା। ଅବଶ୍ୟ ବୁଢ଼ା ବିଭୋର ହୋଇ ଯାଇଥିଲେ ଆଜିକାଲିକା ଯୁଗରେ ପୁଣି ପୁଅର ଏପରି ଆଦର୍ଶ କଥା ଶୁଣି।

ବୁଢ଼ା ମନମାରି କ'ଣ ଭାବୁଥିବାର ଦେଖି ବୁଢ଼ୀ ଯାଇ ତାଙ୍କ ପାଖରେ ନିଃଶବ୍ଦରେ ଠିଆ ହେଲେ। ବୋହୂର ଦିହ କ'ଣ ଖରାପ ହେଇଚି, ଭୁଲ ହେଉ ବା ଠିକ୍ ହେଉ, ବିପଦ ଆପଦରେ ମରଦକୁ ବାଟ ବତାଇବା ମାଇପିପଣିଆ। ବୁଢ଼ୀ ପ୍ରସ୍ତାବ ବାଢ଼ିଲେ– 'କି ରୋଗ କେଜାଣି ଲୋ ମା', କାଲି ରମାଠୁ ଚିଠି ପାଇଲା। କଞ୍ଚା ବଅସ। ଖୁସି ହବାକଥା। ହେଲେ କଉଁ ଆଡୁ ଯେ ଅଲକ୍ଷଣା ବେମାରଟା ମାଡ଼ିବସିଲା ବୋହୂକୁ ମୋର। ଗଲାସନରୁ କିଛି ନଥେଲା...। ହେଇଟି, ମୋ' ମନ କାଇଁ କେମିତି କେମିତି ନାଗୁଚି। ଝଅଟ ରମା କତିକି ତାର କଲ। ସିଏ ଆସି ଅନୀକି ବଡ଼ ଡାକତରଖାନାକୁ ଘେନିଯାଉ। ସିଏ ଆମ ଅମଳ ହେଇନି ଯେ ଗୁଣିଗାରେଡ଼ିରେ ରୋଗ ଥମିଯିବ। ଆଉ ଆମର ଲୋଡ଼ା ନାହିଁ ସେବା ଯତନ। ଦିଅଣ୍ଡା ଫୁଟାଇଲେ ଖାଇବାକୁ ନୋକ ନାଇଁ। ହର୍ଦ୍ଦମେ କଇଲି ହେ ଅନୀକୁ କତିରେ ରଖନା। କାଇଁ ଗୋଟାଏ ବୋଝ ମୁଣ୍ଡାଇଚ ଭଲା?

ବୁଢ଼ା ଭଲ କରି ଜାଣନ୍ତି ଅଧର୍ଯ୍ୟ ହେବା ମାଇପିଙ୍କର ଦସ୍ତୁର୍। ବୁଢ଼ା ମନ ଭିତରେ ବ୍ୟସ୍ତ ହେଉଥିଲେ ବି ହଲକ ଧରି କଳରେ କାହିଁ କେତେବେଳୁ ଜାକିଥିବା ପାନକୁ ପାକୁଳି କଲେ– 'ହଉ ହଉ, ତୋ କଥା ହେଲା।'

ରମେଶ ତାର ପାଇ ଘରକୁ ଆସି ବୋହୂକୁ ଡାକ୍ତର ଦେଖାଇବା ପାଇଁ ନିଜ ପାଖକୁ ବାଲେଶ୍ୱର ନେଇଗଲା। ଗଲାବେଳେ ବୁଢ଼ାବୁଢ଼ୀଙ୍କୁ କହି ଯାଇଥିଲା ଯେ, ଅନୀତା ସାଥିରେ କେହି ଯିବା ଲୋଡ଼ା ନାହିଁ। କାରଣ ଘରେ ଆଉ କିଏ ଅଛି ଯେ!

ରମେଶର ଦୂରଦୃଷ୍ଟିକୁ ବୁଢ଼ାବୁଢ଼ୀ ମନେମନେ ପ୍ରଶଂସା କଲେ। ରମେଶ ତରତର ହୋଇ ଅନୀତାକୁ ସାଥିରେ ନେଇ ଚାଲିଯିବାର କିଛି ସମୟ ପରେ ବୁଢ଼ାଙ୍କର ହୋବ୍ ହେଲା ଯେ ଅନୀତା ଖାଉଥିବା ଔଷଧପତ୍ର ଛାଡ଼ିଦେଇ ଯାଇଛି। ସେ ଗଲାବେଳେ ବଳକା ଔଷଧ ସାଥିରେ ନେଇଯିବା ପାଇଁ ବୁଢ଼ୀ କାଇଁକି ମନେପକାଇଲା ନାହିଁ? ସେହି ଦୋଷରୁ ତା' ଉପରେ ବୁଢ଼ା ଚିଡ଼ିଚିଡ଼ି ହେଲେ। କି ଓଷଦ ଇଠି ଖାଉଥେଲା, ସେଠି ଡାକ୍ତର ନ ଜାଣିଲେ ଅସୁବିଧା ହେବ ନାହିଁ? କଥାକୁ ଜରୁରୀ ମନେକରି ତହିଁ ଆରଦିନ କାଉ କା' କଲାବେଳକୁ ବୁଢ଼ା ଅବଶିଷ୍ଟ ଔଷଧପତ୍ର ବ୍ୟାଗ୍‌ରେ ଭର୍ତ୍ତିକରି ବାହାରିଗଲେ ବାଲେଶ୍ୱର।

ପୁଅ ରହୁଥିବା ବସାର ପୋର୍ଟିକୋରେ ବୁଢ଼ା ହାଜର ହୁଅନ୍ତେ ଘର ଭିତରୁ ହସ ଶୁଭିଲା। ବିସ୍ମୟରେ ବୁଢ଼ା ନିମିଷେ ଥମିଗଲେ ସେଇଠି। ଇଏତ ବୋହୂର ହସ! ଚେନାଏ ଖୁସି ସଞ୍ଚରିଗଲା ମନରେ। ବୁଢ଼ା ମନେମନେ ଠାକୁରଙ୍କୁ ବଧେଇ ଜଣାଇଲେ– 'ବୋହୂ ଦିହ ସୁନା କରିଦିଅ ଠାକୁରେ।'

ପୁନଶ୍ଚ ଝରକା ଦେଇ ଶୁଭିଲା, ରମେଶର ସ୍ୱର– 'ଦେଖିଲ ତ? କେମିତି ହେଲା ପ୍ଲାନ?'

ଭାସି ଆସିଲା ଅନୀତାର ବେଶ୍ ସୁସ୍ଥ ସ୍ୱର– 'ବାହାଘର ଆମର ଦୁଇ ବର୍ଷ ହେଲାଣି, ଏ ପ୍ଲାନ ତୁମର କେଉଁଠି ଥିଲା? ତମେ ସର୍ଭିସ କରିବ ଟାଉନରେ, ମୁଁ ରୁରାଲରେ, ଏ ପ୍ଲାନ ପ୍ରୋଜେକ୍ଟ ନ କଲେ ଲାଇଫ୍‌କୁ କ'ଣ ଏଞ୍ଜୟ କରି ହେବ?' ଚୂନାଚୂନା ହସ ଝରି ପଡୁଥିଲା।

ବୋହୂ ହସ ସାଙ୍ଗରେ ଆପଣା ହସକୁ ଯୋଡୁଯୋଡୁ ରମେଶ କହିଲା– 'ଏକ୍‌ଜାକ୍ଟଲି, ଯେମିତି ରୋଗକୁ ସେମିତି ଔଷଧ। ନଚେତ୍ ତୁମ ସାନ୍ନିଧ୍ୟ ହୋଇଥାନ୍ତା ଦୁଷ୍ପ୍ରାପ୍ୟ।

ବୁଢ଼ା ଖୁସି ହୋଇଗଲେ, ସେଇ ପୋର୍ଟିକୋ କାନ୍ଥରେ ମୁଣ୍ଡିଆ ମାରିଲେ। ବୁଢ଼ୀ ପରା ଠିକ୍ କହେ। ତାଙ୍କ ବେଳ କ'ଣ ଅଇଁଛା ଅଛି ଯେ, ଗୁଣିଗାରେଡ଼ି, ଚେରମୂଳରେ ଏ ବେମାର ଭଲ ହବ? ରମେଶ କାଲି ବୋହୂକୁ ଆଣି ନିଶ୍ଚୟ ବଡ଼ ଡାକ୍ତର ଦେଖାଇଛି। ଯେମିତି ରୋଗ ସେମିତି ଓଷଦ ଦେଇଛି। ବୋହୂ କଥା କଇଲାଣି! ହସିଲାଣି!

ବ୍ୟାଗ୍‌ରେ ଧରିଥିବା ପଥିକୁ ବୁଢ଼ା ହାତରେ ଧରିଲେ। ଅନୀତା ତ ଭଲ ହୋଇଗଲାଣି। ଏ ପଥି ପତର କ'ଣ ଲୋଡ଼ା ହେବ! ପୁଣି ରମେଶ ଯଦି ତାଙ୍କୁ ଦେଖିପକାଏ ହୁଏତ ଜିଦ୍ କରିବ ଯେ ଅନୀତା ତ ଭଲ ହୋଇଗଲାଣି, ତମର ଭଲମନ୍ଦ ପାନାହାର ଦେଖାଶୁଣା କରିବା ପାଇଁ ତାକୁ ସାଥିରେ ଗାଁକୁ ନେଇଯାଅ ବୋଲି।

ତେଣୁ ରମେଶକୁ ଦେଖା ନ କରି ସେହି ପୋର୍ଟିକୋରୁ ଫେରିଯିବାକୁ ବୁଢ଼ା ପାଞ୍ଚ କଲେ। ହେଲେ ଘରେ ବୁଢ଼ୀ ଏ କଥା ଶୁଣିଲେ ତାଙ୍କ ଉପରେ ଖପ୍ପା ହବ। କହିବ, ଏତେ ବାଟ ଗଲ, ପୁଅ ବୋହୂକୁ ମୋର ଦେଖାକଲ ନେଇଁ?

ଦୋ' ଦୋ' ପାଞ୍ଚ ହୋଇ ବୁଢ଼ା ବାଟଭୁଲା ବାଟୋଇ ପାଲଟି ଯାଉଥିଲେ ଧୀରେ ଧୀରେ...।

ମୋ: ୯୯୩୮୧୪୫୫୩୪

## ପୁସ୍ତକ ପରିଚୟ

### କାଲିଫର୍ଣ୍ଣିଆ ଡାଏରୀ




**ଲେଖକ:** ଡ. ପ୍ରମୋଦ କୁମାର ଦ୍ୱିବେଦୀ
**ପ୍ରକାଶକ:** ଏଥେନା ବୁକ୍‌ସ, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୩୦୦/-

ଆଲୋଚ୍ୟ ଭ୍ରମଣ କାହାଣୀଟି ଲେଖକଙ୍କର ଦୁଇଥରରେ କାଲିଫର୍ଣ୍ଣିଆ ଗସ୍ତର ଅପୂର୍ବ ବର୍ଣ୍ଣନା ସମ୍ବଳିତ ଏକ ଭ୍ରମଣ-ଗ୍ରନ୍ଥ। ଏଥିରେ ମୋଟ ୩୪ଟି ପରିଚ୍ଛେଦ ରହିଛି। ଏହିସବୁ ପରିଚ୍ଛେଦ ମଧ୍ୟଦେଇ ଲେଖକ ଆମେରିକାରେ ବୁଲିଥିବା ଓ ବିଭିନ୍ନ ସ୍ଥାନ ସମ୍ପର୍କରେ ଅର୍ଜନ କରିଥିବା ଅନୁଭୂତିକୁ ସୁଖପାଠ୍ୟ ଶୈଳୀରେ ବ୍ୟକ୍ତ କରିଛନ୍ତି। ବହିଟିର ଆରମ୍ଭରେ ସେ ଆମେରିକାର ଭୌଗୋଳିକ ଅବସ୍ଥିତି, ଦେଶ ବିଭାଜନ, ସଂସ୍କୃତି, ପ୍ରାକୃତିକ ସୌନ୍ଦର୍ଯ୍ୟ, କ୍ରୀଡ଼ା ଓ ମନୋରଞ୍ଜନ ଆଦି ବିଷୟରେ ସୂଚନା ପ୍ରଦାନ କରିଛନ୍ତି। 'ଆମେରିକା ଯାତ୍ରାର ଶୁଭାରମ୍ଭ' ଶୀର୍ଷକ ଲେଖାରେ ସେ ତାଙ୍କ ରୋମାଞ୍ଚକର ଯାତ୍ରାର ଯେଉଁ ବିବରଣ ଦେଇଛନ୍ତି, ତାହା ଉପନ୍ୟାସ ପଢ଼ିବା ପରି ଲାଗେ। ଏଥିରେ ସେ ଆମେରିକାର ଟ୍ରାଫିକ୍ ବ୍ୟବସ୍ଥା କିପରି ସୁବ୍ୟବସ୍ଥିତ ଉଲ୍ଲେଖ କରି କହିଛନ୍ତି: ''ପଥଚାରୀମାନେ ରାସ୍ତା ଅତିକ୍ରମ କରିବା ପାଇଁ ଏଠାରେ ସୁନ୍ଦର ନିୟମ ରହିଛି। ରାସ୍ତାର ଟ୍ରାଫିକ୍ ଛକଗୁଡ଼ିକରେ ପଥଚାରୀମାନେ ରାସ୍ତା ପାରି ହେବା ପାଇଁ ସୂଚନା ଦିଆଯାଇଥାଏ। ଏକ ପାର୍ଶ୍ୱରେ ଥିବା ପଥଚାରୀ ସୁଇଚ୍ ଚିପିଲେ ଅପରପାର୍ଶ୍ୱରୁ ଅନୁମତି ସ୍ୱରୂପ ଚାଲୁଥିବା ମଣିଷର ଚିତ୍ର ଦେଖାଦେବ ଏବଂ ସେଠାରେ ସୂଚିତ ହୋଇଥିବା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ରାସ୍ତା ଅତିକ୍ରମ କରିବାକୁ ପଡ଼ିବ। ରାସ୍ତାର ଓସାର ଅନୁସାରେ ଏହି ସମୟ ୧ ମିନିଟ୍‌ରୁ ୧ ମିନିଟ୍ ୩୦ ସେକେଣ୍ଡ ପର୍ଯ୍ୟନ୍ତ ନିର୍ଦ୍ଧାରିତ ହୋଇଥାଏ। ଏହି ସମୟ ମଧ୍ୟରେ ସମସ୍ତ ଗାଡ଼ି ଚଳାଚଳ ବନ୍ଦ ରହେ। ମୁଖ୍ୟ ରାସ୍ତାରେ କେବଳ ଚାରିଚକିଆ କାର୍ ବ୍ୟତୀତ ଟ୍ରକ୍, ମୋଟରସାଇକେଲ ବା ସାଇକେଲ ସଂଖ୍ୟା ଖୁବ୍ କମ୍। ଆଇନଶୃଙ୍ଖଳା ସମ୍ବନ୍ଧରେ ସମସ୍ତେ ଏତେ ସଚେତନ ଯେ ଏଠାରେ ଦୁର୍ଘଟଣା ସଂଖ୍ୟା ଅତି ନଗଣ୍ୟ। x x ଭାରତରେ ରାସ୍ତା ପାରିହେବା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ।'' ଏହିପରି ବହିଟିର ସବୁଯାକ ଅଧ୍ୟାୟ କେବଳ ଆନନ୍ଦଦାୟୀ ନୁହେଁ, ଶିକ୍ଷଣୀୟ ବି। ଭାରତ ଓ ଆମେରିକା ମଧ୍ୟରେ ଥିବା ନାନା ପାର୍ଥକ୍ୟ ବହିଟିରୁ ପାଠକେ ଜାଣିପାରିବେ।

### କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ :ଏକ ଅଧ୍ୟୟନ ଓ ଅନୁବାଦ




**ଲେଖକ:** ଡେଭିଡ୍ ଡେନେନ୍
**ପ୍ରକାଶକ:** ବିଦ୍ୟାପୁରୀ, ବାଲୁବଜାର, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୩୦୦/-

ବହିଟିର ଇଂଲିଶ୍ ଶୀର୍ଷକ: "Kisoracandrananda Campu : A Study and Translation." ମୁଖବନ୍ଧକୁ ଛାଡ଼ି ଏଥିରେ ଛ'ଟି ପରିଚ୍ଛେଦ ରହିଛି। ଏସବୁ ପରିଚ୍ଛେଦରେ ପୁସ୍ତକର ଐତିହାସିକ ପୃଷ୍ଠଭୂମି, ସମୀକ୍ଷା, ପୁସ୍ତକ ସମ୍ବନ୍ଧୀୟ ବିତର୍କ ଓ ଛନ୍ଦ ସମ୍ପର୍କରେ ବିଶଦ ଆଲୋଚନା ହୋଇଛି। ବହିର ଇଂଲିଶ୍ ଅନୁବାଦ ସହିତ ଅନୁବାଦ ସମ୍ପର୍କୀୟ ସୂଚନା ଓ ଏକ ଶବ୍ଦାର୍ଥସୂଚୀ ରହିଛି। 'ଚମ୍ପୂ' ଶୈଳୀ ସମ୍ପର୍କରେ କୁହାଯାଇଛି ଯେ "A campu is a composition of mixed prose and verse. It is generally thought that prose and poetry should be somewhat proportionate in Campu." (P.35) 'କ'ରୁ 'କ୍ଷ'ଯାଏ ଅକ୍ଷର ନିୟମରେ 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ' କବିସୂର୍ଯ୍ୟ ଲେଖିଛନ୍ତି। ଓଡ଼ିଆରେ ଶବ୍ଦବିଧାନ ଓ ସଂଗୀତ ସଂଯୋଜନା ଯୋଗୁଁ ତାହା ଅତ୍ୟନ୍ତ ପ୍ରେମରସାପ୍ଲୁତ କାବ୍ୟରୂପ ଗ୍ରହଣ କରିଛି, ଯାହା ପାଠକଙ୍କ ପାଇଁ ସର୍ବକାଳୀନ ଆବେଦନ ରଖେ। କିନ୍ତୁ ଏହାର ଇଂଲିଶ୍ ଅନୁବାଦରେ କେବଳ ଆକ୍ଷରିକ ଅର୍ଥ ବ୍ୟତୀତ ମୂଳ ରଚନାର ମାଧୁର୍ଯ୍ୟ ପାଠକ ପାଖରେ ଉପଲବ୍ଧ ହୋଇପାରେ ନାହିଁ। ମୂଳ ଓଡ଼ିଆ ଓ ଅନୁବାଦର ତୁଳନା ଉପଲକ୍ଷେ ଗୋଟିଏ ପଦର ଉଦାହରଣ ଦିଆଯାଇପାରେ। 'ଗ' ଗୀତରେ ଅଛି– ''ଗଲାଣି ତ ଗଲା କଥାରେ ସଂଗାତ, ଗଲାଣି ତ ଗଲା କଥା/ ଗୁପତେ ସିନା ମୁଁ ତୋତେ ପଚାରିଲି, ବଳିପଡ଼ିବାରୁ ବ୍ୟଥା।'' ଏହାର ଇଂଲିଶ୍ ଅନୁବାଦ: "of the matter that just occurred, O friend,/ Only secretely I asked you, because (I have) fallen victim to agony (refrain)." ମୂଳ ପାଠରୁ ଅନୁବାଦର ଆବେଦନଗତ ଅନ୍ତର ସତ୍ତ୍ୱେ ଏହି ଅନୁବାଦ କବିସୂର୍ଯ୍ୟଙ୍କ ଅତୁଳନୀୟ କବିପ୍ରତିଭା ସମ୍ପର୍କରେ ଯେ ଅଣଓଡ଼ିଆଭାଷୀଙ୍କୁ ଏକ ସକାରାତ୍ମକ ବାର୍ତ୍ତା ଦେବ, ଏଥିରେ ସନ୍ଦେହ ନାହିଁ।

## କବିତା

### ଶ୍ରାବଣ

**ଜସ୍ମିନ୍ ମହାପାତ୍ର**

ଶ୍ରାବଣରେ ଝରୁଥିଲା ମେଘର ପାଖୁଡ଼ା
କେବେ ଟିପିଟିପି ପୁଣି କେବେ ଝିପିଝିପି।

ଲାଗୁଥିଲା ସତେ କିଏ କାନ୍ଦୁଛି କେଉଁଠି
ମେଘର ଉହାଡ଼େ ଅବା ପର୍ବତ ଶିଖରେ
ଗଛପତ୍ର ଭିଜୁଥିଲା ସୁଖର ଲୁହରେ
ଅବା ମର୍ମାନ୍ତିକ ଅକୁହା କୋହରେ।

ଯେତେ ଯାହା ଲେଖା ଥିଲା
ସମୟ ଦେହରେ
କେତେ ଚନ୍ଦ୍ର, କେତେ ତାରା
କାମନାର କୁନିକୁନି କଇଁଫୁଲ
ଝୁଡ଼ିଝୁଡ଼ି ସୁଖର ପସରା।

ମେଘ ତ ନ ଥିଲା ସେଠି
କେଉଁଠୁ ଆସିଲା, ଏତେ ଲୁହ
ନଦୀ ଆଉ ସମୁଦ୍ରର
ଛାତିଥରା କୋହ।

ଆଞ୍ଜୁଳାଏ ମିଠା ପାଣି
ଢେର୍ ଥିଲା ଏ ଜୀବନ ପାଇଁ
ଲବଣାକ୍ତ ହୋଇଗଲା ପୁଣି କାହିଁ ପାଇଁ!

ମୋ: ୯୭୭୬୮୬୮୦୫୬

### ହଜିଥିବା ପାଉଁଜି ଓ ବର୍ଷା

**କିଶୋର ମିଶ୍ର**

ପଟେ ପାଉଁଜି ତୁମର ହଜିଛି
କେଉଁଠି ଖୋଜିବି?
ଏବେ ରାତିର ପାଉଁଜି
ତୁମ ପାଦରେ ଛମ୍‌ଛମ୍
ଗଭାର ଗଜରା
ମଲ୍ଲୀ ମଲ୍ଲୀ ବାସୁଛି ରାତିସାରା
ଛାତି ତଳେ ନହକା ନହକା ଢେଉ
ଏ ବେଳ ରହୁ କି ନ ରହୁ କଥା ରହୁ।

ତୁମେ ଆସିବ ତ ଆସ!
ପାହାଡ଼ ସେପଟର ଉପତ୍ୟକାରେ ବର୍ଷା
ଏଠି ମୁଁ ଅପେକ୍ଷା କରିଛି ବର୍ଷାକୁ
ଛାତ ଉପରେ ଏକାନ୍ତରେ।

ପ୍ରାର୍ଥନା କରୁଛି
ବର୍ଷା ତା'ର ପଣତ ଟିକିଏ ଲହରାଉ
ଟିକିଏ ମେଘମନସ୍କ ହୁଅନ୍ତୁ
ମୋ' କବିତାର ଶବ୍ଦ ସବୁ।
ଏବେ କେଉଁଠି ଖୋଜିବି
ନଈପଠାରେ ତୁମ ପାଉଁଜିକୁ?
ଥାଉ!

କଳାମେଘ ଘୋଡ଼ାଇ ଦେଲାଣି ଜହ୍ନକୁ
ବର୍ଷିବ ବର୍ଷିବ ହେଉଛି
ତୁମ ଆଖି ବର୍ଷୁ।
ଏ ବର୍ଷାକୁ କିନ୍ତୁ କେହି ନ ଦେଖୁ।
ତୁମ ପାଉଁଜି ସେମିତି ହଜିଥାଉ
ନଈପଠା ପାଉଁଜିର
ରୁଣ୍ଡୁଝୁଣ୍ଡୁ କବିତା ଗାଉଗାଉ।

ମୋ: ୯୪୩୭୩୨୭୫୦୨

### ଅଭେଦାଭେଦ

**ରଜନୀକାନ୍ତ ମହାନ୍ତି**

ଆଖି ପଛରେ କିଏ ଆସୁଛି ଜଣାନାହିଁ।
ସେ ହୁଏତ ବର୍ବାଦ ହେଇଥିବା ସ୍ୱପ୍ନ
ବା
ହୃଦୟଟିକୁ ଚିହ୍ନେଇ ପାରୁନଥିବା
ଲାବରେଟୋରିର କଙ୍କାଳ।

ଆଖି ଆଗରେ କିଏ ଆସୁଛି ଜଣାନାହିଁ।
ସେ ହୁଏତ ଠିକଣା ଜାଣିନଥିବା ସ୍ୱପ୍ନ
ଅପେକ୍ଷା କରିଛି କାହାର ଡାକରା।
ମୁଁ ସେଠି ଅନିଦ୍ରା ହେଇ
ଧାଡ଼ିରେ ଠିଆ ହେଇଥିବା ଲୋକ!

ମୋ: ୮୭୬୬୯୪୪୮୫୮

### ବର୍ଷା ଗୋ' ତୁମେ ବରଷନା ଏବେ

**ବିଷ୍ଣୁମୋହନ**

ବର୍ଷା ଗୋ' ତୁମେ!
ବର୍ଷଣ-ମୁଖର ହୁଅନାହିଁ ଏବେ
ବରଷିଲେ ଭିଜିଯିବ, ଏ ଅନ୍ତର ମୃତ୍ତିକା
ଆଉ ସେ ଭିଜାମାଟିର ଗନ୍ଧ
ମୋତେ କରିବ ପାଗଳ, ହୋଇଯିବି କାମନାର
ଭରା ନଈଟିଏ, ନ ମାନି କିଛି ଥଳକୂଳ।

ଉଷର ଭୂମି ପାଲଟିଥିବା ଏ ଜୀବନ, ଭରିଯିବ
କାମନାର ତୀବ୍ର ଅନଳରେ
ଅଥୟ କରିବ ମିଶାଇବାକୁ ଦେହରେ ଦେହକୁ
ମିଶିଯାଏ ଯେପରି ଶୁଭ୍ର ତଟିନୀର ଦେହ,
ପ୍ରଣୟ-ବିଭୋର ସାଗରର ବାହୁବନ୍ଧନରେ।

ସେ ଭିଜାମାଟିର ଗନ୍ଧ କରିବ ବାଚାଳ
ଭୁଲିଯିବି ତୁମ କୁମାରୀତ୍ୱର ଅଭିଷେକ
ତୁମ ପାଇଁ ଜଣେ ଅଜଣା ବର୍ବର,
ଶୋଷିବ ପ୍ରିୟା ତୁମର
ରକ୍ତ ମାଂସର ଶରୀର,
ନିର୍ଲିପ୍ତ କରିଦେବ ଜୀବନ-ମୂର୍ଚ୍ଛନା
ଆସନ୍ତାକାଲିର ଆଲୋକ,
କେବେ ହେବ ଆମ ପାଇଁ
ପୂନେଇଁର ଜହ୍ନ, ଆଉ କେବେ ପୁଣି ଅନ୍ଧକାରର
ଘନ ବିଭୀଷିକା।

ମୋ: ୭୨୦୫୭୫୮୨୫୫

## କାଳକାଳକୁ

''ସବୁବେଳେ ନିଶାଗ୍ରସ୍ତ ରୁହ।
ସେ ନିଶା ମଦ୍ୟ ନା କବିତା
ନା ସଦାଚାର, ନିଷ୍ପତ୍ତି ତୁମର।''
– ଚାର୍ଲସ୍ ବୋଦ୍‌ଲେୟାର୍



**ଚାର୍ଲସ୍ ବୋଦ୍‌ଲେୟାର୍‌ଙ୍କ** ଜନ୍ମ ୯ ଏପ୍ରିଲ ୧୮୨୧ରେ ଓ ପରଲୋକ ୩୧ ଅଗଷ୍ଟ ୧୮୬୭ରେ, ଫ୍ରାନ୍‌ସର ପ୍ୟାରିସ୍‌ରେ। ସେ ଏକାଧାରରେ କବି, ନିବନ୍ଧକାର, ଅନୁବାଦକ ଓ କଳା-ସମୀକ୍ଷକ। 'ଲେସ୍ ଫ୍ଲିଉରସ୍ ଡୁ ମଲ୍' (ଦ' ଫ୍ଲାୱାର୍ସ ଅଫ୍ ଇଭିଲ୍) ପୁସ୍ତକରେ ଦ୍ରୁତ ଶିଳ୍ପାୟନ ଯୋଗୁଁ ପ୍ୟାରିସ୍‌ରେ ଘଟୁଥିବା ପ୍ରକୃତି ପରିବର୍ତ୍ତନର ରୂପରେଖ ଅଂକିତ। ପଲ୍ ଭର୍‌ଲେନ୍, ଆର୍ଥର ର୍‌ୟାମ୍ବୋ ଓ ଷ୍ଟିଫେନ୍ ମାଲାର୍ମେ ପ୍ରମୁଖ ବୋଦ୍‌ଲେୟାର୍‌ଙ୍କ ମୌଳିକ ଗଦ୍ୟ-କବିତା ଦ୍ୱାରା ବହୁଳ ଭାବେ ପ୍ରଭାବିତ ହୋଇଥିଲେ। କ୍ଷଣଭଂଗୁର ନଗରଜୀବନକୁ ବ୍ୟକ୍ତ କରୁଥିବା ସାହିତ୍ୟ ଓ ସେଥିପ୍ରତି ଥିବା ଲେଖକଙ୍କ କଳାତ୍ମକ ଦାୟବୋଧକୁ ସେ 'ଆଧୁନିକ' ଶବ୍ଦରେ ପରିଭାଷିତ କରିଥିଲେ। ମାର୍ଶାଲ ବର୍ମନ ତାଙ୍କୁ ପ୍ରଥମ ଆଧୁନିକତାବାଦୀର ଶ୍ରେୟ ଦେଇଥିଲେ। ବୋଦ୍‌ଲେୟାର୍ କହୁଥିଲେ: ''ସବୁବେଳେ କବି ହୋଇ ରୁହ, ଗଦ୍ୟରେ ବି!''

# ଲୋ ରେବୀ

ଲଘୁଗଳ୍ପ

**ପ୍ରତାପ ବିଶ୍ୱାଳ**



ରେବୀ ପଚାରିଲା: ମା' ମୁଁ କେବେ ଶାଢ଼ି ପିନ୍ଧିବି?

ମା' କହିଲା : ଆଉ ଟିକେ ବଡ଼ ହୋଇ ଯା।

ମା' ସବୁଦିନେ ବାଡ଼ିପାଖ ଆମ୍ବଗଛ ମୂଳେ ପାଣି ଢାଳୁଥିଲା। ଗଛ ଛୋଟରୁ ଆସ୍ତେ ଆସ୍ତେ ବଡ଼ ହେଉଥିଲା।

ରେବୀ କାନ୍ଥରେ ଚକ୍‌ରେ ଗାର କାଟି ମାପୁଥିଲା ଉଚ୍ଚତା। ଚାରିଫୁଟ ପାଞ୍ଚ ଇଞ୍ଚ।

ମା' ସବୁଦିନେ ଆମ୍ବଗଛ ମୂଳେ ପାଣି ଦେଇ ବସନ୍ତର ଅପେକ୍ଷାରେ ଥିଲା। ଗଛରେ ବଉଳ ହେବ। ଆମ୍ବ ଫଳିବ। ଅଭାବୀ ସଂସାରକୁ ଆମର ଦୁଇପଇସା ରୋଜଗାର ଦେବ।

ରେବୀ ସ୍କୁଲରେ ଶ୍ରେଣୀ ପରେ ଶ୍ରେଣୀ ଉଠୁଥିଲା। ଅଷ୍ଟମ। ନବମ। ଦଶମ। କାନ୍ଥରେ ଏବେ ଆଉ ଚକ୍‌ରେ ଗାର ନ କାଟି ପେନ୍‌ସିଲରେ ଗାର କାଟି ଉଚ୍ଚତା ମାପୁଥିଲା। ପାଞ୍ଚଫୁଟ। ପାଞ୍ଚଫୁଟ ତିନିଇଞ୍ଚ। ପାଞ୍ଚଫୁଟ ଛ ଇଞ୍ଚ। ପାଞ୍ଚଫୁଟ ଆଠ ଇଞ୍ଚର ଅପେକ୍ଷାରେ ଥିଲା।

ରେବୀ ଏବେ ସ୍କୁଲ ପାଠ ଛାଡ଼ି ଶାଢ଼ି ପିନ୍ଧି ଛାତିରେ ବହି ଜାକି କଲେଜ ଗଲାଣି। ମା' କହିଲା: ମନଦେଇ ପାଠ ପଢ଼। ଚାକିରି କରି ରୋଜଗାର କରିବୁ।

ଆମ୍ବଗଛ ବଡ଼ ହେଉଥିଲା। ଛନଛନିଆ ପତ୍ରରେ ସୁନ୍ଦର ଦିଶୁଥିଲା। କେତେବେଳେ କେମିତି ଉଡ଼ା ଚଢ଼େଇ କେତେଟା ଆସି ତା' ଉପରେ ବସି ଗୀତ ଗାଇଲା ପରି ସ୍ୱରରେ ରାବୁଥିଲେ। ମା' ଭାବୁଥିଲା ଏବର୍ଷ ବସନ୍ତରେ ଗଛଟାରେ ବଉଳ ଧରିବ ନିଶ୍ଚୟ।

ରେବୀ କାନ୍ଥରେ ପାଞ୍ଚଫୁଟ ଆଠଇଞ୍ଚର ଗାର କାଟି ନିଜକୁ ମାପି ଚାଲୁଥିଲା।

ସତକୁ ସତ ବସନ୍ତ ଋତୁ ଆସୁ ଆସୁ ଆମ୍ବଗଛରେ ବସି କୋଇଲି ରାବିଲା। ଆମ୍ବ ବଉଳିଲା।

ଦିନେ ସନ୍ଧ୍ୟାବେଳେ ଗଛମୂଳକୁ ପାଣିଦେବାକୁ ଯାଇ ଦେଖେ ତ ଆମ୍ବଡାଳରେ ଗୋଟିଏ ହେଲେ ବଉଳ ନାହିଁ। ଆଶ୍ଚର୍ଯ୍ୟ ହୋଇ ଏଣିକି ତେଣିକି ଚାହିଁ ଦେଖେ ତ କିଛି ଦୂରରେ ଥିବା ଚାକୁଣ୍ଡା ଗଛଟାରେ ହନୁ ମାଙ୍କଡ଼ଟେ ବସି ତାକୁ ଚାହିଁଛି। ବହେ ସମ୍ପିଲା। ଅପେକ୍ଷା କଲା ରେବୀକୁ। ବେଳ ଗଡ଼ିଗଲାଣି ଝିଅ କାହିଁ କଲେଜରୁ ଫେରିନି। ସମୟ ଗଡୁଥିଲା। ସନ୍ଧ୍ୟା ହୋଇ ଆସୁଥିଲା। ଝିଅର ଦେଖା ନ ଥିଲା। ଦାଣ୍ଡପିଣ୍ଡାରେ ବସି ଝିଅ ଆସିବା ବାଟକୁ ଚାହିଁ ରହିଲା। ଏହି ସମୟରେ ଗାଁରେ ରେବୀ ସାଙ୍ଗରେ ପଢୁଥିବା ନରିଆ ତା' ଆଡ଼କୁ ଆସୁଥିବାର ଦେଖି ପଚାରିଲା: ରେବୀକୁ ଦେଖିଛୁ କି? କାହିଁ ଏପର୍ଯ୍ୟନ୍ତ ତ ଆସିନି।

ନରିଆ ତା' ପିଠିପଟେ ଝୁଲାଇଥିବା ବ୍ୟାଗକୁ ଆଗକୁ ଆଣି ଚେନ୍ ଖୋଲି ଚାରି ଚଉତା କାଗଜ ଖଣ୍ଡେ ବଢ଼ାଇ ଦେଉ ଦେଉ କହିଲା: ନେ ରେବତୀ ଦେଇଛି ତୋତେ ଦେବାକୁ।

ସେ ଆଶ୍ଚର୍ଯ୍ୟ ହୋଇ କହିଲା: ଚିଠି! କି ଚିଠି! ପଢ଼ିଲୁ ପଢ଼ିଲୁ କ'ଣ ହୋଇଛି।

ନରିଆ ପଢ଼ିଲା ''ମା' ମୋତେ ଆଉ ଖୋଜିବୁନି। ମୁଁ ସବୁଦିନ ପାଇଁ ତୋ ଜୋଇଁ ସାଥିରେ ଯାଉଛି।''

ମା' ମାଟି ଦରାଣ୍ଡି ସମ୍ପି ଚାଲିଲା– ଲୋ ରେବୀ.... ଲୋ ନିଆଁ ଲାଗି... ବାଡ଼ିପଶି... ତୁ ସିଆଡ଼େ ମରଲୋ ସବାଖାଇ। ତୁ କ'ଣ ଏଇଆ କରିବୁ ବୋଲି ବାପା ମଲାପରେ ପେଟରୁ କାଟି ଏତେ ଦୁଃଖକଷ୍ଟ ସହି ପାଠ ପଢ଼ାଉଥିଲି।

ସନ୍ଧ୍ୟାର ଅନ୍ଧାର ଆହୁରି ପାକଳ ହେଉଥିଲା। ବୁଢ଼ୀ ଆଖିରୁ ଲୁହ ଶୁଖୁ ନ ଥିଲା।

ମୋ: ୯୪୩୭୭୪୫୯୮୩

## ସଂକ୍ଷେପରେ

### ମାଗଣା ଚକ୍ଷୁ ଚିକିତ୍ସା ଶିବିର

**ଚଣ୍ଡିଖୋଲ,୩୦।୮ (ପ୍ରଦୀପ୍ତ କୁମାର ପୃଷ୍ଟି)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳସ୍ଥିତ ଉଦିୟମାନ ପଠାଗାର ପରିସରରେ ଗୁରୁବାର କଟକ ଜେପିଏମ୍ ଚକ୍ଷୁ ଚିକିତ୍ସା କେନ୍ଦ୍ର ସହଯୋଗରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡାକ୍ତର ଆକାଂକ୍ଷା ମଲ୍ଲିକ, ସହଯୋଗୀ ଝୁନାରାଣୀ ପଣ୍ଡା ଓ ଦିବ୍ୟା ଦାସ ପ୍ରମୁଖ ଯୋଗଦେଇ ୧୦୦ରୁ ଉର୍ଦ୍ଧ୍ୱ ଚକ୍ଷୁ ରୋଗୀଙ୍କ ଚିକିତ୍ସା କରିଥିଲେ। ସେମାନଙ୍କ ମଧ୍ୟରୁ ୩୦ ଜଣଙ୍କ ମୋତିଆ ବିନ୍ଦୁ ଚିହ୍ନଟ କରାଯାଇ ଅସ୍ତ୍ରୋପଚାର ପାଇଁ କଟକ ପଠାଯାଇଛି ବୋଲି ମୁଖ୍ୟ ସଂଯୋଜକ ପରେଶ ସାହୁ କହିଛନ୍ତି। ଶିବିରକୁ ଶିକ୍ଷାବିତ ରାମଚନ୍ଦ୍ର ଶୁକ୍ଳ ଉଦଘାଟନ କରିଥିଲେ। ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଦାସ, ଉଦିୟମାନ ମହିଳା ସଂଗଠନ ସମ୍ପାଦିକା ଅରୁଣୀ ନନ୍ଦ ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀ ଜମୁନା ଜେନା, କାର୍ତ୍ତିକ ଚନ୍ଦ୍ର ଜେନା ଓ ମୃତ୍ୟୁଞ୍ଜୟ ସାହୁ ଶିବିରକୁ ପରିଚାଳନା କରିଥିଲେ। ସମ୍ପାଦକ ଅନିଲ କୁମାର ଦାସ ଧନ୍ୟବାଦ ଦେଇଥିଲେ।

### ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ହେମଲତାଙ୍କ ପରଲୋକ

**ବରୀ, ୩୦।୮ (ମହେନ୍ଦ୍ର ସ୍ୱାଇଁ)**



ବରୀ ବ୍ଲକ ଅଧୀନ ବାଲିବିଲ ପଞ୍ଚାୟତ କୋରଡ଼ା ପିପଲ ଗ୍ରାମର ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ହେମଲତା ସାମଲଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। ଶିକ୍ଷାଦାନ ପ୍ରଣାଳୀ, ନିର୍ଭିକତା ଓ ଛାତ୍ରୀଛାତ୍ରଙ୍କ ପ୍ରତି ଥିବା ସ୍ନେହ, ଶ୍ରଦ୍ଧା ଏବଂ ଭଲପାଇବା ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ପୂର୍ବତନ ବିଧାୟିକା ସୁନନ୍ଦା ଦାସ, ଭାଜପା ନେତା ଉମେଶ ଚନ୍ଦ୍ର ଜେନା, ବାଲିବିଲ ସରପଞ୍ଚ ମଧୁସ୍ମିତା ସାମଲ, ସମିତିସଭ୍ୟା ଶୁଧାଂଶୁବାଳା ସାମଲ, ଯୁବନେତା ସଞ୍ଜୀବ ଜେନା, ପ୍ରଫେସର ଦେବପ୍ରସାଦ ସାମଲ, ଶିଶୁକବି ନିର୍ମଳ କୁମାର ଗିରି, ପ୍ରଧାନଶିକ୍ଷକ ଅଶୋକ ସାମଲ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ସାମଲ, ଶିକ୍ଷାବିତ ନିର୍ମଳ ଚନ୍ଦ୍ର ଦାସ, ଖବରଦାତା ମହେନ୍ଦ୍ର ସ୍ୱାଇଁ, ଚୈତନ୍ୟ ଜେନା, ଉତ୍କଳ ନାୟକ, ନିହାର ସାମଲ ଓ ପ୍ରଫୁଲ୍ଲ ଚନ୍ଦ୍ର ଜେନା ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

### ଜିଲା କଂଗ୍ରେସ ସଭାପତିଙ୍କ ମାତୃ ବିୟୋଗ

**ଯାଜପୁର ଟାଉନ,୩୦।୮ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)**



ଯାଜପୁର ଜିଲା କଂଗ୍ରେସ ସଭାପତି ମନୋଜ ରାଉତଙ୍କ ମା' ସୁଧାଂଶୁବାଳା ରାଉତ (୮୨)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟ ରୋଗରେ ଶଯ୍ୟାଶାୟୀ ଥିଲେ। ତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଜଣେ ଧର୍ମପରାୟଣା, ଭାଗବତ ପ୍ରେମୀ ଓ ପରୋପକାରୀ ମହିଳା ଥିଲେ। ମୃତଦେହକୁ ତାଙ୍କ ଯାଜପୁର ବ୍ଲକ୍ ଅନ୍ତର୍ଗତ ମଲ୍ଲିକାପୁର ବାସଭବନକୁ ଅଣାଯାଇଥିଲା। ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସାନପୁଅ ପଙ୍କଜ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

### ବିଦ୍ୟାଳୟ ପରିସରରେ ଚାରାରୋପଣ

**ଯାଜପୁର ଟାଉନ,୩୦।୮ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)**

ଯାଜପୁରର ବିରଜା ମନ୍ଦିର ସନ୍ନିକଟରେ ଥିବା ମାଧବା ସେବାଶ୍ରମ ଟ୍ରଷ୍ଟ ତରଫରୁ ଯାଜପୁର ବ୍ଲକ ବିଚିତ୍ରପୁର ପଞ୍ଚାୟତର ବିଚିତ୍ରପୁର ପ୍ରୋଜେକ୍ଟ ଉପ୍ରା ବିଦ୍ୟାଳୟ ପରିସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଷ୍ଟି ଆନନ୍ଦ ଚନ୍ଦ୍ର ବାରିକ, ସମ୍ପାଦକ ରବିନାରାୟଣ ବାରିକ, ଟ୍ରଷ୍ଟି ସୁଧାଂଶୁବାଳା ବାରିକ, ଲକ୍ଷ୍ମୀପ୍ରିୟା ମହାଳିକ, ଶ୍ରୀମା ବାରିକ, ଅଶୋକ କୁମାର ବାରିକ, ଉପଦେଷ୍ଟା ନଟବର ପଣ୍ଡା, ବିଦ୍ୟାଳୟ ତରଫରୁ ପ୍ରଧାନଶିକ୍ଷକ ଶଶିକାନ୍ତ ସାର, ଚେୟାରମ୍ୟାନ ସୂର୍ଯ୍ୟମଣି ନାୟକ ପ୍ରମୁଖ ଯୋଗଦେଇ ବିଭିନ୍ନ ଚାରାରୋପଣ କରିଥିଲେ।

# ନିଯୁକ୍ତି ହରାଇ ଦୁର୍ଦ୍ଦିନରେ ମେସ୍କୋ ବିସ୍ଥାପିତ

- ଜରିମାନା ଦେଇ ନ ପାରି ୫ ବର୍ଷ ହେଲା କାରଖାନା ବନ୍ଦ
- ବନ୍ଦ କାରଖାନା ଖୋଲିବାକୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ

**ଯାଜପୁର,୩୦।୮ (ହର୍ଷବର୍ଦ୍ଧନ ବେହେରା)**

ଯେଉଁସବୁ ଶିଳ୍ପସଂସ୍ଥା ସରକାରୀ ଓ ବେସରକାରୀ ଜମି ନେଇ କାରଖାନା ପ୍ରତିଷ୍ଠା କରି ନାହାନ୍ତି ସେମାନଙ୍କଠାରୁ ଜମି ଫେରାଇ ଆଣିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ଯେଉଁସବୁ ଶିଳ୍ପସଂସ୍ଥା ଶତାଧିକ ଏକର ଜମି ନେଇ କାରଖାନା ପ୍ରତିଷ୍ଠା କରି ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବନ୍ଦ ରଖିଛନ୍ତି ସେମାନଙ୍କ ବିରୋଧରେ ଉପଯୁକ୍ତ ପଦକ୍ଷେପ ନେବାକୁ ସରକାରଙ୍କ ହାତ ପାଉନାହିଁ। ଫଳରେ ଜମି, ଜଙ୍ଗଲ, ଜଳ ଏବଂ ପରବର୍ତ୍ତୀ ସମୟରେ ନିଯୁକ୍ତି ହରାଇ ଦୁର୍ଦ୍ଦିନରେ କାଳାତିପାତ କରୁଥିବା ବିସ୍ଥାପିତ ପରିବାରଙ୍କ ପାଇଁ ସରକାରଙ୍କ ଏଯାଏ ଚିନ୍ତା ନାହିଁ। ଏଠାରେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ୨୦୧୯ ଡିସେମ୍ବରରୁ ବନ୍ଦ ପଡ଼ିଥିବା ମେସ୍କୋ ଷ୍ଟିଲ କାରଖାନାକୁ ଉଦାହରଣ ଭାବେ ନିଆଯାଇପାରେ। ୧୦୨.୫୩ ଏକର ସରକାରୀ ଏବଂ ୪୨୮.୧୫ ଏକର ବେସରକାରୀ ଭାବେ ମୋଟ ୫୩୦.୬୮ ଏକର ଜମି ନେଇଥିବା ମେସ୍କୋ ଷ୍ଟିଲ କାରଖାନା ୫ ବର୍ଷ ହେଲା ବନ୍ଦ ହୋଇପଡ଼ିଛି। ଏଥିଯୋଗୁ ପ୍ରାୟ ୪୫୦ ନିୟମିତ କର୍ମଚାରୀ ଏବଂ ଏଥିରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଆସୁଥିବା ୧୦୦୦ରୁ ଉର୍ଦ୍ଧ୍ୱ ଶ୍ରମିକ ପରିବାରର ଲୋକେ ଭୋକ ଉପାସରେ କାଳାତିପାତ କରୁଛନ୍ତି। ଏପରିକି ଅର୍ଥାଭାବରୁ ଉପଯୁକ୍ତ ଚିକିତ୍ସା ହୋଇ ନ ପାରି କର୍ମଚାରୀଙ୍କ ପରିବାରବର୍ଗଙ୍କ ଜୀବନ ବିପଦାପନ୍ନ ହୋଇଛି। ଅନ୍ୟପକ୍ଷରେ ମେସ୍କୋ ଷ୍ଟିଲ ମାଲିକ କଳେବଳେ କୌଶଳେ କାରଖାନାର ରେଲୱେ ସାଇଡିଂ କାର୍ଯ୍ୟକ୍ଷମ କରି ବିପୁଳ ପରିମାଣରେ ଲାଭବାନ ହେଉଥିବା ଚର୍ଚ୍ଚା ହେଉଛି। ଏହି ସମ୍ବେଦନଶୀଳ ମାମଲା ଉପରେ ମେସ୍କୋ ଷ୍ଟିଲ ୱାର୍କର୍ସ ୟୁନିୟନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦୃଷ୍ଟି ଆକର୍ଷଣ କରାଯାଇଥିବା ଜଣାପଡ଼ିଛି।




ମେସ୍କୋ ଷ୍ଟିଲ କାରଖାନା।

ଶାହା କମିଶନଙ୍କ ରିପୋର୍ଟ ଆଧାରରେ ମେସ୍କୋ ଷ୍ଟିଲ ଖଣି ଚୋରି କରିଥିବା ଅଭିଯୋଗରେ ସୁପ୍ରିମକୋର୍ଟ ୯୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଜରିମାନା ଅର୍ଥ ପ୍ରଦାନ କରାଯାଇ ନ ଥିବାରୁ ଯୋଡ଼ାସ୍ଥିତ ମେସ୍କୋ ଷ୍ଟିଲର ୨ଟି ଖଣିକୁ ଉତ୍ତୋଳନ ଅନୁମତି ମିଳି ନ ଥିଲା। ଏହାପରେ ମେସ୍କୋ ମାଲିକ କାରଖାନାକୁ ପର୍ଯ୍ୟାୟକ୍ରମେ ବନ୍ଦ କରି ଦେଇଥିଲେ। ଏହିକ୍ରମରେ କାରଖାନା ୨୦୧୯ ଡିସେମ୍ବରରୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ପଡ଼ିଛି। ଫଳରେ ପ୍ରାୟ ୧୫୦୦ କର୍ମଚାରୀ ଓ ଶ୍ରମିକଙ୍କ ଜୀବନ ଏବେ ଦୁର୍ବିସହ ହୋଇପଡ଼ିଛି। ବାରମ୍ବାର ପ୍ରତିଶ୍ରୁତି ପାଇ କ୍ଷତିଗ୍ରସ୍ତ ପରିବାର ସଦସ୍ୟମାନେ ନିରାଶ ହୋଇଛନ୍ତି। ଏନେଇ ଜିଲା ପ୍ରଶାସନଠାରୁ ଆରମ୍ଭ କରି ସରକାର ଏବଂ କୋର୍ଟକଚେରୀ ପର୍ଯ୍ୟନ୍ତ ଦ୍ୱାରସ୍ଥ ହୋଇଥିଲେ ହେଁ କର୍ମଚାରୀ ଓ ଶ୍ରମିକମାନେ କୌଣସି ସଫଳତା ପାଇନାହାନ୍ତି। ସ୍ଥାନୀୟ ନେତୃବର୍ଗ ମଧ୍ୟ ମୁହଁ ଖୋଲିନାହାନ୍ତି। ଜମି ଓ ଘରଡିହ ହରାଇଥିବା ୧୫୮ ବିସ୍ଥାପିତ ପରିବାରବର୍ଗ ଭଗବାନଙ୍କ ଭରସାରେ ରହିଛନ୍ତି। ତେବେ ବ୍ୟାପକ ଆନ୍ଦୋଳନ ହେବା ପରେ କେବଳ ନନ-ଏକ୍‌ଜିକ୍ୟୁଟିଭ ୨୯୨ ଜଣ କର୍ମଚାରୀଙ୍କୁ ମାତ୍ର ୮ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଉଥିବା ଜଣାପଡ଼ିଛି।

ହେଲେ ପୂର୍ବରୁ ଧାର ଉଧାର କରିଥିବା କର୍ମଚାରୀମାନଙ୍କ ସୁଧ ଦେବାରେ ଏବଂ ଚିକିତ୍ସା କ୍ଷେତ୍ରରେ ଏହି ସାମାନ୍ୟ ଅର୍ଥ ଚାଲିଯାଉଛି ବୋଲି କର୍ମଚାରୀମାନେ ପ୍ରକାଶ କରୁଛନ୍ତି। ଜଣେ କର୍ମଚାରୀ ସତ୍ୟଜିତ କାଷ୍ଟଙ୍କ ଝିଅ ଥାଲାସେମିଆ ରୋଗରେ ପୀଡିତ ଅଛନ୍ତି। ତାଙ୍କର ବୋନ ମାରୋ ଟ୍ରାନ୍ସପ୍ଲାଣ୍ଟ ଅପରେଶନ ପାଇଁ ମୁମ୍ବାଇର ଏକ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ତେଣୁ ଟାଟା ଟ୍ରଷ୍ଟରୁ ଆର୍ଥିକ ସହାୟତା ପାଇଁ ମେସ୍କୋ ଷ୍ଟିଲ୍‌ର ଇନ୍‌ସ୍ୟୁରାନ୍ସ ଡିକ୍ଳାରେଶନର ଆବଶ୍ୟକତା ପଡୁଛି। କିନ୍ତୁ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ମେସ୍କୋ ଷ୍ଟିଲ କମ୍ପାନୀ କର୍ତ୍ତୃପକ୍ଷ ଏହି ଡିକ୍ଳାରେଶନ ଦେବାକୁ ମନା କରୁଛନ୍ତି। ଫଳରେ କର୍ମଚାରୀ ସତ୍ୟଜିତ ଜିଲାପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ମାନବାଧିକାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏଭଳି ଭାବେ ମେସ୍କୋ ଷ୍ଟିଲର କର୍ମଚାରୀ ଓ ଶ୍ରମିକମାନେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୁବ୍‌ଶୀଘ୍ର ଉପଯୁକ୍ତ ପଦକ୍ଷେପ ନେବାକୁ ଯାଜପୁର ଜିଲାପାଳ ଏବଂ ମୁଖ୍ୟ ଶାସନ ସଚିବଙ୍କୁ ମେସ୍କୋ ଷ୍ଟିଲ୍‌ର ସ୍ଥିତି ସମ୍ପର୍କରେ ଅବଗତ ହେବାକୁ ରିପୋର୍ଟ ମାଗିଥିବା କର୍ମଚାରୀମାନେ କହିଛନ୍ତି।

## ପୁସ୍ତକ ପଠନ ଜ୍ଞାନର ପରିସୀମା ବୃଦ୍ଧି କରିଥାଏ



ବକ୍ତୃତାମାଳାରେ ଯୋଗ ଦେଇଥିବା ଅତିଥି।

**ଚଣ୍ଡିଖୋଲ/ଛତିଆ,୩୦।୮ (ପ୍ରଦୀପ୍ତ କୁମାର ପୃଷ୍ଟି/ସୌମ୍ୟରଞ୍ଜନ ସାହୁ)**

### ରିଙ୍କୁ ସ୍ମାରକୀ ବକ୍ତୃତାମାଳା

ପୁସ୍ତକ ପଠନ ଦ୍ୱାରା ଜ୍ଞାନର ପରିସୀମା ବୃଦ୍ଧି ପାଇଥାଏ। ଛାତ୍ରୀଛାତ୍ର ପୁସ୍ତକ ପଠନ ଉପରେ ଗୁରୁତ୍ୱଦେବା ଆବଶ୍ୟକ। ବଡ଼ଚଣା ବ୍ଲକ୍ ଅଧୀନ ଛତିଆସ୍ଥିତ ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟରେ ଅନୁଷ୍ଠିତ ରିଙ୍କୁ ସ୍ମାରକୀ ବକ୍ତୃତା ମାଳାରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଲେଖକ ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ ଏକଥା ପ୍ରକାଶ କରିଛନ୍ତି। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡା. କେଦାରନାଥ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବକ୍ତୃତାମାଳାରେ ବିଶିଷ୍ଟ ଗାଳ୍ପିକ ରାମଚନ୍ଦ୍ର ବେହେରା ଯୋଗ ଦେଇଥିଲେ। କବି ପ୍ରଭାକର ଶତପଥୀଙ୍କ ସମୀକ୍ଷା ପୁସ୍ତକକୁ ରଚନା କରିଥିବା ଟ୍ରଷ୍ଟର ଅଧ୍ୟକ୍ଷ ପ୍ରାଧ୍ୟାପକ ରବୀନ୍ଦ୍ର ନାଥ ସାମଲ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଏହାକୁ ସମୀକ୍ଷା କରିଥିଲେ କବି ଅପର୍ଣ୍ଣା ମହାନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନିରଞ୍ଜନ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଅନୁଷ୍ଠାନର ସମ୍ପାଦକ କବି ରୁଦ୍ର ପ୍ରସନ୍ନ ସାମଲ। ଚଳିତ ବର୍ଷ ବିଭିନ୍ନ ପରୀକ୍ଷାରେ ଶ୍ରେଷ୍ଠତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଟ୍ରଷ୍ଟ ପକ୍ଷରୁ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଚିତ୍ତ ରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା କବିତା ସାହୁ ଧନ୍ୟବାଦ ଦେଇଥିଲେ।

## ଇଚ୍ଛାଶକ୍ତି ବଳରେ ଛାତ୍ରୀଛାତ୍ର ଗନ୍ତବ୍ୟସ୍ଥଳରେ ପହଞ୍ଚିପାରିବେ

### ଧର୍ମଶାଳା ମହାବିଦ୍ୟାଳୟର ୪୭ତମ ସ୍ୱନକ୍ଷତ୍ର ସମାରୋହ

**ଧର୍ମଶାଳା,୩୦।୮ (ବଟକୃଷ୍ଣ ପରିଡ଼ା)**

ଧର୍ମଶାଳା ମହବିଦ୍ୟାଳୟର ୪୭ତମ ସ୍ୱନକ୍ଷତ୍ର ସମାରୋହ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ର ଭଲ ପାଠ ପଢ଼ିବା ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିବାକୁ ଆହ୍ୱାନ କରିଥିଲେ। ଏଥିସହିତ କଲେଜର ଉନ୍ନତି ପ୍ରକଳ୍ପେ ସବିକିଛି କରାଯିବ ବୋଲି କହିଥିଲେ।

ମୁଖ୍ୟବକ୍ତା ଭାବେ କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇ ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ବଳରେ ଛାତ୍ରୀଛାତ୍ର ନିଜର ଗନ୍ତବ୍ୟ ସ୍ଥଳରେ ପହଞ୍ଚିପାରିବେ ବୋଲି କହିଥିଲେ।

ଅଧ୍ୟକ୍ଷ ସ୍ୱରୁପାନନ୍ଦ ପଣ୍ଡା ଏଥିରେ ଧ୍ୟକ୍ଷତା କରିଥିବାବେଳେ ଅଧ୍ୟାପକ ବସନ୍ତ କୁମାର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ଅତିଥି ବିଧାୟକ ଦ୍ୱୟଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପିକା ସସ୍ମିତା ପଣ୍ଡା ଓ ସସ୍ମିତା ସାହୁ ପ୍ରଦତ୍ତ ମାନପତ୍ର ପାଠ କରିଥିଲେ। ଅଧିକ ନମ୍ବର ରଖି ପାସ କରିଥିବା ଯୁକ୍ତ୨ କଳା ବିଭାଗ ଛାତ୍ରୀ ସ୍ମୃତିରେଖା ସାହୁ, ଯୁକ୍ତ ୨ ବିଜ୍ଞାନ ଛାତ୍ରୀ ତମିଶ୍ରୀ ଧର ଓ ଯୁକ୍ତ ୨ ବାଣିଜ୍ୟ ଛାତ୍ର ସୌମ୍ୟରଞ୍ଜନ ସାହୁଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଯୁକ୍ତ ୩ କଳା ଛାତ୍ରୀ ପୂର୍ଣ୍ଣିମା ବେହେରା, ଯୁକ୍ତ ୩ ବିଜ୍ଞାନ ଛାତ୍ରୀ ଶିଳ୍ପା ସାହୁ ଓ ଯୁକ୍ତ ୩ ବାଣିଜ୍ୟ ଛାତ୍ରୀ ବର୍ଷାରାଣୀ ବରାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟ ଛାତ୍ରୀ ଶିଳ୍ପା ସାହୁଙ୍କୁ ପ୍ରତିଷ୍ଠାତା ସମ୍ପାଦକ ରମେଶ ଚନ୍ଦ୍ର ତ୍ରିପାଠୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସଭାପତି ଉତ୍କଳ କେଶରୀ ପାଳ, ଶ୍ରୀକାନ୍ତ ସାହୁ, ସବ୍ୟସାଚୀ ସୁନ୍ଦରରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ସନ୍ତୋଷ ପଣ୍ଡା ବେଦ ପାଠ କରିଥିବାବେଳେ ଅଧ୍ୟାପକ ଅରବିନ୍ଦ ମହାନ୍ତି ସଭା ପରିଚାଳନାରେ ସହାୟତା କରିଥିଲେ। ଅଧ୍ୟାପିକା ଲିନା ରାୟ ଧନ୍ୟବାଦ ଦେଇଥିଲେ।




ଧର୍ମଶାଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ସମାରୋହରେ ମଞ୍ଚାସୀନ ଅତିଥି।

## ବଳିଦାନ ଦିବସ ପାଳିତ

**ଯାଜପୁର ଟାଉନ,୩୦।୮ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)**

ଯାଜପୁର ବ୍ଲକ ଜାହାନପୁର ପଞ୍ଚାୟତର ବଜରଙ୍ଗୀ ଛକଠାରେ ଥିବା ଯାଜପୁର ଜିଲା ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ମୁଖ୍ୟ କାର୍ଯ୍ୟାଳୟରେ ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମୀଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା, ଭଜନ ସନ୍ଧ୍ୟା ଓ ପ୍ରସାଦ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଓ ପ୍ରଖଣ୍ଡର ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସ୍ୱୟଂସେବକ ପ୍ରୀତିକାନ୍ତ ଦାସ, ରାମକୃଷ୍ଣ ବେହୁରିଆ, ଜିଲା ସତ୍‌ସଙ୍ଗ ପ୍ରମୁଖ ସୁରେଶ କୁମାର ପତି, ଜିଲା ସୁରକ୍ଷା ପ୍ରମୁଖ ବାଦଲ ନାୟକ, ଜିଲା ଗୋରକ୍ଷା ପ୍ରମୁଖ ମୃତ୍ୟୁଞ୍ଜୟ ପଟ୍ଟନାୟକ, ଜିଲା ସହସଂଯୋଜକ ରାଜେନ୍ଦ୍ର କୁମାର ପ୍ରଧାନ, ପ୍ରଖଣ୍ଡ କାର୍ଯ୍ୟକର୍ତ୍ତା ଅମିୟ ମହାନ୍ତି, ସୁବଳ ମଲ୍ଲିକ, ଗୌତମ ସାହୁ, ଦେବବ୍ରତ ମିଶ୍ର, ଚିନ୍ମୟ ପରିଡ଼ା, ହରେକୃଷ୍ଣ ସାହୁ ଓ ନଗରର ସୁଭେନ୍ଦୁ ବାରିକ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମ ହରେକୃଷ୍ଣ ପଣ୍ଡାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

## ଚାରାରୋପଣ, ସଚେତନତା କାର୍ଯ୍ୟକ୍ରମ




ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ବ୍ରହ୍ମବରଦା,୩୦।୮ (ଯଯାତି କେଶରୀ ବେହେରା)**

ରସୁଲପୁର ବ୍ଲକ୍ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତର ଯୁବ ସଂଗଠନ ୟୁଥ୍ ଆଣ୍ଡ୍ ଲିଗାଲ ସର୍ଭିସେସ୍ ଆସୋସିଏଶନ (ୱାଇଏଏଲ୍ଏସ୍ଏ) ପକ୍ଷରୁ ଏକ ଚାରାରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ସଭାପତି ଅରୁପ କୁମାର ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ, ହାଜିରହିମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟ, ବ୍ରହ୍ମବରଦା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମେତ ବିଭିନ୍ନ ଛୋଟ ଓ ବଡ଼ ଅନୁଷ୍ଠାନରେ ଔଷଧୀୟ, ଫଳ ଓ ଫୁଲ ଚାରା ରୋପଣ କରାଯାଇଛି। ବ୍ରହ୍ମବରଦା ଡିଗ୍ରୀ ମହା ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ସୂର୍ଯ୍ୟକାନ୍ତ ରାଉତ, ଶିବପ୍ରାଦ ସାହୁ, ବାବୁଲି ରଣା, ବିବେକାନନ୍ଦ ଜେନାଙ୍କ ସହ ମହାବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ସେହିପରି ହାଜିରହିମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ମନୋରଞ୍ଜନ ବିଶ୍ୱାଳ ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନାରାୟଣ ଆଇଚଙ୍କ ସହ ବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଚାରାରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଆସୋସିଏଶନ ସଭାପତି ଦେଓ ପରିବେଶ ସୁରକ୍ଷ ପାଇଁ ସମସ୍ତେ ଚାରାରୋପଣ କରିବା ସହିତ ତା'ର ଯତ୍ନ ନେବା ଓ ପରିବେଶକୁ ସଫା ସୁତୁରା ରଖିବାକୁ କହିଥିଲେ। ଆସୋସିଏଶନର କର୍ମକର୍ତ୍ତା ସହଯୋଗ କରିଥିଲେ।

## ବାଜେଣି ଗୁମ୍ଫାରେ ଚତୁର୍ଥ ପ୍ରହର ନାମଯଜ୍ଞ

**ବଡ଼ଚଣା,୩୦।୮ (ଦିଲୀପ କୁମାର ମହାନ୍ତି)**

ବଡ଼ଚଣା ବ୍ଲକ ଅନ୍ତର୍ଗତ କାଇମାଟିଆ ପଞ୍ଚାୟତ ନଳିଦା ପର୍ବତ ପାଦଦେଶରେ ଅବସ୍ଥାପିତ ବାଜେଣି ଗୁମ୍ଫାରେ ଚତୁର୍ଥ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ଦ୍ୱାରା ଜନ୍ମାଷ୍ଟମୀରେ ଏହି କାର୍ଯ୍ୟକ୍ରମ କରାଯାଇଛି। ପୂର୍ବତନ ସରପଞ୍ଚ ପ୍ରବୋଧ ଶତପଥୀ, ଯୁବ ସାମାଜିକ କର୍ମୀ ଆଶୁତୋଷ ମହାନ୍ତି, ବରିଷ୍ଠ ନାଗରିକ ଶଙ୍କର୍ଷଣ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା

**ବରୀ,୩୦।୮ (ମହେନ୍ଦ୍ର ସ୍ୱାଇଁ)**

ବରୀ ଶିକ୍ଷା ମଣ୍ଡଳ ଅଧୀନ କୃପାସିନ୍ଧୁ ବିଦ୍ୟାଭବନ ପରିସରରେ ରାଷ୍ଟ୍ରୀୟ ବିଜ୍ଞାନ ଆବିଷ୍କାର ଅଭିଯାନ କର୍ମଶାଳାର ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୮ ବିଦ୍ୟାଳୟର ୮୯ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାଇପଡ଼ା ଉଚ୍ଚ ବିଦ୍ୟାଳୟ ଛାତ୍ର ସର୍ବୋଯୋତ ପରିଡ଼ା ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ସେହି ବିଦ୍ୟାଳୟର ଛାତ୍ର ଜିତେନ୍ଦ୍ର ବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। କୃପାସିନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ର ଶୁଭଙ୍କର ପୁହାଣ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମୁଖ୍ୟ ଅତିଥିଭାବେ ହିମାଂଶୁ ଶେଖର ବିଶାଳ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଶିକ୍ଷା ମଣ୍ଡଳ ଅଧିକାରୀ ଜଳନ୍ଧର ଖଟୁଆ, ଜ୍ୟୋତିରଞ୍ଜନ ସାହୁ, ପାବାକ ମହାପାତ୍ର ଓ ଶିବ ଶଙ୍କର ଜେନା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ସହିତ ସାଧାରଣ ଜ୍ଞାନ ପୁସ୍ତିକା ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ଜୟଶ୍ରୀ ଜେନା, ଶିକ୍ଷକ ପରିକ୍ଷିତ ପେରାଇଙ୍କ ସମେତ କୃପାସିନ୍ଧୁ ବୃଦ୍ୟାଭବନର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚଳାନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

# ସାପର ପରିବେଶଗତ ମହତ୍ତ୍ୱ ସଚେତନତା




'ସାପ ଆମର ବନ୍ଧୁ' କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଟାଟାଷ୍ଟିଲ୍‌ର ଅଧିକାରୀ, ଛାତ୍ରୀଛାତ୍ର ଓ ଅନ୍ୟମାନେ।

**କାଳିଆପାଣି,୩୦।୮ (ଅସିତ ମହାନ୍ତ)**

### ଟାଟା ଷ୍ଟିଲ୍ ପକ୍ଷରୁ 'ସାପ ଆମର ବନ୍ଧୁ' କାର୍ଯ୍ୟକ୍ରମ

ଟାଟାଷ୍ଟିଲ ଫେରୋ ଆଲଏଜ୍ ଓ ମିନେରାଲସ ଡିଭିଜନ (ଏଫ୍ଏଏମ୍‌ଡି) ପକ୍ଷରୁ କମ୍ପାନୀର ସୁକିନ୍ଦା କ୍ରୋମାଇଟ ଖଣି ପରିସରରେ ସାପ ଆମର ବନ୍ଧୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

କମ୍ପାନୀ ପକ୍ଷରୁ ୨୦୧୬ରୁ ଆୟୋଜିତ ହୋଇ ଆସୁଥିବା ଏହି କାର୍ଯ୍ୟକ୍ରମରେ ସାପର ପରିବେଶଗତ ମହତ୍ତ୍ୱ ଓ ଏକ ସନ୍ତୁଳିତ ପରିବେଶକୁ ବଜାୟ ରଖିବାରେ ସେମାନଙ୍କ ଭୂମିକା ଉପରେ ଲୋକଙ୍କୁ ସେଚତନ କରାଯାଇଛି। ସାପ ସଂରକ୍ଷଣର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଥିବାବେଳେ ଜଙ୍ଗଲରେ କିମ୍ବା ବାସସ୍ଥାନ ଆଖପାଖରେ ସାପ ସହ ମୁହାଁମୁହିଁ ହେଲେ କ'ଣ ପଦକ୍ଷେପ ଗ୍ରହଣ କରିବାକୁ ହେବ ସେ ବିଷୟରେ କୁହାଯାଇଛି। ଭୁବନେଶ୍ୱରର ସ୍ୱେଚ୍ଛାସେବୀ ସଂଗଠନ ସ୍ନେକ ହେଲ୍ପଲାଇନ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ କମ୍ପାନୀର କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ, ସଫେଇ, ଉଦ୍ୟାନ କୃଷି ଓ ନିରାପତ୍ତା ବିଭାଗର ଆଗ ଧାଡ଼ିର କର୍ମୀ, ଆଶା ଓ ଅଙ୍ଗନୱାଡି କର୍ମୀ, ସ୍ଥାନୀୟ ଚାଷୀ, ପଞ୍ଚାୟତିରାଜ ଅନୁଷ୍ଠାନର (ପିଆରଆଇ) ସଦସ୍ୟ, ସ୍କୁଲ ଛାତ୍ରୀଛାତ୍ରୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ସାପ ସଂକ୍ରାନ୍ତରେ ସଚେତନତା ବାର୍ତ୍ତା ପ୍ରସାର କରାଯାଇଛି। ଏଥିରେ ପ୍ରାୟ ୧୦୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। ସ୍ନେକ ହେଲ୍ପଲାଇନର ପ୍ରତିଷ୍ଠାତା ଶୁଭେନ୍ଦୁ ମଲ୍ଲିକ ଯୋଗଦେଇ ସାପକୁ ନେଇ ଲୋକଙ୍କ ମଧ୍ୟରେ ଯେଉଁ ଭ୍ରାନ୍ତଧାରଣା ରହିଛି ତାହାକୁ ସେ ଦୂର କରିବା ସହିତ ପ୍ରାକୃତିକ ପରିବେଶ ପ୍ରତି ସାପଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଉପରେ କହିଥିଲେ।

ସାପ ସହ ହଠାତ ମୁହାଁମୁହିଁ ହେଲେ କ'ଣ କରିବେ, ପେସାଦାର ସାପ ଧରାଳିଙ୍କ ସହାୟତା ନେବାର ଗୁରୁତ୍ୱ ଏବଂ ସାପ ଦେଖିବା ମାତ୍ରେ ସେ ବିଷୟରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରିବାର ଲାଭ ବିଷୟରେ ଆଲୋଚନା କରିଥିଲେ। ଜୈବବିବିଧତାର ସଂରକ୍ଷଣ ଓ ପରିବେଶ ସୁରକ୍ଷା ପ୍ରତି ଟାଟା ଷ୍ଟିଲର ପ୍ରତିବଦ୍ଧତାକୁ ଦର୍ଶାଇ କମ୍ପାନୀର ଫେରୋ ଆଲଏଜ ଓ ମିନେରାଲସ ଡିଭିଜନର ଏକ୍‌ଜିକ୍ୟୁଟିଭ୍ ଇନଚାର୍ଜ ପଙ୍କଜ ସତିଜା କହିଥିଲେ, ଏହି କାର୍ଯ୍ୟକ୍ରମ ଜରିଆରେ ସୁକିନ୍ଦା ଅଞ୍ଚଳର ଜୈବ ବିବିଧତାର ସୁରକ୍ଷା ତଥା ଏଥିରେ ସାପ ପରି ଅନ୍ୟାନ୍ୟ ଜୀବଜନ୍ତୁଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ନେଇ ସଚେତନତା ସୃଷ୍ଟି କରିବା ଆମର ଲକ୍ଷ୍ୟ। ଏହିଶାନ୍ତ ଓ ବିରଳ ପ୍ରଜାତିକୁ ଭଲ ଭାବେ ବୁଝିବା ଏବଂ ମଣିଷ ଓ ପ୍ରକୃତି ମଧ୍ୟରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସୃଷ୍ଟି କରିବାକୁ ଆମେ ଲକ୍ଷ୍ୟ ରଖିଛୁ। କାର୍ଯ୍ୟକ୍ରମରେ ଏଫ୍ଏଏମ୍‌ଡି ଖଣି ମୁଖ୍ୟ ଶମ୍ଭୁନାଥ ଝା, ସୁକିନ୍ଦା ଖଣି ମୁଖ୍ୟ ଦେବରାଜ ତିୱାରି, ପ୍ରଶାସନିକ ମୁଖ୍ୟ ପ୍ରମୋଦ କୁମାର, ଟାଟା ଷ୍ଟିଲ ଫାଉଣ୍ଡେଶନ ସୁକିନ୍ଦା ୟୁନିଟ ମୁଖ୍ୟ ଡା. ଜୟନ୍ତ ତ୍ରିପାଠୀ, ବରିଷ୍ଠ ଆଞ୍ଚଳିକ ପ୍ରବନ୍ଧକ (ନିରାପତ୍ତା) ଅଞ୍ଜନା ତିୱାରି, ପ୍ରଶାସନିକ ସହ ପ୍ରବନ୍ଧକ ନିଶାନ ମହାନ୍ତି ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।

# ସାର୍ଟିନ୍ କ୍ରେଡିଟ୍ କେୟାର ନେଟ୍‌ୱର୍କ ନାଁରେ ଠକେଇ ଅଭିଯୋଗ

ରାଜକନିକା, ୩୦।୮ (ସଞ୍ଜୟ କୁମାର ଦାଶ)


ସାର୍ଟିନ୍ କ୍ରେଡିଟ୍ କେୟାର ନେଟ୍‌ୱର୍କ ନାଁରେ ଠକେଇର ଶିକାର ଲୋକମାନେ ଅଭିଯୋଗ କରିବାକୁ ରାଜକନିକା ଥାନାକୁ ଆସିଛନ୍ତି।

ରାଜକନିକା ଥାନାଠାରୁ ମାତ୍ର କେଇମିଟର ଦୂର ତଥା ବାଘବୁଦା ପଞ୍ଚାୟତ ନୂଆସାହିରେ ଖୋଲିଥିବା ହରିୟାଣା ଅଞ୍ଚଳର ଏକ ଫାଇନାନ୍ସ ସଂସ୍ଥା(କମ୍ପାନୀ) ସାର୍ଟିନ୍ କ୍ରେଡିଟ୍ କେୟାର ନେଟୱର୍କ ଲିମିଟେଡ ୩୦ କିମି ବ୍ୟାସାର୍ଦ୍ଧ ମଧ୍ୟରେ ମହିଳା ଗୋଷ୍ଠୀଙ୍କୁ ଋଣ ଦେଉଥିବା ଅଭିଯୋଗ ହୋଇଛି। ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳ ମାଟିଆ ଗାଁର ପବିତ୍ର ମଲିକ, ପ୍ରଦୀପ ମଲିକ, ସୁଶାନ୍ତ ମଲିକ, ବିଘ୍ନେଶ୍ୱର ମଲିକ, ରାଜକିଶୋର ମଲିକ, ମାନସ ମଲିକ, ସୁନ୍ଦର ମଲିକ, ମଦନ ମଲିକ, ମନ୍ମଥ ମଲିକ, ରଞ୍ଜନ ମଲିକ, ସୁଲୋଚନା ମଲିକଙ୍କ ଅଭିଯୋଗକ୍ରମେ ଋଣ କରାଇ ଦେବା କହି କମ୍ପାନୀର ସିଆର୍‌ଏସ୍ (କଷ୍ଟୋମର ରିଲେସନସିପ୍ ଅଫିସର) ବିକାଶ କୁମାର ସେଠୀ ସମସ୍ତଙ୍କ ଠାରୁ ୫ହଜାର ଲେଖାଏ ଲାଞ୍ଚ ଆକାରରେ ୫୫ହଜାର ଟଙ୍କା ନେଇ ଛୁ ମାରିଥିବା ଶୁକ୍ରବାର ନୂଆସାହିସ୍ଥିତ କାର୍ଯ୍ୟାଳୟକୁ ଆସି ସଂସ୍ଥାର ଟିଏମ୍ ରୁଦ୍ରପ୍ରସାଦ ମଲିକ ଓ ଚନ୍ଦନ ସାହୁଙ୍କୁ ଭେଟି ସମସ୍ତ ଅଭିଯୋଗ ଜଣାଇଥିଲେ। ଅଭିଯୋଗ ଗ୍ରହଣ କରିବା ପରିବର୍ତ୍ତେ ଟିଏମ୍ ମଲିକ ନାଲିଆଖି ଦେଖାଇ ଅଫିସରୁ ବାହାରି ଯିବାକୁ କହିଥିଲେ। ଏହାକୁ ନେଇ ଯୁକ୍ତିତର୍କ ହୋଇଥିଲା। ୧୧ଜଣ ସମସ୍ତ ମିଶି ଟିଏମ୍ ମଲିକଙ୍କୁ ରାଜକନିକା ଥାନାକୁ ଆଣି ଥାନା ଅଧିକାରୀଙ୍କ ଜିମା ଦେଇ ବିକାଶ ସେଠୀଙ୍କ ସହ ରୁଦ୍ରପ୍ରସାଦ ମଲିକ ଓ ଚନ୍ଦନ ସାହୁଙ୍କର ଆମ ଟଙ୍କା ହଡ଼ପରେ ସମ୍ପୃକ୍ତ ଥିବି ଦର୍ଶାଇ ଲିଖିତ ଅଭିଯୋଗ କରିଥିଲେ। ହେଲେ ଥାନା ଏତଲା ନ ରଖି ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ କରିବାକୁ ଆଇଆଇସି ଦିଲୀପ୍ କୁମାର ଧଳ କହି ଫେରାଇ ଦେଇଥିବା ଜଣାପଡ଼ିଛି। ପ୍ରକାଶ ଥାଉକି, ଗତ ୩ରେ ପଟ୍ଟାମୁଣ୍ଡାଇ ଅଞ୍ଚଳ ସଂସାରଫଳ ପଞ୍ଚାୟତ ନିମପୁର ଗାଁର ୯ ଜଣ ବିକାଶଙ୍କ ନାମରେ ସମାନ ଅଭିଯୋଗ ଆଣି ରାଜକନିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଏଠାରେ ପ୍ରଶ୍ନ ୩ରୁ ୩୦ ତାରିଖ ମଧ୍ୟରେ ଆଇନ୍ କିପରି ବଦଳିଗଲା। ରାଜକନିକା ଥାନା ଏତଲା ନ ରଖି ପଟ୍ଟାମୁଣ୍ଡାଇ ପଠାଇବା। ତେବେ ଏ ସମ୍ପର୍କରେ ଟିଏମ୍ ରୁଦ୍ରପ୍ରସାଦ ମଲିକଙ୍କୁ ପଚାରିବାରେ ବିକାଶଙ୍କୁ ନିଲମ୍ବନ କରାଯାଇଛି। ତାଙ୍କୁ ପୋଲିସ ଧରିଲେ ସମସ୍ତ ତଥ୍ୟ ପଦାକୁ ଆସିବ। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମା ସାଗର ପଣ୍ଡାଙ୍କୁ ପଚାରିବାରେ ଆକରାନ୍ତ ଯେଉଁ ଜାଗାରେ ହୋଇଥିଲା, ସେହିଠାରେ ହିଁ ଏତଲା ହେବାକଥା। ମାତ୍ର ତନଖି କଲା ପରେ ଜଣାପଡ଼ିବ ବୋଲି ସେ କହିଛନ୍ତି।

# ସାନ୍ଧ୍ୟ ମହାବିଦ୍ୟାଳୟରେ ବିଜ୍ଞାନ, ବାଣିଜ୍ୟ ବିଭାଗ ଖୋଲିଲା

କେନ୍ଦ୍ରାପଡ଼ା, ୩୦।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହରର ତିନିମୁହାଣୀ ନିକଟସ୍ଥ କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ବିଭାଗ ନୂତନ କରି ଖୋଲିଛି। ଆସନ୍ତା ୬ ତାରିଖଠାରୁ ଏଠାରେ ଶିକ୍ଷାର୍ଥୀଙ୍କ ନାମ ଲେଖା ଆରମ୍ଭ ହେବ ବୋଲି ଅଧ୍ୟକ୍ଷ ଦିଲୀପ କୁମାର ମହାନ୍ତି ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅଧ୍ୟକ୍ଷ ମହାନ୍ତି କହିଛନ୍ତି, ଗତ ୧୯୮୮ ମସିହାରୁ ଏହି କଲେଜରେ ଯୁକ୍ତ ୨ର କଳା ବିଭାଗରେ ଶିକ୍ଷାଦାନ କରାଯାଉଥିଲା। ସେହିପରି ୧୯୯୭ରେ ଯୁକ୍ତ ୩ କଳା ବିଭାଗ ଆରମ୍ଭ ହୋଇଛି। ତେବେ ଏଠାରେ ଯୁକ୍ତ ୨ର ବାଣିଜ୍ୟ ଓ ବିଜ୍ଞାନ ବିଭାଗ ନ ଥିଲା। ୨୦୨୨ ଏପ୍ରିଲରେ ସେ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେବା ପରେ ଏହି ଦୁଇ ବିଭାଗ ଖୋଲିବା ପ୍ରୟାସକୁ ତ୍ୱରାନ୍ୱିତ କରାଯାଇଛି। ୨୦୨୩ ନଭେମ୍ବରରେ ଏହି ଦୁଇ ବିଭାଗ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମଞ୍ଜୁର ମିଳିଛି। କଳା ବିଭାଗରେ ୧୨୮, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ୬୪ ଲେଖାଏ ଶିକ୍ଷାର୍ଥୀଙ୍କୁ ନାମଲେଖା ସୁଯୋଗ ମିଳିବ। ଚଳିତ ଶିକ୍ଷାବର୍ଷରେ ହୋଇଥିବା ବିଳମ୍ବିତ ମଞ୍ଜୁର ପାଇଁ ନାମ ଲେଖା ଆରମ୍ଭ ହୋଇ ନ ଥିଲା। ଏବେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଏସ୍‌ଏଏମ୍‌ଏସ୍ ପୋର୍ଟାଲରେ ଏ ସମ୍ପର୍କରେ ସର୍ବଶେଷ ବିବରଣୀ ମିଳିପାରିବ ବୋଲି ସେ କହିଛନ୍ତି।

# ପୂର୍ବ ଶତ୍ରୁତାରୁ ଗୋଷ୍ଠୀ ସଂଘର୍ଷ, ୨ ଆହତ: ୫ ଗିରଫ

ଡେରାବିଶ, ୨୩।୮ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ଚାନ୍ଦୋଳ ଫାଣ୍ଡି ଅଧୀନ ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ହରିଅଙ୍କ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଗୁରୁବାର ବିଳମ୍ବିତ ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୨ଟି ପରିବାର ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଏହି ସଂଘର୍ଷରେ ଗୋଟିଏ ପକ୍ଷର ସଂଘବଦ୍ଧ ଆକ୍ରମରେ ଅନ୍ୟ ଏକ ପରିବାରର ୨ଜଣ ଆହତ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ହରିଅଙ୍କ ଗ୍ରାମର ତାରକ ପ୍ରସାଦ ମନ୍ତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ସାମାନ୍ୟ ବଚସାକୁ କେନ୍ଦ୍ରକରି ଗ୍ରାମର ଗୁଲଶନ କୁମାର ସ୍ୱାଇଁଙ୍କ ସମେତ ୯ ଜଣ ମାରଣାସ୍ତ୍ରରେ ତାଙ୍କୁ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ତାରକ ପ୍ରସାଦ ଗୁରୁତର ହୋଇ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ଖବରପାଇ ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ କୁମାର ରଥ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଆକ୍ରମଣକାରୀ ୫ ଜଣଙ୍କୁ ଗିରଫ କରିଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ଗୁଲଶନଙ୍କ ସମେତ ମନମୋହନ ସ୍ୱାଇଁ, ଅଭୟ ସ୍ୱାଇଁ, ଖଗେଶ୍ୱର ସ୍ୱାଇଁ ଓ ଭ୍ରମରବର ସ୍ୱାଇଁ। ଥାନାରେ ନଂ. ୪୭୫/୨୪ରେ ମାମଲା ରୁଜୁ କରାଯିବା ସହ ସମସ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ଏଥିସହ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଫାଣ୍ଡି ଅଧିକାରୀ ରଥ କହିଛନ୍ତି।

# ଅତିରିକ୍ତ ତହସିଲଦାର ଘଟଣାସ୍ଥଳ ତଦନ୍ତ କଲେ

## ଗୋଚର ଜମିରେ ଗୋପବନ୍ଧୁ ମନ୍ଦିର ନିର୍ମାଣ ବିବାଦ ଘଟଣା

ରାଜକନିକା, ୩୦।୮ (ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)


ଅତିରିକ୍ତ ତହସିଲଦାର ନିର୍ମାଣାଧୀନ ମନ୍ଦିରର ତଦନ୍ତ କରିବାକୁ ଯାଉଛନ୍ତି।

ରାଜକନିକା ବ୍ଲକରେ ଗୋଚର ଜମି ଉପରେ ଗୋପବନ୍ଧୁ ମନ୍ଦିର ନିର୍ମାଣକୁ ନେଇ ବିବାଦ ଦେଖା ଦେଇଥିଲା। ଏନେଇ ଉଭୟପକ୍ଷ ତହସିଲଦାରଙ୍କୁ ଯାଇ ଅଭିଯୋଗ କରିଥିଲେ। ଶୁକ୍ରବାର କନିକା ଅତିରିକ୍ତ ତହସିଲଦାର ଦୀନେଶ ପ୍ରଧାନ ହାଟସାହି ପଞ୍ଚାୟତର ହାଟସାହି ମୌଜା ବିବାଦୀୟ ନିର୍ମାଣାଧୀନ ମନ୍ଦିର ସ୍ଥଳରେ ପହଞ୍ଚି ସରଜମିନ ତଦନ୍ତ କରି ଫେରିଛନ୍ତି। ତଦନ୍ତରେ ନୂତନ ମନ୍ଦିର ନିର୍ମାଣ କରୁଥିବା ପକ୍ଷଙ୍କୁ କହିଛନ୍ତି କି, ଯଦି ବିଧାୟକ ପାଣ୍ଠିରୁ ଗାଁର କିଛି ଉନ୍ନତିମୂଳକ କାର୍ଯ୍ୟ କରାଇବାକୁ ଚାହୁଁଛନ୍ତି, ତେବେ ସରକାରୀ ନିୟମ ଅନୁସାରେ ବିଡିଓଙ୍କ ପରାମର୍ଶକ୍ରମେ ତହସିଲ ଜମି ଯୋଗାଇ ଦେବେ।

ହାଟସାହି ଗାଁର ଏକ ଗୋଚର ଜମିରେ ଗୋପବନ୍ଧୁ ମନ୍ଦିର ନିର୍ମାଣକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ବିବାଦ ମୁଣ୍ଡ ଟେକିଛି। ଏହାକୁ ନେଇ ଗତ ୨୭ ତାରିଖ ମନ୍ଦିର ନିର୍ମାଣ କରୁଥିବା ପକ୍ଷ ଓ ଏହାକୁ ବିରୋଧ କରୁଥିବା ସରପଞ୍ଚଙ୍କ ପକ୍ଷଙ୍କ ପକ୍ଷରୁ କନିକା ତହସିଲଦାରଙ୍କୁ ଲିଖିତ ଅଭିଯୋଗ ହୋଇଥିଲା। ମନ୍ଦିର ନିର୍ମାଣକାରୀ ଗୋଷ୍ଠୀର ଲୋକମାନେ ଲିଖିତ ଅଭିଯୋଗ କରିଥିଲେ କି, ବିଧାୟକ ପାଣ୍ଠିର ୨ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସେହି ମଞ୍ଜୁର ପାଣ୍ଠିରେ ଗୋପବନ୍ଧୁ ମନ୍ଦିର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇ ଏହି ଜମିରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲୁ। ପୂର୍ବରୁ ଏହି ଜମିରେ ଏକ ତାରିଣୀଙ୍କ ମନ୍ଦିର, ଏକ କମ୍ୟୁନିଟ୍ ସେଣ୍ଟର ଅଛି। ପଛପଟକୁ କଂକ୍ରିଟ୍ ଖଳା ବି ଅଛି। ହେଲେ ଏହି ଜମିରେ କୌଣସି ଖେଳ ପଡ଼ିଆ ନାହିଁ। କାହିଁକି ଏଠାରେ ଗୋପବନ୍ଧୁ ମନ୍ଦିର ନିର୍ମାଣ କାର୍ଯ୍ୟ ହୋଇପାରିନାହିଁ ବୋଲି ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ସରପଞ୍ଚଙ୍କ ଗୋଷ୍ଠୀର ମହିଳାପୁରୁଷମାନେ ଅଭିଯୋଗରେ ଦର୍ଶାଇଥିଲେ କି, ହାଟସାହି ମୌଜା ଖାତା ନଂ. ୧୮୦୭, ପ୍ଲଟ ନଂ. ୨୬୨୯ ଏହା ଏକ ଗୋଚର ଜମି ହୋଇଥିବାରୁ ଗୋରୁମାନେ ବିଚରଣ କରିବା ସହ ଚରିଥାନ୍ତି। ପୂର୍ବରୁ ଏହି ଜମିରେ ଏକ ତାରିଣୀଙ୍କ ମନ୍ଦିର, ୫୫ବର୍ଷ ତଳର ଗୋପବନ୍ଧୁ ମନ୍ଦିର ଅଛି। ଏହି ଜମିରେ ଗାଁ ପିଲାମାନେ ଖେଳା ଖେଳି କରିଥାନ୍ତି। ଏହାବାଦ ଗାଁର ସାମୂହିକ କାର୍ଯ୍ୟକ୍ରମ, ସରକାରୀ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥାଏ। ଗାଁର କେଜେଣ ପ୍ରଭାବଶାଳୀ ବ୍ୟକ୍ତି ବିଶେଷ ନିଜ ସ୍ୱାର୍ଥ ହାସଲ କରିବା ଲକ୍ଷ୍ୟରେ ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟବହାର କରିବା ଉଦ୍ଦେଶ୍ୟ ରଖି ସ୍ଥାୟୀ ପକ୍କା ଘର ନିର୍ମାଣ କରିବାକୁ ଉଦ୍ୟମ ଚଳାଇଛନ୍ତି। ଏହି ବେଆଇନ ଭାବେ ନିର୍ମାଣକୁ ଆମେମାନେ ବିରୋଧ କରୁଛୁ। ଏଠାରେ ହେଉଥିବା କାର୍ଯ୍ୟରେ କୌଣସି ପ୍ରୋଜେକ୍ଟ ପିଲାର ନାହିଁ। ସରକାର ଏହି ଗୋଚର ଜମିରେ ବେଆଇନ ନିର୍ମାଣ ବନ୍ଦ କରିବାକୁ ଅଭିଯୋଗ କରିଥିଲେ।

# ସିଡିପିଓଙ୍କ ବିରୋଧରେ ସୁପରଭାଇଜର ସମୂହ ଅଭିଯୋଗ

## ସିଡିପିଓ ଦେଉଛନ୍ତି ମାନସିକ ନିର୍ଯାତନା, କରୁଛନ୍ତି ଦୁର୍ବ୍ୟବହାର

ରାଜନଗର, ୩୦।୮ (ଭାସ୍କର ରାଉତରାୟ)

ରାଜନଗର ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସୁପରଭାଇଜରମାନଙ୍କୁ ମାନସିକ ନିର୍ଯାତନା ଓ ଦୁର୍ବ୍ୟବହାର କରୁଛନ୍ତି। ତୁମମାନଙ୍କର ଚାକିରି ଖାଇବି, ତୁମମାନଙ୍କ ନାଁରେ ମିଥ୍ୟା କେସ୍ କରିବି ଏବଂ ବନ୍ଧାଇବି। ଯାହା କହୁଛି ତୁମ୍ଭେମାନେ କରିବ ତ ଭଲ, ନଚେତ ହଇରାଣ ହେବ। ବିଭିନ୍ନ ସମୟରେ ସରକାରୀ କାର୍ଯ୍ୟର ଅନିୟମିତତା କରିବାକୁ ବାଧ୍ୟ କରୁଛନ୍ତି। ଏହା ଆମକୁ ମାନସିକ ଆଘାତ ଦେଉଛି। ବର୍ତ୍ତମାନର ସିଡିପିଓଙ୍କ ନିକଟରେ କାର୍ଯ୍ୟ କରିବା ସମ୍ଭବ ନୁହେଁ। ଜିଲା ପ୍ରଶାସନ ଉକ୍ତ ଘଟଣାର ତଦନ୍ତ କରି ନ୍ୟାୟ ପ୍ରଦାନ ସହ ସିଡିପିଓଙ୍କ ସମୟରେ ହୋଇଥିବା ସମସ୍ତ କାର୍ଯ୍ୟର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆମେ ନିବେଦନ କରୁଛୁ। ଆମର ଜୀବନ ଓ ଜୀବିକା ପ୍ରତି ବିପଦ ରହିଛି। ୭ଦିନ ଭିତରେ ଆମ୍ଭମାନଙ୍କୁ ନ୍ୟାୟ ପ୍ରଦାନ ସହିତ ସିଡିପିଓଙ୍କୁ ଅନ୍ୟତ୍ର ବଦଳି କରିବାକୁ ସୁପରଭାଇଜରମାନେ ଦାବି କରୁଛୁ। ରାଜନଗର ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟର ସୁପରଭାଇଜର ସନ୍ଧ୍ୟାରାଣୀ ବେହେରା, ମିନତି ମିଶ୍ର, ବିଜୟାଲକ୍ଷ୍ମୀ ସ୍ୱାଇଁ, ସୁଲୋଚନା ରାଉତ, ଶୈଳପ୍ରଭା ସ୍ୱାଇଁ, ଶଶିରେଖା ତରାଇ, ରଜନୀକାନ୍ତ ରାଉଳଙ୍କ ସମେତ ପୋଷଣ ବ୍ଲକ ସଂଯୋଜକ ଶଶଧର ପୃଷ୍ଟି, ମୁଖ୍ୟ କିରାଣି ପ୍ରଦୀପ୍ତ କୁମାର ପାଣିଗ୍ରାହୀ ଶୁକ୍ରବାର ଲିଖିତ ଭାବେ କେନ୍ଦ୍ରାପଡ଼ା ଜିଲାପାଳ, ଉପଜିଲାପାଳ ଓ ଜିଲା ସମାଜମଙ୍ଗଳ ଅଧିକାରିଣୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏ ସମ୍ପର୍କରେ ସିଡିପିଓ ସନ୍ତୋଷିନୀ ଭୋଇଙ୍କୁ ପଚାରିବାରୁ ଶଶଧର ବାବୁ ଓ ସନ୍ଧ୍ୟା ଦିଦି ଏହାର ମାଷ୍ଟରମାଇଣ୍ଡ ହୋଇ ଅଭିଯୋଗ କରିଛନ୍ତି। ପୂର୍ବରୁ ସିଡିପିଓମାନଙ୍କୁ ଧମକଚମକ ଦେଇ ରାଜ କରୁଥିଲେ, ମୋତେ ସେମିତି ଭାବୁଥିଲେ, ତାହା ସମ୍ଭବ ନ ହେବାରୁ ମୋ ବିରୋଧରେ ଅଭିଯୋଗ କରିଛନ୍ତି ବୋଲି ସେ କହିଛନ୍ତି।

# ଜଳ ନିଷ୍କାସନ ପଥରୁ ଜବରଦଖଲ ହଟାଇବାକୁ ଦାବି



ପାରାଦୀପ, ୩୦।୮ (ଶରତ ରାଉତ)

ପାରାଦୀପଗଡ଼ ଗାଁରେ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। କାରଣ ନିଷ୍କାସନ ଯେଉଁଠି ହୋଇଥାନ୍ତା ସେଠାରେ କେତେଜଣ ଲୋକ ଜବରଦଖଲ କରି ଘର କରିଛନ୍ତି। ସେହି ଜବରଦଖଲ ହଟେଇବାକୁ ଶୁକ୍ରବାର ଗାଁର ଶତାଧିକ ଲୋକ ଲିଖିତ ଭାବେ କୁଜଙ୍ଗ ତହସିଲଦାରଙ୍କୁ ଦାବିପତ୍ର ଦେଇଛନ୍ତି। ୨୦ଦିନ ହେଲା ବର୍ଷାପାଣି ଜମି ରହିବା ଯୋଗୁ ଅଞ୍ଚଳରେ ହଇଜା ବ୍ୟାପିଥିଲା। ଏଥିରେ ୨ ଜଣଙ୍କର ମୃତ୍ୟୁ ଘଟିଥିଲା। ସେଥିପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଜୟନ୍ତ ସେନାପତି, ଅଭୟ ଦାସଙ୍କ ସମେତ ଶତାଧିକ ଲୋକଙ୍କ ଦସ୍ତଖତ ସମ୍ବଳିତପତ୍ର ଦିଆଯାଇଛି।

# ପ୍ରତିଚୀ ହେଲେ ଜିଲା ସୂଚନା, ଲୋକସମ୍ପର୍କ ଅଧିକାରୀ


କାମିନୀ ରଞ୍ଜନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ଡିଆଇପିଆର୍‌ଓ କାମିନୀଙ୍କୁ ବଦଳିକାଳୀନ ସମ୍ବର୍ଦ୍ଧନା

ଜଗତ୍‌ସିଂହପୁର, ୩୦।୮ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଡିଆଇପିଆର୍‌ଓ) କାମିନୀ ରଞ୍ଜନ ପଟ୍ଟନାୟକଙ୍କ ପଦୋନ୍ନତି ପରେ ବଦଳି ହୋଇଛି। ସେ ଯାଜପୁର ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଯୋଗ ଦେବାକୁ ନିର୍ଦ୍ଦେଶ ହୋଇଛି। ଏହି ଅନୁଯାୟୀ ପଟ୍ଟନାୟକ ଶୁକ୍ରବାର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଏସ୍‌ଡିଆଇପିଆର୍‌ଓ) ପ୍ରତିଚୀ ତନୟା ମହାନ୍ତିଙ୍କୁ ଭାରପ୍ରାପ୍ତ ଡିଆଇପିଆର୍‌ଓ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଏଥିସହ ଜିଲାପାଳ ଜେ. ସୋନାଲ ଓ ଅତିରିକ୍ତ ଜିଲାପାଳ ସମ୍ପିତ ରାଉତଙ୍କୁ ସାକ୍ଷାତ୍ କରି ବିଦାୟ ନେଇଛନ୍ତି। ପଟ୍ଟନାୟକ ଜଗତ୍‌ସିଂହପୁର ଛାଡିବା ପୂର୍ବରୁ ତାଙ୍କୁ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସମୟରେ କାର୍ଯ୍ୟାଳୟ କର୍ମଚାରୀ ଦିବାକର ପାତ୍ର, ଶୁଭଜିତା ପୃଷ୍ଟି, ସ୍ମୃତି ସାଗର ପ୍ରଧାନ, ମିର୍ଜା ଜାଫର ବେଗ, ପରିକ୍ଷିତ ପଟ୍ଟନାୟକ ଓ ଚିନ୍ମୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଅନୁରୂପ ଭାବେ ଜିଲାସ୍ତରୀୟ ଅଧିକାରୀ, ଜିଲାର ବିଭିନ୍ନ ଖବରଦାତା ସଂଘ, ଅନେକ ଗଣମାଧ୍ୟମ ପ୍ରତିନିଧି ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ୍ୟ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଆର୍‌ଡି ରାସ୍ତାରେ କାଦୁଅ: ମରାମତି ପାଇଁ ଦାବି

ଏରସମା, ୩୦।୮ ( ଦୀପ୍ତି ଖଣ୍ଡୁଆଳ )



ଏରସମା ବ୍ଲକ ଅନ୍ତର୍ଗତ ଆମ୍ବିକି ପଞ୍ଚାୟତସ୍ଥିତ ଚଉଳିଆ ଗାଁର ଆରଡି ରାସ୍ତା କାଦୁଅ ହୋଇଯାଇଛି। ଲୋକେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆମ୍ବିକି ପଞ୍ଚାୟତ କାର୍ଯ୍ୟାଳୟ ଓ ବାଘାଡ଼ି ମୁଖ୍ୟ ରାସ୍ତାରୁ ଏକ ଗ୍ରାମ୍ୟ ଉନ୍ନୟନ (ଆରଡି) ରାସ୍ତା ଚଉଳିଆ ଗାଁକୁ ସଂଯୋଗ କରିଛି। ଅତୀତରେ ସେ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିଲା। ଏହାର ପୁନରୁଦ୍ଧାର ପାଇଁ ଗ୍ରାମବାସୀ ବାରମ୍ବାର ଆପତ୍ତି ଅଭିଯୋଗ କରିବା ପରେ ଆର୍‌ଡି ବିଭାଗ ପକ୍ଷରୁ ଅର୍ଥ ମଞ୍ଜୁର କରାଯାଇଥିଲା। ଗାଁ ମୁଣ୍ଡରେ ଏହି ରାସ୍ତା ଢଳେଇ କରାଯାଇଛି। ମାତ୍ର ଗାଁ ମଝିରେ ରାସ୍ତା କାଦୁଅ ହୋଇ ରହିଛି। ଫଳରେ ଛାତ୍ରୀଛାତ୍ର ସ୍କୁଲକୁ ଯାଇପାରୁନାହାନ୍ତି। ରାତିରେ ଗ୍ରାମବାସୀ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁକୁ ଆମ୍ବୁଲାନ୍ସ ଗାଡ଼ି ପଶିବା ମଧ୍ୟ କଷ୍ଟସାଧ ହୋଇଯାଉଛି। ତୁରନ୍ତ ଏହାର ମରାମତି କରିବା ପାଇଁ ଗ୍ରାମବାସୀ ନାମ ଗୁପ୍ତ ରଖି ଦାବି କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ରଞ୍ଜନ କୁମାର ଜେଠୀଙ୍କୁ ପଚାରିବାରୁ ନଦୀ ପଟ ରାସ୍ତା କାମ ହୋଇଛି। ମାତ୍ର ଗାଁରେ କେତେଜଣ ଲୋକଙ୍କ ଘରର ପିଣ୍ଡା ଓ ଚଉରା ରାସ୍ତା ଉପରେ ଥିବାରୁ ତାହା ସମାଧାନ କରି କାମ କରାଯିବ ବୋଲି ସେ କହିଥିଲେ।

# ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ

ରାହାମା, ୩୦।୮ (ଶ୍ରୀକାନ୍ତ ଦାସ)

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ନରୁଆ ଶାଗବରିଆସ୍ଥିତ ଉତ୍କଳ ବିପନ୍ନ ସହାୟତା ସମିତି ପ୍ରାଙ୍ଗଣରେ ପଞ୍ଚଦିବସୀୟ ଜଗନ୍ନାଥ ପଞ୍ଚରାତ୍ର ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଧର୍ମ ଜାଗରଣ ସମନ୍ୱୟ ବିଭାଗର ଜିଲା ସଂସ୍କୃତି ପ୍ରମୁଖ ତଥା ରାମାୟଣୀ ପଣ୍ଡିତ ଅଭୟ କୁମାର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରାନ୍ତୀୟ ସଂସ୍କୃତି ମୁଖ୍ୟ ଡା. ଶ୍ରୁତିସାଗର ଦାସମହାରାଜ ଏହାକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ଅରୁଣ କୁମାର ପଣ୍ଡା ଧର୍ମ ସହ ଶ୍ରୀଜଗନ୍ନାଥ ପଞ୍ଚରାତ୍ରର ପ୍ରସଙ୍ଗ ଉପରେ ପ୍ରବଚନ ଦେଇଥିଲେ। ଉକ୍ତ ସଭାରେ ଜିଲା ସଂଯୋଜକ ପ୍ରଦୀପ କୁମାର ଲେଙ୍କା, କଟକ ସଂଘ ବିଭାଗ ଗ୍ରାମ ବିକାଶ ପ୍ରମୁଖ ମଳୟ କୁମାର ଲେଙ୍କା, ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ଦେବେନ୍ଦ୍ର କୁମାର ବିଶ୍ୱାଳ, ପ୍ରାକ୍ତନ ଶିକ୍ଷକ ଶରତ ତାରେଣିଆ, ଉପଦେଷ୍ଟା ରମାକାନ୍ତ ସାହୁ, ରବିନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# କୋଇଲିପୁର ପଞ୍ଚାୟତରେ କୋଭିଡ, ଟିଏମ୍‌ସି ଅର୍ଥ ହଡ଼ପ

## ଲୋକାୟୁକ୍ତଙ୍କ ପକ୍ଷରୁ ଆସନ୍ତା ୪ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ତଦନ୍ତ

ରାଜକନିକା, ୩୦।୮ (ସଞ୍ଜୟ କୁମାର ଦାଶ)

କୋଭିଡ ୧୯ ନାଁରେ ସରକାର ବିଦେଶରୁ ଫେରୁଥିବା ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ ନିରାପତ୍ତା ଯୋଗାଇବାକୁ ସରକାରୀ ଅର୍ଥ ବ୍ୟୟରେ ପ୍ରତି ପଞ୍ଚାୟତରେ ଖୋଲିଥିବା ଟେମ୍ପରାରି ମେଡିକାଲ ସେଣ୍ଟର (ଟିଏମସି) କ୍ୱାରେଣ୍ଟାଇନ ସେଣ୍ଟର ଆଳରେ ରାଜକନିକା ବ୍ଲକରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଘୋଟାଲା ହୋଇଥିବା ଅଭିଯୋଗ ହୋଇଛି। ରାଜକନିକା ବ୍ଲକ କୋଇଲିପୁର ପଞ୍ଚାୟତରରେ କୋଭିଡ ସମୟରେ କରାଯାଇଥିବା ୧୧ଟି ଟିଏମ୍‌ସି ସେଣ୍ଟର ମଧ୍ୟରୁ ମାତ୍ର ୪ଟି କାର୍ଯ୍ୟକ୍ଷମ ଥିଲା। ଆଉ ୭ ସେଣ୍ଟରକୁ କେବଳ ଫଲସ ବିଲ୍ କରିବା ଅଭିଯୋଗରେ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗପତ୍ର ଦିଆଯାଇଥିଲା। ଏହି ଅଭିଯୋଗ ହେବାର ୨ ବର୍ଷ ପରେ ଅର୍ଥାତ ଜୁଲାଇ ୧୦ରେ ଲୋକାୟୁକ୍ତଙ୍କ ଏକ ୪ ଜଣିଆ ଟିମ୍ କୋଇଲିପୁର ପଞ୍ଚାୟତ ଗସ୍ତ କରି ତଦନ୍ତ ଆରମ୍ଭ କରିଥିଲେ। ସେଦିନ ଏହି ତଦନ୍ତକାରୀ ଟିମ୍ ପଞ୍ଚାୟତ କାର୍ଯ୍ୟାଳୟରୁ ଯାଇ ଟିଏମ୍‌ସି ସେଣ୍ଟରଗୁଡିକ ଅନୁଧ୍ୟାନ କରିବା ସହ କୋଇଲିପୁର ଅସ୍ଥାୟୀ ମେଡିକାଲ ଗୃହ ପରେ ଲୁହା ରମହି ମଦ୍ରାସା ଓ ପରେ ତରପଦା ପ୍ରାଇମେରୀ ସ୍କୁଲ, ବାଟଗାଁରେ ପହଞ୍ଚି ତଦନ୍ତ କରିଥିଲେ।

କୋଭିଡ ସମୟରେ ଏସବୁ ସରକାରୀ ଅନୁଷ୍ଠାନ କୋଭିଡ ଟିଏମ୍‌ସି ସେଣ୍ଟର ପାଇଁ ବ୍ୟବହାର କରାଯାଇଥିଲା କି ନାହିଁ। କ'ଣ କ'ଣ ଆବଶ୍ୟକ ଉପକରଣ ଯୋଗାଇ ଦିଆ ଯାଇଥିଲା। ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଏହି ଟିମ୍ ତଦନ୍ତ କରିଥିଲା। ଲୁହାରମହି ମଦ୍ରାସାରେ କେବଳ କାନ୍ଥ ରଙ୍ଗ ମରାଯିବା ପରେ ଆଉ କୌଣସି ଉପକରଣ ମିଳି ନ ଥିବା ତଦନ୍ତ ବେଳେ ମଦ୍ରାସା ପକ୍ଷରୁ ସ୍ପଷ୍ଟ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଦିର୍ନୀତି ଧରି ଏହି ତଦନ୍ତ ଚାଲିବା ପରେ ଆସନ୍ତା ୪ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ତଦନ୍ତ କରାଯିବ ବୋଲି ଲୋକାୟୁକ୍ତଙ୍କ ପକ୍ଷରୁ ଅଭିଯୋଗକାରୀଙ୍କୁ ଏକ ପତ୍ର ପ୍ରାପ୍ତ ହୋଇଛି। କୋଇଲିପୁର ପଞ୍ଚାୟତରେ ମୋଟ ୧୧ଟି କେନ୍ଦ୍ରରେ ଟିଏମସି କରାଯିବା ଦର୍ଶାଯାଇ ଲକ୍ଷ ଲକ୍ଷ ଟଙ୍କା ହଡ଼ପ ହୋଇଥିବା ଅଭିଯୋଗରେ ସାମାଜିକ କର୍ମୀ କୃତ୍ତିବାସ ଦାସ ଲୋକାୟୁକ୍ତଙ୍କ ସମ ଦ୍ୱାରସ୍ଥ ହୋଇ ତଦନ୍ତ ଦାବୀ କରିଥିଲେ ଯ। କୃତ୍ତିବାସଙ୍କ ଅଭିଯୋଗ ଅନୁଯାୟୀ ବନ୍ଧମାଳ ପ୍ରାଇମେରୀ ସ୍କୁଲରେ ଆଦୌ ଟିଏମସି କରା ନ ଯାଇ ୩୬,୨୪୦ ଟଙ୍କା, ଚାରିପୋଖରିଆ ଗାଁରେ ୨ଲକ୍ଷ ୧୬ ହଜାର ୧୩୬ ଟଙ୍କା, ଗାନ୍ଧିଜୀ ପ୍ରାଇମେରୀ ସ୍କୁଲରେ ଟିଏମସି ପାଇଁ ୩୩ ହଜାର ୫୨୦ ଟଙ୍କା, ବାଟଗାଁରେ ୮୫ ହଜାର, ଲୁହାରମହି ଅଙ୍ଗନବାଡି କେନ୍ଦ୍ରରେ ୯୬, ୬୬୦, ସଂଗ୍ରାମପୁର ପ୍ରାଇମେରୀ ସ୍କୁଲ ନା'ରେ ୩୪,୬୬୦ ଓ କୋଇଲିପୁର ନୂଆ ମେଡିକଲା ନାନ୍ତରେ ୧ଲକ୍ଷ ୯ ହଜାର ୪୯୪ ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ ହୋଇଥିଲା।

# ପାଟେଣିଗାଁ-ଗୁଆଲିପୁର ରାସ୍ତା ଖାଲଖମା

## ହୀନସ୍ତା ହେଉଛନ୍ତି ଲୋକେ

ରଘୁନାଥପୁର, ୩୦।୮ (ରାଜେନ୍ଦ୍ର ନାରାୟଣ ସିଂହ)



ରଘୁନାଥପୁର ବ୍ଲକ ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ପାଟେଣିଗାଁ ଛକଠାରୁ ଭାୟା ରାଧାନଗର ଦେଇ ଗୁଆଲିପୁର ଆଦିବାସୀ ସାହିକୁ ସଂଯୋଗ କରୁଥିବା ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇଛି। ଯାତାୟାତ ସମୟରେ ଲୋକେ ହୀନସ୍ତା ହେଉଛନ୍ତି। ଜଗତ୍‌ସିଂହପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ତଥା ଜଇପୁର ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ଏହି ରାସ୍ତା ଦେଇ ବର୍ତ୍ତି, ରାଧାନଗର, ଗୁଆଲିପୁର, ଅଢ଼େଇକୁଳ, ନୂଆପଲେଇ, ରେତୁଆ, ପୁରୁଣାବସନ୍ତ, ରାଢ଼ଙ୍ଗ, ଇଚ୍ଛାପୁର ଓ ଆଖପାଖ ଗ୍ରାମର ହଜାର ହଜାର ଜନସାଧାରଣ ପ୍ରତିଦିନ ଜଗତ୍‌ସିଂହପୁର ଓ ରଘୁନାଥପୁର ଅଞ୍ଚଳକୁ ଯାତାୟାତ କରିଥାନ୍ତି। ସ୍କୁଲ, କଲେଜକୁ ଯାଉଥିବା ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଦୈନନ୍ଦିନ ଗୁଆଲିପୁର ରେଳ ଷ୍ଟେଶନକୁ ଆସୁଥିବା ଲୋକେ ଅକଥନୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ଏହି ରାସ୍ତାରେ ଆମ୍ବୁଲାନ୍ସଟିଏ ରୋଗୀଙ୍କୁ ନେଇ ଗଲାବେଳେ ଯନ୍ତ୍ରଣାରେ ଜର୍ଜରିତ ହେଉଛି। ଏହି ରାସ୍ତାରେ ବଡ଼ବଡ଼ ଖାଲଖମା ଓ ପାଣି ଜମି ରହୁଥିବାରୁ ବାଇକ୍ ଚାଳକ ଯିବାକୁ ଭୟ କରୁଛନ୍ତି। ଏହି ରାସ୍ତାଟି କେତେଗୋଟି ଗାଁ ଓ ଆଦିବାସୀ ସାହିର ଏକ ମାତ୍ର ବିକଳ୍ପ ହୋଇଥିବାରୁ ପ୍ରତିଦିନ ପଥଚାରୀମାନେ ପଡ଼ି ଖଣ୍ଡିଆଖାବରା ହେବାର ନଜିର ରହିଛି। ତୁରନ୍ତ ଏହି ରାସ୍ତାକୁ ମରାମତି କରି ଯାତାୟାତ ଉପଯୋଗୀ କରିବା ପାଇଁ ପୂର୍ବତନ ସରପଞ୍ଚ ସର୍ବେଶ୍ୱର ପଟ୍ଟନାୟକ, ଜାନକୀ ବଲ୍ଲଭ ସ୍ୱାଇଁ, ନୀହାରିକା ମହାଳି, ପୂର୍ବତନ ସମିତି ସଭ୍ୟ ପ୍ରଦ୍ୟୁମ୍ନ ପାଲ, ରବୀନ୍ଦ୍ର ନାଥ ସ୍ୱାଇଁ, ଗଜେନ୍ଦ୍ର ମଲ୍ଲିକ, ଅଭୟ କୁମାର ସ୍ୱାଇଁ, ଶଙ୍କର ପଟ୍ଟନାୟକ, ସୁଧାକର ଦାସ, ରବୀନ୍ଦ୍ର ମହାରଣା, ଆଶୀର୍ବାଦ ସ୍ୱାଇଁ, ବିଶ୍ୱ ରଞ୍ଜନ ପଟ୍ଟନାୟକ, ପବିତ୍ର ମୋହନ ଦାସ ପ୍ରମୁଖ ଜିଲାପାଳ, ଆରଡି ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ଓ ସଚିବଙ୍କ ନିକଟରେ ଦାବି କରିଛନ୍ତି।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ରାମଗିରି,୩୦।୮(ବୃନ୍ଦାବନ ଗୌଡ଼)

ଗଜପତି ଜିଲା ଆର.ଉଦୟଗିରି ବ୍ଲକ୍ ମଙ୍ଗରାଜପୁର ପଞ୍ଚାୟତ ଅନ୍ତର୍ଗତ ବେହେରାସାହି ଗାଁରେ ଶୁକ୍ରବାର ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ମାଳତୀ ବେହେରା (୩୫)। ଗୁରୁବାର ରାତିରେ ଘରେ ଶୋଇଥିବା ମାଳତୀଙ୍କୁ ସାପ କାମୁଡିଥିଲା। ସେ ଅସୁସ୍ଥ ହେବାରୁ ରାମଗିରି ଡାକ୍ତରଖାନା ଅଣାଯାଇଥିଲେ ମଧ୍ୟ ଡାକ୍ତର ବ୍ରଜରାଜ କର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ରାମଗିରି ଥାନାରେ ଖବର ଦିଆଯିବା ପରେ ଥାନାଧିକାରୀ ଡି.ଗଜପତି ଦୋରା ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏ ନେଇ ୫/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତାଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଦେବାପାଇଁ ଲୋବା ସମିତିସଭ୍ୟ ସଞ୍ଜୟ ମଣ୍ଡଳ ଦାବି କରିଛନ୍ତି।

### ୪୧ ୟୁନିଟ୍ ରକ୍ତ ସଂଗ୍ରହ

ଚିକିଟି,୩୦।୮(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ନୂଆପଡ଼ା ଗ୍ରାମସ୍ଥିତ ବାଲାଜୀ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରୁ ୪୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହାକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ସୁଦର୍ଶନ ପଟ୍ଟନାୟକ ଉଦ୍‌ଘାଟନ କରି ରକ୍ତଦାନ ମହାପୁଣ୍ୟ ବୋଲି କହିଥିଲେ। ଶିବିରରେ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଓ କର୍ମଚାରୀ ରକ୍ତଦାନ କରିଥିଲେ। ବ୍ରହ୍ମପୁରସ୍ଥିତ ବଡ଼ ମେଡିକାଲ ରକ୍ତ ଭଣ୍ଡାରର କର୍ମଚାରୀ ଶିବିର ପରିଚାଳନା କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ସରୋଜ କୁମାର ଦାସ ଏବଂ ଯୁବ ରେଡକ୍ରସ୍ ସଂଯୋଜକ ଓ କର୍ମଚାରୀ ସହଯୋଗ କରିଥିଲେ।

### ତହସିଲଦାରଙ୍କ ଦ୍ୱାରସ୍ଥ ଜବରଦଖଲକାରୀ

ଆସିକା,୩୦।୮(ସୁରେନ୍ଦ୍ର ନାଥ ସାହୁ):

ଆସିକା ତହସିଲ କାଳକଣ୍ଠପୁର ମୌଜାରେ ସରକାରୀ ଜାଗାରେ ଜବରଦଖଲ କରି ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟ (ଏରୋଗୋଲା)ର କିଛି ପରିବାର ବହୁବର୍ଷ ଧରି ରହି ଆସୁଛନ୍ତି। ଉକ୍ତ ସ୍ଥାନରେ ଏକ ବଡ ଷ୍ଟାଡିୟମ ନିର୍ମାଣ ଲାଗି ପ୍ରଶାସନ ପକ୍ଷରୁ ଜବରଦଖଲକାରୀ ୧୨ଟି ପରିବାରକୁ ସ୍ଥାନ ଛାଡ଼ିବା ଲାଗି ନୋଟିସ ଜାରି କରାଯାଇଥିଲା। ଶୁକ୍ରବାର ଏହାର ଶୁଣାଣି ଲାଗି ଦିନ ଧାର୍ଯ୍ୟ ହୋଇଥିଲା। ଜବରଦଖଲକାରୀ ଏହାର ଶୁଣାଣି ଲାଗି କିଛି ଦିନ ସମୟ ମାଗିଥିଲା ବେଳେ ଆସନ୍ତା ବୁଧବାର ଶୁଣାଣି ହେବ ବୋଲି ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଜବରଦଖଲକାରୀମାନେ ତହସିଲଦାରଙ୍କୁ ଏକ ଦାବିପତ୍ର ଦେଇ ବହୁବର୍ଷ ଧରି ସେମାନେ ଏହି ଜାଗାରେ ବସବାସ କରି ଆସୁଥିବା ଓ ଅନ୍ୟ କେଉଁଠି ଘର ଦ୍ୱାର ନ ଥିବାରୁ ସେମାନଙ୍କ ଗୁହାରି ସହୃଦୟତାର ସହ ବିଚାର ଲାଗି ନିବେଦନ କରିଛନ୍ତି।

### ମହିଳାଙ୍କ ଆତ୍ମହତ୍ୟା

ଆସିକା,୩୦।୮(ସୁରେନ୍ଦ୍ର ନାଥ ସାହୁ):

ଆସିକା ଏନଏସିର ବାଣୀବିହାର ସାହିରେ ଗୁରୁବାର ରାତିରେ ଜଣେ ମହିଳା ବେକରେ ଶାଢୀ ବାନ୍ଧି ଫ୍ୟାନରେ ଝୁଲି ପଡିଥିଲେ। ମୁମୂର୍ଷୁ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଆସିକା ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତା ମହିଳା ହେଲେ ପ୍ରକାଶ ପାତ୍ରଙ୍କ ସ୍ତ୍ରୀ ଦେବୀସ୍ମିତା ପାତ୍ର (୩୩)। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଆସିକା ଥାନାରେ ନଂ.୧୯/୨୪ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବ୍ଲକକୁ ବାଲ୍ୟବିବାହମୁକ୍ତ କରିବାକୁ ଶପଥ

- ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ
- ଧର୍ମାନୁଷ୍ଠାନ ସ୍ଥଳରେ ଲାଗିବ ପୋଷ୍ଟର

ଦାରିଙ୍ଗବାଡି,୩୦।୮(ଅରୁଣ ସାହୁ)

କନ୍ଧମାଳ ଜିଲାକୁ ବାଲ୍ୟବିବାହମୁକ୍ତ କରିବାକୁ ଶୁକ୍ରବାର ବ୍ଲକ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅତିଥିମାନେ ଶପଥ ନେଇଛନ୍ତି। ବ୍ଲକ ଅଞ୍ଚଳରେ ବାଲ୍ୟ ବିବାହକୁ ରୋକିବା ଲାଗି କାର୍ଯ୍ୟ କରୁଥିବା ଟାସ୍କଫୋର୍ସ ନେଉଥିବା ପଦକ୍ଷେପ ସମ୍ପର୍କରେ ଏହି ଅବସରରେ ଆଲୋଚନା ହୋଇଥିଲା। ୨୦୨୨ରୁ ଏପର୍ଯ୍ୟନ୍ତ ୨୨ଟି ବାଲ୍ୟବିବାହ ରୋକାଯାଇଥିବା ନେଇ ଆଲୋଚନା ବେଳେ ଟାସ୍କଫୋର୍ସ ପକ୍ଷରୁ କୁହାଯାଇଥିଲା। ଅଧାରୁ ପାଠ ଛାଡ଼ିଥିବା ୧୯୮ କିଶୋରୀକିଶୋରଙ୍କ ପାଇଁ ପୁଣି ଶିକ୍ଷାଦାନ ବ୍ୟବସ୍ଥା କରାଯାଇଥିବା ଏବଂ ବିଭିନ୍ନ କାରଣରୁ ୧୫୦ ଶିଶୁଙ୍କୁ ଜିଲା ଶିଶୁ ସୁରକ୍ଷା କେନ୍ଦ୍ରରେ ହସ୍ତାନ୍ତର କରାଯାଇଥିବା ଟାସ୍କଫୋର୍ସ ପକ୍ଷରୁ କୁହାଯାଇଥିଲା। ଅଞ୍ଚଳରେ ଘରୋଇ ହିଂସା ରୋକିବା,



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଯୌନ ନିର୍ଯାତନା, ଶିଶୁ ନିର୍ଯାତନା ଓ ଶିଶୁ ଶ୍ରମିକ ରୋକିବା ଦିଗରେ କାର୍ଯ୍ୟ କାରିବାକୁ ଟାସ୍କଫୋର୍ସ କମିଟି ସମ୍ପାଦକ ତଥା ବିଡିଓ ଗଦାଧର ପାତ୍ର ପରାମର୍ଶ ଦେଇଥିଲେ। ଏସବୁ କାର୍ଯ୍ୟ କରିବାକୁ ଗ୍ରାମାଞ୍ଚଳ ସ୍ତରରେ କମିଟି ଗଠନ କରାଯାଇଛି। ପଞ୍ଚାୟତ, ବ୍ଲକ, ଜିଲା ଓ ରାଜ୍ୟ ସ୍ତରରେ ଏହି ଟାସ୍କଫୋର୍ସ କମିଟି କାର୍ଯ୍ୟ କରୁଛି ବୋଲି ଆଲୋଚନା ହୋଇଥିଲା। ଦାରିଙ୍ଗବାଡି ବ୍ଲକକୁ ବାଲ୍ୟବିବାହମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯିବାକୁ ପ୍ରୟାସ ଚାଲିଥିବା ଏବଂ ବାଲ୍ୟବିବାହ ରୋକିବା ନେଇ ଆଗାମୀ ଦିନରେ ବିଭିନ୍ନ ଧର୍ମାନୁଷ୍ଠାନ ସ୍ଥଳରେ ପୋଷ୍ଟର ଲାଗିବାନେଇ ନିଷ୍ପତ୍ତି ହୋଇଥିଲା। ବ୍ଲକର ବିଭିନ୍ନ ସମ୍ପ୍ରଦାୟର ଲୋକଙ୍କୁ ଏ ଦିଗରେ ସଚେତନ କରାଯିବାକୁ ଗୁରୁତ୍ୱ ଦେଇ ବ୍ଲକକୁ ବାଲ୍ୟବିବାହମୁକ୍ତ କରିବାକୁ ଉପସ୍ଥିତ ଅଧିକାରୀମାନେ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ସମନ୍ୱିତ ମହିଳା ଓ ଶିଶୁ ବିକାଶ ଯୋଜନା ଅଧିକାରୀ ତଥା କମିଟି ଆବାହକ ସନ୍ଧ୍ୟାରାଣୀ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ତଥା କମିଟି ସଭାପତି ସୁଶାନ୍ତ କୁମାର ପ୍ରଧାନ, ସମ୍ପାଦକ ତଥା ବିଡିଓ ଗଦାଧର ପାତ୍ର, ଆଇଆଇସି ରମେଶ ପ୍ରଧାନ, ଏବିଇଓ ବନମାଳୀ ମାଝୀ, କାଶ୍ମୀରା ବ୍ଲକ ମହିଳା ଫେଡେରେଶନର ସଭାନେତ୍ରୀ ରଶ୍ମିଦେବୀ ନାୟକ ମଞ୍ଚାସୀନ ଥିଲେ। ପ୍ରେମ ଓ ଇଡ୍‌କୋର କାର୍ଯ୍ୟକ୍ରମ ଅଧିକାରୀ ସୁଧୀର ଦିଗାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଯୋଜକ ଦିଲୀପ କୁମାର ପଣ୍ଡା, ଟ୍ରେନିଂ ସଂଯୋଜିକା ହିମାନୀ ଦାସ ସହଯୋଗ କରିଥିଲେ।

## ରାସ୍ତା କାମର ୪ ମାସ ଭିତରେ ଦବିଲା ପେଭର ଟାଇଲ

**ନୟାଗଡ଼-ଖଣ୍ଡପଡ଼ା ରାସ୍ତାର ସ୍ଥାୟିତ୍ୱ ନେଇ ଉଠିଲା ପ୍ରଶ୍ନ**


ନୟାଗଡ଼- ଖଣ୍ଡପଡ଼ା ରାସ୍ତା ପାର୍ଶ୍ୱ ପେଭର ଦବି ଯାଇଛି।

ନୟାଗଡ଼,୩୦।୮(ଲୋକନାଥ ମଶ୍ର)

ନୟାଗଡ଼-ଖଣ୍ଡପଡ଼ା ରାସ୍ତାର ନୟାଗଡ଼ ଗୋଲେଇ ଟ୍ରାଫିକ୍ ଛକରୁ ଖଣ୍ଡପଡ଼ା ପର୍ଯ୍ୟନ୍ତ ପିଚୁ ରାସ୍ତା କଡ଼ରେ ପେଭର ଟାଇଲ ପଡ଼ିବା କାର୍ଯ୍ୟ ଶେଷ ହୋଇନି। କାମ ଖରାପ ଯୋଗୁ ନୟାଗଡ଼-ଖଣ୍ଡପଡ଼ା ରାସ୍ତାର ନୟାଗଡ଼ ସହର ପାର୍ଶ୍ୱରୁ ପେଭର ଟାଇଲ ଦବିବା ଆରମ୍ଭ ହୋଇଛି। ରାସ୍ତା କାମ ହେବାର ୪ ମାସ ହୋଇନାହିଁ। ଏଭଳିସ୍ଥଳେ ପେଭର ଟାଇଲ ଉଠିବା ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ସୃଷ୍ଟି କରିଛି। ପୁଣି ରାସ୍ତାକାମ ଧିମେଇ ଧିମେଇ ଚାଲିଛି। ଅନ୍ୟପକ୍ଷେ ପୂର୍ବରୁ ୩ ଇଞ୍ଚିଆ ପେଭର ଟାଇଲ ପଡୁଥିଲା। ଏବେ ଅଢ଼େଇ ଇଞ୍ଚିଆ ପେଭର ଟାଇଲ ପଡୁଛି। ଟାଇଲର ବି ସ୍ଥାୟିତ୍ୱ ରହୁନି।

## ଦୁର୍ଘଟଣାରେ ଆହତଙ୍କୁ ହସ୍ପିଟାଲ ପଠାଇ ୪ ପୁରସ୍କୃତ

ଛତ୍ରପୁର,୩୦।୮(ସନ୍ତୋଷ ପାଢୀ/ଦିଳିପ ସାମଲ):

ସଡ଼କ ଦୁର୍ଘଟଣାରେ ଆହତମାନଙ୍କୁ ହସ୍ପିଟାଲକୁ ପଠାଇବାରେ ସହାୟତା କରିଥିବା ବ୍ୟକ୍ତିବିଶେଷଙ୍କୁ ଗୁଡ ସମାରିଟାନ ଭାବେ ପୁରସ୍କାର ପ୍ରଦାନ କରାଯାଉଛି। ଏହି କ୍ରମରେ ଶୁକ୍ରବାର ଛତ୍ରପୁରସ୍ଥିତ ଗଞ୍ଜାମ ପୋଲିସ ଜିଲା ମୁଖ୍ୟାଳୟଠାରେ ହିଞ୍ଜିଳି ଥାନା ଅଞ୍ଚଳର ୪ ଜଣଙ୍କୁ ଗୁଡ୍ ସମାରିଟାନ୍ ଭାବେ ପୁରସ୍କୃତ କରାଯାଇଛି। ଏସ୍‌ପି ଜଗମୋହନ ମୀନା ଓ ଗଞ୍ଜାମ ଆରଟିଓ ମାନସ ରଞ୍ଜନ ସାହୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଗତ ୨୨ ତାରିଖରେ ହିଞ୍ଜିଳିକାଟୁ ଥାନା ଅଧୀନ ୫୯ ନଂ ଜାତୀୟ ରାଜପଥର ସମରଝୋଳ ଛକଠାରେ ତେଲ ଟ୍ୟାଙ୍କର


ଏସ୍‌ପି, ଆର୍‌ଟିଓ ଓ ପୁରସ୍କୃତ ହୋଇଥିବା ବ୍ୟକ୍ତିମାନେ।

ଏକ ଟ୍ରକକୁ ଓଭରଟେକ୍ କରିବାକୁ ଯାଇ ବସ୍ ସହ ମୁହାଁମୁହିଁ ଧକ୍କା ହୋଇ ଚା ଦୋକାନକୁ ମାଡି ଯାଇଥିଲା। ଏଥିରେ ୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୩ ଜଣ ଗୁରୁତର ଆହତ ହୋଇଥିଲେ। ଆହତମାନଙ୍କୁ ସମରଝୋଳରୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ପଠାଇବାରେ ଏହି ୪ ଜଣ ସହାୟତା ପ୍ରଦାନ କରିଥିଲେ।

## ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ

ଛତ୍ରପୁର,୩୦।୮(ସନ୍ତୋଷ ପାଢ଼ୀ ):

ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି ପକ୍ଷରୁ ଏଡ୍‌ସ ରୋଗ ଉପରେ ସଚେତନତା ସୃଷ୍ଟି କରିବା ନିମନ୍ତେ ବିଭିନ୍ନ ପ୍ରକାର ସାମାଜିକ ଗଣମାଧ୍ୟମ ଠାରୁ ଆରମ୍ଭ କରି ବିଦ୍ୟାଳୟ ମହାବିଦ୍ୟାଳୟରେ ମଧ୍ୟ ବହୁ ସଚେତନତାମୂଳକ ବାର୍ତ୍ତା ପ୍ରସାର କରାଯାଉଛି। ଏହି ଅଭିଯାନରେ ଗଞ୍ଜାମ ଜିଲାର ଏଡ୍‌ସ ନିୟନ୍ତ୍ରଣ ସମିତି ପକ୍ଷରୁ କଣ୍ଢେଇ ନାଚ ମାଧ୍ୟମରେ ଜିଲାସାରା ସଚେତନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଶୁକ୍ରବାର ଛତ୍ରପୁର ପୁରୁଣା ବସଷ୍ଟାଣ୍ଡରେ କଣ୍ଢେଇ ନାଚ ଦ୍ୱାରା ଉପସ୍ଥିତ ଜନସାଧାରଣଙ୍କୁ ଏଡ୍‌ସର ଭୟାବହତା ଉପରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ସମନ୍ୱିତ ପରାମର୍ଶ ଓ ପରୀକ୍ଷା କେନ୍ଦ୍ର ପରାମର୍ଶଦାତା ସାନୁଜ କୁମାର ପଟ୍ଟନାୟକ ଓ ଲାବ ଟେକ୍ନିସିଆନ ପଦ୍ମାନନ୍ଦ ଗନ୍ତାୟତ ପରିଚାଳନା କରିଥିଲେ।

## ସେପ୍ଟେମ୍ବର ୧୭ରେ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟ

**ଖଣ୍ଡପଡ଼ା ଏନ୍‌ଏସି**

ଖଣ୍ଡପଡା,୩୦।୮
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷା ଆରତୀ ପ୍ରଧାନଙ୍କ ବିରୋଧରେ ଅନାସ୍ଥା ନିମନ୍ତେ ଆସନ୍ତା ସେପ୍ଟେମ୍ବର ୧୭ରେ ଭୋଟ ଗ୍ରହଣ କରାଯିବା ପାଇଁ ନିଷ୍ପତ୍ତି ହୋଇଥିବା ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ଜିଲା ପ୍ରଶାସନ ପକ୍ଷରୁ ଏ ସମ୍ପର୍କିତ ଚିଠା ଖଣ୍ଡପଡ଼ା ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଏନ୍‌ଏସି ଅଧ୍ୟକ୍ଷା, ଉପାଧ୍ୟକ୍ଷଙ୍କ ସମେତ ସମସ୍ତ କାଉନସିଲରମାନଙ୍କୁ ଚିଠି ଦ୍ୱାରା ଶୁକ୍ରବାର ଜଣାଇ ଦିଆଯାଇଥିବା ନେଇ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ ସୂଚନା ଦେଇଛନ୍ତି। ପ୍ରକାଶଥାଉ କି ଅଗଷ୍ଟ ୧ ତାରିଖରେ ଏନ୍‌ଏସି ଉପାଧ୍ୟକ୍ଷ ମିହିର କୁମାର ମିଶ୍ରଙ୍କ ନେତୃତ୍ୱରେ ୮ ଜଣ କାଉନସିଲର ନୟାଗଡ଼ର ତତ୍କାଳୀନ ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଭେଟି ଅନାସ୍ଥା ସମ୍ପର୍କିତ ପତ୍ର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ୨୦୨୨ ମାର୍ଚ୍ଚରେ ଅନୁଷ୍ଠିତ ପୌର ନିର୍ବାଚନରେ ଏନ୍‌ଏସି ଅଧ୍ୟକ୍ଷା ପ୍ରଧାନ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ ହେଁ ପରବର୍ତ୍ତୀ ସମୟରେ ବିଭିନ୍ନ କାରଣକୁ ନେଇ ବିବାଦୀୟ ହୋଇ ପଡ଼ିଥିଲେ।

## ଆଜିଠୁ ସହରରେ ବୁଲିବ କୌଶଳ ରଥ

ଫୁଲବାଣୀ,୩୦।୮(ରାକେଶ କୁମାର ରାଉତ):

ସରକାରଙ୍କ ବିଭିନ୍ନ କ୍ଷୁଦ୍ରକାଳୀନ ଓ ଦୀର୍ଘମିଆଦୀ ଦକ୍ଷତା କାର୍ଯ୍ୟକ୍ରମ ସମ୍ପର୍କରେ ଯୁବବର୍ଗଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଶନିବାରଠାରୁ ସେପ୍ଟେମ୍ବର ୪ ତାରିଖ ପର୍ଯ୍ୟନ୍ତ କୌଶଳ ରଥ ପରିକ୍ରମା କରିବ। ଶନିବାର ସନ୍ଧ୍ୟାରେ ବୌଦ୍ଧ ଜିଲା ଅନ୍ତର୍ଗତ ଚାରିଛକଠାରେ ସେହି ଜିଲାର ଅଧିକାରୀମାନଙ୍କ ଠାରୁ କୌଶଳ ରଥକୁ କନ୍ଧମାଳ ଜିଲା ଅଧିକାରୀମାନେ ଗ୍ରହଣ କରିବେ। ରାତ୍ରି ରହଣି ପାଇଁ ଫୁଲବାଣୀସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନକୁ ଅଣାଯିବ। ସେପ୍ଟେମ୍ବର ୧ ପୂର୍ବାହ୍ନ ୧୦ଟାରେ ରୁଟ୍ ପ୍ଲାନ୍ ଅନୁଯାୟୀ ବିଭିନ୍ନ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପ୍ରଚାର ଉଦ୍ଦେଶ୍ୟରେ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଠାରେ ରଥ ପରିକ୍ରମାର ଶୁଭାରମ୍ଭ କରାଯିବ। ପ୍ରଚାର ସ୍ଥାନରେ ଛାତ୍ରୀଛାତ୍ର, ଅଭିଭାବକ, ଜନ ପ୍ରତିନିଧି, ସରକାରୀ କର୍ମଚାରୀ ଏବଂ ନିଯୁକ୍ତି ଆଶାୟୀ ଯୁବବର୍ଗ ଉପସ୍ଥିତ ରହିବେ।

ଜିଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀଙ୍କ ସୂଚନା ଅନୁଯାୟୀ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରୁ ସରକାରୀ ପଲିଟେକ୍‌ନିକ୍ ପର୍ଯ୍ୟନ୍ତ ରୋଡ୍ ଶୋ ହେବ। ସେଠାରୁ ରଥ ପ୍ରାୟ ଅପରାହ୍ନ ୨ଟା ବେଳକୁ ନବୋଦୟ ବିଦ୍ୟାଳୟରେ ପହଞ୍ଚି ପ୍ରଚାର କରାଯିବ। ସେଠାରୁ ଫେରି ଗୋପବନ୍ଧୁ ବାଳାଶ୍ରମ ଠାରେ ପ୍ରଚାର କରିବା ପରେ ରାତ୍ରି ରହଣି ପାଇଁ କୌଶଳ ରଥ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନକୁ ଫେରିଆସିବ। ୨ ତାରିଖରେ ଫିରିଙ୍ଗିଆସ୍ଥିତ ଏସ୍‌ଏସ୍‌ଡି ହାଇସ୍କୁଲ, କେ. ନୂଆଗାଁ ସ୍ଥିତ ଏସ୍‌ଏସ୍‌ଡି ହାଇସ୍କୁଲ, ବାଲିଗୁଡ଼ା ହାଇସ୍କୁଲ ଏବଂ ତୁମୁଡ଼ିବନ୍ଧ ମହାବିଦ୍ୟାଳୟରେ ପ୍ରଚାର କରାଯିବ। ୩ ତାରିଖରେ କୋଟଗଡ଼ ସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଓ ଏସ୍‌ଏସ୍‌ଡି. ହାଇସ୍କୁଲ ଏବଂ ଦାରିଙ୍ଗିବାଡ଼ି ସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ପ୍ରଚାର କରାଯିବ। ୪ ତାରିଖରେ ରାଇକିଆ ହାଇସ୍କୁଲ, ଜି.ଉଦୟଗିରି ହାଇସ୍କୁଲ, ଶଙ୍କରାଖୋଲ ହାଇସ୍କୁଲ ଏବଂ ଦୁତିପଡ଼ା ସ୍ଥିତ ଏସ୍‌ଏସ୍‌ଡି ହାଇସ୍କୁଲ ଠାରେ ପ୍ରଚାର କରି ମାଧପୁର ଠାରେ କୌଶଳ ରଥକୁ କନ୍ଧମାଳ ଜିଲା ଅଧିକାରୀଙ୍କ ଦ୍ୱାରା ନୟାଗଡ଼ ଜିଲା ଅଧିକାରୀଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି।

## ଭାଜପାର ସଦସ୍ୟତା ଗ୍ରହଣ ଅଭିଯାନ କର୍ମଶାଳା

ଦାରିଙ୍ଗବାଡି, ୩୦।୮ (ଅରୁଣ ସାହୁ )

କନ୍ଧମାଳ ଜିଲା ଦାରିଙ୍ଗବାଡି ଭାଜପା ପକ୍ଷରୁ ଗୁରୁବାର ଶିବମନ୍ଦିର ସଭାଗୃହରେ ନୂତନ ସଦସ୍ୟ ଗ୍ରହଣ ପାଇଁ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳର ପୂର୍ବତନ ବିଧାୟିକା ଅଜୟନ୍ତୀ ପ୍ରଧାନ ସଂଯୋଜନା କରିଥିଲେ। ମଣ୍ଡଳ ସଭାପତି ସନ୍ତୋଷ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ହରେନ କୁମାର ସାହୁ, ଜିଲା ଆଦିବାସୀ ମୋର୍ଚ୍ଚା ଉପସଭାପତି ଜୟଚନ୍ଦ୍ର ପତ୍ରା, ଅଜିତ ସାହୁ, ନିରଞ୍ଜନ ସାହୁ, ସୁକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି କର୍ମଶାଳା ସମ୍ପର୍କରେ ଆଲୋଚନା କରିଥିଲେ। ନୂତନ ସଦସ୍ୟ ଗ୍ରହଣ ପାଇଁ କିଭଳି ପଦକ୍ଷେପ ଓ ପ୍ରସ୍ତୁତି କରାଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସାଧାରଣ ସମ୍ପାଦକ ମିଟୁ ସାହୁ, ମଣ୍ଡଳ ଉପସଭାପତି ମୀନକେତନ ସାହୁ, ପାଣ୍ଡବ ପ୍ରଧାନ, ପ୍ରଭାକର ସାହୁ, ମୋହନ ପ୍ରଧାନ, ଶ୍ରୀଚନ୍ଦ୍ର ଦଣ୍ଡସେନା, କରୁଣାକର ପାତ୍ରଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପିଆଜ ୬୦କୁ ଆଳୁ କେଜି ୩୫ ଟଙ୍କା

ନୟାଗଡ଼,୩୦।୮(ଲୋକନାଥ ମଶ୍ର)

ନୟାଗଡ଼ ଜିଲା ସଦର ମହକୁମାରେ ପିଆଜ କେଜି ୬୦ ଟଙ୍କା ଓ ଆଳୁ କେଜି ୩୫ ଟଙ୍କାରେ ବିକ୍ରି ହେଉଛି। ଅନ୍ୟପକ୍ଷେ ୩ କେଜି ଆଳୁକୁ ୧୦୦ ଟଙ୍କାରେ ବିକ୍ରି ହେଉଛି। ବଜାରରେ ଆଳୁର ଦର କମିବାର ନାଁ ଧରୁ ନ ଥିବାବେଳେ ଏବେ ପିଆଜ ରେଟ ବଢ଼ିବା ଆରମ୍ଭ ହୋଇଛି। ନିର୍ବାଚନ ପରେ ଖାଉଟି ହନ୍ତସନ୍ତ ହୋଇ ଚାଲିଛନ୍ତି।

## ହୋଟେଲ ମାଲିକଙ୍କୁ ମାଡ଼ ମାରି ବାପପୁଅ ଜେଲଗଲେ

ଖଣ୍ଡପଡା,୩୦।୮
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଥାନା ବାଇପାସ ରାସ୍ତାରେ ଅବସ୍ଥିତ ଅଶୋକା ହୋଟେଲର ମାଲିକ ଲକ୍ଷ୍ମୀଧର ପ୍ରଧାନ(୫୫)ଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଦାଶରଥି ସ୍ୱାଇଁ ଓ ପୁଅ ବିକାଶଙ୍କୁ ପୋଲିସ ଗୁରୁବାର ଗିରଫ କରିଥିଲା। ବାପପୁଅ ଉଭୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିଲା। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଖଣ୍ଡପଡ଼ା ଉପ କାରାଗାରକୁ ପଠାଇ ଦିଆଯାଇଛି। ଏ ସଂପର୍କରେ ଏକ ମାମଲା ରୁଜୁ ହୋଇଥିବା ଖଣ୍ଡପଡ଼ା ଥାନାଧିକାରୀ ନିହାର ରଞ୍ଜନ ମହାନ୍ତି କହିଛନ୍ତି। ପ୍ରକାଶ ଥାଉକି ବ୍ୟବସାୟିକ ଶତ୍ରୁତାକୁ କେନ୍ଦ୍ରକରି ଦାଶରଥି ଓ ତାଙ୍କ ୨ପୁଅ ହୋଟେଲ ମାଲିକ ଲକ୍ଷ୍ମୀଧରଙ୍କୁ ବୁଧବାର ମରଣାନ୍ତକ ଆକ୍ରମଣ କରିଥିଲେ।

## ଉପଖଣ୍ଡସ୍ତରୀୟ ଉତ୍କର୍ଷ ତାଲିମ ଶିବିର

ଭଞ୍ଜନଗର, ୩୦।୮(ବାବୁଲା ପ୍ରଧାନ):

ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ ଏବଂ ଭଞ୍ଜନଗର ଦିନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ପୃଥକ ଭାବେ ଦୁଇ ଦିନ ଧରି ହେବାକୁ ଥିବା ଉପଖଣ୍ଡସ୍ତରୀୟ ଉତ୍କର୍ଷ ତାଲିମ ଶିବିର ଶୁକ୍ରବାର ଉଦଘାଟିତ ହୋଇଯାଇଛି। ଶନିବାର ଏହା ଉଦଯାପିତ ହେବ। ଶିବିରରେ ଉପଖଣ୍ଡର ୨୪୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ୪ଟି ବିଷୟରେ ତାଲିମ ନେଉଛନ୍ତି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପଣ୍ଡା ଏବଂ ରାଜେଶ ପ୍ରଧାନ ଭଞ୍ଜନଗର ତାଲିମ କେନ୍ଦ୍ର



ଶିବିରରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ।

ପରିଦର୍ଶନ କରି ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ କିଭଳି ହେବ ସେଥିପ୍ରତି ଦୃଷ୍ଟି ଦେବା ପାଇଁ ଉପସ୍ଥିତ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ରାମ ଚନ୍ଦ୍ର ମହାରଣା କାର୍ଯ୍ୟକ୍ରମକୁ ସଂଯୋଜନା କରୁଛନ୍ତି। ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ ପ୍ରଧାନ ଶିକ୍ଷକ ଉପେନ୍ଦ୍ର କୁମାର ନାହାକ, ଦିନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱରାଜ୍ୟ କହଁର ସଭାଗୁଡିକୁ ସଂଯୋଜନା କରୁଛନ୍ତି।

## ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା: ପ୍ରଦୀପଙ୍କୁ ସ୍ୱର୍ଣ୍ଣ



ସ୍ୱର୍ଣ୍ଣ ପଦକ ସହ ପ୍ରଦୀପ।

ଗଞ୍ଜାମ,୩୦।୮(ବିଦ୍ୟାଧର ସାହୁ)

କ୍ରୀଡ଼ା ଦିବସ ଅବସରରେ ଶୁକ୍ରବାର ଗଞ୍ଜାମ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଗଞ୍ଜାମ ଜିଲାର ୨୫ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ଯୁବ ସାମାଜିକ କର୍ମୀ ଉମାଶଙ୍କର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଜଜ୍ ସୌମ୍ୟରଞ୍ଜନ ଶତପଥୀ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ହୁମ୍ମା ଅଞ୍ଚଳର ପ୍ରଦୀପ କୁମାର ସାହୁ (୨୮) ପ୍ରଥମ ସ୍ଥାନ ଅଧିକାର ସହ ସ୍ୱର୍ଣ୍ଣପଦକ ଜିତିଥିଲେ। ଗଞ୍ଜାମ ବ୍ଲକ ହୁମ୍ମା ଗ୍ରାମର ହରିପ୍ରସାଦ ସାହୁ ଏବଂ ସବିତା ସାହୁଙ୍କ ଜ୍ୟେଷ୍ଠପୁତ୍ର ପ୍ରଦୀପ ପିଲାଟି ଦିନରୁ କ୍ରୀଡ଼ା ପ୍ରତି ଆଗ୍ରହ ରଖିଥିଲେ। ପ୍ରଦୀପ ନିଜର ଏହି ସଫଳତାର ଶ୍ରେୟ ତାଙ୍କ କୋଚ ରାମଚନ୍ଦ୍ର ନାହକ ଏବଂ ଗଞ୍ଜାମ ଇନ୍‌ଡୋର ଷ୍ଟାଡିୟମ କ୍ରୀଡ଼ା ପ୍ରଶିକ୍ଷକ ପ୍ରମୋଦ କୁମାର ଆପତଙ୍କୁ ଦେଇଛନ୍ତି। ଆଗକୁ ମଧ୍ୟ ଏଭଳି ପ୍ରତିଯୋଗିତାରେ ଅଂଶଗ୍ରହଣ ଜାରି ରଖିବେ ବୋଲି ସେ କହିଛନ୍ତି।

## ସାପ କାମୁଡ଼ାରେ ବୃଦ୍ଧାଙ୍କ ମୃତ୍ୟୁ

କବିସୂର୍ଯ୍ୟନଗର,୩୦।୮(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଥାନା ସିନ୍ଧୁରିଆପଡାଛକ ସ୍ଥିତ ଘରେ ଗୁରୁବାର ରାତିରେ ଶୋଇଥିବା ବେଳେ ସାପ କାମୁଡ଼ିବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୃଷ୍ଣ ଜେନାଙ୍କ ସ୍ତ୍ରୀ ସଞ୍ଜୁ ଜେନା (୫୦)। ରାତି ପ୍ରାୟ ୧ଟାରେ ସଞ୍ଜୁଙ୍କୁ ସାପ କାମୁଡ଼ିବାରୁ ତୁରନ୍ତ କବିସୂର୍ଯ୍ୟନଗର ମେଡିକାଲକୁ ନିଆଯାଇଥିଲା। ସେଠାରୁ ତାଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ କବିସୂର୍ଯ୍ୟନଗର ମେଡିକାଲରେ ସାପ କାମୁଡା ଇଞ୍ଜେସନ ନ ଥିବା ହେତୁ ଜୀବନ ଚାଲିଗଲା ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି। କୃଷ୍ଣଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସରପଞ୍ଚ ରବୀନ୍ଦ୍ର ପୋଲାଇ, ଦୁର୍ଯ୍ୟୋଧନ ଖଣ୍ଡୁଆଳ, ଦିଲ୍ଲୀପ ଖଣ୍ଡୁଆଳ ଆଦି ଗ୍ରାମବାସୀ ସରକାରୀ ସହାୟତା ଲାଗି ଦାବି କରିଛନ୍ତି।

## ପ୍ରାଣୀ ସମ୍ପଦ ଗଣନା ତାଲିମ ଶିବିର

ଛତ୍ରପୁର,୩୦।୮(ଦିଲ୍ଲୀପ ସାମଲ):

ଛତ୍ରପୁରସ୍ଥିତ ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ପ୍ରାଣୀ ସମ୍ପଦ ଗଣନା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ. ମନୋଜ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଉଭୟ ବ୍ରହ୍ମପୁର ଓ ଛତ୍ରପୁର ଉପଖଣ୍ଡର ପଶୁପକ୍ଷୀ ଗଣନା କାର୍ଯ୍ୟରେ ନିୟୋଜିତ ୧୬୩ ଜଣ ପ୍ରାଣୀଧନ ନିରୀକ୍ଷକ ଓ ତଦାରଖ ଦାୟିତ୍ୱରେ ଥିବା ୪୪ ଜଣ ପ୍ରାଣୀ ଚିକିତ୍ସକ ତାଲିମ ନେଇଥିଲେ। ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଦେବାନନ୍ଦ ପାତ୍ର ଓ ଉପନିର୍ଦ୍ଦେଶକ ଡ. ଶୁଭ୍ରକାନ୍ତ ମହାନ୍ତି ତାଲିମ ପ୍ରଦାନ କରିଥିଲେ। ଏହି ତାଲିମ


ଜିଲାପାଳ ଓ ଅନ୍ୟମାନେ ପ୍ରାଣୀସମ୍ପଦ ଗଣନା ସମ୍ପର୍କିତ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ଶିବିରକୁ ଡ. ପତିତପାବନ ରଥ ଓ ଡଃ ଦେବାଶିଷ କର ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ପ୍ରତ୍ୟେକ ପାଞ୍ଚ ବର୍ଷରେ ଥରେ ପଶୁ ପକ୍ଷୀ,କୃଷି ଯନ୍ତ୍ରପାତି ଓ ପ୍ରାଣୀ ସମ୍ପଦ ଉପରେ ନିର୍ଭର ଶୀଳ ମାନବ ସମ୍ବଳ ଉପରେ ଏହି ପରି ଗଣନା କାର୍ଯ୍ୟକ୍ରମ ଭାରତ ସରକାରଙ୍କ ଦ୍ୱାରା କରାଯାଇଥାଏ। ମୋବାଇଲ ଆପ ଜରିଆରେ ସାରା ଦେଶରେ ସେପ୍ଟେମ୍ବର ୧ରେ ଗଣନା ଆରମ୍ଭ ହୋଇ ଡିସେମ୍ବର ସୁଦ୍ଧା ସମାପ୍ତ କରାଯିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜନ ସାଧାରଣ ଗଣନାକାରୀଙ୍କୁ ସହଯୋଗ କରିବା ନିମନ୍ତେ ଜିଲାପାଳ ଅନୁରୋଧ କରିଛନ୍ତି।

ଧରିତ୍ରୀ 50 Years

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଅଗଷ୍ଟ ୩୧/୨୦୨୪ Bhubaneswar, Saturday, August 31/ 2024

## ରିଫ୍ୟୁଜି ପାରାଲିମ୍ପିକ୍ସ ଟିମ୍‌କୁ ପ୍ରଥମ ପଦକ



**ପ୍ୟାରିସ, ୩୦।୮ (ଏପି):** ରିଫ୍ୟୁଜି ପାରାଲିମ୍ପିକ୍ସ ଟିମ୍ ପାଇଁ ପ୍ରଥମ ଆଥଲେଟ ଭାବେ ଗୋଟିଏ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି ଆଫଗାନିସ୍ତାନର ଜାକିଆ ଖୁଦାଦାଦି। ସେଣ୍ଟ୍ରାଲ ପ୍ୟାରିସର ଗ୍ରାଣ୍ଡ ପାଲାଇସଠାରେ ଗୁରୁବାର ମହିଳା ୪୭କେଜି କାଟେଗୋରୀ ମହିଳା ଟାଏକୋଣ୍ଡୋରେ ତୁର୍କୀର ଇକିନ୍‌ସି ନୁର୍ସିହାନ୍‌ଙ୍କୁ ପରାସ୍ତ କରି ସେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଫାଇନାଲ ବଜର ବାଜିବା ମାତ୍ରେ ଖୁଦାଦାଦି ଉତ୍‌ଫୁଲ୍ଲିତ ହୋଇ ତାଙ୍କ ହେଲମେଟ ଓ ମାଉଥ୍‌ପିସ୍‌କୁ ଉପରକୁ ଫିଙ୍ଗି ଦେଇଥିଲେ। ଖୁଦାଦାଦି ଜନ୍ମ ହେବା ବେଳେ ତାଙ୍କ ଗୋଟିଏ ହାତର ଅଗ୍ରଭାଗ ନ ଥିଲା। ତାଙ୍କୁ ଯେତେବେଳେ ମାତ୍ର ୧୧ ବର୍ଷ ବୟସ ହୋଇଥିଲା, ଆଫଗାନିସ୍ତାନର ପଶ୍ଚିମାଞ୍ଚଳ ସହର ହେରାତରେ ଗୋପନ ଭାବେ ଏକ ଜିମ୍‌ରେ ସେ ଟାଏକୋଣ୍ଡୋ ଅଭ୍ୟାସ ଚଳାଇଥିଲେ। ୨୦୨୧ରେ ତାଲବାନ ସରକାର କ୍ଷମତାସୀନ ହେବାପରେ ତାଙ୍କୁ ଆଫଗାନିସ୍ତାନ ଛାଡ଼ିବାକୁ ପଡ଼ିଥିଲା। ତେବେ ଇଣ୍ଟରନ୍ୟାଶନାଲ କମ୍ୟୁନିଟିର ହସ୍ତକ୍ଷେପ ଯୋଗୁ ତାଙ୍କୁ ନିଜ ଦେଶରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିଥିଲା। ଏହି ପ୍ରତିଯୋଗିତା ପରେ ସେ ଯାଇ ପ୍ୟାରିସରେ ବାସ କରିଥିଲେ। ପରେ ତାଙ୍କୁ ପ୍ୟାରିସ ୨୦୨୪ ପାରାଲିମ୍ପିକ୍ସରେ ରିଫ୍ୟୁଜି ଟିମ୍‌ରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିଥିଲା। ଖୁଦାଦାଦି କହିଛନ୍ତି, ଏହି ପଦକଟି ହେଉଛି ଆଫଗାନିସ୍ତାର ସମସ୍ତ ମହିଳା ଏବଂ ବିଶ୍ୱର ସମସ୍ତ ରିଫ୍ୟୁଜିଙ୍କ ପାଇଁ। ଦିନ ଆସିବ ଦେଶରେ ଶାନ୍ତି ଫେରିବ ବୋଲି ସେ ଆଶା କରନ୍ତି।

## ଡୋପ୍ ଟେଷ୍ଟରେ ବିଫଳ ହେଲେ ପରଭେଜ

**ନୂଆଦିଲ୍ଲୀ, ୩୦।୮ (ପି.ଟି.):** ନିକଟରେ ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ ଏନସିଏଏ ସର୍କିଟରେ ଚମତ୍କାର ପ୍ରଦର୍ଶନ କରି ଦେଶରେ ଚହଳ ସୃଷ୍ଟି କରିଥିବା ଭାରତର ଟପ୍ ମିଡଲ ଡିଷ୍ଟାନ୍ସ ରନର ପରଭେଜ ଖାନ୍ ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା) ତାଙ୍କୁ ସାମୟିକ ସସ୍‌ପେଣ୍ଡ କରିଛି। ଡୋପିଙ୍ଗରେ ଦୋଷୀ ସାବ୍ୟସ୍ତ ହେଲେ ୧୯ବର୍ଷୀୟ ଖାନ୍ ସର୍ବାଧିକ ୪ ବର୍ଷ ବାସନ୍ଦ ହୋଇପାରନ୍ତି। ଡୋପ୍ ଟେଷ୍ଟରେ କେଉଁ ନିଷିଦ୍ଧ ଉପାଦାନ ପାଇଁ ତାଙ୍କର ଫଳାଫଳ ପଜିଟିଭ ଆସିଥିଲା ତାହା ସ୍ପଷ୍ଟ କରାଯାଇ ନାହିଁ। ଏହାଛଡ଼ା ତାଙ୍କ ପାଇଁ ଦଣ୍ଡ ବେକବେଠାରୁ ଲାଗୁ କରାଯାଇଛି ସେ ସମ୍ପର୍କରେ ମଧ୍ୟ କୌଣସି ସୂଚନା ନାହିଁ। ତେବେ ୨୦୨୩ ଜୁନ୍‌ରେ ଭୁବନେଶ୍ୱରରେ ଅନୁଷ୍ଠିତ ଜାତୀୟ ଆନ୍ତଃ-ରାଜ୍ୟ ଚାମ୍ପିୟନଶିପ୍ ପରେ ପଞ୍ଚକୁଲାରେ (ଜୁନ୍ ୨୭ରୁ ୩୦)ରେ ଅନୁଷ୍ଠିତ ଜାତୀୟ ଆନ୍ତଃରାଜ୍ୟ ଚାମ୍ପିୟନଶିପ ବେଳେ ପରଭେଜଙ୍କଠାରୁ ଡୋପ୍ ସାମ୍ପଲ ନିଆଯାଇଥିଲା। ସେ ପଞ୍ଚକୁଲାରେ ପୁରୁଷ ୧୫୦୦ ମିଟର ଦୌଡ଼ରେ ୩ ମିନିଟ ୪୨.୯୫ ସେକେଣ୍ଡ ଟାଇମିଂରେ ସ୍ୱର୍ଣ୍ଣ ଜିତିଥିଲେ। ମାତ୍ର ସେ ପ୍ୟାରିସ ଅଲିମ୍ପିକ୍ସ କ୍ୱାଲିଫାଇଂ ଟାଇମ ୩:୩୩.୫୦ରୁ ପଛରେ ରହିଯାଇଥିଲେ। ଚଳିତବର୍ଷ ପ୍ରାରମ୍ଭରେ ଆମେରିକାର ଅନୁଷ୍ଠିତ ଏନ୍‌ସିଏଏ ଚାମ୍ପିୟନଶିପ୍‌ର ଟ୍ରାକ୍ ଇଭେଣ୍ଟରେ ଭାରତର ପ୍ରଥମ ଆଥଲେଟ ଭାବେ ଫାଇନାଲ ପାଇଁ ଯୋଗ୍ୟତା ହାସଲ କରିବା ଦ୍ୱାରା ଲୋକେ ସେତେବେଳେ ପରଭେଜଙ୍କୁ ଭାରତର ନୂଆ ଟ୍ରାକ୍ ସେନସେସନ ବୋଲି କହିଥିଲେ। ପରଭେଜ ହେଉଛନ୍ତି ହରିୟାଣାର ମିଓ୍ୱାତ ଅଞ୍ଚଳ ଅନ୍ତର୍ଗତ ଚହଲ୍‌କା ଗ୍ରାମର ଏକ ଗରିବ କୃଷକ ପରିବାରରେ ଜନ୍ମ। ୨୦୨୨ରେ ଗାନ୍ଧୀନଗରରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ା ୧୫୦୦ ମିଟର ଦୌଡ଼ରେ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୩.୪୦.୮୯ ସହ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୯ରେ ଆନ୍ଧ୍ର ପ୍ରଦେଶର ମଙ୍ଗଳାଗିରିଠାରେ ଅନୁଷ୍ଠିତ ୧୬ ବର୍ଷରୁ କମ୍ ଜାତୀୟ ପ୍ରତିଯୋଗିତା ୮୦୦ ମିଟର ରେସ୍‌ରେ ଏକ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ପରବର୍ତ୍ତୀ ବର୍ଷ ଖେଲୋ ଇଣ୍ଡିଆ ଯୁଥ୍ ଗେମ୍ସ (୧୮ ବର୍ଷରୁ କମ୍) ସମାନ ଦୂରତା ଇଭେଣ୍ଟରେ ସେ ଏକ ବ୍ରୋଞ୍ଜ ପାଇଥିଲେ।

# ସୁନ୍ଦରଗଡ଼-କଟକ ଫାଇନାଲ

### ଆନ୍ତଃଜିଲା ସିନିୟର ମହିଳା ଫୁଟ୍‌ବଲ

**ବରଗଡ,୩୦।୮(ପ୍ରେମାନନ୍ଦ ଖମାରୀ)**



ସେମିଫାଇନାଲ ମ୍ୟାଚ ପୂର୍ବରୁ ଅତିଥିଙ୍କ ଗହଣରେ ଖେଳାଳି ଓ ଅଫିସିଆଲ।

ବରଗଡ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ଆନ୍ତଃ ଜିଲା ସିନିୟର ପି.ସି. ବେହେରା ମହିଳା ଫୁଟବଲ ପ୍ରତିଯୋଗିତାରେ ଶୁକ୍ରବାର ଅନୁଷ୍ଠିତ ଦୁଇଟି ସେମିଫାଇନାଲ୍‌ରେ ସୁନ୍ଦରଗଡ ଓ କଟକ ଦଳ ନିଜ ନିଜ ମ୍ୟାଚ୍ ଜିତି ଫାଇନାଲରେ ପ୍ରବେଶ କରିଛନ୍ତି। ସୁନ୍ଦରଗଡ ଓ କେନ୍ଦୁଝର ମଧ୍ୟରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ଖୁବ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମାର୍ଦ୍ଧ ସମ୍ପୂର୍ଣ୍ଣ ଗୋଲ ଶୂନ୍ୟ ଥିବାବେଳେ ଦ୍ୱିତୀୟାର୍ଦ୍ଧରେ ୬୬ ତମ ମିନିଟରେ ସୁନ୍ଦରଗଡର ପ୍ରମିଳା କିଶାନ ବିଜୟୀ ଗୋଲ ସ୍କୋର କରିଥିଲେ। ମ୍ୟାଚ୍‌କୁ ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଅଲିମ୍ପିକ ଆସୋସିଏଶନର ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, ଜିଲା କ୍ରୀଡା ସଂସଦ ଉପସଭାପତି ଯୁଗଳ ପ୍ରସାଦ ସିଂ, ସମ୍ପାଦକ କିଶୋର କୁମାର ମିଶ୍ର, ଫାଓ ଉପସଭାପତି ରବି ପଣ୍ଡା, କ୍ରୀଡ଼ା ସଂସଦ କୋଷାଧ୍ୟକ୍ଷ ଡ. ଶୁଭ୍ରାଂଶୁ ଶେଖର ମହାପାତ୍ର, ଆଉଟଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚ୍ ପରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବରଗଡର ବରିଷ୍ଠ ଡାକ୍ତର ଏଟମ ସାହୁ ଅତିଥି ଭାବେ ଯୋଗଦେଇ ସୁନ୍ଦରଗଡ଼ ଦଳର ପ୍ରମିଳା କିଶାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ। କଟକ ଓ ଜଗତ୍‌ସିଂହପୁର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ମଧ୍ୟ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଶେଷରେ କଟକ ଦଳ ୨-୧ରେ ଜିତି ଫାଇନାଲରେ ପ୍ରବେଶ କରିଥିଲା। ଜଗତ୍‌ସିଂହପୁର ପକ୍ଷରୁ ଏକମାତ୍ର ଗୋଲଟି ଅଙ୍କିତା ନାୟକ ଦେଇଥିବା ବେଳେ କଟକ ପକ୍ଷରୁ ଲକ୍ଷ୍ମୀପ୍ରିୟା ଲେଙ୍କା ଓ ବର୍ଷା ମହାକୁଡ ଗୋଟିଏ ଲେଖାଏ ଗୋଲ କରିଥିଲେ। ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବରଗଡ ଧନୁଯାତ୍ରା ମହୋତ୍ସବର କଂସ ଅଭିନେତା ହୃଷୀକେଶ ଭୋଇ କ୍ରୀଡ଼ା ସଂସଦ ଉପ ସଭାପତି ଯୁଗଳ ପ୍ରସାଦ ସିଂ, କ୍ରୀଡା ସମ୍ପାଦକ ହରଦୀପ ସିଂ, କାଉନ୍‌ସିଲ ସଦସ୍ୟ ପ୍ରଦୀପ ସାହୁ, ଆଜୀବନ ସଦସ୍ୟ ଗିରିଜା ପ୍ରସାଦ ନାଥ, ଜ୍ଞାନରଞ୍ଜନ ପୂଜାରୀ ପ୍ରମୁଖ କଟକ ଦଳର ସୁନୀତା ସ୍ୱାଇଁଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ। ଆସନ୍ତା ସେପ୍ଟେମ୍ବର ୧ତାରିଖ ଅପରାହ୍ନ ୩ଟା ସମୟରେ ସୁନ୍ଦରଗଡ ଓ କଟକ ଦଳ ମଧ୍ୟରେ ଫାଇନାଲ ହେବ।

## ଦ୍ୱିତୀୟ ରାଉଣ୍ଡରୁ ଅଲକାରାଜଙ୍କ ବିଦାୟ

**ନ୍ୟୁୟର୍କ, ୩୦।୮ (ଏପି)**



କାର୍ଲୋସ ଅଲକାରାଜ

ସ୍ପାନିଶ ପ୍ରଫେଶନାଲ ଟେନିସ ଖେଳାଳି କାର୍ଲୋସ ଅଲକାରାଜ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଫଳରେ ତାଙ୍କର ଗ୍ରାଣ୍ଡସ୍ଲାମ୍ ୧୫ ମ୍ୟାଚ ବିଜୟ ଧାରାରେ ବ୍ରେକ୍ ଲାଗିଛି। ବିଶ୍ୱର ୭୪ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଡଚ୍ ଟେନିସ ଖେଳାଳି ୨୮ ବର୍ଷୀୟ ବୋଟିକ୍ ଭାନ୍ ଡି ଜାଣ୍ଡସ୍କଲ୍ପଙ୍କ ନିକଟରୁ ସେ ୬-୧, ୭-୫, ୬-୪ ସେଟରେ ହାରିଯାଇଛନ୍ତି। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସରେ କାରୋଲିନା ମୁଚୋଭାଙ୍କଠାରୁ ୟୁଏସ୍ ଓପନ ଚାମ୍ପିୟନ ନାଓମି ଓସାକା ପରାଜିତ ହୋଇ ବିଦାୟ ନେଇଛନ୍ତି। ଚଳିତବର୍ଷ ଫ୍ରେଞ୍ଚ ଓପନ, ୱିମ୍ବଲେଡନ ସମେତ ପ୍ୟାରିସ ଅଲିମ୍ପିକ ରୌପ୍ୟ ବିଜେତା ୨୧ ବର୍ଷୀୟ ଅଲକାରାଜଙ୍କୁ ଏହି ପରାଜୟ ଗଭୀର ଦୁଃଖ ପହଞ୍ଚାଇଛି। ଏଠାରେ ତାଙ୍କର ଯଥେଷ୍ଟ ଶକ୍ତିର ଅଭାବ ଥିଲା ବୋଲି ସେ ପ୍ରକାଶ କରିଛନ୍ତି। ଜାଣ୍ଡସ୍କଲ୍ପ ପୂର୍ବରୁ ଥରେ ମାତ୍ର ୨୦୨୧ ୟୁଏସ୍ ଓପନରେ ଏକ ଗ୍ରାଣ୍ଡସ୍ଲାମର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିପାରିଥିଲେ।

### ବୋପାନ୍ନା-ଇବ୍‌ଡେନ ଦ୍ୱିତୀୟ ରାଉଣ୍ଡରେ

ଭାରତର ରୋହନ ବୋପାନ୍ନା ଏବଂ ତାଙ୍କ ଅଷ୍ଟ୍ରେଲୀୟ ପାର୍ଟନର ମାଥ୍ୟୁ ଇବଡେନ୍ ୟୁଏସ୍ ଓପନ ପୁରୁଷ ଡବଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏହି ଯୋଡ଼ି ଗୁରୁବାର ରାତିରେ ସେମାନଙ୍କ ଓପନିଂ ରାଉଣ୍ଡରେ ନେଦରଲାଣ୍ଡ୍‌ସର ସାଣ୍ଡର ଆରେଣ୍ଟ୍ସ ଓ ରବିନ ହାସ୍‌ଙ୍କୁ ୬-୩, ୭-୫ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି।

## ଏଆଇଟିଏ-ଓଟିଏ ଚାମ୍ପିୟନଶିପ୍ ସିରିଜ

# ଆହାନ, ଶାଜଫାଙ୍କୁ ତ୍ରିମୁକୁଟ



ଅତିଥିଙ୍କ ଗହଣରେ ପୁରସ୍କୃତ ଟେନିସ ଖେଳାଳିମାନେ।

**ଭୁବନେଶ୍ୱର, ୩୦।୮ (ତପନ ସ୍ୱାଇଁ)**

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ସହଯୋଗରେ ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ ପରିସରରେ ୧୪ ଓ ୧୬ ବର୍ଷରୁ କମ୍ ଏଆଇଟିଏ-ଓଟିଏ ଚାମ୍ପିୟନଶିପ୍ ସିରିଜ (ସିଏସ୭) ଟେନିସ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଶେଷ ହୋଇଛି। ୨୬ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ, ଆନ୍ଧ୍ର ପ୍ରଦେଶ, ବିହାର, ତାମିଲନାଡୁ, ମହାରାଷ୍ଟ୍ର, ଗୁଜରାଟ, ଆସାମ, ତେଲେଙ୍ଗାନା ଓ ଆୟୋଜକ ଓଡ଼ିଶାରୁ ୭୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ିଶାର ଆହାନ ମିଶ୍ର ଓ ଶାଜଫା ସେକ୍ ଯଥାକ୍ରମେ ବାଳକ ଓ ବାଳିକା ବର୍ଗରେ ତ୍ରିମୁକୁଟ ହାସଲ କରିଛନ୍ତି। ବାଳକ ୧୪ ବର୍ଷରୁ କମ୍ ସିଙ୍ଗଲ୍ସ ଫାଇନାଲରେ ଆହାନ ମହାରାଷ୍ଟ୍ରର ଅରଭ ପଟେଲଙ୍କୁ ୬-୧, ୬-୧ରେ ପରାସ୍ତ କରିଥିଲେ। ସେହିପରି ୧୬ ବର୍ଷରୁ କମ୍ ସିଙ୍ଗଲ୍ସ ଫାଇନାଲରେ ସେ ଅନ୍ୟତମ ଓଡ଼ିଶା ଖେଳାଳି ଆଦିତ୍ୟ ବିର୍କମ ଆଚାର୍ଯ୍ୟଙ୍କୁ ୬-୦, ୬-୧ରେ ହରାଇଥିଲେ। ୧୬ ବର୍ଷରୁ କମ୍ ବାଳକ ଡବଲ୍ସରେ ସେ ଓ ସତଭ୍ୟା କର୍ମକାର ଯୋଡ଼ି ଅନ୍ୟତମ ଓଡ଼ିଶା ଯୋଡ଼ି ଆଦିତ୍ୟ ବିକ୍ରମ ଆଚାର୍ଯ୍ୟ ଓ ଅନିକେତ ସାହୁଙ୍କୁ ୪-୬, ୬-୩, (୧୦-୩)ରେ ପରାସ୍ତ କରିଥିଲେ। ସେହିପରି ବାଳିକା ୧୪ ବର୍ଷରୁ କମ୍ ସିଙ୍ଗଲ୍ସ ଫାଇନାଲରେ ଶାଜଫା ପଶ୍ଚିମବଙ୍ଗର ଜାରା ହୁମରା ହାଇଦରଙ୍କୁ ୭-୬(୫), ୬-୨ରେ ଏବଂ ୧୬ ବର୍ଷରୁ କମ୍ ବାଳିକା ଫାଇନାଲରେ ଓଡ଼ିଶାର ସଂରଚନା ଦାସଙ୍କୁ ୬-୩, ୬-୦ ସେଟ୍‌ରେ ପରାସ୍ତ କରିଥିଲେ। ୧୬ ବର୍ଷରୁ କମ୍ ଡବଲ୍ସ ଫାଇନାଲରେ ଶାଜଫା-ପ୍ରେରଣା ସାନ୍ତ୍ରା (ପଶ୍ଚିମବଙ୍ଗ) ଯୋଡ଼ି ତାମିଲନାଡୁର ସୁହାନି ଭାସିନ ଓ ପଶ୍ଚିମବଙ୍ଗର ସୁଦୀକ୍ଷା ବାନାର୍ଜୀଙ୍କୁ ୬-୧, ୬-୩ରେ ହରାଇ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଟିଏ ସଭାପତି ଅସିତ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ସଞ୍ଜୀବ ପଣ୍ଡା ପୁରସ୍କାର ବିତରଣ କରିଥିଲେ। ଓଟିଏର ପ୍ରଶାସନିକ ଅଧିକାରୀ ସସ୍ମିତ ପଟ୍ଟନାୟକ, କୋଷାଧ୍ୟକ୍ଷ ସତ୍ୟଜିତ ମହାନ୍ତି, ଟୁର୍ଣ୍ଣାମେଣ୍ଟ ରେଫରି ଯତୀନ ବୈଶ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟର ବିଜେତା ଓ ରନରଅପ୍ ଖେଳାଳି ଯଥାକ୍ରମେ ୨୫ ଓ ୨୦ ଏଆଇଟିଏ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ହାସଲ କରିଛନ୍ତି।

# ତୀରନ୍ଦାଜୀରୁ ଶୁଟିଂ

## ସଂକ୍ଷେପରେ ଅଭନି ଲେଖରା...



ଭାରତର ଅଭନି ଲେଖରା ପ୍ୟାରିସ୍‌ରେ ଚାଲିଥିବା ପାରାଲିମ୍ପିକ୍ସରେ ୧୦ମିଟର ଏୟାର ରାଇଫଲସ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରି ଦେଶକୁ ଗୌରବାନ୍ୱିତ କରିଛନ୍ତି। ଟୋକିଓରେ ଅନୁଷ୍ଠିତ ଗତ ସଂସ୍କରଣରେ ମଧ୍ୟ ସେ ସମାନ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିଲେ। ପଛକୁ ପଛ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିବାରେ ସେ ପ୍ରଥମ ଭାରତୀୟ ମହିଳା ବିବେଚିତ ହୋଇଛନ୍ତି। ୨୦୦୧ ନଭେମ୍ବର ୮ରେ ରାଜସ୍ଥାନର ଜୟପୁରରେ ଲେଖରା ଜନ୍ମଗ୍ରହଣ କରିଥିଲେ। ତାଙ୍କୁ ଏବେ ୨୨ବର୍ଷ ବୟସ। ୨୦୧୨ରେ ଏକ କାର୍ ଦୁର୍ଘଟଣାରେ ଲେଖରା ଗୁରୁତର ଭାବେ ଆଘାତପ୍ରାପ୍ତ ହୋଇଥିଲେ। ସେଥିରେ ତାଙ୍କ ଗୋଡ଼ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିଲା। ଖେଳରେ ଯୋଗଦାନ ପାଇଁ ତାଙ୍କ ପିତା ଉତ୍ସାହିତ କରିଥିଲେ। ପ୍ରଥମେ ସେ ତୀରନ୍ଦାଜୀରେ ଟ୍ରେନିଂ ନେଉଥିଲେ। ପରେ ସେ ଏହି ଖେଳ ଛାଡ଼ି ଶୁଟିଂରେ ପାଦ ଥାପିଥିଲେ, ଯାହାପ୍ରତି ତାଙ୍କର ବିଶେଷ ଆଗ୍ରହ ଥିଲା। ଜୟପୁରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୟରେ ସେ ଆଞ୍ଚଳିକ ମ୍ୟାଚରେ ତାଙ୍କର ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ୨୦୨୦ ଗ୍ରୀଷ୍ମକାଳୀନ ପାରାଲିମ୍ପିକ୍ସରେ ସେ ଏୟାର ରାଇଫଲ ଷ୍ଟାଣ୍ଡିଂରେ ଏକ ସ୍ୱର୍ଣ୍ଣ ଏବଂ ୫୦ ମିଟର ରାଇଫଲ-୩ ପୋଜିଶନରେ ଏକ ବ୍ରୋଞ୍ଜ ଜିତିଥିଲେ। ବର୍ତ୍ତମାନ ସେ ମହିଳା ୧୦ ମିଟର ଏୟାର ରାଇଫଲ ଏସ୍‌ଏଚ୍-୧ ୱାର୍ଲ୍ଡ ଶୁଟିଂ ପାରା ସ୍ପୋର୍ଟ୍ସ ର୍‍ୟାଙ୍କିଙ୍ଗରେ ନମ୍ବର-୧ ଅଛନ୍ତି। ଲେଖରା ତାଙ୍କ କ୍ୟାରିୟରରେ ଆହୁରି ଅନେକ ସଫଳତା ହାସଲ କରିଛନ୍ତି। ଫ୍ରାନ୍ସରେ ୨୦୨୨ ବିଶ୍ୱକପ୍‌ରେ ସେ ୧୦ମିଟର ଏୟାର ରାଇଫଲ ଏସ୍‌ଏଚ୍-୧ ଏବଂ ୫୦ମିଟର ରାଇଫଲ ୩-ପୋଜିଶନ ଏସ୍‌ଏଚ୍-୧ରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଜିତିଥିବା ବେଳେ ଦକ୍ଷିଣ କୋରିଆରେ ସେହିବର୍ଷ ୧୦ମିଟର ଏୟାର ରାଇଫଲ ଏସ୍‌ଏଚ୍-୧ରେ ରୌପ୍ୟ ପଦକ ପାଇଥିଲେ। ପାରାଲିମ୍ପିକ ଶୁଟିଂ ପାଇଁ ସେ ୨୦୨୧ରେ ଦେଶର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ୨୦୨୨ରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ମଧ୍ୟ ସମ୍ମାନିତ କରାଯାଇଛି। ବର୍ତ୍ତମାନ ସେ ରାଜସ୍ଥାନ ବିଶ୍ୱବିଦ୍ୟାଳୟରେ ଆଇନଶାସ୍ତ୍ର ଅଧ୍ୟୟନ କରୁଛନ୍ତି। ରାଜସ୍ଥାନ ସରକାର ତାଙ୍କୁ ରାଜ୍ୟ ବନ୍ୟ ବିଭାଗରେ ଆସିଷ୍ଟାଣ୍ଟ କଞ୍ଜରଭେଟର ପଦବୀରେ ନିଯୁକ୍ତି ପ୍ରଦାନ କରିଛନ୍ତି।

## ଦେଶ ପାଇଁ ପଦକ ଜିତିଥିବାରୁ ବହୁତ ଖୁସି: ଅଭନି

''ଦେଶ ପାଇଁ ପଦକ ଜିତିଥିବାରୁ ମୁଁ ବହୁତ ଖୁସି। ଏଥିପାଇଁ ମୁଁ ପୂରା ଟିମ୍, ମୋ କୋଚ୍ ଓ ପରିବାରବର୍ଗଙ୍କୁ ଧନ୍ୟବାଦ ଜଣାଉଛି'' ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଅଭନି। ଯେଉଁ ଆଥଲେଟ୍‌ଙ୍କର ବାହୁ ପ୍ରଭାବିତ ହୋଇଥାଏ, ଗୋଡ଼ କିମ୍ବା ଗୋଟିଏ ଅଙ୍ଗ ନ ଥାଏ ସେମାନେ ଏସ୍‌ଏଚ୍୧ ବର୍ଗରେ ଅଂଶଗ୍ରହଣ କରିଥାନ୍ତି। ଅଭନି ପ୍ରଥମ ଭାରତୀୟ ଶୁଟରଭାବେ ଟୋକିଓ ପାରାଲିମ୍ପିକ୍ସରେ ଶୁଟିଂରୁ ପଦକ ଅର୍ଜନ କରିଥିଲେ। ପ୍ୟାରିସ୍‌ରେ ଅଭନି ଏକଦା ଲୀ'ଙ୍କଠାରୁ ପଛରେ ମଧ୍ୟ ପଡ଼ି ଯାଇଥିଲେ। ମାତ୍ର ଚାପ ସ୍ଥିତିରେ ଏକାଗ୍ରତା ରକ୍ଷା କରି ବାଜି ମାରିଥିଲେ। ଲୀ'ଙ୍କ ଶେଷ ଶୁଟ୍ ୬.୮ ପଏଣ୍ଟ ରହିଥିବାବେଳେ ଅଭନି ୧୦.୫ ପଏଣ୍ଟ ହାସଲ କରି ସ୍ୱର୍ଣ୍ଣ ପଦକ ପକ୍କା କରି ଦେଇଥିଲେ। ଅଭନି ଏହାପରେ ୫୦ ମିଟର ରାଇଫଲ ୩-ପୋଜିଶନ୍ସରେ ଅଂଶଗ୍ରହଣ କରିବେ। ସେଥିରେ ମଧ୍ୟ ସେ ପଦକ ହାସଲର ପ୍ରବଳ ଦାବିଦାର ଅଛନ୍ତି।



କୋଚ୍ ସୁମା ଶିରୁରଙ୍କ ସହ ଅଭନି।

## ଟ୍ରାକ୍ ଇଭେଣ୍ଟରୁ ଭାରତକୁ ପ୍ରଥମ ପଦକ




ପ୍ରୀତି ପାଲ ପାରାଲିମ୍ପିକ୍ସର ଟ୍ରାକ୍ ଇଭେଣ୍ଟରୁ ଭାରତ ପାଇଁ ପ୍ରଥମ ପଦକ ଜିତିଛନ୍ତି। ଏଠାରେ ଅନୁଷ୍ଠିତ ଟି୩୫ ବର୍ଗ ମହିଳା ୧୦୦ ମିଟର ଇଭେଣ୍ଟରେ ସେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହା ପୂର୍ବରୁ ପାରାଲିମ୍ପିକ୍ସର ଆଥ୍‌ଲେଟିକ୍ସରୁ ଭାରତ ପଦକ ଜିତିଥିଲେ ହେଁ ତାହା ଫିଲ୍ଡ ଇଭେଣ୍ଟରୁ ଆସିଥିଲା। ୨୩ ବର୍ଷୀୟା ପ୍ରୀତି ଜଣେ କୃଷକଙ୍କ ଝିଅ। ତାଙ୍କ ଘର ଉତ୍ତର ପ୍ରଦେଶର ମୁଜାଫରନଗର। ପାରାଲିମ୍ପିକ୍ସର ଦ୍ୱିତୀୟ ଦିବସରେ ସେ ଭାରତ ପାଇଁ ଆଥ୍‌ଲେଟିକ୍ସରୁ ପଦକ ଖାତା ଖୋଲିଛନ୍ତି। ଗତ ମେ'ରେ ଅନୁଷ୍ଠିତ ବିଶ୍ୱ ପାରା ଆଥ୍‌ଲେଟିକ୍ସରେ ପ୍ରୀତି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପ୍ରୀତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହା ଯୁବ ଆଥ୍‌ଲେଟ୍‌ଙ୍କୁ ମୋଟିଭେଟ କରିବ ବୋଲି ମୋଦି ଟୁଇଟ କରିଛନ୍ତି। ''ଏହା ମୋର ପ୍ରଥମ ପାରାଲିମ୍ପିକ୍ସ। ମୁଁ ପଦକ ଜିତିଛି ବୋଲି ଏବେ ମଧ୍ୟ ବିଶ୍ୱାସ କରିପାରୁନି। ଭାରତ ପାଇଁ ଟ୍ରାକ୍ ଇଭେଣ୍ଟରେ ପ୍ରଥମ ପାରାଲିମ୍ପିକ୍ସ ପଦକ ଜିତିଥିବାରୁ ବହୁତ ଗର୍ବ ଅନୁଭବ କରୁଛି'' ବୋଲି ପ୍ରୀତି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଏହାପରେ ପ୍ରୀତି ଟି୩୫ ବର୍ଗର ୨୦୦ ମିଟର ଇଭେଣ୍ଟରେ ଅଂଶଗ୍ରହଣ କରିବେ। ସେ ଏହି ଇଭେଣ୍ଟରେ ମଧ୍ୟ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିଥିଲେ।

ପ୍ରୀତି ଜନ୍ମବେଳରୁ ଶାରୀରିକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ଜନ୍ମ ହେବାପରେ ତାଙ୍କ ଶରୀରର ନିମ୍ନଅଂଶ ୬ ଦିନ ପର୍ଯ୍ୟନ୍ତ ପ୍ଲାଷ୍ଟର ହୋଇ ରହିଥିଲା। ପାଦ କ୍ରମଶଃ ଦୁର୍ବଳ ହେବା ସହିତ ସେ ଏକାଧିକ ରୋଗରେ ପୀଡ଼ିତ ହୋଇଥିଲେ। ଗୋଡ଼କୁ ଶକ୍ତ କରିବା ପାଇଁ ସେ ଅନେକ ପାରମ୍ପରିକ ଚିକିତ୍ସା କରିଥିଲେ। ଏପରି କି ସେ ୫ ବର୍ଷର ହୋଇଥିବାବେଳେ ୮ ବର୍ଷ ପର୍ଯ୍ୟନ୍ତ କାଲିପର୍ସ (ମାନ ନିର୍ଦ୍ଧାରଣ ଯନ୍ତ୍ର) ପରିଧାନ କରିଥିଲେ। ୧୭ ବର୍ଷର ହୋଇଥିବାବେଳେ ସୋସିଆଲ ମିଡିଆରେ ପାରାଲିମ୍ପିକ୍ସ ଗେମ୍ସ ଦେଖିବାପରେ ତାଙ୍କ ଆଭିମୁଖ୍ୟ ବଦଳିଥିଲା। ମାତ୍ର ପାରାଲିମ୍ପିକ୍ ଆଥ୍‌ଲେଟ ଫତିମା ଖାତୁନଙ୍କ ସଂସ୍ପର୍ଶରେ ଆସିବାପରେ ତାଙ୍କ ଜୀବନର ଗତିପଥ ବଦଳିଥିଲା। ଫତିମା ତାଙ୍କୁ ପାରା-ଆଥ୍‌ଲେଟିକ୍ସରେ ସମ୍ପୃକ୍ତ କରାଇଥିଲେ। ଫତିମାଙ୍କ ସମର୍ଥନରେ ପ୍ରୀତି ୨୦୧୮ରୁ ରାଜ୍ୟ ଏବଂ ଜାତୀୟ ପ୍ରତିଯୋଗିତାଗୁଡ଼ିକରେ ଅଂଶଗ୍ରହଣ କରିବାକୁ ଲାଗିଲେ। ସେଥିରେ ଭଲ ପ୍ରଦର୍ଶନ କରି ସେ ଗତବର୍ଷ ଚାଇନାରେ ଅନୁଷ୍ଠିତ ଏସିଆନ ପାରା ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ସେଥିରେ ସେ ଉଭୟ ୧୦୦ ଓ ୨୦୦ ମିଟର ସ୍ପ୍ରିଣ୍ଟରେ ୪ର୍ଥ ସ୍ଥାନରେ ରହିଥିଲେ। ଏହାପରେ ସେ ଦିଲ୍ଲୀ ଯାଇ କୋଚ୍ ଗଜେନ୍ଦ୍ର ସିଂଙ୍କ ନିକଟରୁ ଟ୍ରେନିଂ ନେଇଥିଲେ। ଏହାପରେ ତାଙ୍କ ପ୍ରଦର୍ଶନରେ ଉନ୍ନତି ଆସିବାରେ ଲାଗିଲା ଏବଂ ସେ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଉଭୟ ୧୦୦ ଓ ୨୦୦ ମିଟରରେ ବ୍ରୋଞ୍ଜ ପଦକ ହାସଲ କଲେ। ସେ ସମ୍ପ୍ରତି କେନ୍ଦ୍ର ସରକାରଙ୍କ ଟାର୍ଗେଟ ଅଲିମ୍ପିକ୍ ପୋଡିୟମ ସ୍କିମ୍‌ରେ ସାମିଲ ଅଛନ୍ତି।

## ଖେଳରତ୍ନ ମନୀଷ



୨୦୦୧ ଅକ୍ଟୋବର ୧୭ରେ ଜନ୍ମିତ ମନୀଷ ନରୱାଲ ହେଉଛନ୍ତି ଜଣେ ଭାରତୀୟ ପାରା ଶୁଟର। ବିଶ୍ୱ ଶୁଟିଂ ପାରା ସ୍ପୋର୍ଟ୍ସ ର୍‍ୟାଙ୍କିଙ୍ଗ୍‌ର ପୁରୁଷ ୧୦ ମିଟର ଏୟାର ପିସ୍ତଲ ଏସଏଚ୍୧ ବର୍ଗରେ ସେ ୪ର୍ଥ ସ୍ଥାନରେ ରହିଛନ୍ତି। ପ୍ୟାରିସ ପାରାଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିବା ମନୀଷ ସମ୍ପ୍ରତି ଅଲିମ୍ପିକ୍ ଗୋଲ୍ଡ କୋଷ୍ଟରୁ ସହାୟତା ପାଉଛନ୍ତି। ୨୦୧୬ରେ ସେ ହରିୟାଣାର ବଲଭଗଡ଼ରେ ଶୁଟିଂ ଆରମ୍ଭ କରିଥିଲେ। ୨୦୨୧ ପାରା ଶୁଟିଂ ବିଶ୍ୱକପର ପି୪ ମିକ୍ସଡ ୫୦ ମିଟର ପିସ୍ତଲ ଏସଏଚ୧ ଇଭେଣ୍ଟରେ ବିଶ୍ୱରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରି ସେ ଇତିହାସ ରଚିଥିଲେ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସେ ଅନେକ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି। ୨୦୨୦ରେ ସେ ଅର୍ଜୁନ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ୨୦୨୦ ଟୋକିଓ ପାରାଲିମ୍ପିକ୍ସର ମିକ୍ସଡ ପି୪-୫୦ ମିଟର ପିସ୍ତଲ ଏସଏଚ୍୧ ଇଭେଣ୍ଟରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏବେ ପ୍ୟାରିସରେ ରୌପ୍ୟ ପଦକ ଜିତି ନିଜ କ୍ୟାରିୟରକୁ ଏକ ଭିନ୍ନ ସୋପାନରେ ସେ ପହଞ୍ଚାଇଛନ୍ତି। ୨୦୨୧ରେ ତାଙ୍କୁ ଭାରତର ସର୍ବୋଚ୍ଚ ଖେଳରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ